# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ଜାନୁୟାରୀ ୧୪/୨୦୨୧ (୨୦ ପୃଷ୍ଠା) | Balasore, Thursday, January 14/2021 | ★★★★

୪୭ଶ ଭାଗ ୫୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


DSPL - 148

ଓଡ଼ିଶା ସରକାର



## କଳାହାଣ୍ଡି କହେ କଥା...
## ବିଶ୍ୱକୁ ଦେଖାଏ ବିକାଶର ଗାଥା

### ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା
କଳାହାଣ୍ଡିବାସୀଙ୍କ ଉଦ୍ଦେଶ୍ୟରେ

## ଉପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପର ଲୋକାର୍ପଣ







- ୯୮୬.୭୧ କୋଟି ଟଙ୍କାରେ ନିର୍ମିତ
- ୨୫,୨୭୫ ହେକ୍ଟର ଜମିରେ ଜଳସେଚନ
- ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ଉପକୃତ
- ୪୩.୨୬ କିଲୋମିଟର କଂକ୍ରିଟ କେନାଲ
- ୧୧୪୨ କିଲୋମିଟର ଭୂତଳ ପାଇପ୍ ଲାଇନ
- ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର
- ସବୁଠାରୁ ଶିଘ୍ର କାର୍ଯ୍ୟକ୍ଷମ ହେଇପାରିଥିବା ଜଳସେଚନ ପ୍ରକଳ୍ପ

କଳାହାଣ୍ଡିର କୃଷକମାନଙ୍କୁ ସଲାମ୍ - ଓଡ଼ିଶାର ଖାଦ୍ୟ ସୁରକ୍ଷା ଦିଗରେ ସେମାନଙ୍କର ଚାଉଳ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ ଦ୍ୱିତୀୟ ବୃହତ୍ତମ

OIPR-32001/13/0002/2021

## ପୋଲିଓ ଟିକାକରଣ ସ୍ଥଗିତ

କିଛି ଅପ୍ରତ୍ୟାଶିତ କାର୍ଯ୍ୟକଳାପ ନଜରକୁ ଆସିବା ପରେ ଜାତୀୟ ପୋଲିଓ ଟିକାକରଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ପରବର୍ତ୍ତୀ ବିଜ୍ଞପ୍ତି ନ ଆସିବା ପର୍ଯ୍ୟନ୍ତ ଶିଶୁଙ୍କୁ ଟିକା ଦିଆଯିବ ନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ନୋଟିସ୍ ଜାରି କରିଛନ୍ତି। ଜାନୁୟାରୀ ୧୭ ତାରିଖରୁ ପୋଲିଓ ଭାକ୍ସିନେଶନ ପ୍ରୋଗ୍ରାମ ଆରମ୍ଭ ହେବାକୁ ଧାର୍ଯ୍ୟ କରାଯାଇଥିଲା।

## ସଂକ୍ଷେପରେ

### ଟ୍ରମ୍ପଙ୍କ ୟୁଟ୍ୟୁବ୍ ଚ୍ୟାନେଲ ବନ୍ଦ



**ୱାଶିଂଟନ୍, ୧୩।୧:** ଫେସ୍‌ବୁକ୍ ଓ ଟୁଇଟର ପରେ ଏବେ ଆମେରିକା ରାଷ୍ଟ୍ରପତିଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଉପରେ କଟକଣା ଲାଗିଛି। ସମ୍ଭାବ୍ୟ ହିଂସାକୁ ଦୃଷ୍ଟିରେ ରଖି ଆସନ୍ତା ୭ ଦିନ ପାଇଁ ଉକ୍ତ ଚ୍ୟାନେଲରେ କୌଣସି ପ୍ରକାର ଭିଡିଓ ଅପଲୋଡ୍ ହୋଇପାରିବନି ବୋଲି ଗୁଗଲର ଶାଖା ୟୁଟ୍ୟୁବ ପକ୍ଷରୁ କୁହାଯାଇଛି। ଗତ ସପ୍ତାହରେ କ୍ୟାପିଟୋଲ ବିଲ୍ଡିଂରେ ହିଂସାକାଣ୍ଡ ଘଟଣା ପରେ ସୋସିଆଲ ମିଡିଆଗୁଡିକ ପକ୍ଷରୁ ଟ୍ରମ୍ପଙ୍କ ବିରୋଧରେ ଏଭଳି ପଦକ୍ଷେପ ନିଆଯାଉଛି। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶପଥ ଗ୍ରହଣ ସମାରୋହରେ ଅଧିକ ଅଶାନ୍ତି ସୃଷ୍ଟି କରିବାକୁ ତାଙ୍କ ଆକାଉଣ୍ଟକୁ ବ୍ୟବହାର କରାଯିବାର ଆଶଙ୍କା ରହିଥିବା ୟୁଟ୍ୟୁବ ଅପରେଟରଙ୍କୁ କୁହାଯାଇଛି।

### ମନ୍ତ୍ରୀ ଧନଞ୍ଜୟଙ୍କ ନାଁରେ ବଳାତ୍କାର ଅଭିଯୋଗ



**ମୁମ୍ବାଇ, ୧୩।୧:** ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନ୍‌ସିପି ନେତା ଧନଞ୍ଜୟ ମୁଣ୍ଡେଙ୍କ ନାମରେ ଜଣେ ମହିଳା ବଳାତ୍କାର ଅଭିଯୋଗ ଆଣିଛନ୍ତି। ତେବେ ଅଭିଯୋଗକୁ ଖାରଜ କରି ଧନଞ୍ଜୟ କହିଛନ୍ତି, ସେ ସମ୍ପୃକ୍ତା ମହିଳାଙ୍କ ଭଉଣୀଙ୍କ ସହ ଉଭୟଙ୍କ ସହମତିରେ ୨୦୦୩ରୁ ସମ୍ପର୍କରେ ରହିଥିଲେ। ସେମାନଙ୍କ ଦୁଇ ଝିଅ ପୁଅ ମଧ ରହିଛନ୍ତି। ଏହି ସମ୍ପର୍କକୁ ମହିଳାଙ୍କ ପରିବାର ଲୋକେ ଗ୍ରହଣ କରିଥିଲେ। ଏ ବାବଦରେ ପ୍ରଥମେ ମନ୍ତ୍ରୀଙ୍କ ଘର ଲୋକ ଜାଣି ନ ଥିଲେ। କିନ୍ତୁ ପରେ ତାଙ୍କ ସ୍ତ୍ରୀ ଓ ପରିବାର ମଧ ଦୁଇ ପିଲାଙ୍କୁ ଗ୍ରହଣ କରିଥିବା ମନ୍ତ୍ରୀ କହିଛନ୍ତି। କେବଳ ତାଙ୍କୁ ବ୍ଲାକମେଲିଂ ଓ ବଦନାମ କରିବା ପାଇଁ ଚକ୍ରାନ୍ତ କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ଆଣିଥିବା ପୀଡ଼ିତାଙ୍କ ଭଉଣୀ କହିଛନ୍ତି, ଧନଞ୍ଜୟ ୨୦୦୬ରେ ବଳାତ୍କାର କରିବା ଘଟଣା ନେଇ ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ମୁମ୍ବାଇ ପୋଲିସ ଶୁଣି ନ ଥିଲା ବୋଲି ମହିଳା ଜଣକ କହିଛନ୍ତି।

### 'ଟିକା ଉପରେ ସନ୍ଦେହ ଥିଲେ ପାକିସ୍ତାନ ପଳାଅ'

**ସମ୍ଭାଲ, ୧୩।୧:** ଦୁର୍ଭାଗ୍ୟବଶତଃ କେତେଜଣ ମୁସଲମାନ ସମ୍ପ୍ରଦାୟର ଲୋକେ ଭାରତରେ ପ୍ରସ୍ତୁତ କରୋନା ଟିକାକୁ ସନ୍ଦେହ କରୁଛନ୍ତି। ଆମ ବୈଜ୍ଞାନିକ କିମ୍ବା ପ୍ରଧାନମନ୍ତ୍ରୀଙ୍କ ଉପରେ ଭରସା ନ କରି ପାକିସ୍ତାନକୁ ବେଶି ବିଶ୍ୱାସ କରୁଛନ୍ତି। ଏପରିସ୍ଥିତିରେ ସେମାନେ ଦେଶ ଛାଡ଼ି ପାକିସ୍ତାନ ପଳାନ୍ତୁ ବୋଲି ଭାଜପା ବିଧାୟକ ସଙ୍ଗୀତ ସୋମ୍ କହିଛନ୍ତି। ପୂର୍ବରୁ ମଧ ସେ ଏଭଳି ମନ୍ତବ୍ୟ ଦେଇ ବିବାଦରେ ରହିଛନ୍ତି। ଏପରିକି କୃଷି ଆଇନ ବିରୋଧରେ ଆନ୍ଦୋଳନ କରୁଥିବା ଚାଷୀଙ୍କୁ ସେ କୃଷକ ବିରୋଧୀ ବୋଲି ମଧ କହିଥିଲେ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ବିରାଧରେ ଟିପ୍ପଣୀ ରଖି ଗିରଫ ହୋଇଥିବା ଆମ୍ ଆଦମୀ ପାର୍ଟି ନେତା ସୋମନାଥ ଭାରତୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜରିୱାଲଙ୍କୁ ମଧ ସେ ସମାଲୋଚନା କରିଛନ୍ତି।

### ବିଷାକ୍ତ ମଦ ପିଇ ୨୦ ମୃତ ଜିଲାପାଳ, ଏସ୍‌ପି ନିଲମ୍ବିତ

**ଭୋପାଳ, ୧୩।୧:** ମଧପ୍ରଦେଶର ମୋରେନା ଜିଲାରେ ବିଷାକ୍ତ ମଦ ପିଇ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଘଟଣାରେ ୧୪ ଜଣଙ୍କ ଜୀବନ ଯାଇଥିବାବେଳେ ବୁଧବାର ଚିକିତ୍ସାଧୀନ ଥିବା ୬ ଜଣଙ୍କ ମୃତ୍ୟୁ ଘଟିଛି। ଆହୁରି ୨୧ ଜଣ ଗ୍ୱାଲିୟର ଏବଂ ମୋରେନାରେ ଚିକିତ୍ସାଧୀନ ରହିଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୋରେନା ଜିଲାପାଳ ଏବଂ ଏସ୍‌ପିଙ୍କୁ ନିଲମ୍ବିତ କରିଛନ୍ତି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ୭ ଜଣଙ୍କ ନାଁରେ ମାମଲା ରୁଜୁ କରିଛି। ସେମାନଙ୍କୁ ଧରାଇଦେବା ପାଇଁ ପ୍ରତି ଅଭିଯୁକ୍ତଙ୍କ ପିଛା ୧୦ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଛି।

# ମୃତ ନର୍ସଙ୍କ ନାମରେ ଟିକା ପଞ୍ଜୀକରଣ



**ଲକ୍ଷ୍ନୌ, ୧୩।୧:** ଭାରତରେ ଆସନ୍ତା ୧୬ ତାରିଖରେ କରୋନା ଟିକାକରଣ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଉତ୍ତରପ୍ରଦେଶରେ ଜଣେ ମୃତ ନର୍ସଙ୍କ ନାମରେ ଟିକା ପଞ୍ଜୀକରଣ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ପ୍ରଥମେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦେବାକୁ ଯୋଜନା ରହିଥିବାବେଳେ ଅଯୋଧାରେ ମୃତ ନର୍ସଙ୍କ ନାଁ ଏଥିପାଇଁ ପଞ୍ଜୀକୃତ ହୋଇଛି। ଘଟଣାର ତଦନ୍ତ କରିବାକୁ ଉତ୍ତରପ୍ରଦେଶ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜରୁରିକାଳୀନ ସେବାରେ ନିୟୋଜିତ କର୍ମୀଙ୍କ ତାଲିକାରେ ହେରଫେର କରାଯାଇଥିବା ଅଭିଯୋଗ ଆସିଛି। ସେହିପରି ଜଣେ ଅବସରପ୍ରାପ୍ତ ନର୍ସ ଓ ଚାକିରି ଛାଡ଼ିଥିବା ନର୍ସଙ୍କ ନାଁ ମଧ ତାଲିକାରେ ରହିଥିବା ଜଣାପଡିଛି। ୩ ମାସ ପୂର୍ବରୁ ତାଲିକା କରାଯାଇଥିବାରୁ ଏହି ତ୍ରୁଟି ହୋଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

# ମହିଳା ଅପରାଧୀଙ୍କୁ ଫାଶୀ

**ୱାଶିଂଟନ୍, ୧୩।୧:** ଜଣେ ଗର୍ଭବତୀଙ୍କୁ ହତ୍ୟା କରିବା ଅଭିଯୋଗରେ ଆମେରିକାର ସୁପ୍ରିମକୋର୍ଟ ଲିସା ମଣ୍ଟଗୋମୋରି (୫୨)ଙ୍କୁ ଫାଶୀ ଦିଆଯାଇଛି। ପ୍ରାୟ ସାତ ଦଶନ୍ଧିରେ ଆମେରିକା ଇତିହାସରେ ଜଣେ ମହିଳାଙ୍କୁ ଫାଶୀ ଦିଆଯିବା ଘଟଣା ପ୍ରଥମ। କୋର୍ଟ ଲିସାଙ୍କୁ ଦୋଷୀ ସାବ୍ୟସ୍ତ କରିବା ପରେ ବୁଧବାର ସକାଳେ ତାଙ୍କୁ ଫାଶୀରେ ଝୁଲାଯାଇଥିଲା। ସେ ୧୬ ବର୍ଷ ପୂର୍ବେ ଜଣେ ଗର୍ଭବତୀ ମହିଳାଙ୍କ ଗଳା କାଟି ହତ୍ୟା କରିଥିଲେ। ପରେ ଲିସା ତାଙ୍କ ପେଟକୁ ଛୁରିରେ କାଟି ପ୍ରାୟ ୮ ମାସର ଭ୍ରୁଣକୁ ଗର୍ଭରୁ ବାହାର କରିଦେଇଥିଲେ। ଏହା ପୂର୍ବରୁ ୧୯୫୩ରେ ଜଣେ ୬ ବର୍ଷର ଶିଶୁଙ୍କ ଅପହରଣ ଓ ହତ୍ୟା ମାମଲାରେ ଆମେରିକାର ବେନି ବ୍ରାଉନ ହେଡିଙ୍କୁ ଫାଶୀଦଣ୍ଡ ମିଳିଥିଲା।



୭ ଦଶନ୍ଧିରେ ଆମେରିକାରେ ପ୍ରଥମ

# କଳଙ୍କିତ ସୁଶାସନ

ନିକଟରେ ଅନୁଷ୍ଠିତ ବିହାର ନିର୍ବାଚନ ପ୍ରଚାରବେଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ସଫଳତା ସମ୍ପର୍କରେ କିଛି କହିପାରୁ ନ ଥିଲେ । 'ସୁଶାସନ ବାବୁ' ନାମରେ ପରିଚିତ ନୀତୀଶ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ସଭାଗୁଡ଼ିକରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର 'ଜଙ୍ଗଲରାଜ' ଭୟ ଦେଖାଇ ମତଦାତାଙ୍କୁ ଭୋଟ ମାଗୁଥିଲେ । ହେଲେ କଷ୍ଟେମଷ୍ଟେ ନିର୍ବାଚନ ଜିତିଯିବା ପରେ ତାଙ୍କ ଆଉ ଏକ କାର୍ଯ୍ୟକାଳ ଆରମ୍ଭ ହେଉ ହେଉ ରାଜ୍ୟରେ ଅପରାଧ ସୀମା ଲଂଘିଛି । ଏହାକୁ ସୁଶାସନ ବାବୁଙ୍କ କଳଙ୍କିତ ଶାସନ ବୋଲି ଆଖ୍ୟା ଦେଇଛନ୍ତି ବିରୋଧୀ । ଏପରି କି ଖୋଦ୍ ସହଯୋଗୀ ଦଳ ଭାଜପା ମଧ ରାଜ୍ୟର ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି ।



ବ୍ୟାକ୍‌ଫୁଟ୍‌ରେ
ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର

**ପାଟନା, ୧୩।୧**

ବିହାରରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ମୁଜାଫରପୁର ସହରରେ ଅପରାଧୀମାନେ ବୁଧବାର ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରିବା ପରେ ଘରେ ପଶି ଜିଅନ୍ତା ଜାଳି ଦେଇଛନ୍ତି। ମୃତ ପୀଡ଼ିତାଙ୍କ ବାପା ୪ ଅଭିଯୁକ୍ତଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ପୋଲିସ କାର୍ଯ୍ୟାନୁଷ୍ଠାନ କେବଳ ତଦନ୍ତରେ ସୀମିତ ରହିଛି। ରିପୋର୍ଟ ଅନୁସାରେ ଗୁଲଶନ କୁମାର ଓ ଚଞ୍ଚଳ କୁମାର ନାବାଳିକାଙ୍କୁ ଫୁସୁଲାଇ ଏକ ସ୍ଥାନକୁ ଡକାଇବା ପରେ ତାଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ବେଳର ଦୃଶ୍ୟକୁ ସେମାନେ ଭିଡିଓ ରେକର୍ଡିଂ କରିଥିଲେ। ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ହତ୍ୟା କରିବାକୁ ସେମାନେ ଧମକ ଦେଇଥିଲେ। ପୀଡ଼ିତା ଘରେ ପହଞ୍ଚି ପରିବାର ଲୋକଙ୍କୁ ସବୁକଥା କହିଥିଲେ। ଏହା ଜାଣିବା ପରେ ଅପରାଧୀମାନେ ଧରାପଡ଼ିବା ଭୟରେ ତାଙ୍କ ଘରକୁ ଯାଇ ନାବାଳିକାଙ୍କୁ ନିଆଁରେ ଜାଳି ଦେଇଥିଲେ। ୩ ଦିନ ତଳେ ସେହି ମୁଜାଫରପୁର ଜିଲାର ସକରା ଥାନା ଅଧୀନ ଏକ ଗ୍ରାମରେ ଜଣେ ଛାତ୍ରୀ କୋଚିଂ ଯାଉଥିବାବେଳେ ୫ ଯୁବକ ତାଙ୍କୁ ଅପହରଣ କରିଥିଲେ। ସେମାନେ ତାଙ୍କୁ ଏକ ଜଙ୍ଗଲକୁ ନେଇ ଗଣବଳାତ୍କାର କରିଥିଲେ। ପୀଡ଼ିତା କୌଣସି ମତେ ଜୀବନ ବଞ୍ଚାଇ ଘରକୁ ଫେରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କହିଛି।

ସେହିପରି ମଧୁବନୀ ଜିଲାରେ ମଧ ଏକ ଅନୁରୂପ ଘଟଣା ଘଟିଛି। ଅପରାଧୀମାନେ ଜଣେ ୧୫ ବର୍ଷୀୟା ମୂକ ଓ ବଧିର ଝିଅଙ୍କୁ ଗଣବଳାତ୍କାର କରିଛନ୍ତି। ପୀଡ଼ିତା ସେମାନଙ୍କୁ ଚିହ୍ନି ପାରିଲେ ଧରାପଡ଼ିଯିବେ ବୋଲି ଭୟରେ ଅପରାଧୀମାନେ ତାଙ୍କ ଆଖି ତାଡ଼ିନେଇଛନ୍ତି। ଧାରୁଆ ଅସ୍ତ୍ରରେ ଦୁଇଆଖି ନଷ୍ଟ ହୋଇଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଅଛି ବୋଲି ମଧୁବନୀ ସଦର ହସ୍ପିଟାଲରେ ପୀଡ଼ିତାଙ୍କୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି। ହରଲାଖି ଥାନା ଅଧୀନ କଉଓ୍ୱାହା ବାରି ଗ୍ରାମର ନାବାଳିକା ଜଣକ ମଙ୍ଗଳବାର ଗାଁ ବାହାର ଏକ ପଡ଼ିଆକୁ ଛେଳି ଚରାଇବାକୁ ଯାଇଥିବାବେଳେ ଯୌନପିପାସୁମାନେ ଏହି କାଣ୍ଡ ଭିଆଇଛନ୍ତି। ଏହି ମାମଲାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସ୍‌ଏଚ୍‌ଓ ପ୍ରେମଲାଲ ପାଶ୍ୱାନ ସୂଚନା ଦେଇଛନ୍ତି।

**ନାବାଳିକାଙ୍କୁ ଗଣବଳାତ୍କାର ପରେ ଘରେ ପଶି ଜାଳିଦେଲେ**

**୧୫ ବର୍ଷୀୟା ଭିନ୍ନକ୍ଷମଙ୍କ ସହ ବର୍ବରତା, ଆଖି ତାଡ଼ିନେଲେ**

## ବିହାରରେ ବଢ଼ୁଛି ବଳାତ୍କାର

ବିହାର ପୋଲିସ ତଥ୍ୟାନୁସାରେ ୨୦୨୦ରେ ରାଜ୍ୟରେ ୧୨୪୪ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା। ୨୦୦୧ରେ ଏହି ସଂଖ୍ୟା ୭୪୬ ଥିଲା। ରାଜ୍ୟ ଅପରାଧ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି)ର ୨୦୧୯ ରିପୋର୍ଟ କହୁଛି, ବିହାରରେ ପ୍ରତି ୬ ଘଣ୍ଟାରେ ଜଣେ ବଳାତ୍କାରର ଶିକାର ହେଉଛନ୍ତି। ପୀଡ଼ିତାଙ୍କ ମଧ୍ୟରୁ ୨୫%ଙ୍କ ହାରାହାରି ବୟସ ୨୦ ବର୍ଷ। ୪୦–୪୫ ପ୍ରତିଶତ ବଳାତ୍କାରୀଙ୍କ ବୟସ ୧୮ରୁ ୩୦ ବର୍ଷ। ରାଜଧାନୀ ପାଟନା ମଧ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।



## ଇଣ୍ଡିଗୋ ମ୍ୟାନେଜରଙ୍କୁ ହତ୍ୟା

**ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ୨ କି.ମି. ଦୂରରେ ଗୁଳିକାଣ୍ଡ**

**ପାଟନା, ୧୩।୧**

ବିହାର ରାଜଧାନୀ ପାଟନାରେ ମଙ୍ଗଳବାର ରାତିରେ ଇଣ୍ଡିଗୋ ଏୟାରଲାଇନ୍ସର ଏକ୍‌ଜିକ୍ୟୁଟିଭ୍‌ଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନରୁ ମାତ୍ର ୨ କି.ମି. ଦୂରରେ ଏହି ହତ୍ୟାକାଣ୍ଡ ଘଟିଥିବାରୁ ରାଜନୀତି ଜୋର୍ ଧରିଛି। ନିଜ ପାଖରେ ଗୃହ ବିଭାଗ ରଖିଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛନ୍ତି।

ଇଣ୍ଡିଗୋ ଏୟାରପୋର୍ଟର ମ୍ୟାନେଜର ରୂପେଶ କୁମାର ସିଂ(୪୪) ଏସ୍‌ୟୁଭିରେ ଘରକୁ ଫେରି ଗେଟ୍ ବାହାରେ ଅପେକ୍ଷା କରିଥିଲେ। କର୍ମଚାରୀମାନେ ଗେଟ୍ ଖୋଲିଥିଲେ ସେ ଭିତରକୁ ଯାଇଥାନ୍ତେ। ଏତିକି ବେଳେ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ତାଙ୍କର ମୃତ୍ୟୁ ଘଟିଛି। ଏହା ପୂର୍ବରୁ ପାଟନା ବିମାନବନ୍ଦରରେ କୋଭିଡ୍ ଭାକ୍ସିନ ପହଞ୍ଚିବାବେଳେ ରୂପେଶଙ୍କୁ ଦେଖିବାକୁ ମିଳିଥିଲା। ୩ କି.ମି. ଦୂରରେ ଥିବା ବିମାନବନ୍ଦରରୁ ଅପରାଧୀମାନେ ତାଙ୍କୁ ପିଛା କରିଥିବା ପୋଲିସ ସନ୍ଦେହ କରୁଛି। ୨ ସନ୍ତାନର ଜନକ ରୂପେଶଙ୍କର ଅନେକ ରାଜନେତା ଓ ଅଧିକାରୀଙ୍କ ସହ ସମ୍ପର୍କ ରହିଥିଲା। ଭାଜପା ଏମ୍‌ପି ବିବେକ ଠାକୁର ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି। ପୋଲିସ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରି ତନାଘନା ଚଳାଇଛି।



ରୂପେଶ କୁମାର ସିଂ

"ବିହାରରେ ଭାଜପା ସମର୍ଥନରେ ସରକାର ଚାଲିଛି। ନୀତୀଶ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହେଲେ ଆଇନଶୃଙ୍ଖଳା କଡ଼ାକଡ଼ି ହେବ ବୋଲି ଆମେ ଆଶା କରିଥିଲୁ। କିନ୍ତୁ ରାଜ୍ୟରେ ସ୍ଥିତି କ'ଣ ଅଛି ଆମେ ଜାଣିଛୁ। ଆଇନଶୃଙ୍ଖଳା ଉପରେ ନୀତୀଶ କୁମାରଙ୍କ ଲଗାମ ନାହିଁ।

**–ଗୋପାଳ ନାରାୟଣ ସିଂ, ଭାଜପା ନେତା ତଥା ରାଜ୍ୟ ସଭା ସଦସ୍ୟ**

"ଆଇନଶୃଙ୍ଖଳା ଉପରୁ ନୀତୀଶ କୁମାର ନିୟନ୍ତ୍ରଣ ହରାଇଛନ୍ତି। ରୂପେଶ ସିଂ ହତ୍ୟାକାଣ୍ଡ ଏହାର ପର୍ଯ୍ୟାପ୍ତ ପ୍ରମାଣ ଦେଉଛି।

**–ତାରିକ୍ ଅନୱର, କଂଗ୍ରେସ ସାଧାରଣ ସମ୍ପାଦକ**

## 'ସମ୍ଭାଳିପାରୁ ନାହାନ୍ତି ନୀତୀଶ'

ବିହାରରେ କ୍ରମବର୍ଦ୍ଧିଷ୍ଣୁ ଆପରାଧିକ ଘଟଣାକୁ ନେଇ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି। ବିରୋଧୀ ଦଳ ନେତା ତେଜସ୍ୱୀ କହିଛନ୍ତି, ନୀତୀଶ ଥକିଯାଇଛନ୍ତି। ସେ ବିହାରକୁ ସମ୍ଭାଳିପାରୁ ନାହାନ୍ତି। ଲଗାତର ଅପରାଧ ବଢ଼ିଚାଲିଛି। ଯଦି ସେ ଗୃହ ବିଭାଗ ସମ୍ଭାଳିପାରୁ ନାହାନ୍ତି ତେବେ ଅନ୍ୟ କାହାକୁ ଦେଇଦିଅନ୍ତୁ। ତାଙ୍କୁ ଜବରଦସ୍ତି ମୁଖ୍ୟମନ୍ତ୍ରୀ କରାଯାଇଛି।

ସେହିପରି ତେଜସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ ପ୍ରଶ୍ନବାଣରେ ଘେରିଛନ୍ତି। କହିଛନ୍ତି, ଲଗାତର ଭାବେ ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ସରକାର ଚଳାଉଥିବାରୁ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ 'ଜଙ୍ଗଲରାଜର ଯୁବରାଜ' ବୋଲି ଆଖ୍ୟା ଦେଇଥିଲେ। ଏବେ ବିହାରରେ କ'ଣ ଚାଲିଛି ସେ ଉତ୍ତର ଦିଅନ୍ତୁ।



ତେଜସ୍ୱୀ ଯାଦବ

## ମାଗଣା ଟିକା: କେନ୍ଦ୍ର ନ ଦେଲେ ଆମେ ଦେବୁ

**ନୂଆଦିଲ୍ଲୀ, ୧୩।୧**

ଦିଲ୍ଲୀବାସୀଙ୍କୁ ମାଗଣା କରୋନା ଟିକା ଦେବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ। ଯଦି କେନ୍ଦ୍ର ସରକାର ନ ଶୁଣନ୍ତି ତେବେ ଆବଶ୍ୟକ ସ୍ଥଳେ ଦିଲ୍ଲୀ ସରକାର ଲୋକଙ୍କୁ ମାଗଣା ଟିକା ଯୋଗାଇଦେବେ ବୋଲି କେଜରିୱାଲ କହିଛନ୍ତି। ଏଥିସହ ଲୋକଙ୍କୁ ଟିକା ସମ୍ପର୍କରେ ଗୁଜବ ସୃଷ୍ଟି ନ କରିବାକୁ ସେ ଅନୁରୋଧ କରିଛନ୍ତି। ଭାକ୍ସିନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଲୋକେ ଆଗେଇ ଆସି ଟିକା ନେବାକୁ ସେ ପରାମର୍ଶ ଦେଇଛନ୍ତି। ଶନିବାରଠାରୁ ଦିଲ୍ଲୀର ୮୯ କେନ୍ଦ୍ରରେ ଟିକାକରଣ ଆରମ୍ଭ ହେବ।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ

## କର୍ନାଟକ କ୍ୟାବିନେଟ୍‌ରେ ୭ ନୂଆ ମନ୍ତ୍ରୀ

**ବେଙ୍ଗାଲୁରୁ, ୧୩।୧**

କର୍ନାଟକର ବିଏସ୍ ୟେଦୁରପ୍ପା ସରକାର ବୁଧବାର ତାଙ୍କ ୧୭ ମାସ ପୁରୁଣା କ୍ୟାବିନେଟ ସମ୍ପ୍ରସାରଣ କରିଛନ୍ତି। ଏଥିରେ ୭ ନୂଆ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ରାଜ୍ୟପାଳ ବାଜୁଭାଇ ଭାଲା ନୂଆ ମନ୍ତ୍ରୀଙ୍କୁ ଶପଥ ପାଠ କରାଇଛନ୍ତି। ଉମେଶ କଟ୍ଟି, ଅରବିନ୍ଦ ଲିମ୍ବାବାଲି, ଏମଟିବି ନାଗରାଜ, ମୁରୁଗେଶ ନିରାନୀ, ଆର୍ ଶଙ୍କର, ସିପି ଯୋଗେଶ୍ୱର ଏବଂ ଅଙ୍ଗାରା ଏସ୍ ବିଏସ୍ ୟେଦୁରପ୍ପାଙ୍କ କ୍ୟାବିନେଟରେ ସାମିଲ ହୋଇଛନ୍ତି। ୨୦୧୯ରେ ୟେଦୁରପ୍ପା ମୁଖ୍ୟମନ୍ତ୍ରୀ ହେବାପରେ ଏହା ହେଉଛି କ୍ୟାବିନେଟର ତୃତୀୟ ସମ୍ପ୍ରସାରଣ।



କର୍ନାଟକ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦୁରପ୍ପା

# କୃଷି ଆଇନ କପି ଜାଳିଲେ ଚାଷୀ

**ନୂଆଦିଲ୍ଲୀ, ୧୩।୧ (ପି.ଟି.)**

ଲୋହଡ଼ି ପର୍ବରେ ଆନ୍ଦୋଳନରତ ଚାଷୀମାନେ କେନ୍ଦ୍ରର କୃଷି ଆଇନ କପି ଜାଳିଛନ୍ତି। କେବଳ ସିଙ୍ଘୁ ସୀମାରେ ବିବାଦୀୟ ୩ କୃଷି ଆଇନର ୧ ଲକ୍ଷ କପି ପୋଡ଼ାଯାଇଥିବା ସାମ୍ଯୁକ୍ତ କିଷାନ ମୋର୍ଚ୍ଚାର ପରମଜିତ୍ ସିଂ ସୂଚନା ଦେଇଛନ୍ତି। ଦିଲ୍ଲୀ–ହରିୟାଣା ସୀମାର ସବୁ ସ୍ଥାନରେ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଛି। ପଞ୍ଜାବ ଓ ହରିୟାଣାରେ ରବି ଫସଲ ଅମଳ ପାଇଁ ମକର ସଂକ୍ରାନ୍ତିର ଦିନକ ପୂର୍ବରୁ ଲୋହଡ଼ି ଉତ୍ସବ ପାଳନ କରାଯାଇଥାଏ। ଏହି ପର୍ବରେ ଲୋକେ ପାରମ୍ପରିକ ଭାବେ ନିଆଁ ଜାଳି ଧାନ, ଚଣା ଓ ପପ୍‌କର୍ନ ଭଳି ଖାଦ୍ୟ ସାମଗ୍ରୀ ଫିଙ୍ଗିଥାନ୍ତି। ସବୁଠି ନାଚଗୀତର ଆସର ଜମିଥାଏ। କିନ୍ତୁ ଏଥର କିଛି ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। କୃଷି ଆଇନ ପ୍ରତ୍ୟାହାର ଦାବିରେ ପ୍ରାୟ ୫୦ ଦିନ ଧରି ଆନ୍ଦୋଳନ ଚଳାଇଥିବା ଚାଷୀମାନେ ଉକ୍ତ ଆଇନର କପି ଜାଳିଛନ୍ତି। ହରିୟାଣାର କର୍ନାଲ ନିବାସୀ ୬୫ ବର୍ଷୀୟ ଚାଷୀ ଗୁର୍‌ପ୍ରୀତ ସିଂ ସାଣ୍ଟୁ କହିଛନ୍ତି, କେନ୍ଦ୍ର ସରକାର ଆମର ସମସ୍ତ ଦାବି ମାନିବା ପରେ ଆମେ ସବୁ ଉତ୍ସବ ପାଳନ କରିବୁ। ଆଉ ଜଣେ ଚାଷୀ ରାଜବୀର ସିଂ କହିଛନ୍ତି, ଆଜି ଆମେ କପି ଜାଳିଛୁ। ଏଭଳି ସ୍ଥିତି ସୃଷ୍ଟି କରିବୁ ଯେ, ଆସନ୍ତାକାଲି କେନ୍ଦ୍ର ସରକାର ଏହାକୁ ଜାଳିବେ। ଯୋଗେନ୍ଦ୍ର ଯାଦବ ଓ ଗୁର୍‌ନାମ ସିଂ ଚଦୁନିଙ୍କ ଭଳି କୃଷକ ନେତାମାନେ ମଧ କିଷାନ ଆନ୍ଦୋଳନ ଅଫିସ ପରିସରରେ କୃଷି ଆଇନ କପିଗୁଡ଼ିକୁ ନିଆଁକୁ ଫିଙ୍ଗି ପୋଡ଼ିଦେଇଛନ୍ତି।

**ଲୋହଡ଼ି ପର୍ବରେ ପ୍ରତିବାଦ**



ପଟିଆଲାସ୍ଥିତ ଧେରହି ଜଟ୍ଟନ ଟୋଲ୍ ପ୍ଲାଜାରେ ଆନ୍ଦୋଳନରତ ଭାରତୀୟ କିଷାନ ୟୁନିୟନ୍ ସଦସ୍ୟ କେନ୍ଦ୍ରର କୃଷି ଆଇନ କପି ଜାଳୁଛନ୍ତି।

ଧରିତ୍ରୀ
DHARITRI

ଗୁରୁବାର, ଜାନୁୟାରୀ ୧୪/୨୦୨୧ | Thursday, January 14/2021 | ପୃଷ୍ଠା-୧



## ଟେନ୍‌ସନରେ ଆଲିଆ

ସିନେମାରେ ଅଭିନୟ ପାଇଁ ପାରିଶ୍ରମିକ ବଢ଼ାଇଥିବା ଗୁଜବକୁ ନେଇ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଟେନ୍‌ସନ ବଢ଼ିଯାଇଛି। **୧୪**

**୧୭**

## ଟାଇଟଲରେ ସାବାଲେଙ୍କାଙ୍କ ହ୍ୟାଟ୍ରିକ

ଆବୁଧାବି ଓପନ ଫାଇନାଲରେ ଭେରୋନିକା କୁଦର୍ମେଟୋଭାଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଆର୍ୟନା ସାବାଲେଙ୍କା ଟାଇଟଲ ଜିତିବାରେ ହ୍ୟାଟ୍ରିକ କରିଛନ୍ତି।



# ଭୁବନେଶ୍ୱରରେ କୋଭାକ୍ସିନ, ବାକି କୋଭିଶିଲ୍ଡ

## ପରପାରିରେ ପଦ୍ମଶ୍ରୀ ଡି. ପ୍ରକାଶ ରାଓ



- ଶୋକ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବ

**ଭୁବନେଶ୍ୱର,୧୩।୧ (ବ୍ୟୁରୋ)/ କଟକ ଅଫିସ**

ପରପାରିରେ ବିଶିଷ୍ଟ ସାମାଜିକ କର୍ମୀ ପଦ୍ମଶ୍ରୀ ଡି. ପ୍ରକାଶ ରାଓ। ବୁଧବାର ଅପରାହ୍ଣରେ କଟକ ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ବ୍ରେନ୍ ଷ୍ଟ୍ରୋକ୍ ଯୋଗୁ ରାଓଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। କିଛିଦିନ ପୂର୍ବରୁ ସେ ☞ପୃଷ୍ଠା-୨

## ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ଟିକା

**ଭୁବନେଶ୍ୱର, ୧୩।୧(ବ୍ୟୁରୋ)**

ଓଡ଼ିଶାକୁ ଦୁଇ ପ୍ରକାର କରୋନା ଟିକା ଆସିଛି। 'କୋଭିଶିଲ୍ଡ' ଟିକାର ୪ଲକ୍ଷ ୮ହଜାର ଡୋଜ୍ ଓ 'କୋଭାକ୍ସିନ'ର ୨୦ହଜାର ଡୋଜ୍ ଆସିଛି। ଆସନ୍ତା ୧୬ ତାରିଖରୁ ଟିକାକରଣ ଆରମ୍ଭ ହେବାକୁ ଥିବାବେଳେ କାହାକୁ କେଉଁ ଟିକା ଦିଆଯିବ ଏବଂ କେଉଁ ଜିଲାରୁ କେତେଜଣ ପ୍ରଥମ ପର୍ଯ୍ୟାୟରେ ଟିକା ନେବେ ତାହାର ଏକ ତାଲିକା ପ୍ରସ୍ତୁତ ହୋଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ଆସିଥିବା ଏସବୁ ଟିକା ୧,୯୨,୫୫୫ଜଣ ନେଇପାରିବେ। ସେଥିମଧ୍ୟରୁ ଭୁବନେଶ୍ୱରରେ ୯,୦୦୦ ଓ ଅନ୍ୟ ଅଞ୍ଚଳର ୧,୮୩,୫୫୫ଜଣ ଟିକା ନେବେ। ତେବେ କେବଳ ଭୁବନେଶ୍ୱରବାସୀଙ୍କୁ 'କୋଭାକ୍ସିନ' ଟିକା ଦିଆଯିବାକୁ ଥିବାବେଳେ ରାଜ୍ୟର ଅନ୍ୟ ସବୁଠି 'କୋଭିଶିଲ୍ଡ' ଟିକା ଦିଆଯିବ। ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯିବାକୁ ନେଇ ଭୟ ଓ ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ବିବାଦ ରହିଥିବାରୁ ଆଶଙ୍କା ପ୍ରକାଶ ପାଇଛି। ରାଜଧାନୀର ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ



ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ସରକାରୀ ବ୍ୟବସ୍ଥା ଅନୁଯାୟୀ ଆମେ ଏହି ଟିକା ନେବାକୁ ବାଧ୍ୟ। ତେଣୁ ଆମ ସୁରକ୍ଷା ଭଗବାନଙ୍କ ହାତରେ ବୋଲି ସେ କହିଛନ୍ତି।

କଟକ ଜିଲାରେ ସର୍ବାଧିକ ୧୭,୧୯୦ଜଣ 'କୋଭିଶିଲ୍ଡ' ଟିକା ନେବାକୁ ଥିବାବେଳେ ଗଞ୍ଜାମରେ ୧୫,୧୨୦, ମୟୂରଭଞ୍ଜ ୧୦,୭୧୦, ସୁନ୍ଦରଗଡ଼ ୯,୯୪୫, ବାଲେଶ୍ୱର ୭,୫୬୦, କୋରାପୁଟ ୭,୪୭୦, କେନ୍ଦୁଝର ୭,୨୯୦, ବଲାଙ୍ଗୀର ୭,୨୦୦, ☞ପୃଷ୍ଠା-୨

## ପ୍ରଥମ ଡୋଜ୍ ପରେ ପଜିଟିଭ ଆସିଲେ ଦ୍ୱିତୀୟ ଡୋଜ୍ ନେବେନି

**ଭୁବନେଶ୍ୱର, ୧୩।୧(ବ୍ୟୁରୋ)**

**ସକାଳ ୯ରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଟିକାକରଣ**

ଓଡ଼ିଶାରେ ଶନିବାରଠାରୁ ୧୬୦ କେନ୍ଦ୍ରରେ ଟିକାକରଣ ଆରମ୍ଭ ହେବ। ପ୍ରତି କେନ୍ଦ୍ରରେ ଦୈନିକ ସର୍ବାଧିକ ୧୦୦ ଜଣଙ୍କୁ ଟିକା ଦିଆଯିବ। କମ୍ ହିତାଧିକାରୀ ଥିଲେ ୨/୩ କେନ୍ଦ୍ରକୁ ମିଶାଇ ଗୋଟିଏ କେନ୍ଦ୍ରରେ ଟିକା ଦିଆଯିବ। ଦୈନିକ ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଟିକାକରଣ ହେବ। ଏ ସମ୍ପର୍କରେ ଏସ୍‌ସିବି ଭେଷଜ ବିଭାଗ ମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବୈଷୟିକ ପରାମର୍ଶଦାତା ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ପଣ୍ଡା କହିଛନ୍ତି ଯେ, ଯାହାକୁ ଯେଉଁ ଦିନ ଡକାଯାଇଥିବ, ସେ ସେହିଦିନ ହିଁ ଟିକା ନେଇପାରିବେ। ନିର୍ଦ୍ଦିଷ୍ଟ ଦିନ ଟିକା ନେବାକୁ ନ ଆସିଲେ ଜିଲା ଚିକିତ୍ସାଧିକାରୀଙ୍କ ସହ ଯୋଗାଯୋଗ କରିବେ। ତାଙ୍କ ନିର୍ଦ୍ଦେଶ ଅନୁସାରେ ହିଁ ଅନ୍ୟଦିନରେ ତାଙ୍କୁ ଟିକା ଦିଆଯିବ। ହିତାଧିକାରୀ ନିଜର ନିର୍ଦ୍ଦିଷ୍ଟ ଫଟୋ ପରିଚୟ ପତ୍ର ହଜାଇ ଦେଇଥିଲେ ଟିକାକରଣ ପଞ୍ଜୀକରଣ ଦିନ ଦେଇଥିବା ତଥ୍ୟ ସମ୍ବଳିତ ପ୍ରମାଣପତ୍ର ନେଇ ଟିକା କେନ୍ଦ୍ରକୁ ଯିବେ। ସେଠାରେ ଥିବା ଅଧିକାରୀଙ୍କ ଅନୁସାରେ ଟିକା ଦିଆଯିବ କି ନାହିଁ ତାହା ନିର୍ଦ୍ଧାରଣ ହେବ। ଯେଉଁମାନେ ଟିକା ପାଇଁ ନାମ ପଞ୍ଜୀକରଣ କରିନାହାନ୍ତି, ସେମାନେ ଯଥାଶୀଘ୍ର ଏହା ☞ପୃଷ୍ଠା-୨

## ଭାରତୀୟମାନେ ଗିନି ପିଗ୍ ନୁହନ୍ତି

**ନୂଆଦିଲ୍ଲୀ,୧୩।୧:** ମହାମାରୀ କରୋନାରୁ ମୁକ୍ତି ପାଇଁ କେନ୍ଦ୍ର ସରକାର ଭାକ୍ସିନ ଆମଦାନୀ କରି ବିଭିନ୍ନ ସହରକୁ ପଠାଉଥିବାବେଳେ ଏହାର ରିଲିଜ୍‌କୁ ନେଇ ବିବାଦ ଆରମ୍ଭ ହୋଇଛି। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ସହଭାଗିତାରେ ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ କୋଭାକ୍ସିନର ତୃତୀୟ ପର୍ଯ୍ୟାୟ ଟ୍ରାଏଲ୍ ଶେଷ ହୋଇ ନ ଥିବାବେଳେ ଲୋକଙ୍କୁ କିପରି ଭାବେ ଏହି ଟିକା ଦିଆଯାଉଛି ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସ ଏମ୍‌ପି ମନୀଷ୍ ତିୱାରୀ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ପର୍ଯ୍ୟନ୍ତ କୋଭାକ୍ସିନର ଟିକାକରଣ ବନ୍ଦ କରିବାକୁ ଦାବି କରିଛନ୍ତି। ଭାରତୀୟମାନେ ଗିନି ପିଗ୍ ନୁହନ୍ତି, ଯେ ସେମାନଙ୍କ ଶରୀରରେ ମନଇଚ୍ଛା ଟିକା ପ୍ରୟୋଗ କରି ଟ୍ରାଏଲ୍ କରିବ ବୋଲି ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, କେନ୍ଦ୍ର ସରକାର ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ) ପକ୍ଷରୁ ନିର୍ମିତ କୋଭିଶିଲ୍ଡ ସହ ଭାରତ ବାୟୋଟେକ୍‌ର କୋଭାକ୍ସିନକୁ ଜରୁରୀ ବ୍ୟବହାର ପାଇଁ ଅନୁମତି ଦେଇଛନ୍ତି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ମଙ୍ଗଳବାର କହିଥିଲେ, ଭାରତୀୟମାନେ କେଉଁ ଟିକା ନେବେ ସେନେଇ ଏତେଶୀଘ୍ର ସେମାନେ ଚୟନ କରିପାରିବେ ନାହିଁ। ଏନେଇ ମନୀଷ ତିୱାରୀ ବୁଧବାର ଟୁଇଟ୍ କରିଛନ୍ତି, କାଲିଯାଏ କେନ୍ଦ୍ର ସରକାର ଦାବି କରୁଥିଲେ ଯେ କୋଭାକ୍ସିନର ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ଦିଆଯାଇଛି। ହେଲେ ଆଜି ଟିକା ଗ୍ରହୀତାଙ୍କୁ ନିଜ ପସନ୍ଦର ଭାକ୍ସିନ ନେବା ଲାଗି ଅନୁମତି ନ ଦେଇ ଏନ୍‌ଡିଏ/ଭାଜପା କ'ଣ ଭାରତୀୟଙ୍କ ଉପରେ ପ୍ରୟୋଗ କରୁଛି? କୋଭାକ୍ସିନ୍‌ର ରୋଲ୍‌ଆଉଟ୍ ବାସ୍ତବରେ କ'ଣ ଫେଜ୍-୩ର ଟ୍ରାଏଲ୍ ବୋଲି ମନୀଷ ପ୍ରଶ୍ନ କରିଛନ୍ତି।

**କୋଭାକ୍ସିନ ଟିକାକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ**



ମନୀଷ୍ ତିୱାରୀ

# ଟ୍ରମ୍ପ୍‌ଙ୍କ ବିରୋଧରେ ନିମ୍ନ ସଦନ

**ୱାଶିଂଟନ୍, ୧୩।୧**

ପରାଜୟ ପରେ ବି କ୍ଷମତାମୋହ ଯୋଗୁ ଦଙ୍ଗା ଉସୁକାଇବା ରିପବ୍ଲିକାନ୍ ନେତା ଡୋନାଲ୍ଡ ଟ୍ରମ୍ପଙ୍କୁ ମହଙ୍ଗା ପଡ଼ିଛି। ତାଙ୍କ ବିରୋଧରେ ଆଗତ ମହାଭିଯୋଗ ପ୍ରସ୍ତାବକୁ ନେଇ ବୁଧବାର ନିମ୍ନ ସଦନ ଅର୍ଥାତ ପ୍ରତିନିଧି ସଭାରେ ମତଦାନ ହୋଇଛି। ମହାଭିଯୋଗ ପ୍ରମାଣିତ ହେବା ପାଇଁ ୨୧୮ ଭୋଟ ଜରୁରୀ ଥିବାବେଳେ ପ୍ରସ୍ତାବ ସପକ୍ଷରେ ୨୨୦ ଭୋଟ ପଡ଼ିଛି। ଏଥିରୁ ୫ ଖଣ୍ଡ ଭୋଟ ହେଉଛି ରିପବ୍ଲିକାନ ସଦସ୍ୟଙ୍କର। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସରେ ପ୍ରସ୍ତାବ ଗୃହୀତ ହେବା ପରେ ଏବେ ଏହାକୁ ସିନେଟକୁ ଶୁଣାଣି ପାଇଁ ପଠାଯିବ। ଉଚ୍ଚ ସଦନ ସିନେଟ୍‌ରେ ସଦସ୍ୟମାନେ ଜୁରି ଭଳି କାର୍ଯ୍ୟ କରିବେ ଏବଂ ଟ୍ରମ୍ପଙ୍କୁ ଦୋଷୀ ସାବ୍ୟସ୍ତ ଅଥବା ଦୋଷମୁକ୍ତ ପାଇଁ ମତଦାନ କରିବେ। ଟ୍ରମ୍ପ୍ ଦୋଷୀ ହେଲେ ତାଙ୍କୁ ରାଷ୍ଟ୍ରପତି ପଦରୁ ହଟାଯିବ। ତାଙ୍କ ସ୍ଥାନରେ ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କୁ ବର୍ତ୍ତମାନ ପାଇଁ (ଜାନୁୟାରୀ ୨୦ ପର୍ଯ୍ୟନ୍ତ) ଅବସ୍ଥାପିତ କରାଯିବ। ଏହା ସହ ଟ୍ରମ୍ପ୍‌ଙ୍କୁ ରାଜନୈତିକ ଅଯୋଗ୍ୟ ହେବାକୁ ପଡ଼ିବ। ଫଳରେ ୨୦୨୪ରେ ପୁଣି ଥରେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ମହତ୍ତ୍ୱାକାଂକ୍ଷୀ ନେତା ଟ୍ରମ୍ପ୍‌ଙ୍କ ସ୍ୱପ୍ନ ଧୂଳିସାତ୍ ହୋଇଯିବ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ୬ ଦିନ ବାକି ଥିବାବେଳେ ତାଙ୍କୁ ପଦରୁ ହଟାଇବା ପାଇଁ ସିନେଟ୍‌ର ନିମ୍ନ ସଦନରେ ମହାଭିଯୋଗ ପ୍ରସ୍ତାବ ଗୃହୀତ ହୋଇଛି। ବୁଧବାର ଏହା ଉପରେ ଭୋଟିଂ ପୂର୍ବରୁ ବିତର୍କ କରାଯାଇଥିଲା। କ୍ୟାପିଟୋଲ ହିଲ୍ ଦଙ୍ଗା ଘଟଣାରେ ବିଦାୟୀ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଦାୟୀ କରାଯାଇ ତାଙ୍କୁ ପଦରୁ ହଟାଯିବାକୁ ଡେମୋକ୍ରାଟିକ ଦଳ ଦାବି କରିଥିଲା। ଜଣେ ନିର୍ବାଚିତ ରାଷ୍ଟ୍ରପତି ☞ପୃଷ୍ଠା-୨

**ମହାଭିଯୋଗ ପ୍ରସ୍ତାବ**

- ଆବଶ୍ୟକ ଥିଲା ୨୧୮ ଭୋଟ
- ସପକ୍ଷରେ ପଡ଼ିଛି ୨୨୦



- ଜାନୁୟାରୀ ୬ରେ କ୍ୟାପିଟୋଲ ବିଲ୍ଡିଂରେ ଦଙ୍ଗା ଭିଆଇବା ପାଇଁ ସମର୍ଥକଙ୍କୁ ଉସୁକାଇବା ଅଭିଯୋଗରେ ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ଆସିଛି।
- ଆମେରିକା ଇତିହାସରେ ଟ୍ରମ୍ପ୍ ଏକମାତ୍ର ରାଷ୍ଟ୍ରପତି, ଯାହାଙ୍କ ବିରୋଧରେ ଦୁଇଥର ମହାଭିଯୋଗ ଆଗତ ହୋଇଛି।
- ସଂସଦର ନିମ୍ନ ସଦନରେ ଡେମୋକ୍ରାଟ୍ ସଦସ୍ୟଙ୍କ ସଂଖ୍ୟାଗରିଷ୍ଠତା ଥିବାରୁ ମହାଭିଯୋଗ ସପକ୍ଷରେ ଭୋଟ ପଡ଼ିଛି।

## ରେକର୍ଡ ଭାଙ୍ଗୁଛି ତେଲ ଦର

- ପେଟ୍ରୋଲ ୨୫, ଡିଜେଲ ୨୭ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୩।୧**

କରୋନା ମହାମାରୀ ଯୋଗୁ ଲୋକମାନେ ସମସ୍ୟାରେ ରହିଥିବା ବେଳେ ଲଗାତର ତେଲ ଦର ବୃଦ୍ଧି ଚିନ୍ତା ବଢ଼ାଉଛି। ତେଲ ଦର ରେକର୍ଡ ଭାଙ୍ଗି ନୂଆ ଉଚ୍ଚ ସ୍ତରରେ ରହିଛି। ଭୁବନେଶ୍ୱରରେ ବୁଧବାର ପେଟ୍ରୋଲ ୨୫ ପଇସା ବଢ଼ି ଲିଟର ପିଛା ଦର ୮୫.୧୧ ଟଙ୍କା ଛୁଇଁଛି। ଏହା ସର୍ବକାଳୀନ ରେକର୍ଡ ସ୍ତର। ଏଠାରେ ଡିଜେଲ ୨୭ ପଇସା ବଢ଼ିବା ଯୋଗୁ ଦର ୮୧.୩୧ ଟଙ୍କା ରହିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ଭୁବନେଶ୍ୱରରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଉଚ୍ଚରେ ରହିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ☞ପୃଷ୍ଠା-୨

**ସୂଚନା**

ଏ ସପ୍ତାହର 'ସାହିତ୍ୟାୟନ' ଗୁରୁବାର ବଦଳରେ ଶୁକ୍ରବାର ପ୍ରକାଶ ପାଇବ।

**ଆଜିର ସମ୍ପାଦକୀୟ**

**କ୍ୟାନ୍‌ସର ରୋକିବ ଶୁଦ୍ଧ ଶାକାହାର**



ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ତାମ୍ପରା ନିକଟରେ ଓଲଟି ପଡ଼ିଥିବା ଗ୍ୟାସ୍ ଟ୍ୟାଙ୍କର ।

# ଟ୍ୟାଙ୍କର ଓଲଟି ଗ୍ୟାସ୍ ଲିକ୍

**ଛତ୍ରପୁର,୧୩।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠ ତାମ୍ପରା ନିକଟ ୧୬ ନଂ. ଜାତୀୟ ରାଜପଥରେ ବୁଧବାର ପୂର୍ବାହ୍ଣରେ ୩ ଦୁର୍ଘଟଣା ଘଟିଛି। ତାମ୍ପରା ବୋଟ୍ କ୍ଲବ ସମ୍ମୁଖରେ ସକାଳ ପ୍ରାୟ ସାଢ଼େ ୫ଟାରେ ଘନ କୁହୁଡ଼ି ଯୋଗୁ ଏକ ଗ୍ୟାସ୍ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଦୁର୍ଘଟଣାସ୍ଥଳକୁ ଯାଉଥିବା ଏକ ପୋଲିସ ଗାଡ଼ି ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ଓଲଟି ପଡ଼ିଥିଲା। ଏଥିରେ ୫ ପୋଲିସ ଆହତ ହୋଇଛନ୍ତି। ସେହିପରି ଦୁର୍ଘଟଣାଗ୍ରସ୍ତ ଗ୍ୟାସ୍ ଟ୍ୟାଙ୍କର ପାଇଁ ରାଜପଥ ବ୍ଲକିଂ ହୋଇଥିବାରୁ ଏକ ଲୁହାପଥର ବୋଝେଇ ଟ୍ରକ୍ ରାସ୍ତାପାର୍ଶ୍ୱକୁ ସାଇଡ୍ କରୁଥିବା ବେଳେ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଚାଳକଙ୍କ ମୃତ୍ୟୁ ଘଟିଛି। ଟ୍ୟାଙ୍କରରୁ ଗ୍ୟାସ୍ ଲିକ୍ ଯୋଗୁ ଜାତୀୟ ରାଜପଥରେ ☞ପୃଷ୍ଠା-୨

**ଛତ୍ରପୁରରେ ଦିନକରେ ୩ ଦୁର୍ଘଟଣା**

- ୧୧ ଘଣ୍ଟା ଜାତୀୟ ରାଜପଥ ବ୍ଲକିଂ
- ଜଟଣୀରୁ ଆସିଲେ ୬ ଜଣିଆ ବୈଷୟିକ ଟିମ୍
- ପୋଲିସ ଗାଡ଼ି ଓଲଟି ୫ ଆହତ

# ପୋଲିସ ଭୟରେ ପୋଖରୀକୁ ଡେଇଁ ମୃତ୍ୟୁ

**ଭଦ୍ରକ ଅଫିସ/ ତିହିଡ଼ି,୧୩।୧(ସ୍ୱ.ପ୍ର.)**

- ଘଟଣା ପ୍ରତିବାଦରେ ତୁମୁଳକାଣ୍ଡ
- ଉତ୍ତ୍ୟକ୍ତ ଲୋକେ ଜାଳିଦେଲେ ପୋଲିସ ଭ୍ୟାନ୍
- ଡ୍ରାଇଭର, ୨ ଅଧିକାରୀଙ୍କୁ ଗୋଡ଼ାଇ ପିଟିଲେ

ପ୍ରାଣ ବିକଳରେ ଧାଉଁଥିଲେ ପୋଲିସ ଅଧିକାରୀ। ହାତଯୋଡ଼ି ଛାଡ଼ିଦେବାକୁ ନେହୁରା ବି ହେଉଥିଲେ। ହେଲେ କେହି ଶୁଣିବା ଅବସ୍ଥାରେ ନ ଥିଲେ। ଯିଏ ଯେମିତି ପାରିଲା ଖାକି ପୋଷାକଧାରୀଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟୁଥିଲେ। ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଜିଝାରପୁର ଗ୍ରାମ ରାଜରାସ୍ତାରେ ବୁଧବାର ଦେଖିବାକୁ ମିଳିଥିଲା ଏମିତି କିଛି ଦୃଶ୍ୟ। ପୋଲିସ ମାଡ଼ ଭୟରେ ପୋଖରୀକୁ ଡେଇଁପଡ଼ିଥିବା ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଏଭଳି ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସ ଭ୍ୟାନ୍ ଜାଳି ଦେଇଥିବାବେଳେ ସେମାନଙ୍କ ନିସ୍ଥୁକ ମାଡ଼ରେ ଡ୍ରାଇଭରଙ୍କ ସମେତ ୩ କର୍ମଚାରୀ ଆହତ ହୋଇଛନ୍ତି।

ନୂଆନନ୍ଦ ପଞ୍ଚାୟତ ହାଟୁଆରୀ ଗ୍ରାମର ଭାଗୀରଥି ମହାଲିକଙ୍କ ଦିବ୍ୟାଙ୍ଗ ପୁଅ ବାପି (୨୨) ବୁଧବାର ଜିଝାରପୁରସ୍ଥିତ ଭଉଣୀ ଘରକୁ ଆସିଥିଲେ। ଖାଇ ବସିଥିବାବେଳେ ସାଦା ପୋଷାକଧାରୀ ତିହିଡ଼ି ପୋଲିସ ଏକ ଅଟୋରିକ୍ସାରେ ଆସି ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ଘରେ ପଶି ☞ପୃଷ୍ଠା-୨



ପୋଲିସ ଭ୍ୟାନ୍‌କୁ ଲୋକେ ଜାଳି ଦେଇଛନ୍ତି।

# ସର୍ଭେରେ ସୀମିତ ଗୋପାଳପୁର-ରାୟଗଡ଼ା ରେଳପଥ

**ବ୍ରହ୍ମପୁର ଅଫିସ,୧୩।୧**

- ଦକ୍ଷିଣ ଓଡ଼ିଶା ପ୍ରତି ରେଲ୍‌ୱେର ଅବହେଳା
- ଶୀତଳାପଲ୍ଲୀ ରେଳୱାଗନ କାରଖାନା ବନ୍ଦ
- ନିର୍ମାଣ ହେଉନି ଶିଳ୍ପାଞ୍ଚଳ ପାସେଞ୍ଜର ହଲ୍ଟ ଷ୍ଟେଶନ

ଦକ୍ଷିଣ ଓଡ଼ିଶା ପ୍ରତି ରେଲୱେର ଅବହେଳା ଅବ୍ୟାହତ ରହିଛି। ଦୀର୍ଘ ବର୍ଷରୁ ପ୍ରସ୍ତାବିତ ନୂଆ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଉ ନ ଥିବା ଅବହେଳାକୁ ପ୍ରମାଣିତ କରିଛି। ବ୍ରହ୍ମପୁର ଉପକଣ୍ଠ ଶୀତଳାପଲ୍ଲୀରେ ପ୍ରସ୍ତାବିତ ରେଳୱାଗନ କାରଖାନା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପ୍ରତ୍ୟାହାର କରିଦେଇଛନ୍ତି। ସର୍ଭେର ୧୨ ବର୍ଷ ବିତିବାକୁ ଯାଉଥିବା ବେଳେ ଗୋପାଳପୁର-ରାୟଗଡ଼ା ନୂଆ ରେଳପଥ ସର୍ଭେରେ ଅଟକିଛି। ସେହିପରି ବ୍ରହ୍ମପୁର ଶିଳ୍ପାଞ୍ଚଳ ପାସେଞ୍ଜର ହଲ୍ଟ ଷ୍ଟେଶନ ନିର୍ମାଣ ପ୍ରତି ଅଣଦେଖା କରାଯାଇଛି। ଦକ୍ଷିଣାଞ୍ଚଳ ଜିଲାଗୁଡ଼ିକର ନିର୍ବାଚିତ ବିଧାୟକ ଓ ଏମ୍‌ପିମାନେ ଉପରୋକ୍ତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ସ୍ୱର ଉତ୍ତୋଳନ ଏବଂ କେନ୍ଦ୍ର ସରକାର ଉପରେ ଚାପ ପକାଉ ନ ଥିବା ଉଦ୍‌ବେଗର ବିଷୟ ହୋଇଛି।

ସୂଚନାଯୋଗ୍ୟ, ଗୋପାଳପୁରରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ପାଇଁ କଂଗ୍ରେସ ନେତୃତ୍ୱାଧୀନ ପ୍ରଥମ ଉପା ସରକାରରେ ମନ୍ତ୍ରୀ ହୋଇଥିବା ତତ୍କାଳୀନ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଉଦ୍ୟମ କରିଥିଲେ। ସେତେବେଳର ରେଳମନ୍ତ୍ରୀଙ୍କ ଉପରେ ଚାପ ପକାଇ ମଞ୍ଜୁର କରାଇଥିଲେ। ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୮୩ ତେଜସ୍ ଯୁଦ୍ଧବିମାନ କିଣିବା ନିଷ୍ପତ୍ତି 'ଆତ୍ମନିର୍ଭର ଭାରତ' ଅଭିଯାନକୁ ବଳ ଦେବ।
**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଅଶୋକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ରେକର୍ଡ ଭାଙ୍ଗୁଛି ...

ଲିଟର ପିଛା ଲୋକଙ୍କୁ ୮୪.୪୫ ଟଙ୍କା ଦେବାକୁ ପଡୁଛି। ଏଠାରେ ଡିଜେଲ ଦର ୭୪.୬୩ ଟଙ୍କାରେ ପହଞ୍ଚିଛି। ୫ ଦିନ ବିରତି ପରେ ତୈଳ ବିପଣନ କମ୍ପାନୀଗୁଡିକ ପୁଣି ଥରେ ବୁଧବାର ତେଲ ଦର ବଢ଼ାଇଛନ୍ତି। ମୁମ୍ବାଇରେ ପେଟ୍ରୋଲ ଲିଟର ୯୧.୦୭ ଟଙ୍କା ରହିଛି। ଏଠାରେ ଡିଜେଲ ୮୧.୩୪ ଟଙ୍କାରେ ବିକ୍ରି ହେଉଛି। ନୂଆଦିଲ୍ଲୀରେ ପେଟ୍ରୋଲ ସର୍ବୋଚ୍ଚ ସ୍ତର ଛୁଇଁଥିବା ବେଳେ ମୁମ୍ବାଇରେ ଡିଜେଲ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ପ୍ରାୟ ମାସେ ବିରତି ପରେ ତୈଳ ବିପଣନ କମ୍ପାନୀ ଜାନୁୟାରୀ ୬ରୁ ତେଲ ଦର ବଢାଇବା ଆରମ୍ଭ କରିଥିଲେ। ଜାନୁୟାରୀ ୭ରେ ପେଟ୍ରୋଲ ନୂଆଦିଲ୍ଲୀରେ ସର୍ବକାଳୀନ ରେକର୍ଡ ୮୪.୨୦ ଟଙ୍କା ଛୁଇଁଥିଲା। ଏହା ପୂର୍ବରୁ ୨୦୧୮ ଅକ୍ଟୋବର ୪ରେ ପେଟ୍ରୋଲ ରେକର୍ଡ ୮୪ ଟଙ୍କା ସ୍ତରରେ ରହିଥିଲା। ସେହିଦିନ ଡିଜେଲ ନୂଆ ରେକର୍ଡ ୭୫.୪୫ ଟଙ୍କା ଛୁଇଁଥିଲା। ବର୍ତ୍ତମାନ ପେଟ୍ରୋଲ ଉପରେ ୩୨.୯୮ ଟଙ୍କା ଏବଂ ଡିଜେଲ ଉପରେ ୩୧.୮୩ ଟଙ୍କାର ଉତ୍ପାଦ ଟିକସ ଲାଗୁଛି। ଏହାବାଦ ରାଜ୍ୟଗୁଡିକ ସ୍ତରରେ ଉଭୟ ପଟ୍ରୋଲ ଏବଂ ଡିଜେଲ ଉପରେ ଅତିରିକ୍ତ ଭାବେ ଭାଟ୍ ଲାଗୁ ହେଉଛି। ୨୦୨୦ ମେ ମାସ ପରଠାରୁ ପେଟ୍ରୋଲ ଲିଟର ପିଛା ୧୪.୭୯ ଟଙ୍କା ବଢ଼ିଛି। ସେହିଭଳି ଡିଜେଲ ଦର ୧୨.୩୪ ଟଙ୍କା ଉଚ୍ଚରେ ରହିଛି। ଇନ୍ଧନ ଉପରେ ଟିକସ ଉଚ୍ଚରେ ରହିବାରୁ ଏହାର ଦର ଉଚ୍ଚା ରହୁଥିବା ଜଣାପଡିଛି।

## ପୋଲିସ ଭୟରେ...

ବାପିଙ୍କୁ ମାଡ଼ ମାରିଥିଲେ। ଏଥିରେ ବାପି, ତାଙ୍କ ଭଉଣୀ ଏବଂ ଘରେ ଉପସ୍ଥିତ ଅନ୍ୟମାନେ ଜୀବନ ବିକଳରେ ସ୍ଥାନୀୟ ଏକ ପୋଖରୀ ଆଡ଼କୁ ଦୌଡ଼ି ପଳାଇଥିଲେ। ପୋଲିସ ମାଡ଼ ଭୟରେ ବାପି ପୋଖରୀକୁ ଡେଇଁ ପଡ଼ିଥିଲେ। କିନ୍ତୁ ପୋଲିସ ଏହା ଜାଣିପାରି ନ ଥିଲା। ପରେ ଗାଁ ଲୋକେ ଖୋଜାଖୋଜି କରିବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ତିହିଡ଼ି ଅଗ୍ନିଶମ କର୍ମଚାରୀ ଦୀର୍ଘ ୨ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ପୋଖରୀରୁ ବାପିଙ୍କ ମୃତଦେହ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀ କ୍ଷତିପୂରଣ ଦାବିରେ ଅଲ୍ଲୀନଗରଠାରେ ମୃତଦେହ ରଖି ଭଦ୍ରକ-ଚାନ୍ଦବାଲି ରାସ୍ତା ଅବରୋଧ କରିଥିଲେ। ୪ ଘଣ୍ଟା ଯାଏ ରାସ୍ତାରୋକୋ ଚାଲିଥିଲା। ଏହି ସମୟରେ ପୀରହାଟ ଥାନାରୁ ଜଣେ ଅଭିଯୁକ୍ତଙ୍କୁ ନେଇ ସେହି ରାସ୍ତାରେ ଆସୁଥିବା ପୋଲିସ ଭ୍ୟାନ୍‌କୁ ଉତ୍ତ୍ୟକ୍ତ ଲୋକେ ଅଟକାଇ ନିଆଁ ଲଗାଇ ଦେଇଥିଲେ। ଭ୍ୟାନ୍ ଡ୍ରାଇଭର ଏବଂ ୨ ଥାନା କର୍ମଚାରୀଙ୍କୁ ନିଘୁଞ୍ଚ ପିଟିଥିଲେ। ଏହାର ସୁଯୋଗରେ ଭ୍ୟାନ୍‌ରେ ଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି।

ଏସ୍‌ପି ଚରଣ ସିଂ ମୀନା, ଏସ୍‌ଡିପିଓ ସାର୍ଥକ ରାୟ, ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୧୦ହଜାର ଟଙ୍କା, ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଏବଂ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ପୋଲିସ ଗୋଡ଼ାଇବା ଯୋଗୁ ବାପି ପୋଖରୀକୁ ଡେଇଁ ପଡ଼ିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ଭଉଣୀଙ୍କ ଶ୍ୱଶୁର ଗଣେଶ ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ସାର୍ଥକ ରାୟ କହିଛନ୍ତି, ମୃତବାପିଙ୍କ ନାଁରେ କୌଣସି ମାମଲା ନ ଥିଲା। ଏକ ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ସେ ଦୌଡ଼ିଯାଇ ପୋଖରୀକୁ ଡେଇଁ ପଡ଼ିଥିଲେ। ଏଥିରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୧) ରୁଜୁ କରାଯାଇଥିବା ଥାନାଧିକାରୀ ରମେଶ ସିଂ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପରପାରିରେ ପଦ୍ମଶ୍ରୀ ...

କରୋନାରେ ସଂକ୍ରମିତ ହୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥା ଜଟିଳ ଥିବାରୁ ସେଣ୍ଟ୍ରାଲ୍ ଆଇସିୟୁକୁ ସ୍ଥାନାନ୍ତର କରାଯିବା ପାଇଁ ସ୍ଥିର ହୋଇଥିଲା। ହେଲେ ଏହା ପୂର୍ବରୁ ବୁଧବାର ଅପରାହ୍ନ ୪ଟା ୧୫ରେ ତାଙ୍କର ଦେହାନ୍ତ ହୋଇଥିବା ଏସ୍‌ସିବି ଜରୁରୀକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି। ରାଓଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହ ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ କରାଯିବ ବୋଲି ଘୋଷଣା କରିଛନ୍ତି। ଶିକ୍ଷାର ପ୍ରସାର ସହ ଗରିବ ଓ ଅବହେଳିତଙ୍କ ପାଇଁ ପ୍ରକାଶ ରାଓଙ୍କ ଉତ୍ସର୍ଗୀକୃତ ସେବା ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ପ୍ରମୁଖ ରାଓଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ବକ୍ସି ବଜାରସ୍ଥିତ ପେନ୍‌ଶନ ଲେନ୍ ବାସିନ୍ଦା ଡି. କ୍ରୀଷ୍ଣମୂର୍ତ୍ତି ଓ ଡି. ଲକ୍ଷ୍ମୀଙ୍କ ୩ ସନ୍ତାନ ମଧ୍ୟରୁ ପ୍ରକାଶ ହେଉଛନ୍ତି ବଡ଼। ପିଲାଟିବେଳୁ ସମାଜସେବା ପ୍ରତି ସେ ଆକର୍ଷିତ ହୋଇଥିଲେ। ଚା ଦୋକାନ କରି ସେଥିରୁ ଉପାର୍ଜିତ ଅର୍ଥରେ ବସ୍ତି ଓ ଅସହାୟ ପିଲାଙ୍କୁ ପାଠ ପଢାଇବା ସହ ସମସ୍ତ କଥା ବୁଝୁଥିଲେ। ୨୦୦୦ ମସିହାରେ ସେ କଟକ ବକ୍ସିବଜାରସ୍ଥିତ ନିଜ ଘରେ 'ଆଶା ଓ ଆଶ୍ୱାସନା' ଗୃହ ନାମରେ ଏକ ସ୍କୁଲ ଆରମ୍ଭ କରିଥିଲେ। ଏଠାରେ ପିଲାମାନଙ୍କୁ ପ୍ରଥମରୁ ତୃତୀୟ ଶ୍ରେଣୀ ଯାଏ ମାଗଣାରେ ପାଠ ପଢିବାର ସୁଯୋଗ ଦେଉଥିଲେ। ପରବର୍ତ୍ତୀ ସମୟରେ ସେ ନିଜ ଉଦ୍ୟମରେ ଏକ ସ୍କୁଲ ସ୍ଥାପନ କରିଥିଲେ। ସେହିଭଳି ୨୧୮ଥର ରକ୍ତ ଓ ୧୭ ଥର ପ୍ଲେଟ୍‌ଲେଟ୍ସ ଦାନ କରି ପ୍ରକାଶ ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ବକ୍ସି ବଜାରରେ ଥିବା ତାଙ୍କ ଚା' ଦୋକାନରେ ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାସହ ସେମାନଙ୍କ ପାଇଁ ଖବରକାଗଜ, ପତ୍ରିକା ଆଦି ପଢିବାର ବ୍ୟବସ୍ଥା କରି ସେ ଚର୍ଚ୍ଚାକୁ ଆସିଥିଲେ। ସେହିଭଳି ପ୍ରତିଦିନ ଦୋକାନ କାମ ସାରି ସେ କଟକ ବଡ଼ ମେଡିକାଲକୁ ଯାଇ ଗରିବ ରୋଗୀଙ୍କ ସେବା କରୁଥିଲେ। ଏଥିପାଇଁ କେବଳ ଓଡ଼ିଶା ନୁହେଁ, ଦେଶ ଓ ଦେଶ ବାହାରେ ମଧ୍ୟ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଥିଲା। 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଡି. ପ୍ରକାଶ ରାଓଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଦେଶବାସୀଙ୍କୁ ସମ୍ବୋଧନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ସଂଘର୍ଷ, ସମାଜସେବା ଓ ମଣିଷପଣିଆ ବିଷୟରେ ଦେଶବାସୀଙ୍କୁ ଜଣାଇଥିଲେ। ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରକାଶ କିପରି ଚା ବିକ୍ରି କରି ନିଜକୁ ସମାଜ ସେବାରେ ସମର୍ପି ଦେଇଥିଲେ ସେସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଥିଲେ। ୨୦୧୮ ମେ' ୨୬ରେ ପ୍ରଧାନମନ୍ତ୍ରୀ କଟକ ଆସିଥିବା ସମୟରେ ରାଓଙ୍କୁ ସ୍ୱତନ୍ତ୍ର ଭାବେ ସାକ୍ଷାତ କରି ତାଙ୍କ ସହ ଆଲୋଚନା କରିଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୨୦୧୯ରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଡି. ପ୍ରକାଶ ରାଓଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରାଯାଇଥିଲା। ଏହାବ୍ୟତୀତ ରାଓଙ୍କୁ ଭାରତ ବିକାଶ ସମ୍ମାନ, ଆନିବେଶାନ୍ତ ସମ୍ମାନ ଓ ଇଣ୍ଟନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ ଆୱାର୍ଡ ଆଦି ବିଭିନ୍ନ ସମ୍ମାନ ମିଳିଥିଲା। ଗୁରୁବାର କଟକର କାଳିଆବୋଦା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି।

### ଟ୍ୟାଙ୍କର ଓଲଟି ...

ପୋଲିସ ପକ୍ଷରୁ ବ୍ଲକିଂ କରାଯାଇଥିଲା। ଫଳରେ ଭୁବନେଶ୍ୱର ଓ ବ୍ରହ୍ମପୁର ପଟୁ ଆସୁଥିବା ଶତାଧିକ ଗାଡ଼ିମୋଟର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଜଟଣୀସ୍ଥିତ ଗ୍ୟାସ୍ କମ୍ପାନୀର ୬ ଜଣିଆ ଟିମ୍ ପହଞ୍ଚିବା ପରେ ୫ଟି କ୍ରେନ୍ ସହାୟତାରେ ଓଲଟିଥିବା ଟ୍ୟାଙ୍କରକୁ ଉଠାଯିବା ସହ ଗ୍ୟାସ ଲିକ୍ ବନ୍ଦ କରାଯାଇଥିଲା। ପରେ ଦୀର୍ଘ ୧୧ ଘଣ୍ଟା ଧରି ବନ୍ଦ ରହିଥିବା ଜାତୀୟ ରାଜପଥ ସ୍ୱାଭାବିକ ହୋଇଛି। ଆନ୍ଧ୍ରପ୍ରଦେଶ ବିଶାଖାପାଟଣାରୁ ୧୭ ଟନ୍ ବିଶିଷ୍ଟ ଏଚ୍‌ପି ଗ୍ୟାସ୍ ଟ୍ୟାଙ୍କର ଜଟଣୀ ଅଭିମୁଖେ ଯାଉଥିଲା। ଘନ କୁହୁଡି ଯୋଗୁ ଚାଳକ ଭାରସାମ୍ୟ ହରାଇବାରୁ ତାମ୍ପରା ବୋଟ କ୍ଲବ ସମ୍ମୁଖରେ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଚାଳକ ଜାଭେଦ ଅଖତାର ଅଳ୍ପକେ ବର୍ତ୍ତିଯାଇଥିଲେ। ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେଉଥିବାରୁ ଲୋକେ ଭୟଭୀତ ହୋଇପଡିଥିଲେ। ଖବରପାଇ ଛତ୍ରପୁର ଥାନା ପୋଲିସ ଓ ଦମକଳବାହିନୀ ସେଠାରେ ପହଞ୍ଚିଥିଲେ। ସୁରକ୍ଷା ଦୃଷ୍ଟିରୁ ଜାତୀୟ ରାଜପଥ ବ୍ଲକିଂ ସହ ଛତ୍ରପୁର ଓ ଆଖପାଖ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ କରାଯାଇଥିଲା। ୩ ଦମକଳ ଗାଡ଼ି ଗ୍ୟାସ୍ ଟ୍ୟାଙ୍କର ଉପରକୁ ପାଣି ସ୍ପ୍ରେ କରିଚାଲିଥିଲା। ଫଳରେ ଏକ ବଡ଼ ବିପଦକୁ ରୋକାଯାଇପାରିଥିଲା। ଅପରାହ୍ନରେ ଜଟଣୀରୁ ଗ୍ୟାସ୍ କମ୍ପାନୀର ୬ ଜଣିଆ ବୈଷୟିକ ଟିମ୍ ପହଞ୍ଚିବା ପରେ କ୍ରେନ୍ ସହାୟତାରେ ଗ୍ୟାସ୍ ଟ୍ୟାଙ୍କରକୁ ରାସ୍ତାରେ ଛିଡା କରାଯାଇଥିଲା। ପରେ ଟ୍ୟାଙ୍କର ନୋଭ୍ ବନ୍ଦ କରି ଗ୍ୟାସ୍ ଲିକ୍ ରୋକାଯାଇଥିଲା। ରାସ୍ତାପାର୍ଶ୍ୱକୁ ଗ୍ୟାସ ଟ୍ୟାଙ୍କରକୁ ନିଆଯିବା ପରେ ଜାତୀୟ ରାଜପଥରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଡିଆଇଜିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର, ଏସଡିପିଓ ଗୌତମ କିଷାନ, ଡେପୁଟି କଲେକ୍ଟର (ଜରୁରିକାଳୀନ) ଦିବ୍ୟ ଲୋଚନ ମହନ୍ତ, ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପ୍ରମୁଖ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଦୁର୍ଘଟଣାସ୍ଥଳକୁ ୫ ପୋଲିସ କର୍ମଚାରୀ ରିଜର୍ଭ ଅଫିସ୍‌ରୁ ଏକ ବୋଲେରୋରେ ଆସୁଥିବା ବେଳେ ଏକ ବାଇକ ସାମ୍ନାକୁ ଆସିଯାଇଥିଲା। ବାଇକ୍ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଭାରସାମ୍ୟ ହରାଇ ପୋଲିସ ଗାଡ଼ି ଓଲଟି ପଡିଥିଲା। ଫଳରେ ଏଥିରେ ଆହତ ପୋଲିସ ସର୍ଜେଣ୍ଟ ସଞ୍ଜୟ ବାରିକଙ୍କ ସମେତ ଏନ୍. ଘନଶ୍ୟାମ ରେଡ୍ଡୀ, ଗୋପାଳ ସେଠୀ, ସୁଲେଖ ପ୍ରଧାନ ଓ କିରଣ ଜାନିଙ୍କୁ ଛତ୍ରପୁର ହସ୍ପିଟାଲକୁ ନିଆଯାଇଥିଲା। ସଞ୍ଜୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେହିପରି ବ୍ଲକିଂ ଯୋଗୁ ଦୁର୍ଘଟଣାସ୍ଥଳରୁ ମାତ୍ର ୧୦୦ ମିଟର ଦୂରରେ ରାସ୍ତା ପାର୍ଶ୍ୱକୁ ସାଇଡ୍ କରୁଥିବା ଲୁହାପଥର ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଟ୍ରକ୍ ଚାଳକ ଯାଜପୁର ରୋଡ୍ ନିକଟ ନହକାର ରାମାୟଣ ସିଂଙ୍କ ମୃତ୍ୟୁ ଘଟିଥିଲା।

ସୂଚନାଯୋଗ୍ୟ, ୨୦୧୬ ଜାନୁୟାରୀ ୧୭ରେ ଛତ୍ରପୁର କଲେଜ ଛକ ସମ୍ମୁଖ ଜାତୀୟ ରାଜପଥରେ ଏକ ଗ୍ୟାସ୍ ଟ୍ୟାଙ୍କର ଓଲଟି ପଡିଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ୨ ଦିନ ଧରି ଉକ୍ତ ଟ୍ୟାଙ୍କରରୁ ଗ୍ୟାସ୍ ନିର୍ଗତ ହେଉଥିବାରୁ କୋକୁଆଭୟ ସୃଷ୍ଟି ହୋଇଥିଲା।

### ପ୍ରଥମ ଡୋଜ୍ ପରେ ପଜିଟିଭ ...

କରିନେବା ଉଚିତ। ଟିକା ସମ୍ପର୍କିତ ସୂଚନା ପାଇଁ ହେଲ୍ପଲାଇନ ନମ୍ବର ୧୦୪ ସହିତ ଯୋଗାଯୋଗ କରିପାରିବେ। କରୋନା ଟିକା ସମ୍ପୂର୍ଣ୍ଣ ନିରାପଦ। ଟିକାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଯଦି ଟିକା ନେବା ପରେ କେହି ସାମାନ୍ୟ କିଛି ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି, ତେବେ ଡାକ୍ତରଙ୍କ ସହିତ ଯୋଗାଯୋଗ କରିପାରିବେ। ଆବଶ୍ୟକ କରୁଥିବା ଟିକାଗ୍ରହଣକାରୀଙ୍କ ପାଇଁ ୧୦୮ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ସେହିଭଳି କରୋନା ଟିକାର ପ୍ରଥମ ଡୋଜ୍ ନେବା ପରେ ପଜିଟିଭ ଆସିଲେ, ଦ୍ୱିତୀୟ ଡୋଜ୍ ନେବେ ନାହିଁ। ସୁସ୍ଥ ହେବା ଯାଏ ଅପେକ୍ଷା କରିବାକୁ ପଡ଼ିବ। ବିଭିନ୍ନ ଜିଲାର ଭାକ୍‌ସିନ ଷ୍ଟୋରକୁ ଟିକା ପଠାଯିବା ପ୍ରକ୍ରିୟା ଚାଲିଛି। ପ୍ରଥମ ପର୍ଯ୍ୟାୟରେ ୪୦,୮୦୦ ଭାଇଲ୍‌ସ ବା ଛୋଟ ଶିଶି ଆସିଛି। ଗୋଟିଏ ଶିଶିରେ ୫ ମିଲିଗ୍ରାମ ଅର୍ଥାତ୍ ୧୦ ଜଣଙ୍କୁ ସିଙ୍ଗଲ୍ ଡୋଜ୍ ଦିଆଯାଇପାରିବ। ପର୍ଯ୍ୟାୟକ୍ରମେ ୩ ଲକ୍ଷ ୨୮ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ଟିକାକରଣ ସମୟରେ ବୟସ୍କ ସ୍ୱାସ୍ଥ୍ୟକର୍ମୀ, ହାଇରିସ୍କ ଗ୍ରୁପ୍ ଓ କରୋନା ପ୍ରଭାବ ଅଧିକ ଥିବା ଅଞ୍ଚଳର ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ଡା. ପଣ୍ଡା ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କାଳସର୍ପ ଯୋଗ ବିଭିନ୍ନ କ୍ଷେତ୍ରରେ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। ଦ୍ୱିଜା ନକ୍ଷତ୍ର ବହୁତ ଦିନରୁ ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ନୂଆଁ ଯୋଜନାଟିଏ କରିବା ସକାଶେ ମନ ବଳାଇ କାମରେ ଲାଗି ପାରନ୍ତି। ସମ୍ପର୍କୀୟଙ୍କ ଉପରେ ଭରସା କରି କୌଣସି କାମ କରିପାରିବେ ନାହିଁ।

**ବୃଷ**
ଦୁଃସ୍ଥାନସ୍ଥ ରବି ଓ ଶୁକ୍ର ପ୍ରଭାବରୁ ପ୍ରଶଂସା ବଦଳରେ ଅପଦର୍ଚ୍ଚିତ ହେବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିପାରିବେ। କୌଣସି ଆନୁଷ୍ଠାନିକ କାର୍ଯ୍ୟରେ କିମ୍ବା ସଭାସମିତିରେ ଯୋଗଦେଇପାରନ୍ତି। ସଙ୍ଗୀତ କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ**
ବନ୍ଧୁ ଅଯଥା ଦୋଷାରୋପ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି, କିନ୍ତୁ କୌଣସି ଅସୁବିଧା ହେବନି। ପୂର୍ବ ଯୋଜନା ଅନୁଯାୟୀ କର୍ମ କରି ଚାଲିଲେ ସଫଳତା ପାଇବେ। ଅଷ୍ଟମସ୍ଥ ବୁଧଙ୍କ ଯୋଗୁ ପୁରାତନ ରୋଗର ପୀଡ଼ା କାମ କରିବାକୁ ନିରୁତ୍ସାହିତ କରିବ। ବ୍ୟବସାୟ ଓ ପରିବହନ ସକାଶେ ଦିନଟି ବହୁତ ଭଲ।

**କର୍କଟ**
କେତୁନକ୍ଷତ୍ରସ୍ଥ ମଙ୍ଗଳ ହେତୁ କର୍ମକ୍ଷେତ୍ରରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ନିଜେ ଅସୁବିଧାରେ ଚଳୁଥିଲେ ମଧ୍ୟ ବନ୍ଧୁଙ୍କ କାମରେ ଯଥାସାଧ୍ୟ ସାହାଯ୍ୟ କରିବେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଅପରାହ୍ନରେ ବନ୍ଧୁଟି ଅଭିମାନ ଭରା କଥା କହି ଦୁଃଖ କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ କିଛି ଆଶ୍ୱସ୍ତିସୂଚକ କଥା ଶୁଣି ମନ ହାଲୁକା ହୋଇଯିବ। ପାପଗ୍ରହଙ୍କ କୁପ୍ରଭାବରୁ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜର କାମଟି ଅଟକି ରହିଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନରେ କିଛି ଅସୁବିଧା ହେବନି। ନିକଟ ସମ୍ପର୍କୀୟମାନଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**କନ୍ୟା**
ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟାକୁ କେନ୍ଦ୍ର କରି ମାନସିକ ଅସ୍ଥିରତା ରହିବ। ଆଜି କୋଣଭାବସ୍ଥ ଚତୁଃଗ୍ରହ ପ୍ରଭାବରୁ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। କୌଣସି କର୍ମଚାରୀ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ବ୍ୟବସାୟ, ପରିବହନ, ମାଲିମକଦ୍ଦମାରେ ସଫଳତା ହାସଲ କରିବେ।

**ତୁଳା**
ଗୁରୁଙ୍କ ଦୁର୍ବଳତା କାରଣରୁ କୌଣସି ଦୀର୍ଘ ମିଆଦୀ ଯୋଜନା ଫସର ଫାଟିଯିବ। ଯେତେ ଭଲ କାମ କଲେ ସୁଦ୍ଧା ସହକର୍ମୀମାନେ ଅନ୍ୟର କଥା ଶୁଣି ଦୂରେଇ ରହିବେ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ।

**ବିଛା**
ଏକାଧିକ ଗ୍ରହ ଭାଗ୍ୟ ସ୍ଥାନକୁ ଦେଖୁଥିବାରୁ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ସକାଶେ ପ୍ରଶଂସିତ ହେବେ। ବିଭିନ୍ନ କୌଶଳ ଅବଲମ୍ବନ କରି ଆଶା ପୂରଣ ଦିଗରେ ଚେଷ୍ଟା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ପରେ ଚିନ୍ତା କରିବାକୁ ପଡ଼ିବ।

**ଧନୁ**
କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟ, ବାଣିଜ୍ୟରେ କ୍ଷତିର ଭରଣା କରିବା ସକାଶେ ପ୍ରଯତ୍ନ କରିପାରନ୍ତି। ବିବାଦୀୟ ଘଟଣାରେ ନୀରବ ରହିଯିବା ଏକ ପ୍ରକାର ଭଲ ହେବ।

**ମକର**
ଆଜି ଆପଣଙ୍କ ରାଶିରେ ଚତୁଃଗ୍ରହକୂଟ ଯୋଗୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ଚିନ୍ତାଧାରାରେ ବ୍ୟତିକ୍ରମ ସୃଷ୍ଟିହେବ। ବନ୍ଧୁଙ୍କ ସହାୟତାରେ ସାହିତ୍ୟ, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ବନ୍ଧୁ ଅଯଥା ଦୋଷାରୋପ କରିପାରନ୍ତି। ଭୁଲ୍ ବୁଝାମଣା ଯୋଗୁ ପରିବାର ଭିତରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ**
ପାରିବାରିକ ଶୃଙ୍ଖଳା ରକ୍ଷା କରିବାକୁ ଯାଇ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଶନିଯୁକ୍ତ ଚନ୍ଦ୍ର ହେତୁ କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ଦୁଶ୍ଚିନ୍ତାର କାରଣ ପାଲଟିଯିବ। ଶିଳ୍ପ, ବାଣିଜ୍ୟ, ପରିବହନ, ମକଦ୍ଦମା, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ର ମନ୍ଦ ହେବନି।

**ମୀନ**
ଆଜି ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିବେ। କୌଣସି ବନ୍ଧୁ ପ୍ରତିଶ୍ରୁତି ଦେଇ ମଧ୍ୟ ଆସି ନ ପାରନ୍ତି, ଯାହାକି ବିରକ୍ତିର କାରଣ ହୋଇପାରେ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା କାରଣରୁ ଚିନ୍ତା ବୃଦ୍ଧି ପାଇବ।

ଆଜି ଜାନୁୟାରୀ ୧୪, ମକର ସଂକ୍ରନ୍ତି, ଉତ୍ତରାୟଣ ବନ୍ଦାପନା, ଗଙ୍ଗାସାଗର ସ୍ନାନ, ଶ୍ରୀଲିଙ୍ଗରାଜଙ୍କ ଘୃତକମ୍ବଳ, ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ, କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ତିରୋଧାନ ଦିବସ, ପୌଷ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ଗୁରୁବାର, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୭।୫୫ ମଧ୍ୟେ, ଘ.୧୦।୫୦ ଗତେ ଘ.୦୧।୦୧ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୧୭ ଗତେ ଘ.୦୨।୩୯ ମଧ୍ୟେ ରାହୁକାଳ ॥


# classifieds

**Everyday**
0674-2580101, 2549302




**SALE**

**Plot Hanspal sqft.-750/, Rangabazar sqft. 899/-, Madanpur sqft. 760/-, Sundarpada sqft. 199/. 9437522338.** D-19563

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

**ଭୁବନେଶ୍ୱର Sum Hospital ରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952.** D-70154

2BHK Apartment flat near Ravi Talkies Market area to Garage Chhak, Bhubaneswar. 8328890345. D-70212




To let 1 room, kitchen, bathroom. Srivihar, Patia. 9437017426, 7205859421. D-69672

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




Refreshing your mind & body with best therapy at Lotus SPA. 8018234866. D-70411

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Newly open full body massage ladies and gents. 9337349409. D-70406

Revitalize your self with our ayurvedic massage and refreshment, Call: 7381239385. D-70091

Experience full body massage with expert therapists. Call: 7377048581. D-70092

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ସାଧାରଣ ବିଜ୍ଞପ୍ତି- ମାନ୍ୟବର ସିଭିଲ ଜଜ୍ ସିନିୟର ଡିଭିଜନ, ଭୁବନେଶ୍ୱର ଇଜିଲାସରେ ବିଚାରାଧୀନ ସିଭିଲ ସୁଟ୍ ନଂ. ୩୪୧/୨୦୧୯,୯୨୫/୨୦୧୯ ଏବଂ ୬୦/୨୦୨୧ ସମ୍ପର୍କିତ ଆଦେଶନାମା ଯଥାକ୍ରମେ IA-1 of ୨୦୧୯ ତା ୨୮।୦୨।୨୦୧୯, IA-1 of ୨୦୧୯ ତା ୧୯।୦୬।୨୦୧୯, IA-1 of ୨୦୨୧ ତା. ୦୭।୦୧।୨୦୨୧ରିଖ ମୁତାବକ ନିମ୍ନ ତଫସିଲଭୁକ୍ତ ଜମି ଉପରେ ରହିତାଦେଶ (Injuction) ଓ ସ୍ଥିତାବସ୍ଥା (Status quo) କାଏମ ରହିଅଛି। ତୃତୀୟ ପକ୍ଷ ହସ୍ତାନ୍ତର, ବନ୍ଧକ ବା ନିର୍ମାଣ କାର୍ଯ୍ୟ ଉଭୟ ପକ୍ଷ ପାଇଁ ନିଷିଦ୍ଧ ଅଟେ। ମୌଜା- ବରିମୁଣ୍ଡ, ଖାତା ନଂ.- ୦୨, ୦୨,୦୨ ,୦୨ ,୦୩, ୦୩, ୦୩, ୦୫, ୦୧, ପ୍ଲଟ୍ ନଂ-୧୫୨୦, ୧୭୩୯, ୧୯୬୧, ୩୬୨୬, ୩୫୭୬, ୨୧୮୩, ୨୪୭୧, ୧୫୫୭, ୧୬୩୫, ଜମି ରକବା (ଏକର/ଡେସିମିଲ)-ଏ ୦.୫୩ (୫୩୦) ଡେସିମିଲ, ଏ ୦.୧୮ (୧୮୦), ଏ ୦.୧୧ (୧୧୦), ଏ ୦.୨୮ (୨୮୦), ଏ ୦.୦୬ (୦୬୦), ଏ ୦.୦୫ (୦୫୦), ଏ ୦.୧୫ (୧୫୦), ଏ ୦. ୧୮ (୧୮୦), ଏ ୦. ୧୭ (୧୭୦), ମୌଜା- ଦାଖଲ ଖାରଜ, ଖାତା ନଂ- ୧୬୭/ ୪୪୮, ପ୍ଲଟ୍ ନଂ- ୧୬୩୫/ ୬୮୦୨, ଜମି ରକବା (ଏକର/ ଡେସିମିଲ) -ଏ ୦.୧୦୨, ମୌଜା- କୃଷ୍ଣଶରଣପୁର, ଖାତା ନଂ- ୦୩, ପ୍ଲଟ୍ ନଂ-୨୧୯, ଜମି ରକବା(ଏକର/ ଡେସିମିଲ)- ଏ ୦.୪୨ (୪୨୦), ମୌଜା- ଦାଖଲ ଖାରଜ, ଖାତା ନଂ- ୩୦୩/୧୦୦୧, ପ୍ଲଟ୍ ନଂ- ୨୧୯/ ୧୯୭୧, ଜମି ରକବା (ଏକର/ଡେସିମିଲ) - ଏ ୦.୨୫୨, ମୌଜା- କୃଷ୍ଣଶରଣପୁର, ଖାତା ନଂ- ୦୪, ୦୪, ପ୍ଲଟ୍ ନଂ- ୨୨୦, ୪୫୩, ଜମି ରକବା (ଏକର/ ଡେସିମିଲ)- ଏ ୦. ୩୪ (୩୪୦), ଏ ୦. ୨୬ (୨୬୦) ଏଣୁ ଏହି ଜମିକୁ କେହି କ୍ରୟ ନକରିବା ପାଇଁ ଅନୁରୋଧ ଏବଂ ଯେ କ୍ରୟ କରିବେ ସେ ଦାୟୀ ରହିବେ। ଧ-୭୦୦୯୩


## ସର୍ଭେରେ ସୀମିତ ...

୨୦୦୯ ଫେବୃୟାରୀ ୨୮ରେ ରେଳପଥ ସର୍ଭେ କାର୍ଯ୍ୟ ନିମନ୍ତେ ଚନ୍ଦ୍ରଶେଖର ଗୋପାଳପୁର ବେଳାଭୂମିରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏକ ନାମୀଦାମୀ ଘରୋଇ ଉଦ୍ୟୋଗ ପକ୍ଷରୁ ସର୍ଭେ କାର୍ଯ୍ୟ ହାତକୁ ନିଆଯାଇଥିଲା। ସେହି ଉଦ୍ୟୋଗ ଠିକଣା ସମୟରେ ସର୍ଭେ ଶେଷ କରି ରିପୋର୍ଟ ରେଲୱେ ମନ୍ତ୍ରଣାଳୟରେ ଦାଖଲ କରିଥିଲା। ସର୍ଭେ ବାବଦରେ ୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କେବଳ ସେତିକି ନୁହେଁ, ୨୦୧୨ରେ ଆବଶ୍ୟକ ବ୍ୟୟ ଅଟକଳକୁ କେନ୍ଦ୍ର ଯୋଜନା କମିଶନ ଅନୁମୋଦନ କରିଥିଲେ। ଏହି ରେଳପଥ ନିର୍ମାଣ ହେଲେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକର ଅର୍ଥନୈତିକ ଅଭିବୃଦ୍ଧି ଘଟିବ ଏବଂ ଯାତ୍ରୀ ପରିବହନରେ ଯଥେଷ୍ଟ ସୁବିଧା ହେବ। କୋରାପୁଟ ଜିଲାରେ ଥିବା ନାଲ୍‌କୋର ଉତ୍ପାଦିତ ସାମଗ୍ରୀ ଦେଶ ବିଦେଶକୁ ରପ୍ତାନି ନିମନ୍ତେ ଗୋପାଳପୁର ବନ୍ଦରକୁ ଆସିପାରିବ। ଫଳରେ ବନ୍ଦର ବାଣିଜ୍ୟିକ ବିକାଶରେ ସହାୟକ ହେବ। ତେଣୁ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଶୀତଳାପଲ୍ଲୀରେ ରେଳ ୱାଗନ କାରଖାନା ପାଇଁ ଶତାଧିକ ଏକର ସରକାରୀ ଜମି ଚିହ୍ନଟ କରାଯାଇଥିଲା। ରେଳ ମନ୍ତ୍ରଣାଳୟର ବୈଷୟିକ ପଦାଧିକାରୀମାନେ ବହୁବାର ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। ମୋଦି ସରକାରଙ୍କ ପ୍ରଥମ ପାଳିରେ ପ୍ରସ୍ତାବିତ ଯୋଜନାକୁ ବନ୍ଦକରି ଦିଆଯାଇଛି। ଚିହ୍ନଟ ଜମିର କେତେକ ଅଂଶରେ ଟାଟା କମ୍ପାନୀର ହସ୍ପିଟାଲ ପ୍ରତିଷ୍ଠା କରାଯାଇଛି।

ସେହିପରି ବ୍ରହ୍ମପୁର ଶିଳ୍ପାଞ୍ଚଳରେ ପାସେଞ୍ଜର ଟ୍ରେନ ହଲ୍ଟ ଷ୍ଟେଶନ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବହୁବାର ଆନ୍ଦୋଳନ ହୋଇଛି। ଏଥିନିମନ୍ତେ ପାସେଞ୍ଜର ହଲ୍ଟ ସଂଗ୍ରାମ ସମିତି ଗଠନ କରାଯାଇଛି। ୪ ବର୍ଷ ତଳେ ଆନ୍ଦୋଳନ ଉଗ୍ର ହେବାରୁ ରେଲୱେର ଅଧିକାରୀମାନେ ଆସି ସ୍ଥିତି ଅନୁଧ୍ୟାନ କରିଥିଲେ। କାର୍ଯ୍ୟକାରୀ ହେବାର ପ୍ରତିଶ୍ରୁତି ଦେଇଥିଲେ। ୨୦୧୬ ଅକ୍ଟୋବରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହଲ୍ଟ ଷ୍ଟେଶନ ନିର୍ମାଣ ପାଇଁ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁଙ୍କୁ ସୁପାରିସ କରିଥିଲେ। ଏହାକୁ ମଧ୍ୟ ୪ ବର୍ଷ ପୂରିଛି ଏବଂ ଏଯାବତ୍ କାର୍ଯ୍ୟକାରୀ ହୋଇନାହିଁ।

ସୂଚନାଯୋଗ୍ୟ, ପାସେଞ୍ଜର ହଲ୍ଟ ଷ୍ଟେଶନ ନିର୍ମାଣ ହେଲେ ଆଙ୍ଗୁଲି ଶିଳ୍ପାଞ୍ଚଳ ଆଖପାଖ ୨୫ ଖଣ୍ଡ ଗ୍ରାମର ଲୋକେ ଉପକୃତ ହେବେ। ବ୍ରିଟିଶ୍ ଶାସନରେ ଶିଳ୍ପାଞ୍ଚଳ ପାଖରେ କୋର୍ଟ ହଲ୍ଟ ଷ୍ଟେଶନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ବିଲୁପ୍ତ ହୋଇଯାଇଛି। ପୁଣି ପାସେଞ୍ଜର ହଲ୍ଟ ଷ୍ଟେଶନ କରାଯିବା ଉପରେ ସଂଗ୍ରାମ ସମିତି ଦାବି କରିଛି। ଉପରୋକ୍ତ ଘଟଣାରୁ ଦକ୍ଷିଣାଞ୍ଚଳ ପ୍ରତି ରେଲୱେର ବୈମାତୃକ ମନୋଭାବ ସ୍ପଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁଙ୍କୁ ପଚାରିବାରୁ ସର୍ଭେ ସରିଥିବା ଏବଂ କେନ୍ଦ୍ର ଯୋଜନା ଆୟୋଗ ବ୍ୟୟ ଅଟକଳକୁ ଅନୁମୋଦନ କରିବାର ବହୁ ବର୍ଷ ବିତିବା ପରେ ବି ରାୟଗଡ଼ା-ଗୋପାଳପୁର ନୂଆ ରେଳପଥ ନିର୍ମାଣ ପ୍ରତି ଅବହେଳା କରାଯାଇଥିବାରୁ ସେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା କହିଥିଲେ। ଆଗାମୀ ଲୋକ ସଭା ଅଧିବେଶନ ବେଳେ ଏହି ପ୍ରସଙ୍ଗ ନେଇ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ଦର୍ଶାଇଛନ୍ତି।

ପୂର୍ବତଟ ରେଳପଥର ବରିଷ୍ଠ ଜନସମ୍ପର୍କ ଅଧିକାରୀ ନିରାକାର ଦାସ କହିଛନ୍ତି, କୌଣସି କାର୍ଯ୍ୟ ରୋକାଯାଇନାହିଁ। ବଜେଟ୍ ଆଲଟମେଣ୍ଟ ହେବାପରେ ସବୁ କାମ ଆରମ୍ଭ ହେବ। ଗୋପାଳପୁର-ରାୟଗଡା ନୂଆ ରେଳପଥ ସର୍ଭେ ସରିଛି। ବଜେଟ୍ ବ୍ୟୟ ବରାଦ ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ଶୀତଳାପଲ୍ଲୀ ରେଳୱାଗନ କାରଖାନା ବନ୍ଦ ହୋଇଥିବା ବେଳେ ଏନେଇ ବର୍ତ୍ତମାନର ସ୍ଥିତି ଜାଣିବାପରେ ମତ ରଖିବେ ବୋଲି ସେ କହିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଶିଳ୍ପାଞ୍ଚଳ ପାସେଞ୍ଜର ହଲ୍ଟ ଷ୍ଟେଶନ କାର୍ଯ୍ୟ ପୂର୍ବରୁ ସେଠାରେ କେତେ ପାସେଞ୍ଜର ହେଉଛନ୍ତି, ତା'ର ଏକ ସର୍ଭେ ହେବାପରେ ଯାଇ କାମ ହେବ। ଏହାର ମଧ୍ୟ ବାସ୍ତବ ସ୍ଥିତି ଜାଣିବା ପରେ ଯାହା କିଛି କୁହାଯାଇପାରିବ ବୋଲି ନିରାକାର ମତ ରଖିଛନ୍ତି।

## ଟ୍ରମ୍ପଙ୍କ ବିରୋଧରେ ...

ଦାୟିତ୍ୱ ତୁଲାଇବାରେ ସକ୍ଷମ ନ ଥିବାରୁ ଉପରାଷ୍ଟ୍ରପତି ମାଇକ୍ ପେନ୍ସ କ୍ଷମତାର ଉପଯୋଗ କରି ସଂଶୋଧନ ୨୫ ମାଧ୍ୟମରେ ଟ୍ରମ୍ପଙ୍କୁ ବହିଷ୍କାର କରନ୍ତୁ ବୋଲି ପେନ୍ସଙ୍କୁ ବାଚସ୍ପତି ନାନ୍ସି ପେଲୋସି ପତ୍ର ଲେଖିଥିଲେ। ହେଲେ କ୍ୟାବିନେଟ ସଦସ୍ୟମାନେ ଏହି ପଦକ୍ଷେପ ନେବାକୁ ରାଜି ନ ଥିବା କହି ପେନ୍ସ ସଂଶୋଧନ ୨୫ ଲାଗୁ କରିବାକୁ ମନା କରିଦେଇଥିଲେ। ଏ ନେଇ ମଙ୍ଗଳବାର ପେନ୍ସ ଚିଠି ଲେଖି ଉତ୍ତର ରଖିଥିଲେ। କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବା ଦେଶ ପାଇଁ ଲଜ୍ଜାଜନକ ବିଷୟ। ଏହା ଆଦୌ ରାଷ୍ଟ୍ର ସପକ୍ଷରେ ନୁହେଁ ବୋଲି ପେନ୍ସ କହିଥିଲେ। ଫଳରେ ଟ୍ରମ୍ପଙ୍କ ବିରୋଧରେ ଆମେରିକା ସଂସଦରେ ମହାଭିଯୋଗ ଉପରେ ବିତର୍କ ଆରମ୍ଭ ହୋଇଥିଲା। ଟ୍ରମ୍ପଙ୍କ ରିପବ୍ଲିକାନ ଦଳର କେତେଜଣ ସଦସ୍ୟ ମଧ୍ୟ ମହାଭିଯୋଗ ସପକ୍ଷରେ ଭୋଟ ଦେବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

ଟ୍ରମ୍ପ ଆମେରିକାର ଏକ ମାତ୍ର ରାଷ୍ଟ୍ରପତି ଯାହାଙ୍କ ବିରୋଧରେ ଦୁଇଥର ମହାଭିଯୋଗ ଆଗତ ହୋଇଛି। ୨୦୨୦ ରାଷ୍ଟ୍ରପତି ନିର୍ବାଚନ ପ୍ରକ୍ରିୟାବେଳେ ଡେମୋକ୍ରାଟ ପ୍ରାର୍ଥୀ ଜୋ ବାଇଡେନ୍‌ଙ୍କ ଛବିକୁ ମଳିନ କରିବାକୁ ଟ୍ରମ୍ପ ଉଦ୍ୟମ କରିଥିଲେ। ଅଭିଯୋଗ ଆସିଥିଲା ଯେ, ଟ୍ରମ୍ପ ଏଥିପାଇଁ ୟୁକ୍ରେନର ସହାୟତା ନେଇଥିଲେ। ଜୋ ବାଇଡେନ୍ ଓ ତାଙ୍କ ପୁଅ ହଣ୍ଟର ବାଇଡେନ୍ ୟୁକ୍ରେନ ସହ ବେଆଇନ ଭାବେ ବ୍ୟାପକ ଅର୍ଥ କାରବାର କରିଥିବା କହି ଟ୍ରମ୍ପ ନିଜ ଛବିକୁ ସୁଦୃଢ଼ କରିବାକୁ ଚାହୁଁଥିଲେ। ଏ ନେଇ ଟ୍ରମ୍ପ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସହ କଥା ହେବା ଘଟଣା ଗୋଇନ୍ଦା ବିଭାଗ ଜାଣିବା ପରେ ଏହା ସାମ୍ନାକୁ ଆସିଥିଲା। ଏପରିକି ଟ୍ରମ୍ପ ଏଥିପାଇଁ ୟୁକ୍ରେନ ରାଷ୍ଟ୍ରପତିଙ୍କ ଉପରେ ଚାପ ପକାଉଥିଲେ ବୋଲି କୁହାଯାଉଥିଲା। ଏହା ନ କଲେ ୟୁକ୍ରେନକୁ ଦିଆଯାଉଥିବା ସାମରିକ ସହାୟତା ରୋକିଦେବାକୁ ଟ୍ରମ୍ପ ଧମକ ମଧ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ମହାଭିଯୋଗ ଚାଲିଥିଲେ ହେଁ ତାହା ସାବ୍ୟସ୍ତ ହୋଇପାରି ନ ଥିଲା। ସୂଚନାଯୋଗ୍ୟ, ଗତ ୬ ତାରିଖରେ କ୍ୟାପିଟୋଲ ବିଲ୍ଡିଂରେ ଟ୍ରମ୍ପଙ୍କ ସମର୍ଥକମାନେ ଧସେଇ ପଶି ହିଂସାକାଣ୍ଡ ଘଟାଇଥିଲେ। ଏଥିରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଭୁବନେଶ୍ୱରରେ କୋଭାକ୍ସିନ, ...

ଯାଜପୁର ୬,୮୮୫, ସମ୍ବଲପୁର ୬,୭୫୦, ବରଗଡ଼ ୬,୫୨୫, ନବରଙ୍ଗପୁର ୬,୩୦୦, ପୁରୀ ୬,୩୦୦, କଳାହାଣ୍ଡି ୬,୧୨୦, ଖୋର୍ଦ୍ଧା ୫,୫୩୫, କେନ୍ଦ୍ରାପଡ଼ା ୪,୯୯୫, ଭଦ୍ରକ ୪,୯୯୫, ରାୟଗଡ଼ା ୪,୮୬୦, ଜଗତ୍‌ସିଂହପୁର ୪,୫୯୦, କନ୍ଧମାଳ ୪,୫୯୦, ଅନୁଗୋଳ ୪,୫୯୦, ଢେଙ୍କାନାଳ ୪,୫୦୦, ଗଜପତି ୪,୦୫୦, ନୟାଗଡ଼ ୩,୬୦୦, ସୁବର୍ଣ୍ଣପୁର ୩,୨୮୫, ନୂଆପଡ଼ା ୩,୨୪୦, ମାଲକାନଗିରି ୩,୨୪୦, ଝାରସୁଗୁଡ଼ା ୨,୮୮୦, ବୌଦ୍ଧ ୧,୭୫୫ ଓ ଦେବଗଡ଼ରୁ ୧,୪୮୫ ଜଣ ଏହି ଟିକା ନେବେ। ରାଜ୍ୟ ଭାକ୍ସିନ ଇନ୍‌ଚାର୍ଜ ବିଜୟ ପାଣିଗ୍ରାହୀଙ୍କ କହିବା ମୁତାବକ, ଓଡ଼ିଶାକୁ ବର୍ତ୍ତମାନ ମୋଟ୍ ୪,୨୮,୦୦୦ ଟିକା ଆସିଛି। ପ୍ରଥମ ଡୋଜ୍‌ରେ ୫୦% ଟିକା ବ୍ୟବହାର କରାଯିବ। ଏହାର ୨୮ଦିନ ପରେ ଦ୍ୱିତୀୟ ଡୋଜ୍ ଦିଆଯିବ।

# ସିବିଆଇ, ରାଜ୍ୟ ସରକାରଙ୍କୁ ନୋଟିସ

**ପରୀ ହତ୍ୟା ମାମଲା**

- ୩ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ
- ଫେବୃୟାରୀ ୫ରେ ପରବର୍ତ୍ତୀ ଶୁଣାଣି
- ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହେଲେ ପରୀର ମା'

କଟକ/ନୟାଗଡ଼ ଅଫିସ ,୧୩।୧

ନୟାଗଡ଼ ଜିଲା ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ବୁଧବାର ସର୍ବୋଚ୍ଚ ଅଦାଲତ ସିବିଆଇ ଓ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୩ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫କୁ ଧାର୍ଯ୍ୟ ହୋଇଛି। ଏଥିସହିତ ଆବେଦନକାରିଣୀଙ୍କୁ ଅତିରିକ୍ତ କାଗଜାଦି ଦାଖଲ କରିବାକୁ ଏକ ସପ୍ତାହ ସମୟ ଦେଇଛନ୍ତି। ପୋଲିସ ଓ ଏସ୍ଆଇଟି ତଦନ୍ତରେ ଅସନ୍ତୋଷ ପ୍ରକାଶ କରି ପରୀଙ୍କ ମା' ସୌଦାମିନୀ ସାହୁ ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ବିଚାରପତି ଏ.ଏମ୍. ଖାନ୍ୱିଲକର, ବି.ଆର୍. ଗଭାଇ ଏବଂ କ୍ରିଷ୍ଣା ମୁରାରୀଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନରେ ସୌଦାମିନୀ ଦର୍ଶାଇଛନ୍ତି ୨୦୨୦ ଜୁଲାଇ୧୩ରେ ତାଙ୍କ ୫ବର୍ଷୀୟା ଝିଅ ପରୀକୁ ଅପହରଣ କରି ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ତଦନ୍ତ ଠିକ୍ ଭାବେ ହେଉନାହିଁ। ତଦନ୍ତରେ ସ୍ୱଚ୍ଛତା ନ ଥିବାରୁ ସିବିଆଇ ପରି ଏକ ନିରପେକ୍ଷ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଲୋକଲୋଚନକୁ ଆସିବ। ଏପରି କି ରାଜ୍ୟରେ ହେଉଥିବା ସମସ୍ତ ଶିଶୁ ନିଖୋଜ ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଦେବାକୁ ଆବେଦନକାରିଣୀ ସର୍ବୋଚ୍ଚ ଅଦାଲତରେ ପ୍ରାର୍ଥନା କରିଛନ୍ତି। ସୌଦାମିନୀ ଝିଅର ଅପହରଣ ଓ ହତ୍ୟା ଘଟଣା ପାଇଁ ବାବୁଲି ନାୟକଙ୍କୁ ଅଭିଯୁକ୍ତ ଦର୍ଶାଇ ଆସୁଛନ୍ତି। ଏପରି କି ଏହି ହତ୍ୟା ଘଟଣା ପଛରେ ଅଙ୍ଗ ତସ୍କରୀଙ୍କ ହାତ ରହିଥିବା କହିଛନ୍ତି। ପୋଲିସ ଏହି ଘଟଣାରେ ପରୀର ପରିବାରକୁ ଅପରାଧୀଙ୍କ ଭଳି ବ୍ୟବହାର ପ୍ରଦର୍ଶନ କରିଆସୁଛି। ପୋଲିସ ସମ୍ପୂର୍ଣ୍ଣ ଭାବେ ଅଭିଯୁକ୍ତଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରୁଛି। ଘଟଣାର ପ୍ରାଥମିକ ତଦନ୍ତ ପୋଲିସ ଏବଂ କ୍ରାଇମ୍ ବ୍ରାଞ୍ଚର ଏସ୍ଆଇଟି ଟିମ୍ ଦ୍ୱାରା କରାଯାଇଛି। ଉଭୟେ ତଦନ୍ତକୁ ବାଟବଣା କରିବାକୁ ଚେଷ୍ଟା କରୁଛନ୍ତି। ଏପରି କି ଅଭିଯୋଗକାରିଣୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ମିଥ୍ୟା ମାମଲାରେ ଫସାଇବାକୁ ଉଦ୍ୟମ କରୁଥିବା ଅଭିଯୋଗ କରି ଆବେଦନକାରିଣୀ ସୌଦାମିନୀ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଯୁକ୍ତ୨ ଇନ୍‌ଷ୍ଟାଣ୍ଟ, ଅସ୍ଥନାଲ ପରୀକ୍ଷା ଫଳ ପ୍ରକାଶ

**ଭୁବନେଶ୍ୱର, ୧୩।୧(ବ୍ୟୁରୋ):** ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କଳାରେ ପାସ୍‌ହାର ୮୦.୮୪% ଥିବାବେଳେ ବିଜ୍ଞାନରେ ୬୨%, ବାଣିଜ୍ୟରେ ୫୭.୫୫% ଓ ଧନ୍ଦାମୂଳକ ଶିକ୍ଷାରେ ୫୨% ରହିଛି। କଳାରେ ପ୍ରଥମ ଶ୍ରେଣୀରେ ୨୯ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୪ଜଣ ଦ୍ୱିତୀୟ ଓ ୧୯୪ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୭୧ଜଣ, ଦ୍ୱିତୀୟ ଶ୍ରେଣୀରେ ୨୮୭ ଓ ତୃତୀୟ ଶ୍ରେଣୀରେ ୧୬୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୦ଜଣ, ଦ୍ୱିତୀୟରେ ୨୫ ଓ ତୃତୀୟ ଶ୍ରେଣୀରେ ୪୫ ପାସ୍ ହୋଇଛନ୍ତି। ସେହିପରି ଯୁକ୍ତ୨ ଅସ୍ଥନାଲ ପରୀକ୍ଷାର କଳାରେ ପାସ୍‌ହାର ୫୪.୫୪% ରହିଥିବାବେଳେ ବିଜ୍ଞାନରେ ୮୬.୬୬% ଓ ଧନ୍ଦାମୂଳକରେ ୬୬.୬୭% ରହିଛି।







## ୭ ଜିଲାରେ ଘନକୁହୁଡ଼ି

**ଭୁବନେଶ୍ୱର, ୧୩।୧ (ବ୍ୟୁରୋ):** ରାଜ୍ୟରେ ଶୀତ ଏକ ପ୍ରକାର ଗାଏବ ହୋଇଯାଇଛି। ଗତ କିଛି ସପ୍ତାହ ହେବ ପାରଦ ଉପରମୁହାଁ ରହିଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ବନ୍ଦ ହୋଇ ଯାଉଥିବାରୁ ରାଜ୍ୟରେ ହଠାତ୍ ଶୀତ ହ୍ରାସ ପାଇଛି। ୧୫ ତାରିଖରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ସାମାନ୍ୟ ଶୀତ ବଢ଼ିବା ସମ୍ଭାବନା ରହିଛି। ତେବେ ଆଉ ପୂର୍ବଭଳି ଥଣ୍ଡା ଅନୁଭୂତ ହେବ ନାହିଁ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଭାଗରେ ଘନକୁହୁଡି ହେବାର ସମ୍ଭାବନା ରହିଛି। ଘନକୁହୁଡ଼ି ସମ୍ଭାବନା ଥିବାରୁ ଆବଶ୍ୟକ ପଦକ୍ଷେପ ନେବାକୁ ଉକ୍ତ ଜିଲାର ଜିଲାପାଳ, ଏସ୍‌ପିଙ୍କୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ବ୍ରେନ୍ ମ୍ୟାପିଂ ପାଇଁ ମନାକଲେ ଅଭିଯୁକ୍ତ

ନୟାଗଡ଼ ଅଫିସ,୧୩।୧

ପରୀ ହତ୍ୟା ମାମଲାରେ ଗିରଫ କଲେଜ ଛାତ୍ରଙ୍କ ବ୍ରେନ୍ ମ୍ୟାପିଂ ପାଇଁ ଏସ୍ଆଇଟି କରିଥିବା ଆବେଦନ ଉପରେ ଜୁଭେନାଇଲ ଜଷ୍ଟିସ ବୋର୍ଡ(କିଶୋର ନ୍ୟାୟ ପରିଷଦ)ରେ ବୁଧବାର ଶୁଣାଣି ହୋଇଛି। ଶୁଣାଣି ସମୟରେ ଆଇନକୁ ନେଇ ଦ୍ୱନ୍ଦରେ ଥିବା କଲେଜ ଛାତ୍ର ବ୍ରେନ୍ ମ୍ୟାପିଂ ପାଇଁ ଅରାଜି ହେବା ପରେ ଏସ୍ଆଇଟିର ଆବେଦନକୁ ବୋର୍ଡ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷେ କଲେଜ ଛାତ୍ରଙ୍କ ସ୍ୱରର ସ୍ତର ନିରୀକ୍ଷଣ (ଲାୟର ଭଏସ ଆନାଲିସିସ୍) କରିବାକୁ ଏସ୍ଆଇଟି ପକ୍ଷରୁ ଆବେଦନ ହୋଇଛି। ସେହିପରି ରିମାଣ୍ଡ ସମୟରେ ଅଭିଯୁକ୍ତଙ୍କୁ ମାଡ଼ ଓ ନିର୍ଯାତନା ଅଭିଯୋଗର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି ।

ସରକାରୀ ଓକିଲ ବଳଭଦ୍ର ମହାନ୍ତିଙ୍କ ସୂଚନା ଅନୁସାରେ ଅଭିଯୁକ୍ତଙ୍କୁ ଅନୁଗୋଳସ୍ଥିତ ବାଳସୁଧାର ଗୃହରୁ ଅଣାଯାଇ କିଶୋର ନ୍ୟାୟ ପରିଷଦରେ ବୁଧବାର ହାଜର କରାଯାଇଥିଲା। ଶୁଣାଣି ସମୟରେ ସେ ବ୍ରେନ୍ ମ୍ୟାପିଂ ପାଇଁ ଅରାଜି ହୋଇ ଲିଖିତ ଭାବେ କୋର୍ଟଙ୍କୁ ଅବଗତ କରାଇଥିଲେ। ପରେ କୋର୍ଟ ଏସ୍ଆଇଟିର ଯୁକ୍ତି ଶୁଣି ରାୟକୁ ସଂରକ୍ଷିତ ରଖିଛନ୍ତି । ପୂର୍ବରୁ ବି ଅଭିଯୁକ୍ତ ନାର୍କୋ ଟେଷ୍ଟ ପାଇଁ ମନା କରିଥିଲେ। ବୋର୍ଡ ମଧ୍ୟ ନାର୍କୋ ଆନାଲିସିସ୍ ଟେଷ୍ଟକୁ ଖାରଜ କରିଦେଇଥିଲେ। ସମ୍ବିଧାନର ୨୧ ଧାରା ଅନୁସାରେ କାହାର ବଞ୍ଚିବା ଉପରେ କେହି ହସ୍ତକ୍ଷେପ କରି ପାରିବେ ନାହିଁ। କଲେଜ ଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବାରୁ ଓ ସେ ଅନିଚ୍ଛା ପ୍ରକାଶ କରୁଥିବା କାରଣରୁ ବୋର୍ଡ ଅଭିଯୁକ୍ତଙ୍କ ବ୍ରେନ ମ୍ୟାପିଂ ଓ ନାର୍କୋ ଟେଷ୍ଟ ପାଇଁ ଅନୁମତି ଦେଇନାହାନ୍ତି । ତେବେ ତାଙ୍କ ସ୍ୱରର ସ୍ତର ନିରୀକ୍ଷଣ କରିବାକୁ ଏସ୍ଆଇଟି ପକ୍ଷରୁ ଆବେଦନ ହୋଇଛି । ଯାହାର ଶୁଣାଣି ୨୦ ରେ ହେବ ବୋଲି ସରକାରୀ ଓକିଲ କହିଛନ୍ତି ।

ଅଭିଯୁକ୍ତଙ୍କ ଓକିଲ ଚନ୍ଦ୍ରବିଜୟୀ ମିଶ୍ର କହିଛନ୍ତି, ଜୁଭେନାଇଲ ଜଷ୍ଟିସ ବୋର୍ଡକୁ ମାମଲା ସ୍ଥାନାନ୍ତର ସମୟରେ ନାର୍କୋ ଆନାଲିସିସ୍ ଟେଷ୍ଟ ଓ ରିମାଣ୍ଡ ସମୟରେ ଅଭିଯୁକ୍ତଙ୍କୁ ମାଡ ମରାଯାଇଥିଲା। ଏ ସଂକ୍ରାନ୍ତରେ ବିଚାର କରିବାକୁ ପୋକସ୍ କୋର୍ଟର ସ୍ୱତନ୍ତ୍ର ଜଜଙ୍କ ନିର୍ଦ୍ଦେଶ ଥିଲା। ନାର୍କୋ ଆନାଲିସିସ୍ ଟେଷ୍ଟ ଶୁଣାଣୀ ହୋଇ ଥିବାବେଳେ ମାଡ ଓ ନିର୍ଯାତନା ଘଟଣାର ଶୁଣାଣି ହୋଇନାହିଁ।






ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନ୍‌ଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ୍ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ



# କ୍ୟାନ୍‌ସର ରୋକିବ ଶୁଦ୍ଧ ଶାକାହାର

ମାନେକା ଗାନ୍ଧୀ

ଭିଗନ୍ ଡାଏଟ୍ ବା ଶୁଦ୍ଧ ଶାକାହାର ଶରୀର ପାଇଁ ଉପକାରୀ। ଏହି ଖାଦ୍ୟ ଡାଇବେଟିସ ଓ ହୃଦ୍‌ରୋଗର ପ୍ରାବଲ୍ୟ କମ୍ କରିବା ସହ ଏଗୁଡ଼ିକୁ ଦୂର କରିଥାଏ ବୋଲି ସମସ୍ତେ ଜାଣନ୍ତି। ଶୁଦ୍ଧ ଶାକାହାରରେ ଅଧିକ କାର୍ବୋହାଇଡ୍ରେଟ ଥାଏ ଓ ଏହା ଡାଇବେଟିସ ରୋଗୀଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣ କରିବାରେ ପ୍ରାୟ ୨.୪ ପ୍ରତିଶତ ଅଧିକ ପ୍ରଭାବୀ ହୋଇଥାଏ। ଏହା ଶରୀରର ମୋଟ କୋଲେଷ୍ଟ୍ରଲ ସ୍ତର ହ୍ରାସ କରିବା ସହ କ୍ଷତିକାରକ କୋଲେଷ୍ଟ୍ରଲ (ଏଲ୍‌ଡିଏଲ୍) କମ୍ କରିଥାଏ। ତେବେ ଶୁଦ୍ଧ ଶାକାହାରର ଅନ୍ୟସବୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ କ'ଣ ପ୍ରଭାବ ରହିଛି ତାହା ଜାଣିବା ଦରକାର।

୨୦୧୫ରେ ସି.ଏମ୍.କ୍ଲିଞ୍ଜନଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣାରେ ୪୦ ଜଣ ଅଷ୍ଟିଓଆର୍ଥାଇଟିସ ରୋଗୀ ଖାଉଥିବା ସବୁଜିତ ଓ ଉଦ୍ଭିଜ ଶୁଦ୍ଧ ଶାକାହାର କିମ୍ବା ସେମାନଙ୍କ ନିତିଦିନର ଅନ୍ୟ ସବୁ ଖାଦ୍ୟକୁ ନେଇ ୬ ସପ୍ତାହ ଯାଏ ଅନୁଧ୍ୟାନ କରାଯାଇଥିଲା। ନିୟମିତ ଅନ୍ୟସବୁ ଖାଦ୍ୟ ଗ୍ରହଣକାରୀଙ୍କ ତୁଳନାରେ ଶୁଦ୍ଧ ଶାକାହାର ଗ୍ରହଣ କରୁଥିବା ରୋଗୀମାନଙ୍କର ଲକ୍ଷଣ,ଶକ୍ତିସ୍ତର,ପ୍ରାଣଶକ୍ତି,ଶାରୀରିକ କାର୍ଯ୍ୟଦକ୍ଷତାରେ ଉନ୍ନତି ଲକ୍ଷ୍ୟ କରାଯାଇଥିଲା। ଯେହେତୁ ମୋର ୨୦ ବର୍ଷର ପୁରୁଣା ଆଣ୍ଠୁଗଣ୍ଠି ରୋଗ ରହିଛି,ସେଥିପାଇଁ ୧୯୯୭ରେ ବ୍ରିଟିଶ୍ ଜର୍ଣ୍ଣାଲ ଅଫ୍ ରୁମାଟୋଲୋଜିରେ ପ୍ରକାଶିତ ଆର. ପଲାଗୋନେନ୍ ଏବଂ ତାଙ୍କ ସାଥୀମାନଙ୍କ ଦ୍ୱାରା କରାଯାଇଥିବା ଏହି ରୋଗର ଗବେଷଣା ସମ୍ପର୍କିତ ରିପୋର୍ଟ ଜାଣିବା ପାଇଁ ମୁଁ ଅଧିକ ଉତ୍ସାହୀ। ରୁମାଟଏଡ ଆର୍ଥ୍ରାଇଟିସ ପୀଡିତ ୪୩ ଜଣ ବ୍ୟକ୍ତିଙ୍କ ଉପରେ ଏହି ଗବେଷଣା କରାଯାଇଥିଲା। ଲାକ୍ଟୋବାସିଲି (ଏକ ପ୍ରକାର ଉପକାରୀ ବ୍ୟାକ୍ଟେରିଆ)ରେ ଭରପୁର କଞ୍ଚା ଶୁଦ୍ଧ ଶାକାହାର କିମ୍ବା ପ୍ରତିଦିନ ଖାଉଥିବା ଅନ୍ୟସବୁ ଖାଦ୍ୟ ଏମାନଙ୍କୁ ୧ ମାସ ପାଇଁ ଖାଇବାକୁ ଦିଆଯାଇଥିଲା। ଯେଉଁମାନେ ନିର୍ଦ୍ଦିଷ୍ଟ ଖାଦ୍ୟ ଖାଉଥିଲେ ସେମାନଙ୍କ ତୁଳନାରେ ଶୁଦ୍ଧ ଶାକାହାରୀ ଗ୍ରୁପର ଗଣ୍ଠିଫୁଲା, ଯନ୍ତ୍ରଣା ଓ ସକାଳର ଷ୍ଟିଫନେସ ହ୍ରାସ ପାଇବା ଦେଖାଯାଇଥିଲା। ସେମାନେ ଶୁଦ୍ଧ ଶାକାହାର ଛାଡ଼ି ଅନ୍ୟସବୁ ଖାଦ୍ୟ ଖାଇବା ଦ୍ୱାରା ସେମାନଙ୍କ ସମସ୍ୟା ପୁଣି ଅଧିକ ହୋଇଯାଇଥିଲା।

ପ୍ରାୟତଃ ପ୍ରତ୍ୟେକ ରୋଗ ପାଇଁ କଞ୍ଚା ଶୁଦ୍ଧ ଶାକାହାର ରାମବାଣ ଭଳି କାମ କରେ। କିନ୍ତୁ ଏହାକୁ ଖାଇବା ଭାରି କଷ୍ଟକର ବ୍ୟାପାର। ମୁଁ ଅନେକ ସପ୍ତାହ ଭାତ ତରକାରି ଖାଇବା ପରେ ତା'ଭିତରେ ମାତ୍ର ଦୁଇ ଦିନ ଗ୍ରୀନ୍ ଜୁସ ପିଇଥାଏ। ବିଜିନ ପ୍ରକାର ସବୁଜ ପରିବା ଓ ଶାଗ ସହ କିଛି ନିମ୍ବ ଏବଂ ଧନିଆପତ୍ର, ଅଦା,ଟମାଟୋ, ହଳଦୀ, ସିଲେରି,ବିଟ୍‌ରୁଟ ଏବଂ ଏକ ଫଳକୁ ନେଇ ପ୍ରସ୍ତୁତ ଗ୍ରୀନ୍ ଜୁସ୍‌କୁ ଦିନକୁ ୪ ଥର ପିଇଥାଏ। ଏହା ମୋତେ ମୋତେ ସାଙ୍ଗେ ସାଙ୍ଗେ ସୁସ୍ଥତା ଲାଭ କରିବାରେ ସାହାଯ୍ୟ କରେ ଏବଂ ଏହା ଓଜନ କମାଇଦିଏ। ତେବେ ପ୍ରତ୍ୟକ୍ଷରେ ଗବେଷଣା ସ୍ପଷ୍ଟ କରିଛି ଯେ ଶୁଦ୍ଧଶାକାହାରର ଶାରୀରିକ ପ୍ରଭାବ ଅନ୍ୟସବୁ ଖାଦ୍ୟ ତୁଳନାରେ ବହୁତ ଅଧିକ। ମୁଁ ବି କୋଭିଡ୍ ଲକ୍‌ଡାଉନ ସମୟରେ ଶୁଦ୍ଧଶାକାହାର ଡିମିମପ ଖାଇ ୧୧ କେ.ଜି ଓଜନ କମାଇପାରିଛି। ଏହି ସମୟରେ ମୁଁ ବେଳେ ବି ଭୋକ ଅନୁଭବ କରିନାହିଁ। ତେବେ ଏବେ ମୁଁ ଦିନକୁ ତେଲାଏ ଖାଉଛି ଏବଂ ଅଧିକ ତନ୍ତୁଜାତୀୟ ଖାଦ୍ୟ ଗ୍ରହଣ କରୁଥିବାରୁ ତୃପ୍ତି ଅନୁଭବ କରୁଛି। ମାଂସଜାତୀୟ ଖାଦ୍ୟଠାରୁ ଭିଗନ୍ ଡାଏଟ୍ ଲେପ୍‌ଟିନ (ଭୋକର କାରଣ ହେଉଥିବା ହର୍ମୋନ) ହ୍ରାସ କରିଥାଏ, ଯାହାଫଳରେ ଭୋକ ଲାଗେନାହିଁ।

ସ୍ମୃତିଶକ୍ତି ଉପରେ ଉଦ୍ଭିଜ ଖାଦ୍ୟର ପ୍ରଭାବ ସମ୍ପର୍କରେ ବୈଜ୍ଞାନିକ ମେଡାଓ୍ୱାର, ହୁନ୍, ଭିଲଜିଙ୍ଗର ଏବଂ ଫ୍ରିଁ ୩୨ଟି ଗବେଷଣାର ସମୀକ୍ଷା କରିଥିଲେ। ନ୍ୟୁଟ୍ରିଏଣ୍ଟସ ସାଇକିଆଟ୍ରି ଜର୍ଣ୍ଣାଲରେ ଏହାର ରିପୋର୍ଟ ପ୍ରକାଶ ପାଇଥିଲା। ଗବେଷଣାରେ ଭାଗ ନେଇଥିବା ସୁସ୍ଥ ତଥା ମେଦବହୁଳତା ଏବଂ ଟାଇପ୍-୨ ଡାଇବେଟିସ ପୀଡିତଙ୍କ ଶରୀରର ଓଜନ, ଶକ୍ତି ଏବଂ ଶାରୀରିକ ପ୍ରଦାହ ଉପରେ ପାରମ୍ପରିକ ଖାଦ୍ୟ ତୁଳନାରେ ଉଦ୍ଭିଜ ଖାଦ୍ୟର ସକାରାତ୍ମକ ପ୍ରଭାବ ଅଧିକ ରହିଥିଲା। ନ୍ୟୁରୋଲୋଜିକାଲ କିମ୍ବା ସାଇକିଆଟ୍ରି ଏବଂ ମସ୍ତିଷ୍କ କାର୍ଯ୍ୟକାରିତା ଯଥା ମାଇଗ୍ରେନ, ମଲ୍ଟିପ୍‌ଲ ସ୍କେରୋସିସ୍, ଫାଇବ୍ରୋମାୟାଲ୍‌ଜିଆ ଏବଂ ରୁମାଟଏଡ୍ ଆର୍ଥାଇଟିସ୍ ପୀଡିତ ପ୍ରତ୍ୟେକ ଗ୍ରୁପଙ୍କ ଉପରେ ୬ଟି କ୍ଲିନିକାଲ୍ ଟ୍ରାଏଲରୁ ଶୁଦ୍ଧ ଶାକାହାରର ସାମାନ୍ୟରୁ ମଧ୍ୟମ ସକାରାତ୍ମକ ପ୍ରଭାବ ରହିଥିବା ଉକ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ଖାଦ୍ୟ ଓଜନ ହ୍ରାସ କରୁଥିବା ରିପୋର୍ଟରେ ଦର୍ଶାଯାଇଥିଲା। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି,ଉଦ୍ଭିଜ ଖାଦ୍ୟ ଗ୍ରହଣକାରୀଙ୍କଠାରେ ଶାରୀରିକ ପ୍ରଦାହ ଯଥେଷ୍ଟ ହ୍ରାସ ହୋଇଥିଲା। ଉଦ୍ଭିଜ ଖାଦ୍ୟରେ ରହିଥିବା ପ୍ରଚୁର ପ୍ରଦାହ ବିରୋଧୀ ଉପାଦାନ କାରଣରୁ ଏହା ହୋଇଥାଏ। ପ୍ରଦାହ କମ୍ କରିବା ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ମେଦବହୁଳତା,କାର୍ଡିଓଭାସ୍କୁଲାର ଡିଜିଜ୍ ହେଉଥାଏ ଏବଂ ସ୍ମୃତିଶକ୍ତି ହ୍ରାସ ହେବାର ଅଧିକ ବିପଦ ରହିଥାଏ।

୨୦୦୯ରେ ଆମେରିକାନ ଜର୍ଣ୍ଣାଲ ଅଫ୍ କ୍ଲିନିକାଲ ନ୍ୟୁଟ୍ରିଶନରେ ଶୁଦ୍ଧ ଶାକାହାରର ପ୍ରଭାବ ସମ୍ପର୍କରେ ଟିମୋଥି କ୍ରାଇଗଙ୍କ ଗବେଷଣା ସମ୍ବନ୍ଧୀୟ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ଅଧିକ ରୋଗପ୍ରତିରୋଧକାରୀ ନ୍ୟୁଟ୍ରିଏଣ୍ଟ୍ସ ଓ ଫାଇଟୋକେମିକାଲ୍ସ(ଶସ୍ୟରେ ଥିବା ରୋଗ ପ୍ରତିରୋଧକ ରାସାୟନିକ ତତ୍ତ୍ୱ) ଶୁଦ୍ଧ ଶାକାହାରରୁ ଶରୀରକୁ ଅଧିକ ମିଳିଥାଏ। ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ)ର ଏକ ରିପୋର୍ଟରେ ପ୍ରକାଶ ପାଇଛି। ଅଧିକ ଫଳ ଓ ଉଦ୍ଭିଜ ଖାଦ୍ୟ ଖାଇବା ଦ୍ୱାରା କ୍ୟାନ୍‌ସର ସମ୍ବନ୍ଧୀୟ ବିପଦ ହ୍ରାସ ହୁଏ ବୋଲି ଏଥିରେ ଦର୍ଶାଯାଇଛି। କୁହାଯାଇଛି ଯେ,ହାର୍ଟ ଡିଜିଜ୍ ଏବଂ ଓଷ୍ଟିଓପୋରୋସିସ୍ ସମସ୍ୟାର ସମ୍ଭାବ୍ୟ ବିପଦ କମିଯାଏ ବୋଲି। ଆଡ୍‌ଭେଣ୍ଟିଷ୍ଟ ହେଲ୍‌ଥ ଷ୍ଟଡ଼ିରୁ ଜଣାପଡିଛି ଯେ, ଶାକାହାରୀଙ୍କ ତୁଳନାରେ ମାଂସାହାରୀମାନଙ୍କୁ କୋଲୋରେକ୍ଟାଲ ଏବଂ ପ୍ରୋଷ୍ଟେଟ କ୍ୟାନ୍‌ସର ହେବାର ଅଧିକ ବିପଦ ରହିଥାଏ। ଏକ ଶାକାହାରୀ ଖାଦ୍ୟରେ ଥିବା ତତ୍ତ୍ୱ ଶରୀରକୁ ବିଭିନ୍ନ ପ୍ରକାର କ୍ୟାନ୍‌ସରରୁ ରକ୍ଷା କରିଥାଏ। ମେଦ ବହୁଳତା କ୍ୟାନ୍‌ସର ବୃଦ୍ଧି କରିବାର ଅନ୍ୟ ଏକ ପ୍ରମୁଖ କାରଣ। ମାଂସାହାରୀଙ୍କ ଠାରୁ ଶୁଦ୍ଧ ଶାକାହାରୀମାନଙ୍କର ବିଏମ୍‌ଆଇ କମ୍ ରହେ ଓ ଏହା କ୍ୟାନ୍‌ସର ବିପଦ କମ୍ କରିଥାଏ। ଫୁସ୍‌ଫୁସ୍,ମୁଖ,ଖାଦ୍ୟନଳୀ ଓ ପାକସ୍ଥଳୀ କ୍ୟାନ୍‌ସର ପ୍ରତିରୋଧୀ ଭାବେ ଫଳ ଓ ପରିବାକୁ ଦର୍ଶାଯାଇଛି। ନିୟମିତ ଡାଲି ଖାଇଲେ ତାହା ପାକସ୍ଥଳୀ ଓ ପ୍ରୋଷ୍ଟେଟ କ୍ୟାନ୍‌ସରର ଏକ ମୁଖ୍ୟ ପ୍ରତିରୋଧୀ ତତ୍ତ୍ୱ ଶରୀରକୁ ଯୋଗାଇଥାଏ। ଏହା ସହ ଫାଇବର, ଭିଟାମିନ ସି',କ୍ୟାରୋଟିନଏଡ, ଫ୍ଲାଭୋନଏଡ ଏବଂ ଅନ୍ୟ ଫାଇଟୋକେମିକାଲ୍ସ ରହିଥିବା ଖାଦ୍ୟଗୁଡ଼ିକ ମଧ୍ୟ କ୍ୟାନ୍‌ସର ରକ୍ଷାକାରୀ ଗୁଣରେ ଭରପୂର। ଫ୍ଲାକ ପାକସ୍ଥଳୀ କ୍ୟାନ୍‌ସର ଏବଂ ଉପଯୁକ୍ତ କୋଲୋରେକ୍ଟାଲ କ୍ୟାନ୍‌ସର ବିରୋଧୀ ତତ୍ତ୍ୱ ଶରୀରକୁ ଯୋଗାଇଦିଏ। ଟମାଟୋରେ ଥିବା ଲିକୋପିନ୍ ମଧ୍ୟ ପ୍ରୋଷ୍ଟେଟ କ୍ୟାନ୍‌ସରରୁ ରକ୍ଷା କରେ। ଗବେଷଣାତ୍ମକ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ଡାଲିଜାତୀୟ ଖାଦ୍ୟ ଖାଇଲେ ପ୍ରୋଷ୍ଟେଟ କ୍ୟାନ୍‌ସର ବିପଦ କମିଯାଏ। ପିଲାବେଳେ ସୋୟାରୁ ପ୍ରସ୍ତୁତ ଖାଦ୍ୟ ଖାଇଲେ ସେଥିରେ ଥିବା ଇସୋଫ୍ଲାବୋନ ତତ୍ତ୍ୱ ସେମାନଙ୍କୁ ପରବର୍ତ୍ତୀ ସମୟରେ ବ୍ରେଷ୍ଟ କ୍ୟାନ୍‌ସରରୁ ରକ୍ଷା କରିଥାଏ। ସେହିପରି ପିଲାଦିନେ ଦୁଗ୍ଧଜାତୀୟ ଖାଦ୍ୟ ଖାଉଥିବା ଲୋକମାନଙ୍କୁ ବୟସବେଳେ କୋଲୋରେକ୍ଟାଲ କ୍ୟାନ୍‌ସର ହେବାର ଆଶଙ୍କା ବହୁତ କମ୍ ରହିଥାଏ। ଶାକାହାରୀମାନେ ସୋୟା ମିଲ୍କ ଖାଇବା ଯୋଗୁ ତାହା ପ୍ରୋଷ୍ଟେଟ୍ କ୍ୟାନ୍‌ସର ପ୍ରତିରୋଧୀ ଭାବେ କାର୍ଯ୍ୟ କରେ ବୋଲି ଆଡଭେଣ୍ଟିଷ୍ଟ ହେଲ୍‌ଥ ଷ୍ଟଡ଼ିରୁ ଜଣାପଡ଼ିଛି।

ସୁସ୍ଥ ଅସ୍ଥି ଲାଗି ଲୋଡା ପ୍ରୋଟିନ ଓ କ୍ୟାଲସିୟମ୍, ଭିଟାମିନ୍ ଡି',ଭିଟାମିନ୍ କେ', ପଟାସିୟମ୍ ଏବଂ ମ୍ୟାଗ୍ନେସିୟମ୍। ଏଗୁଡ଼ିକ ସୋୟା, ବିଭିନ୍ନ ପ୍ରକାର ଫଳ ଓ ପରିବାରୁ ଶରୀରକୁ ମିଳିଥାଏ। ଶୁଦ୍ଧ ଶାକାହାର ଶରୀରକୁ ଏହିସବୁ ତତ୍ତ୍ୱ ଯୋଗାଇ ଦେଇଥାଏ। ମଧ୍ୟବୟସ୍କ ମହିଳାମାନେ ଭିଟାମିନ କେ' ଓ ସବୁଜ ପତ୍ର ଜାତୀୟ ପରିବା ଅଧିକ ଖାଇବା ଯୋଗୁ ସେମାନଙ୍କର ଅଣ୍ଟା ଭାଙ୍ଗିଯିବାର ବିପଦ ୪୫% କମ୍ ରହେ ବୋଲି ନର୍ସେସ୍ ହେଲ୍‌ଥ ଷ୍ଟଡ଼ିରୁ ଜଣାପଡ଼ିଛି। ସବୁଜ ପତ୍ର ଜାତୀୟ ପରିବା ଖୁବ୍ କମ୍ ଖାଉଥିବା ବରିଷ୍ଠ ପୁରୁଷ ଓ ମହିଳାଙ୍କ ତୁଳନାରେ ଏହି ଖାଦ୍ୟ ଅଧିକ ଗ୍ରହଣ କରୁଥିବା ଏହି ବୟସର ବ୍ୟକ୍ତିମାନଙ୍କଠାରେ ଅଣ୍ଟା ଭାଙ୍ଗିଯିବାର ବିପଦ ୬୫% କମ୍ ରହିଥିବା ଫ୍ରାମିଙ୍ଗହାମ ହାର୍ଟ ଷ୍ଟଡ଼ିରୁ ସ୍ପଷ୍ଟ ହୋଇଛି।

ଫଳ ଓ ପରିବାରେ ଥିବା ଫାଇଟୋକେମିକାଲ୍ସ ଓ ଭିଟାମିନ ସି' ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ତେବେ ନିର୍ଦ୍ଦିଷ୍ଟ ପ୍ରକାର କ୍ୟାନ୍‌ସରରୁ ରକ୍ଷା କରିଥାନ୍ତି। ଅନେକଗୁଡ଼ିଏ ଅନୁଧ୍ୟାନର ଶେଷ ସିଦ୍ଧାନ୍ତ ଯେ,ଉଦ୍ଭିଜ ଖାଦ୍ୟର ହୃଦ୍‌ରୋଗ, କ୍ୟାନ୍‌ସର,ଅତ୍ୟଧିକ ଓଜନ, ଶାରୀରିକ ଗଠନ, ଶର୍କରା ଶହନଶୀଳତା, ହଜମ ଏବଂ ମାନସିକ ସ୍ୱାସ୍ଥ୍ୟ ଜନିତ ସମସ୍ୟାଗୁଡ଼ିକ ଉପରେ ସକାରାତ୍ମକ ପ୍ରଭାବ ରହିଛି। ତେବେ ଶୁଦ୍ଧ ଶାକାହାର ହୋଇ ତୁମ ପାଖରେ ଥିବା ଏକ ମୂଲ୍ୟବାନ ଶରୀରର ଯତ୍ନ ନେବ କାହିଁକି।

Email: gandhim@nic.in

# କୁହାବୋଲା ସାହିତ୍ୟ

ଧ୍ରୁବ ଚରଣ ଘିବେଲା

ସମୟ ସ୍ରୋତରେ ସବୁକିଛି ବଦଳିଲା ଭଳି ସାହିତ୍ୟର ଗତି,ପ୍ରକୃତି,ଧାରା ବିଚାରବୋଧ ବି ବଦଳି ଯାଉଥିବାର ଖାସ୍ ଅନୁଭବ ହେଉଛି। ଆଜିର ଦିନରେ ଅନେକାନେକ ତ ସାହିତ୍ୟ ଲେଖୁଛନ୍ତି। ଏହା ଭଲ କଥା ନିଶ୍ଚୟ। ହେଲେ ଏବେ କୁହାବୋଲା କରି ଲେଖା ଛପାଇବାଠୁ ଆରମ୍ଭକରି ପୁରସ୍କାର ସଂଗ୍ରହ ପର୍ଯ୍ୟନ୍ତ କୁହା ମୁହାଁ ତରିକା ଆପଣାଉଛନ୍ତି ସାହିତ୍ୟ କ୍ଷେତ୍ରକୁ ପ୍ରବେଶ କରୁଥିବା ଚାଲାକ୍ ବନ୍ଧୁମାନେ। ଏହା ବିଶେଷକରି ପତ୍ରିକାଟିଏ ହୁଏ ସହଯୋଗ ଭିତ୍ତିରେ ଲେଖା ଛପାଇବା କାର୍ଯ୍ୟଧାରାରେ। ପୁଣି ପୁରସ୍କାର ପାଇଁ ଅଧିକ ସହଯୋଗ ରାଶି ଦିଆଗଲେ କେଉଁଠୁ କେଉଁଠୁ ପୁରସ୍କାର ହାତେଇ ହୁଏ। ସ୍ୱାଭିମାନୀ ଯାହା ସେଇ ଦୁଇ କାର୍ଯ୍ୟରୁ ବିରତ ରହିଥାନ୍ତି। ନିଜକୁ ଦୂରେଇ ରଖନ୍ତି। ସହଯୋଗ ରାଶି ନଦେଇ ଲେଖା ଛପାଇବା ଓ ପୁରସ୍କାର ପାଇବା ଆଦୌ ଠିକ୍ କଥା ନୁହେଁ କିନ୍ତୁ ଏ ଧାରାରେ ଅନେକାନେକ ରହୁଥିବାର ମନେ ହୁଅନ୍ତି।

ସହଯୋଗ ରାଶି ଦେଇ ମଞ୍ଚ ଚଢ଼ିବାର ସୁଯୋଗ ସୃଷ୍ଟି ମଧ୍ୟ କରାଯାଏ। ମୁଖ୍ୟ ଅତିଥି ପାଇଁ ଡୋନେସନ୍ ସବୁଠୁ ବଡ଼ା ପ୍ରତିବନ୍ଧ। ମଞ୍ଚ ଚଢ଼ିବା ପଛର ପ୍ରଚ୍ଛନ୍ନ ଆକାଂକ୍ଷା ଥାଏ ମଞ୍ଚ ଉପରୁ ନିଜକୁ ବିଜ୍ଞାପିତ କରିବା। ପୁଣି ସାହିତ୍ୟରେ ସମ୍ମାନ ନିଆରା, ଏଇ ଭାବନା ରଖି ବୋଧେ ଅନେକାନେକ ଆଜିର ଦିନରେ ସାହିତ୍ୟ ମଞ୍ଚମୁହାଁ ରହିବାକୁ ମନସ୍ଥ କରୁଛନ୍ତି। ଅନ୍ୟ ମଞ୍ଚ ଅପେକ୍ଷା ସାହିତ୍ୟ ମଞ୍ଚ ଚଢ଼ିବାରେ ବିଶେଷ ଅସୁବିଧା ରହି ନ ଥାଏ କେବଳ ଦେବା ଦକ୍ଷତା ଥିଲେ। ଯେଉଁମାନଙ୍କର ଦେବା ଦକ୍ଷତା ଥାଏ, ସେମାନେ ରାଜ୍ୟରୁ ଆରମ୍ଭ କରି ଜାତୀୟ ଜିଲ୍ଲା ଘୁରିବୁଲି ସାହିତ୍ୟ ମଞ୍ଚ ଚଢ଼ିବା ପାଇଁ ଏବଂ ସାହିତ୍ୟ ମଞ୍ଚ ଚଢ଼ି ସାହିତ୍ୟିକ ମଧ୍ୟ ବୋଲାଇ ହୁଅନ୍ତି। ଖାସ୍ ସାହିତ୍ୟ ମଞ୍ଚ ଚଢ଼ିବା ଅଭ୍ୟାସ ଜାରି ରଖି ସାମାନ୍ୟ ସାହିତ୍ୟ ଗୁରୁରୁ ବିରାଟ ସାହିତ୍ୟିକ ବୋଲାଇବାର ସୌଭାଗ୍ୟ ସାଉଁଟନ୍ତି। ନିଜେ ଯେଉଁଠି ଯେଉଁଠି ସାହିତ୍ୟ ମଞ୍ଚ ଚଢ଼ିଥାନ୍ତି, ନିଜ ସ୍ଥାନରେ ସାହିତ୍ୟ ସଭା କରାଇ ବିଭିନ୍ନ ସ୍ଥାନର ଲେଖକଙ୍କୁ ନିଜ ମଞ୍ଚରେ ବସାଇବାର ସୁଯୋଗ ଦିଅନ୍ତି। "ମୋତେ ଡାକ, ତୁମକୁ ଡାକିବି" ଧାରା ଚାଲିଛି ଆଜି ଆମ ରାଜ୍ୟର କିଛି ଅନୁଷ୍ଠାନ ଭିତରେ।

ଅଳ୍ପ ଦିନରେ ପ୍ରତିଷ୍ଠିତ ହେବା ଚିନ୍ତାଧାରା ପ୍ରତିଷ୍ଠାକାମୀଙ୍କୁ ବାଟବଣା କରିଥାଏ। ଜିଦ୍ ବାଟର ବାଟୋଇ କରାଏ। "ତୁ ତ ମୁହାଣ, ମୁଁ ତ ମୁହାଣ" ନ୍ୟାୟରେ ଭୁଲ ଟ୍ରାକ୍‌ରେ ଯାଇ ଭଲ ଟ୍ରାକ୍ ଧରିଥିବାର ଦୁର୍ବଳ ବିଚାର ରଖନ୍ତି। ଅଥଚ ସବଳ ମନେ କରନ୍ତି। ସବଳ ଥିବାର ଭଣେଇ ହୁଅନ୍ତି। କୁହାବୋଲାରେ ସାହିତ୍ୟ ମଞ୍ଚ ଚଢ଼ିବା ଭଳି କୁହାବୋଲା ସାହିତ୍ୟ ଚାଷରେ ମାତିଥାନ୍ତି "ମନ୍ଦ କବି ଯଶ ପ୍ରାର୍ଥୀମାନେ"। ଦେଇ ଲେଖା ଛପାନ୍ତି। ସହଯୋଗ କଥା ଉଠିଥାଏ ଏଠି ସେଠି ପ୍ରକାଶ ପାଉଥିବା ଅଧିକାଂଶ ସାହିତ୍ୟ ପତ୍ରିକା ଛପାଇବା ପାଇଁ। ଅନ୍ୟପକ୍ଷରେ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥା "ନିଏ ନାହିଁ ଅଥଚ ଦେଉଥାଏ" ଆର୍ଥିକ ପ୍ରୋତ୍ସାହନ ରାଶି ତା' ଲେଖକଙ୍କୁ। ପ୍ରତିଷ୍ଠିତ ସଂସ୍ଥା 'କୁହାବୋଲା ସାହିତ୍ୟ'କୁ ପ୍ରୋତ୍ସାହିତ କରି ନଥାନ୍ତି। ଦୁର୍ବଳ ସଂସ୍ଥାମାନେ ଯାହା କୁହାବୋଲା ଧାରା ଧରିଥାନ୍ତି। କୁହାବୋଲା ସାହିତ୍ୟ ନିମ୍ନମାନର ସାହିତ୍ୟ ହେବ ନିଶ୍ଚୟ। କୁହାବୋଲା କରି ଲେଖା ଛପାଇବା ସେସବୁମାନଙ୍କ କାମକୁ କେ ପରିପୁଷ୍ଟ କରେ। ଅସଲକୁ ସ୍ୱାଭିମାନୀ ସାହିତ୍ୟିକ କେବେ ବି ତୋଷାମଦକାରୀ ହୋଇ ନ ପାରନ୍ତି। କୁହାବୋଲା ସାହିତ୍ୟ ଯଥାର୍ଥରେ ଥାଏ ଦୁର୍ବଳ ସାହିତ୍ୟ। କୁହାବୋଲା ଧାରାର ସାହିତ୍ୟିକ ବି ଦୁର୍ବଳ ଥାନ୍ତି। ସବଳ ସାହିତ୍ୟିକ (ପ୍ରତିଷ୍ଠିତ)ଙ୍କ ଲେଖା ଦୁର୍ବଳ ନ ଥାଏ। ପୁରସ୍କାର ପ୍ରସଙ୍ଗ କଥା ବି ସେମିତି। କୁହାବୋଲାରେ ପୁରସ୍କାର ଯୋଗାଡ କରିବା ଏକ ବିଡମ୍ବନା ମାତ୍ର। ପୁରସ୍କାର ଯୋଗାଡ଼ିଆଙ୍କ ହାତରେ ଲେଖା ଥାଏ ପଚାଶଟି, ହେଲେ ପୁରସ୍କାର ହାତେଇ ଥିବେ ତେତ୍ରିଶ। ଯେଉଁଠି ଚୟନ ପ୍ରକ୍ରିୟା ଥାଏ ସ୍ୱଚ୍ଛ, ସେଇଠି ପୁରସ୍କାରର ଥାଏ ମହତ୍ତ୍ୱ। 'ଦିଅ, ନିଅ' ଧାରାର ପୁରସ୍କାର କି ମାନ ମହତ ଥାଏ ଯେ ! ମହତ୍ତ୍ୱ ରହି ନ ଥାଏ କିମ୍ବା ପୁରସ୍କାରରେ। ଦେବାତା କିଏ ଦେଖନ୍ତି କି? ପୁରସ୍କାର ହାତେଇବା ପର୍ବତ ସଭିଏ ଦେଖନ୍ତି ବିନା ସାଧନାରେ ପ୍ରାପ୍ତି, କମ୍ ସାଧନରେ ବହୁ ପ୍ରାପ୍ତି ( ମଞ୍ଚ ଚଢ଼ାଠୁ ଲେଖା ଛପା ଓ ପୁରସ୍କାର ପର୍ଯ୍ୟନ୍ତ) ଅଧିକ ଯାହା ଗାଧାରେ ପ୍ରକୃତରେ ଜିଜ୍ଞାସୁ ହୁଅନ୍ତି ପ୍ରକୃତ ନିରଳସ ସାଧକ। କିମ୍ବା ପ୍ରମାଣ ଓ ତଥ୍ୟ ଭିତ୍ତିରେ କୁହାବୋଲା ଧାରାର ବ୍ୟକ୍ତିମାନେ ଏଠି ସେଠି ଧସେଇ ପଶିବା ଦୁଃଖଦାୟକ। ସାହିତ୍ୟରେ କିନ୍ତୁ ଅସାଧୁ ସାହିତ୍ୟ ବେପାରୀଙ୍କ ଆବିର୍ଭାବ ନିନ୍ଦନୀୟ କଥା।

ବଉଦରାଜ, ବୌଦ୍ଧ, ମୋ-୯୪୩୭୭୪୭୪୬୬

# ଏଇ ଭାରତରେ

ବାହାରେ ଗଦା ହେଉଥିବା ଅଦରକାରୀ ଶଢ଼େଇ ଓ ପ୍ଲାଷ୍ଟିକ୍ ବୋତଲକୁ ଏକ ଉଦ୍ଭାବନ କାମରେ ଲଗାଇ ପାରିଛନ୍ତି ଭୋପାଳର ସାକ୍ଷୀ ଭରଦ୍ୱାଜ। ସେ ଏସବୁ ବର୍ଜ୍ୟବସ୍ତୁରେ ପ୍ରାୟ ୪୫୦ ପ୍ରକାରର ୪,୦୦୦ ଗଛ ଉଠାଇଛନ୍ତି। ୨୫ ବର୍ଷୀୟା ସାକ୍ଷୀ ତାଙ୍କ ଘରକୁ ଏକପ୍ରକାର ମିନି ଜଙ୍ଗଲରେ ପରିଣତ କରିଦେଇଛନ୍ତି। ଏହି ଗଛଗୁଡ଼ିକ ମଧ୍ୟରେ ରହିଛି ୧୫୦ ପ୍ରକାରର ବିଦେଶୀ ଗଛ। ସାକ୍ଷୀ ମାଇକ୍ରୋ ବାୟୋଲୋଜିରେ ଶିକ୍ଷା ଶେଷ କରି ୨୦୧୯ରୁ ମାନସରୋବର ଗ୍ଲୋବାଲ ୟୁନିଭର୍ସିଟିରେ କୃଷି ବିଭାଗର ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରୁଛନ୍ତି। ସେବେଠାରୁ ପିଲାମାନଙ୍କୁ ପଢ଼ାଇବା ସହ ବିଭିନ୍ନ ପ୍ରକାର ଗଛ ସଂଗ୍ରହ କରିବା ଆରମ୍ଭ କରିଦେଇଥିଲେ। ଏପରିକି ବହୁ ଗଛର କଲମି କରି ତାହାକୁ ଶଢ଼େଇରେ ଲଗାଇଛନ୍ତି। ପ୍ଲାଷ୍ଟିକ୍ ବୋତଲ ଓ ଶଢ଼େଇରେ ଗଛ ଲଗାଇ ସେଗୁଡ଼ିକୁ ତାରରେ ବାନ୍ଧି କଣ୍ଟା ସାହାଯ୍ୟରେ ଘର କାନ୍ଥରେ ଝୁଲାଇ ଏକ ପ୍ରକାର ଭର୍ଟିକାଲ ଗାର୍ଡେନ କରିଛନ୍ତି। ଏଥିରେ କେବଳ ଜୈବିକ ଖତ ଓ କିଚେନ୍‌ରୁ ପ୍ରସ୍ତୁତ ଖତ ହିଁ ବ୍ୟବହାର କରୁଛନ୍ତି। ନିଆରା ପ୍ରଜାତିର ବିଦେଶୀ ଗଛ ଚାରା କରି ତାହାକୁ ଲୋକମାନଙ୍କୁ ଯୋଗାଇ ଦେବାର ଲକ୍ଷ୍ୟ ରଖିଛନ୍ତି ସାକ୍ଷୀ।

# ୨୫ ବର୍ଷ ତଳର ଧରିତ୍ରୀ

୧୪ ଜାନୁଆରୀ ୧୯୯୬

- ଭାରତ ଓ କାନାଡ଼ା ମଧ୍ୟରେ ୨.୯୪ ବିଲିୟନ ଡଲାର ମୂଲ୍ୟର ବ୍ୟବସାୟିକ ଚୁକ୍ତି ସ୍ୱାକ୍ଷରିତ।
- ବିଶିଷ୍ଟ ଶିଳ୍ପପତି ତଥା ଏଲ୍‌ଏମ୍‌ଏଲ୍ ପୂର୍ବତନ ଅଧ୍ୟକ୍ଷ ଲାଲା ସୋହନଲାଲ୍ ସିଂଘାଣିଆଙ୍କ ୯୦ ବର୍ଷ ବୟସରେ ପରଲୋକ।
- ଅସୁସ୍ଥ ଥିବା ଦର୍ଶାଇ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ଇଣ୍ଡିଆନ୍ ଏୟାରଲାଇନ୍ସର ୯ ଜଣ ପାଇଲଟ୍‌ଙ୍କ ମଧ୍ୟରୁ ୫ ପାଇଲଟ୍ କାର୍ଯ୍ୟରୁ ନିଲମ୍ବିତ।

# sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | |
|---|---|---|---|---|---|---|---|---|---|---|---|
| | B | A | | | | 6 | | | | | 9 |
| | | | 3 | | | C | | | E | | 2 |
| 8 | A | C | | | | | 3 | | | 5 | |
| 0 | 6 | | 7 | 2 | | D | 5 | | C | | 1 |
| D | | | | | A | 3 | 0 | | 9 | | 6 |
| | E | 6 | | 5 | | | 1 | | | | 4 |
| | | 0 | | | | | 7 | D | | | C |
| | | | 0 | B | 6 | | 2 | 5 | 4 | | D |
| 4 | C | | | 9 | | E | D | | 7 | 6 | 3 |
| 9 | D | | E | | | | C | | 0 | | 2 |
| | | 8 | | 7 | | | E | | | A | |
| 3 | | 5 | | | | E | | 7 | | | 6 |
| 1 | | | E | | 4 | | 8 | | | 9 | |
| 0 | | | 9 | | | 2 | | | B | | |
| | | 6 | 4 | C | | 2 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ F ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| 9 | 6 | 8 | D | 7 | E | A | 4 | 2 | 5 | 3 | 1 | C | 0 | B | |
| 3 | 0 | C | 9 | 8 | B | 1 | E | 7 | 4 | D | 2 | A | 6 | 5 | |
| E | B | 4 | 0 | 1 | 2 | 3 | 9 | 5 | A | C | 6 | 7 | D | 8 | |
| 5 | A | 1 | 3 | 6 | 4 | C | D | B | 0 | 8 | 7 | 2 | E | 9 | |
| 7 | 2 | D | A | C | 5 | 6 | 8 | 0 | B | E | 9 | 4 | 1 | 3 | |
| 2 | 5 | 0 | 1 | D | 7 | 8 | 6 | 3 | C | 4 | E | B | 9 | A | |
| A | D | 9 | B | 5 | C | 2 | 7 | E | 3 | 0 | 8 | 1 | 4 | 6 | |
| 1 | E | 7 | 6 | 0 | 9 | B | A | 4 | 2 | 5 | D | 3 | 8 | C | |
| 4 | C | 3 | 8 | E | A | D | 5 | 1 | 9 | 6 | B | 0 | 2 | 7 | |
| B | 8 | 6 | 4 | 2 | 3 | 0 | C | 9 | 7 | 1 | A | E | 5 | D | |
| 0 | 7 | 2 | C | 4 | 6 | 5 | 1 | A | D | 9 | 3 | 8 | B | E | |
| D | 9 | 5 | 2 | A | 1 | E | 3 | C | 8 | B | 4 | 6 | 7 | 0 | |
| 6 | 3 | E | 5 | B | 8 | 7 | 0 | D | 1 | 2 | C | 9 | A | 4 | |
| C | 1 | A | E | 9 | 0 | 4 | B | 8 | 6 | 7 | 0 | 5 | 3 | 2 | |
| 8 | 4 | B | 7 | 3 | 0 | 9 | 2 | 6 | E | A | 5 | D | C | 1 | |

ଗତକାଲିର ଉତ୍ତର

# ଓଡ଼ିଆ ଜୀବନଚିତ୍ରର ଛିନ୍ନ ଚୌପଦୀ

ଡ. ପ୍ରଫୁଲ୍ଲ କୁମାର ସାହୁ

ଊନବିଂଶ ଶତାବ୍ଦୀର ମଧ୍ୟଭାଗ ଥିଲା ସର୍ବହିତ ଓଡ଼ିଆ ଜାତି ପାଇଁ ଏକ ସନ୍ଧିଗ୍ଧ କାଳଖଣ୍ଡ। ଏକ ବିପର୍ଯ୍ୟସ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ଓଡ଼ିଶା। ସାହେବମାନଙ୍କ ହୁକୁମ୍ ଓ ବଙ୍ଗାଳୀମାନଙ୍କ ତାଚ୍ଛଲ୍ୟ ମଝିରେ ବନ୍ଧା ପଡ଼ିଥିଲା ସ୍ୱାଭିମାନୀ ଓଡ଼ିଆ ଜାତିର ଭାଗ୍ୟ। ଠିକ୍ ଏତିକିବେଳେ ଦାଉ ସାଧିଲା ଦାରୁଣ ପ୍ରକୃତି। ଓଡ଼ିଆ ଜାତିର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଲା ନ'ଅଙ୍କ ଦୁର୍ଭିକ୍ଷ। ବିପର୍ଯ୍ୟସ୍ତ ହୋଇଗଲା ଓଡ଼ିଆଙ୍କ ଭାଷା, ସାହିତ୍ୟ, ସଂସ୍କୃତି, ସାମାଜିକ ଚଳଣି ଓ ରାଜନୈତିକ ଦୃଶ୍ୟପଟ। ଜାତିର ଏହି ବିପର୍ଯ୍ୟୟ ବେଳେ ପଡ଼ୋଶୀ ବଙ୍ଗାଳୀଙ୍କ ଚକ୍ରାନ୍ତ ଆରମ୍ଭ ହେଲା ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ବିଲୋପ କରିଦେବାର ହୀନ ଚକ୍ରାନ୍ତ। ସୌଭାଗ୍ୟବଶତଃ ଏହି କରୁଣ କାଳଖଣ୍ଡରେ କଡ଼ ଲେଉଟେଇଲା ମହାକାଳ। ଗୋଟାଏ କଙ୍କାଳସାର ଜାତି ଦେହରେ ପ୍ରାଣ ସଞ୍ଚାର କରିବା ପାଇଁ ଆଗେଇ ଆସିଲେ ଅନେକ ଯୋଗଜନ୍ମା ଅମୃତ ସନ୍ତାନ। ପ୍ରତିବେଶୀଙ୍କ ଭାଷା ବିଲୋପ ଚକ୍ରାନ୍ତକୁ ପ୍ରତିହତ କରିବା ପାଇଁ ଜାତିପ୍ରାଣ ମାନେ ଏକାଠି ହୋଇ ଲଢ଼ିଲେ। ସେ ବୌଦ୍ଧିକ ଲଢ଼େଇର କର୍ଣ୍ଣଧାର ଥିଲେ ବ୍ୟାସକବି ଫକୀରମୋହନ ସେନାପତି। ତାଙ୍କ ସେହି କଲମ ଚାଳନା ଫଳରେ ଓଡ଼ିଶାର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଇତିହାସର ପୃଷ୍ଠଭୂମି ଉପରେ ଠିଆହେଲା ସେନାପତି ସାହିତ୍ୟ। ଓଡ଼ିଆ ଭାଷା ଅସ୍ମିତାର ରଙ୍ଗମଞ୍ଚରେ ଜଳି ଜଳି ଆମ୍ରପ୍ରକାଶ କଲା ବାସ୍ତବବାଦ ଆଧାରିତ ପ୍ରଥମ କ୍ଲାସିକ୍ ଆଧୁନିକ ଓଡ଼ିଆ ଉପନ୍ୟାସ 'ଛମାଣ ଆଠଗୁଣ୍ଠ'। ଶୋଷଣ କଷଣର ଏକ ଜୀବନ୍ତ ଇତିହାସ। ଓଡ଼ିଆ ଚଷାର ସ୍ୱପ୍ନପତନ କାହାଣୀ ତଥା ଗୋଟିଏ ଜାତିର ଫୁଲ୍ଲରା ଫର୍ଦ୍ଦ।

ସେହି କାଳଜୟୀ କୃତିର କାହାଣୀ ଚୁମ୍ବକରେ ଏହିପରି। ବ୍ରିଟିଶ ଶାସନାଧୀନ ଉପକୂଳ ଓଡ଼ିଶାର ଗୋବିନ୍ଦପୁର ଗାଆଁର ଜମିଦାର ରାମଚନ୍ଦ୍ର ମଙ୍ଗରାଜ। ଜମିଦାରର ଲୋଲୁପ ଦୃଷ୍ଟି ପଡ଼ିଛି ସେହି ଗାଆଁର ଅପୁତ୍ରିକ ତନ୍ତୀ ଦମ୍ପତି ଭଗିଆ ଓ ସାରିଆର ଛମାଣ ଆଠଗୁଣ୍ଠ ଜମି ଓ ଧୂଆଁଳୀ ଗାଈ (ନେତ) ଉପରେ। ଏସବୁକୁ ହଡ଼ପ କରିବା ଉଦ୍ଦେଶ୍ୟରେ ଜମିଦାର ପକ୍ଷରୁ ଆରମ୍ଭ ହୋଇଛି ଚକ୍ରାନ୍ତ। ଏଥିରେ ପୂର୍ଣ୍ଣ ସହଯୋଗ କରିଛନ୍ତି ଚାକରାଣୀ ଚମ୍ପା, ଗୋବରା ଜେନା ଓ ଅନ୍ୟମାନେ। ସାରିଆର ସରଳ ବିଶ୍ୱାସର ସୁଯୋଗ ନେଇ ମଙ୍ଗରାଜ ହାସଲ କରିଛି ଜମି ଓ ଗାଈର ମାଲିକାନା। ନିଜର ଭାତ ଥାଳି ପରି ଜମି ଛମାଣ ଆଠଗୁଣ୍ଠ ଚକ ହରାଇବା ଫଳରେ ପାଗଳ ହୋଇଯାଇଛି ଭଗିଆ। ଦୁଃଖ, ଅନୁଶୋଚନା ଓ ଅନାହାରରେ ପଡ଼ି ପଡ଼ି ମୃତ୍ୟୁବରଣ କରିଛି ତା'ର ପତ୍ନୀ ସାରିଆ। ସାରିଆର ମୃତ୍ୟୁ ପାଇଁ ମଙ୍ଗରାଜଙ୍କ ନାମରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ଏବଂ ତା'ର ବିଚାର ଚାଲିଛି କଟକ ସେସନ ଜଜ୍ କୋର୍ଟରେ। ଅପମୃତ୍ୟୁ ମାମଲା ପ୍ରମାଣ ହୋଇପାରିନି ସତ, କିନ୍ତୁ ଗାଈଚୋରି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲଦଣ୍ଡ ଭୋଗିଛି ମଙ୍ଗରାଜ। ଜେଲ୍ ଭିତରେ ଜଣେ ପାଗଳର (ଭଗିଆ) କାମୁଡ଼ାରେ ସଂକ୍ରମିତ ହୋଇ ସେ ମୃତ୍ୟୁବରଣ କରିଛି ଅତି ଦୟନୀୟ ଭାବରେ। ଅପରାଧ ଓ ଶାସ୍ତିର ବଳୟ ଭିତରେ ସୀମିତ ଏଇ ସରଳ କାହାଣୀକୁ ଉତ୍କଳୀୟ ସମାଜ ଜୀବନର ନଡ଼ିକୁ ସର୍ବଶ୍ରେଷ୍ଠ ଉପନ୍ୟାସ ତଥା ଓଡ଼ିଆ ଜାତିର ମହାପାଠ "ଛ' ମାଣ ଆଠଗୁଣ୍ଠ"। ଓଡ଼ିଆ ଗଦ୍ୟ ସାହିତ୍ୟର ଘୋର ଦାରିଦ୍ର୍ୟ କାଳରେ ଏଭଳି ଏକ ସାମାଜିକ ଅନ୍ତର୍ଦୃଷ୍ଟିସମ୍ପନ୍ନ ଉପନ୍ୟାସ ତତ୍କାଳୀନ ଭାରତୀୟ ସାହିତ୍ୟ କାହିଁକି ପାଶ୍ଚାତ୍ୟ ସାହିତ୍ୟରେ ବି ବିରଳ। ଜଣେ ସମାଜ ସଂସ୍କାରକ ଭାବେ ଫକୀରମୋହନ ଥିଲେ ପ୍ରଚଣ୍ଡ ଚିନ୍ତାଶକ୍ତିର ପ୍ରବକ୍ତା। ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ବଳରେ ଉତ୍କଳୀୟ ସମାଜ ଜୀବନର ନାଡ଼ିକୁ ସେ ଚିହ୍ନିଥିଲେ ଏବଂ ସେ ଅଭିଜ୍ଞତାରୁ ଜାଣିଥିଲେ ସମାଜର ସବୁଠାରୁ ବଡ଼ ବ୍ୟାଧି ହେଉଛି ଅଶିକ୍ଷା ଓ ଅନ୍ଧବିଶ୍ୱାସ। ମା' ନ ହେଲେ ନାରୀ ନର୍କରେ ପଡ଼େ। ଏହି ଅନ୍ଧବିଶ୍ୱାସ ଯୋଗୁ ମଙ୍ଗରାଜଙ୍କ ଚକ୍ରାନ୍ତର ଶିକାର ହୋଇ ସର୍ବସ୍ୱ ହରାଇଲେ ସାରିଆ ଓ ଭଗିଆ। ଫକୀରମୋହନ ଯେତିକି ସଂସ୍କାର ପ୍ରୟାସୀ ସେତିକି ସଂସ୍କୃତି ପ୍ରବଣ। ସେଥିପାଇଁ ସେ ଖୋଲିଦେଇଛନ୍ତି ରାମଚନ୍ଦ୍ର ମଙ୍ଗରାଜର ବଂଶ ପରମ୍ପରା। ରାମଚନ୍ଦ୍ର ମଙ୍ଗରାଜ କୌଣସି ଜମିଦାର ପରିବାରର ଦାୟାଦ ନ ଥିଲା କି ତା'ର ବୁନିୟାଦି ଖାନଦାନି ନ ଥିଲା, ବରଂ ସେ ସମାଜରେ ପ୍ରବେଶ କରିଥିଲା ଏକ ଛେଉଣ୍ଡ ପିଲା ଭାବରେ। ଶୁଦ୍ଧି ବି ହୋଇପାରି ନ ଥିଲା ନିଜର ବାପ ମଲାପରେ। ଅଥଚ ନିଜର ଖଳ ବୁଦ୍ଧି ବଳରେ ସମାଜର ଜମିଦାରଙ୍କୁ ବଡ଼ପଣ୍ଡାମାନଙ୍କୁ ପରାସ୍ତ କରି ସେ ହାତେଇ ନେଇପାରିଲା ଫତେପୁର ସରଖଣ୍ଡର ଜମିଦାରୀ। ଠିକ୍ ଯେମିତି ବ୍ରିଟିଶମାନଙ୍କୁ ତୋଷାମଦ କରି ବଙ୍ଗାଳୀମାନେ କଳିକତାର ନିଲାମ ଧରି ଓଡ଼ିଶାର ସମସ୍ତ ଜମିଦାରୀ କରଗତ କରିନେଇଥିଲେ ମାଟିଗୋଡ଼ି ମୂଲ୍ୟରେ। 'ଛମାଣ ଆଠଗୁଣ୍ଠ' ଉପନ୍ୟାସର ମୌଳିକ ବିଭବ ହେଉଛି ଆଖି ଦେଖା ମଣିଷ, ଅଧିକାଂଶ ଅନୁଭୂତି ଓ ପ୍ରାଣଛୁଆଁ ସୁଖ ଦୁଃଖ। ଯୁଗ ଯୁଗ ଧରି ସମାଜରେ ଯେଉଁମାନେ ଅଲୋଡ଼ା ହୋଇ ପଡ଼ିଥିଲେ ଫକୀରମୋହନ ସେମାନଙ୍କୁ ଏଠୁ ସେଠୁ ସାଉଁଟି ଉପନ୍ୟାସରେ ସ୍ଥାନ ଦେଲେ ଏବଂ ସେମାନଙ୍କୁ ଶିଖାଇଲେ କାଳଜୟୀ ସାହିତ୍ୟର କଳା। ଲୋକପ୍ରଚଳିତ ଭାଷାର ସୁନ୍ଦର ପ୍ରୟୋଗ ତଥା ଚତୁର ହାସ୍ୟରସ ପରିବେଷଣ ଯୋଗୁ ଫୁଟି ଉଠିଲା ଶୈଳ୍ପିକ ସୌନ୍ଦର୍ଯ୍ୟ। ଚରିତ୍ର ଚିତ୍ରଣ ଓ ଚତୁର ହାସ୍ୟରସ ପରିବେଷଣ ମଧ୍ୟରେ ଫକୀରମୋହନ ପ୍ରତିଟି ଚରିତ୍ରକୁ ଯେଉଁ ନ୍ୟାୟ ଦେଇଛନ୍ତି ତାହା ଅନନ୍ୟ। ବିଶେଷ କରି କାଳଜୟୀ ମନ୍ତ୍ରରେ ଦୀକ୍ଷିତ କରିବା ପାଇଁ ସେ ଖଳ ଚରିତ୍ରଗୁଡ଼ିକ ନିଃଶ୍ୱାସ ପ୍ରଶ୍ୱାସରେ ବି ଭରି ଦେଇଛନ୍ତି ବିଷାକ୍ତ ବାଷ୍ପ। ସେଥିପାଇଁ ମଙ୍ଗରାଜ ଓ ଚମ୍ପା ଭଳି ଖଳ ଚରିତ୍ରଙ୍କ ନିଃଶ୍ୱାସରେ ବିଷାକ୍ତ ବାଷ୍ପରୁ ନିସ୍ତାର ପାଇନି ସାରିଆ ଭଳିଆର ନିରୀହ ସାଧ୍ୱୀ। କଷ୍ଟଦ୍ୟୁତ ହୋଇଛି ସାଆନ୍ତାଣୀ ପରି ପତିବ୍ରତା ନାରୀର ପାରିବାରିକ ଭିତ୍ତି। ଦୁଃଖରେ ମ୍ରିୟମାଣ ହୋଇ ଅନାହାର ଓ ସନ୍ନିପାତରେ ପ୍ରାଣ ହରାଇଛନ୍ତି ଧର୍ମପ୍ରାଣ ସାଆନ୍ତାଣୀ।

ଓଡ଼ିଆ ସାହିତ୍ୟର ସର୍ବପ୍ରଥମ ସାମାଜିକ ବାସ୍ତବତାର ରୂପକାର ତଥା କଥାସମ୍ରାଟ ଫକୀରମୋହନ ଗୋଟିଏ ସ୍ରଷ୍ଟା ଜର୍ଜ୍ଜରିତ ଜାତିର ଆର୍ତ୍ତନାଦକୁ ଶୁଣିଥିଲେ ଏବଂ ପ୍ରତ୍ୟକ୍ଷ କରିଥିଲେ ଉଲଙ୍ଗ ବାସ୍ତବତା। ତାଙ୍କ ସୃଷ୍ଟିକୁ ଏଡ଼େଇ ପାରି ନ ଥିଲା ତତ୍କାଳୀନ ସମାଜର ଅସୁସ୍ଥ ଚିନ୍ତା ଓ ପରିବେଶ। ସେଥିପାଇଁ ତାଙ୍କ ବର୍ଣ୍ଣନାରେ ଅନ୍ତର୍ଭୁକ୍ତି ଅତିରିକ୍ତ ରୀତିପାଳିଲେ ପୋଖରୀ ତୁଠରେ ଆରମ୍ଭ ହୋଇଯାଏ ପରଚର୍ଚ୍ଚା, ପରନିନ୍ଦା ଓ ଚକ୍ରାନ୍ତ। ଗାଆଁରେ ନାନା ମତାନ୍ତର। ନିଜେ ଚୌକିଦାର ଚୋର। ଗାଆଁ ଜମିଦାର ଭଣ୍ଡ ଓ ପ୍ରତାରକ। ଏଠି ଶଠତା ପାଖରେ ନୈତିକତା ହାରିଯାଏ ସତ, କିନ୍ତୁ ଶେଷରେ ପାପାଚାରୀକୁ ଭୋଗିବାକୁ ପଡ଼େ କୁକର୍ମର ଫଳ। ବ୍ୟଙ୍ଗ ବିଦ୍ରୁପାତ୍ମକ ହାସ୍ୟ ସୃଷ୍ଟିରେ ଫକୀରମୋହନ ଏପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟରେ ଅଦ୍ୱିତୀୟ ସ୍ରଷ୍ଟା ଭାବରେ ପରିଚିତ। ସତ୍ୟକୁ ମୁଖବନ୍ଧ କରି ସମାଜ ଜୀବନର ଏଭଳି ନିଖୁଣ ଚିତ୍ର ଆଙ୍କିଥିବା ଫକୀରମୋହନଙ୍କର ବର୍ଣ୍ଣନା ଶୈଳୀ ଏତେ ଚିତ୍ତାକର୍ଷକ ଯେ ସେଥିରେ ବାରି ହୁଏନି ସତ୍ୟ ଓ କଳ୍ପନା ମଧ୍ୟରେ ଫରକ। କୁହାଯାଏ ଧର୍ମ ଟି ଛଦ୍ମ ନାମରେ ମାସିକ 'ଉତ୍କଳ ସାହିତ୍ୟ' ପତ୍ରିକାରେ ୧୮୯୭ ରୁ ୧୮୯୯ ପର୍ଯ୍ୟନ୍ତ ଛ'ମାଣ ଆଠଗୁଣ୍ଠ ଧାରାବାହିକ ଭାବରେ ପ୍ରକାଶ ଅବସରରେ ରାମଚନ୍ଦ୍ର ମଙ୍ଗରାଜଙ୍କୁ ନେଇ ଅଦାଲତ ରାୟ ଶୁଣେଇବେ ବୋଲି ଗୋଟିଏ ଅଧ୍ୟାୟରେ ପ୍ରକାଶ ପାଇବା ପରେ କାହିଁ କୁଆଡୁ ଲୋକେ ଜମା ହୋଇଯାଇଥିଲେ କଟକ କଲିକତା ହତାରେ। କ'ଣ ନା ଆଜି ମଙ୍ଗରାଜଙ୍କ ମାମଲାର ଫଇସଲା। ଫକୀରମୋହନଙ୍କ ଉପନ୍ୟାସକୁ ଲୋକେ କଳ୍ପନା ବୋଲି ନ ଭାବି କିପରି ସତ୍ୟ ବୋଲି ଆଦରି ନେଇଥିଲେ ଏହା ହିଁ ତା'ର ଏକ ପ୍ରମାଣ।

ଛ'ମାଣ ଆଠଗୁଣ୍ଠ ଓଡ଼ିଆ ଜୀବନ ଚିତ୍ରର ଏକ ଛିନ୍ନ ଚୌପଦୀ। ନିର୍ଦ୍ଦୟ ବାସ୍ତବତାର ନିଖୁଣ ଚିତ୍ର, ଯାହା ଭିତରେ ଅଛି ସଭ୍ୟତାକୁ ଜୀବନ୍ୟାସ ଦେବାର ଅପାର ଶକ୍ତି। ଇତିହାସରୁ ସମକାଳ ପର୍ଯ୍ୟନ୍ତ ସମ୍ପ୍ରସାରିତ ଏହି ମହାସର୍ଜନାର ସ୍ରୋତ ପାଇଁ କ୍ରାନ୍ତିଦ୍ରଷ୍ଟା ଫକୀରମୋହନ ବଞ୍ଚିରହିବେ କାଳ କାଳ ପାଇଁ।

ଅଧ୍ୟକ୍ଷ, ପୁଲମତୀ ହେମ୍ବମ ମହାବିଦ୍ୟାଳୟ, ପଢ଼ିଆବେଡ଼ା, ମୟୂରଭଞ୍ଜ
ମୋ-୯୪୩୮୮୧୪୫୦୮

# ଚିରନ୍ତନୀ

ଶୁଖାଇ ଦେଇ ନୟନ-ଜଳ
ମରମ ତଳେ ଜାଳି ଅନଳ
ଭୁଲିଛି ସବୁ ବେଦନା ସୁଖ
ଲୁହାରେ କିଳି ଛାତି
ନ ମାନି ଖରା ବରଷା ଦିନ ରାତି।

-(କୁନ୍ତ ପ୍ରସାଦ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଜୀବଜନ୍ତୁଙ୍କ ସୁରକ୍ଷା କରାଯାଉ

ମହାଶୟ,

ରାଜ୍ୟରେ ଛୋଟ ବଡ଼ ଚିଡ଼ିଆଖାନା ଓ ପଶୁପକ୍ଷୀ ସଂରକ୍ଷଣ ଉଦ୍ୟାନରେ ଥିବା ପ୍ରାଣୀମାନେ ଆମ ଦ୍ୱାରା ପାଳିତ। ଚିଡ଼ିଆଖାନାରେ ସେମାନଙ୍କ ରକ୍ଷଣାବେକ୍ଷଣରେ ଅବହେଳା କରିବା 'ବନ୍ୟଜୀବ ସଂରକ୍ଷଣ ଆଇନ' ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ରୂପେ ବିବେଚନା କରାଯାଇଛି। ଏବେ ଅସହ୍ୟ ଶୀତ ଅନୁଭୂତ ହେଉଛି। ସ୍ୱାର୍ଥୀ ମନୁଷ୍ୟ ଏଭ ଥଣ୍ଡା ଦାଉରୁ ନିଜକୁ ରକ୍ଷା ପାଇବା ପାଇଁ ବହୁ ପନ୍ଥା ଆପଣାଉଥିବା ବେଳେ ପଶୁପକ୍ଷୀଙ୍କ ଯତ୍ନନେବା କଥା ଭୁଲିଯାଉଛି। ଏହାଯୋଗୁ ପ୍ରାଣୀଙ୍କ ଅକାଳ ମୃତ୍ୟୁ ହେଉଛି। ପ୍ରବଳ ଶୀତ ପ୍ରକୋପରୁ ପ୍ରାଣୀଙ୍କୁ ରକ୍ଷା ନିମନ୍ତେ ଚିଡ଼ିଆଖାନାର ସୁରକ୍ଷିତ ସ୍ଥାନରେ 'ଉଷ୍ମ-ତାପମାତ୍ରା ଯୋଗାଉଥିବା ମେସିନ' ସ୍ଥାପନ କରିବାକୁ ଆଶୁକାର୍ଯ୍ୟ ପଦକ୍ଷେପ ଯଥାଶୀଘ୍ର ଗ୍ରହଣ କରିବା ଆବଶ୍ୟକ। ଜୀବେ ଦୟା ଦ୍ୱାରା ମୂଲ୍ୟବାନ୍ କୁହି ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ ଆମେ ସମସ୍ତେ ଯତ୍ନଶୀଳ ହେବା ଉଚିତ।

-ଅଶୋକ କୁମାର ଆଡ୍ୟ, ମରୀଚିକୋଟ ଗଳି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଗୁରୁବାର, ୧୪ ଜାନୁୟାରୀ, ୨୦୨୧

## ମହିଳାଙ୍କ କ୍ଷତାକ୍ତ ମୃତଦେହ ଜବତ

**ବାଲେଶ୍ୱର ଅଫିସ:** ବାଲେଶ୍ୱର ସଦର ଥାନା ନଗ୍ରମ କାଠପୋଲ ତଳୁ ବୁଧବାର ପୂର୍ବାହ୍ଣରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଗ୍ରାମର ଶିବାନୀ ନାୟକ। ତାଙ୍କୁ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ଭାଇ ଆଶିଷ କୁମାର ଗିରି ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ନଂ.୧୪/୨୧ରେ ମାମଲା ରୁଜୁ କରାଯାଇଥିବା ଏସ୍ଆଇ ସୁବ୍ରତ ବେହୁରା ସୂଚନା ଦେଇଛନ୍ତି। ଶିବାନୀ ଦୀର୍ଘ ୧୦ବର୍ଷ ହେଲା ସ୍ୱାମୀଙ୍କଠାରୁ ଅଲଗା ହୋଇ ବାପ ଘରେ ରହୁଥିଲେ। ସେ ଗାଁରେ ଦୋକାନ କରିଥିଲେ। ମଙ୍ଗଳବାର ରାତି ୧୦ଟା ପରେ ସେ ଘରୁ କେଉଁଆଡ଼େ ପଳାଇଯାଇଥିଲେ। ସକାଳୁ ତାଙ୍କ କ୍ଷତବିକ୍ଷତ ମୃତଦେହ ପୋଲ ତଳୁ ମିଳିଥିଲା। ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରାଯାଇଛି। ଏଥିରୁ ହତ୍ୟା କରି କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି।



## ସଂକ୍ଷେପରେ

### ଓଲଟିଲା କପା ବୋଝେଇ ଟ୍ରାକ୍ଟର: ୨ମୃତ

**ରାୟଗଡ଼ା ଅଫିସ,୧୩।୧:** ରାୟଗଡ଼ା ଜିଲା କଲ୍ୟାଣସିଂହପୁର ଥାନା ଅଧୀନ ତ୍ରିକାଳପାଡୁଠାରେ ମଙ୍ଗଳବାର ରାତିରେ ଏକ କପା ବୋଝେଇ ଟ୍ରାକ୍ଟର ଓଲଟି ୨ଜଣଙ୍କ ମୃତ୍ୟୁ ଘଟିଛି। ଦୁହେଁ ହେଲେ ଟ୍ରାକ୍ଟର ଚାଳକ ଶଶୀରାଓ ମିଣିଆକା ଏବଂ ଟ୍ରାକ୍ଟରରେ ବସିଥିବା ମହିଳା ଶ୍ରମିକ ସୁବର୍ଣ୍ଣ କର୍ଲିଆ। ସେହିପରି ଅନ୍ୟ ୨ ମହିଳା ଶ୍ରମିକ କେ. ପ୍ରସାଦୁ ଏବଂ କୁନି ତାଲୁଡୁ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, କପା ବୋଝେଇ ଟ୍ରାକ୍ଟରଟି ଜିଲାର ମାଝିଗୁଡ଼ାରୁ ବେଲକଣା ଯାଉଥିଲା। ଗାଡ଼ିରେ ଅତ୍ୟଧିକ କପା ବୋଝେଇ ହୋଇଥିବାରୁ ତାହା ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣାପଡ଼ିଛି। ଖବରପାଇ କଲ୍ୟାଣସିଂହପୁର ଥାନାଧିକାରୀ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଦୁଇ ମୃତକଙ୍କ ପରିଚୟ ମିଳିପାରିନାହିଁ। ଗୁରୁତର ଦୁଇ ଶ୍ରମିକଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ସମଲିଙ୍ଗୀ ବିବାହକୁ ପରିବାରର ବିରୋଧ

**କଳିଙ୍ଗନଗର,୧୩।୧(ଡି.ଏନ.ଏ.):** ସମଲିଙ୍ଗୀ ବିବାହକୁ ପରିବାର ସ୍ୱୀକୃତି ଦେଉନାହାନ୍ତି। ତେଣୁ ଆମ ଜୀବନ ପ୍ରତି ବିପଦ ରହିଛି। ଆମକୁ ପୋଲିସ ସୁରକ୍ଷା ଦେଉ ବୋଲି ସମଲିଙ୍ଗୀ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦୁଇ ଯୁବତୀ ଗୁହାରି କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଉଭୟଙ୍କ ମଧ୍ୟରେ ଗତ ୨ ବର୍ଷ ହେବ ସମ୍ପର୍କ ସୃଷ୍ଟି ହୋଇଥିଲା। ଗତ ୨ ତାରିଖରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏବେ ସେମାନେ ଦାନଗଦୀ ଫାଣ୍ଡି ଅନ୍ତର୍ଗତ ସୋଲେଇ ଗ୍ରାମରେ ରହୁଛନ୍ତି। ମାତ୍ର ଉଭୟଙ୍କ ପରିବାର ପକ୍ଷରୁ ସେମାନଙ୍କ ଜୀବନପ୍ରତି ବିପଦ ରହିଛି। ପରିବାର ଲୋକେ ସେମାନଙ୍କୁ ମାରିଦେବାକୁ ଚାହୁଁଥିବାରୁ ପୋଲିସ ଆମକୁ ସୁରକ୍ଷା ଯୋଗାଇ ଦେଉ ବୋଲି ଉଭୟ ଅନୁରୋଧ କରିଛନ୍ତି।

### ସିଟିଇଟି ଆଡ୍‌ମିଟ୍ କାର୍ଡ ଉପଲବ୍ଧ

**ଭୁବନେଶ୍ୱର,୧୩।୧(ବ୍ୟୁରୋ):** ଆସନ୍ତା ୩୧ ତାରିଖରେ ସେଣ୍ଟ୍ରାଲ ଟିଚର ଏଲିଜିବିଲିଟି ଟେଷ୍ଟ (ସିଟିଇଟି) ହେବ। ଏହି ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଥିବା ନେଇ ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ http://ctet.nic.in ୱେବ୍‌ସାଇଟ୍‌କୁ ଯାଇ ନିଜର ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ତେବେ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆପ୍ଲିକେଶନ ନମ୍ବର, ଡେଟ୍ ଅଫ୍ ବାର୍ଥ, ସିକ୍ୟୁରିଟି ପିନ୍ ଆବଶ୍ୟକ ପଡ଼ିବ। ପରୀକ୍ଷା ପୂର୍ବଦିନ ଆଲଟ୍ ହୋଇଥିବା ପରୀକ୍ଷା କେନ୍ଦ୍ରକୁ ଛାତ୍ରୀଛାତ୍ରମାନେ ଯାଇ ଦେଖିବା ପାଇଁ କୁହାଯାଇଛି। ଫଳରେ ସେମାନେ ପରୀକ୍ଷା କେନ୍ଦ୍ରର ଦୂରତା ଓ ଯାତାୟାତ ପାଇଁ କ'ଣ ବ୍ୟବସ୍ଥା ରହିଛି ତାହା ଜାଣିପାରିବେ।

# ସବୁ ପଞ୍ଚାୟତକୁ ହାଇସ୍ପିଡ୍ ଇଣ୍ଟରନେଟ୍

**ଭୁବନେଶ୍ୱର,୧୩।୧(ବ୍ୟୁରୋ)**

- ସରକାରୀ କାର୍ଯ୍ୟାଳୟ, ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କରେ ହେବ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ
- ପ୍ରଥମ ପର୍ଯ୍ୟାୟରେ ୧୮୧ ବ୍ଲକ, ୩୮୧୦ ପଞ୍ଚାୟତକୁ ସଂଯୋଗ
- ମେ ସୁଦ୍ଧା କାର୍ଯ୍ୟ ଶେଷ ଲକ୍ଷ୍ୟ

ପଞ୍ଚାୟତଗୁଡ଼ିକରେ ହାଇସ୍ପିଡ୍ ଇଣ୍ଟରନେଟ୍ ସଂଯୋଗ କରିବାକୁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ମେ ସୁଦ୍ଧା ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ଲକ୍ଷ୍ୟ ରଖାଯାଇଛି । ବୁଧବାର ଡିଜିଟାଲ ମୋଡ୍‌ରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଭାରତ ନେଟ୍ ପ୍ରକଳ୍ପର ରାଜ୍ୟସ୍ତରୀୟ ବୈଠକରେ ସମୀକ୍ଷା କରିଛନ୍ତି। ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସଂଯୋଗ ଏକ ମୌଳିକ ଆବଶ୍ୟକତା। ଏହା ଲୋକମାନଙ୍କୁ ସଶକ୍ତ କରିବା ସହ ଦକ୍ଷତା ବୃଦ୍ଧି ଦିଗରେ ସହାୟତା କରିବ। ଏଥିସହିତ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଇଣ୍ଟରନେଟ୍ ସଂଯୋଗ କରାଗଲେ ପଞ୍ଚାୟତଗୁଡ଼ିକୁ ମଧ୍ୟ ଭିଡିଓ କନ୍‌ଫରେନ୍ସରେ ସଂଯୋଗ କରାଯାଇ ପାରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, ମେଡିକାଲ, ବ୍ୟାଙ୍କ ଏବଂ ସାଧାରଣ ସେବା କେନ୍ଦ୍ରଗୁଡ଼ିକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି। ଟେଲିମେଡିସିନ ସେଣ୍ଟର ଏବଂ କୃଷି କିଓସ୍କୋଗୁଡ଼ିକୁ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ହେଲେ ଜନସାଧାରଣଙ୍କୁ ଲାଭଜନକ କୃଷି ବାଣିଜ୍ୟ, ଇ-ଲର୍ନିଂ ଏବଂ ସ୍ୱାସ୍ଥ୍ୟ ସେବା ମିଳିପାରିବ। ଆସନ୍ତା ମେ ସୁଦ୍ଧା ଏହାର କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେଶନ(ଇ ଆଣ୍ଡ ଆଇଟି) ସଚିବ ମନୋଜ କୁମାର ମିଶ୍ର କହିଛନ୍ତି, ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ପରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍) ଗ୍ରାମାଞ୍ଚଳର ଦୁର୍ଗମ ଅଞ୍ଚଳରେ ମୁଖ୍ୟ ବ୍ରଡ୍‌ବ୍ୟାଣ୍ଡ ସଂଯୋଗକାରୀ ଭାବେ କାର୍ଯ୍ୟ କରିବ।

ଦୁଇଟି ପର୍ଯ୍ୟାୟରେ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେବ। ପ୍ରଥମ ପର୍ଯ୍ୟାୟରେ ୩୮୧୦ ପଞ୍ଚାୟତ ଏବଂ ୧୮୧ବ୍ଲକରେ ବ୍ରଡ୍‌ବ୍ୟାଣ୍ଡ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ସୁଦ୍ଧା ୩୭୭୦ ପଞ୍ଚାୟତ ଓ ୧୭୫ ବ୍ଲକରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ଜିଲାର ୧୩୩ ବ୍ଲକର ୨୯୫୪ପଞ୍ଚାୟତରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ କରାଯିବ। ଏହି ପର୍ଯ୍ୟାୟରେ ୨୦ ହଜାର କିଲୋମିଟର ଏରିୟଲ ଅପ୍ଟିକାଲ ଫାଇବର ବିଛାଯିବ। ସେଥିରୁ ଏ ପର୍ଯ୍ୟନ୍ତ ୧୩ ହଜାର ୪୦୦ କି.ମି. କାର୍ଯ୍ୟ ଶେଷ ହୋଇଛି। ୩୦୮୭ ସଂଯୋଗ ପଏଣ୍ଟରୁ ୧୬୩୦ରେ ଏଣ୍ଡ ଟୁ ଏଣ୍ଡ ଟେଷ୍ଟିଂ ଶେଷ ହୋଇଛି ବୋଲି ମିଶ୍ର ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଓକାକ୍ , ଓପିଟିସିଏଲ୍ ଏବଂ ତାରାସଫ୍ଟର ମିଳିତ ସହଯୋଗରେ କାର୍ଯ୍ୟକାରୀ ହେବ। ଏହି ଭିତ୍ତିଭୂମି ଗ୍ରାମାଞ୍ଚଳଗୁଡ଼ିକୁ ଷ୍ଟେଟ୍ ୱାଇଡ ଏରିଆ ନେଟ୍‌ୱର୍କ (ଏସ୍‌ଡବ୍ଲ୍ୟୁଏଏନ୍) ପରିସରଭୁକ୍ତ କରିବ। ଟେଲିକମ୍ ବିଭାଗ ଏବଂ ଇଣ୍ଟରନେଟ୍ ଯୋଗାଉଥିବା ସଂସ୍ଥାଗୁଡ଼ିକ ଠାରୁ ଡାର୍କ ଫାଇବର ସଂଗ୍ରହ କରାଯିବ ବୋଲି ସେ କହିଛନ୍ତି।

ଏହି ବୈଠକରେ ଶକ୍ତି ଭାଗ ସଚିବ ନିକୁଞ୍ଜ ଧଳ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ସୌରଭ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରା, ପଞ୍ଚାୟତିରାଜ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ , ଆଇଟି ସ୍ୱତନ୍ତ୍ର ସଚିବ ମନୋଜ ପଟ୍ଟନାୟକ, ଯୁଗ୍ମ ସଚିବ ସୁଜିତ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

# ୪୮,୦୦୦ କୋଟିର ପ୍ରତିରକ୍ଷା ଚୁକ୍ତି

**ନୂଆଦିଲ୍ଲୀ,୧୩।୧**

**ବାୟୁସେନାର ବଳ ବଢ଼ାଇବ ୮୩ ତେଜସ୍ ଯୁଦ୍ଧବିମାନ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିଏସ୍‌ସି) ବୁଧବାର ୪୮,୦୦୦ କୋଟି ଟଙ୍କାର ଐତିହାସିକ ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ଅର୍ଥରେ ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଁ ୮୩ଟି ମାର୍କ୍-୧ଏ ତେଜସ୍ ଯୁଦ୍ଧବିମାନ କିଣାଯିବ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧବିମାନ ଆଇଏଏଫ୍‌ର ବଳବୃଦ୍ଧି କରିବା ସହ ଭାରତୀୟ ପ୍ରତିରକ୍ଷା ନିର୍ମାଣ କ୍ଷେତ୍ର ପାଇଁ ଗେମ୍‌ଚେଞ୍ଜର ହେବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସୂଚନା ଦେଇଛନ୍ତି।

ପ୍ରତିରକ୍ଷା ସରକାରୀ ଉଦ୍ୟୋଗ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍ଏଏଲ୍) ଠାରୁ ୪୮,୦୦୦ କୋଟି ଟଙ୍କାରେ ୮୩ ତେଜସ୍ ଯୁଦ୍ଧବିମାନ କିଣାଯିବ। ପ୍ରତିରକ୍ଷା ମନ୍ତ୍ରଣାଳୟ ପୂର୍ବରୁ ୪୦ ତେଜସ୍ ଜେଟ୍ କିଣିବା ପାଇଁ ମଞ୍ଜୁରୀ ଦେଇଥିଲା। ଏହାକୁ ମିଶାଇ ଆଇଏଏଫ୍‌ର ମୋଟ ଆଡ୍‌ଭାନ୍ସଡ୍ ତେଜସ୍ ଜେଟ୍ ସଂଖ୍ୟା ୧୨୩ରେ ପହଞ୍ଚିବ। ଅତ୍ୟାଧୁନିକ ଯୁଦ୍ଧବିମାନ ତେଜସ୍ ମାର୍କ-୧ଏରେ ରକ୍ଷଣାବେକ୍ଷଣରେ ଉନ୍ନତି ପାଇଁ ୪୩ଟି ପରିବର୍ତ୍ତନ ଅଣାଯାଇଛି। ପୂର୍ବ ରାଡାର ବ୍ୟବସ୍ଥାକୁ ବଦଳାଇ ଆକ୍ଟିଭ୍ ଇଲେକ୍ଟ୍ରୋନିକାଲି ସ୍କାନ୍ଡ ଏରି (ଏଇଏସ୍ଏ) ରାଡାର ସିଷ୍ଟମ୍ କରାଯାଇଛି। ସେହିପରି ଏହାର ଦୂରଗାମୀ ବିୟଣ୍ଡ ଭିଜୁଆଲ୍ ରେଞ୍ଜ (ବିଭିଆର୍) ମିଶାଇଲ୍ ଏବଂ ଆଡ୍‌ଭାନ୍ସଡ ଇଲେକ୍ଟ୍ରୋନିକ୍ ୱାର୍‌ଫେୟାର ଶତ୍ରୁପକ୍ଷର ରାଡାର ଓ କ୍ଷେପଣାସ୍ତ୍ରକୁ ଅକାମୀ କରିବାକୁ ସକ୍ଷମ। ଏହାବାଦ୍ ଅତିରିକ୍ତ ୧୭୦ ତେଜସ୍ ମାର୍କ-୨ ତେଜସ୍ ଯୁଦ୍ଧବିମାନ କିଣିବା ପାଇଁ ମଧ୍ୟ ବିଚାର କରାଯାଉଛି। ଏଚ୍ଏଏଲ୍‌ର ନାସିକ୍ ଓ ବେଙ୍ଗାଲୁରୁ ଡିଭିଜନରେ ଏହାର ନିର୍ମାଣ ଚାଲିଛି।



ଅଲ୍‌ଇଣ୍ଡିଆ କିଷାନ ସଂଘ ସମନ୍ୱୟ ସମିତି ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ କୃଷି ଆଇନ ବିଲ୍‌କୁ ପୋଡ଼ାଯାଉଛି।

# ୩ ମନ୍ତ୍ରୀ, ବିଧାୟକଙ୍କୁ ଯୁବ କଂଗ୍ରେସର କଳାପତାକା

**ଭବାନୀପାଟଣା, ୧୩।୧ (ସ୍ୱ.ପ୍ର.)**

**ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ**

ଗୁରୁବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହା ପୂର୍ବରୁ ବୁଧବାର ଭବାନୀପାଟଣା ସହର ନକଟିଗୁଡା ଛକଠାରେ ରାଜ୍ୟ ସରକାରଙ୍କ ୩ ମନ୍ତ୍ରୀ ଓ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକଙ୍କୁ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିଥିଲେ। ୩ମନ୍ତ୍ରୀଙ୍କ ମଧ୍ୟରେ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, ଟୁକୁନି ସାହୁ, ସୁଶାନ୍ତ ସିଂହ ରହିଥିବାବେଳେ ବିଧାୟକ ଭାବେ ପ୍ରଣବ ପ୍ରକାଶ ଦାସ ରହିଥିଲେ। କଳାହାଣ୍ଡିରେ ଉନ୍ନୟନ କାର୍ଯ୍ୟ ହେଉ ନ ଥିବା ଓ ବେରୋଜଗାରୀ ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କ କାରଗେଟକୁ ପଶି ଆସି କଳାପତାକା ଦେଖାଇଥିଲେ। ପ୍ରକାଶ ଯେ, ଗୁରୁବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖିଗୁଡା ଇନ୍ଦ୍ରାବତୀ ମେଗାଲିଫ୍ଟ ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ। ଏଥିପାଇଁ ଦିନକ ପୂର୍ବରୁ କଳାହାଣ୍ଡିରେ ୬୯ ବିଧାୟକ ଓ ୧୦ ମନ୍ତ୍ରୀ ଡେରା ପକାଇଛନ୍ତି। ବୁଧବାର ବିଧାୟକ ଓ ମନ୍ତ୍ରୀମାନେ ମେଗାଲିଫ୍ଟ ଯୋଜନାରେ ସାମିଲ ହେଉଥିବା ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ବିଭିନ୍ନ ପଞ୍ଚାୟକୁ ଯାଇ ରାଜ୍ୟ ସରକାରଙ୍କ ଏହି ପ୍ରକଳ୍ପ ଉପକାରିତା ବିଷୟରେ ସ୍ଥାନୀୟ ଲୋକଙ୍କୁ ସଭା ମାଧ୍ୟମରେ ସଚେତନତା କରାଇଛନ୍ତି। ଏହି ଗସ୍ତ ସମୟରେ ୩ ମନ୍ତ୍ରୀ ଓ ବିଧାୟକଙ୍କୁ ଭବାନୀପାଟଣା ନକଟିଗୁଡା ଛକଠାରେ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଇଥିଲେ।



ଭବାନୀପାଟଣାରେ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ଦେଖାଉଛନ୍ତି।

# ବରୁଣେଶ୍ୱର ପୀଠରେ ୧୪୪ ଧାରା

**ବିଞ୍ଝାରପୁର,୧୩।୧(ଡି.ଏନ.ଏ.)**

**ପୋଲିସ ସମେତ ୨ ସେକ୍ସନ ଫୋର୍ସ ମୁତୟନ**

ଚଳିତବର୍ଷ ହେବନି ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଖାଲି ସେତିକି ନୁହେଁ ବରୁଣେଶ୍ୱର ପରିସରକୁ ଶ୍ରଦ୍ଧାଳୁଙ୍କ ବାବାଙ୍କ ଦର୍ଶନ ଉପରେ ମଧ୍ୟ କଟକଣା ଜାରି କରିଛି ପ୍ରଶାସନ। ଜିଲା ପ୍ରଶାସନ ପକ୍ଷରୁ ବରୁଣେଶ୍ୱର କ୍ଷେତ୍ରରେ ୧୩ ତାରିଖ ମଧ୍ୟ ରାତ୍ରିରୁ ୨୨ତାରିଖ ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। ଏନେଇ ବୁଧବାର ଅପରାହ୍ଣରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ବରୁଣେଶ୍ୱରପୀଠ ପରିସର ଅନୁଧ୍ୟାନ କରିବାସହ କଟକଣାକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଏସ୍ଆଇ କଣ୍ଡୁରିଚରଣ ଦାସଙ୍କ ନେତୃତ୍ୱରେ ୨ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ଅପରାହ୍ଣରେ ଅତିରିକ୍ତ ଜିଲାପାଳ ମଲ୍ଲିକଙ୍କ ସମେତ ତହସିଲଦାର ଅସ୍ମିତା ଦାସ, ଅତିରିକ୍ତ ତହସିଲଦାର ଆର୍ଯ୍ୟଦୀପ୍ତ ଅରଣ୍ୟକ ସାମନ୍ତରାୟ ଓ ଏସଆଇ ଦାସ ଉପସ୍ଥିତ ରହି କଟକଣା ଜାରି କରିଛନ୍ତି। ବ୍ଲକ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ଆଖପାଖ ଅଞ୍ଚଳର ଜନସାଧାରଣଙ୍କୁ ସଚେତନ କରାଯିବା ସହ ମନ୍ଦିର ନିକଟରେ ଫୋର୍ସ ମୁତୟନ କରାଯାଇଛି। କୋଭିଡ କଟକଣାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ପ୍ରସିଦ୍ଧ ବରୁଣେଶ୍ୱର ମେଳାକୁ ବାତିଲ୍ କରାଯାଇଛି। ଏନେଇ ପୂର୍ବରୁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା




ପ୍ରଶାସନିକ ଅଧିକାରୀ ସ୍ଥିତି ସମୀକ୍ଷା କରୁଛନ୍ତି।

# ସୀମାନ୍ତରେ ଏନ୍‌କାଉଣ୍ଟର: ମାଓବାଦୀ କମାଣ୍ଡର ହିଡମା ନିହତ

**ମାଲକାନଗିରି,୧୩।୧ (ଡି.ଏନ୍.ଏ.)**

ମାଲକାନଗିରି ସୀମାନ୍ତବର୍ତ୍ତୀ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ କମାଣ୍ଡର ନିହତ ହୋଇଛନ୍ତି। ତାଙ୍କ ନାମ ହିଡମା ମୁଚାକି। ସେ ଦଣ୍ଡକାରଣ୍ୟ ମାଓ ଡିଭିଜନର ଡିସିଏମ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ସରକାରଙ୍କ ତରଫରୁ ୫ ଲକ୍ଷ ଟଙ୍କାର ଟିକପାଲ୍ ଏବଂ ମାରଜୁନ୍ ଜଙ୍ଗଲରେ ମାଓବାଦୀଙ୍କ ଏକ ବଡ ଧରଣର ଶିବିର ଚାଲିଥିବା ଖବର ପାଇ ଡିଆର୍‌ଜି ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇଥିଲା। ପୋଲିସ ଆସୁଥିବା ସୂଚନା ପାଇ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ପ୍ରଭାବୀ ଜବାବ ଦେଇଥିଲା। ଫଳରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏହି ସମୟରେ ପୋଲିସ ଏନ୍‌କାଉଣ୍ଟର କରିଥିଲା। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଗୁଳିର ସାମନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ପୋଲିସ ଘଟଣାସ୍ଥଳରୁ ସମ୍ପୃକ୍ତ ମାଓବାଦୀଙ୍କ ମୃତଦେହ ସମେତ ବନ୍ଧୁକ, ବିସ୍ଫୋରକ ଓ କେତେକ ମାଓବାଦୀ ସାମଗ୍ରୀ ଜବତ କରିଛି। ସେଠାରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଦାନ୍ତେୱାଡା ଏସ୍‌ପି ସୂଚନା ଦେଇଛନ୍ତି।

# 'ଡ୍ରାଇଭିଂ ଲର୍ନିଂ ଲାଇସେନ୍ସ ଲାଗି ଟଚ୍ ସ୍କ୍ରିନ୍ ବ୍ୟବସ୍ଥା'

**କଟକ ଅଫିସ,୧୩।୧**

- ୩ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ: ପରିବହନ କମିଶନର
- ଲର୍ନିଂ ଲାଇସେନ୍ସ ପାଇଁ ପରୀକ୍ଷା ନିହାତି ଆବଶ୍ୟକ

ଡ୍ରାଇଭିଂ ଲର୍ନିଂ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ଆସନ୍ତା ୩ମାସ ମଧ୍ୟରେ କମ୍ପ୍ୟୁଟର ପରିବର୍ତ୍ତେ ଟଚ୍ ସ୍କ୍ରିନ୍ ବ୍ୟବସ୍ଥା କରାଯିବ। କମ୍ପ୍ୟୁଟର ଜ୍ଞାନ ନ ଥିବା ତଥା ଅର୍ଦ୍ଧଶିକ୍ଷିତ ପରୀକ୍ଷାର୍ଥୀଙ୍କ ପାଇଁ ଏହି ବ୍ୟବସ୍ଥା ସହଜ ଓ ଉପଯୋଗୀ ହୋଇପାରିବ। ଫଳରେ ଲାଇସେନ୍ସ ପାଇବା ଲାଗି ହେଉଥିବା ଏହି ପରୀକ୍ଷାରେ ପାସ୍ ହାର ଆଶାତୀତ ଭାବେ ବୃଦ୍ଧି ପାଇପାରିବ। ଲର୍ନିଂ, ଡ୍ରାଇଭିଂ ପରୀକ୍ଷା ପାଇଁ କେନ୍ଦ୍ର ସରକାର ଶିକ୍ଷାଗତ ଯୋଗ୍ୟତା ଆବଶ୍ୟକ ନାହିଁ ବୋଲି ନିୟମ କରିବା ପରେ କେତେକ କ୍ଷେତ୍ରରେ ଏହି ପରୀକ୍ଷାକୁ ନେଇ ବିବାଦ ଉପୁଜିଥିଲା। ଲର୍ନିଂ ପରୀକ୍ଷା ବେଳେ କମ୍ପ୍ୟୁଟର ସାମ୍ନାରେ ବସି ଟ୍ରାଫିକ୍ ନିୟମ ତଥା ଟ୍ରାଫିକ୍ ଜ୍ଞାନ ସଂକ୍ରାନ୍ତରେ ପ୍ରଶ୍ନର ଉତ୍ତର ଦେବାକୁ ପଡୁଥିଲା। ତେବେ ରାଜ୍ୟର ଅଧିକାଂଶ ଲାଇସେନ୍ସ ଅଶାର୍ଥୀଙ୍କ କମ୍ପ୍ୟୁଟର ଜ୍ଞାନ ନ ଥିବାରୁ ଏହି ପରୀକ୍ଷାରେ ଅକୃତକାର୍ଯ୍ୟ ହାର ବୃଦ୍ଧି ପାଉଥିଲା। ସେମାନଙ୍କୁ ଏକାଧିକ ଥର ପରୀକ୍ଷା ଦେବାକୁ ପଡୁଥିଲା। ମାତ୍ର ଟଚ୍‌ସ୍କ୍ରିନ୍ ବ୍ୟବସ୍ଥା ଏହି ସମସ୍ୟାକୁ ଅନେକାଂଶରେ ଦୂର କରିପାରିବ। ପାସ୍ ହାର ମଧ୍ୟ ବୃଦ୍ଧି ପାଇବ। ଡ୍ରାଇଭିଂ ଓ ଲର୍ନିଂ ଲାଇସେନ୍ସ ପାଇଁ ଶିକ୍ଷାଗତ ଯୋଗ୍ୟତା ବାଧ୍ୟତାମୂଳକ ହୋଇ ନ ଥିଲାବେଳେ ପରିବହନ ଆୟୁକ୍ତ କାହିଁକି ଏହି ପରୀକ୍ଷା କରାଉଛନ୍ତି ଏବଂ ଅନେକେ ଲାଇସେନ୍ସ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ଉଠିଥିଲା। ଏ ନେଇ ରାଜ୍ୟ ପରିବହନ କମିଶନର ସଞ୍ଜୀବ ପଣ୍ଡା କହିଛନ୍ତି, ପରୀକ୍ଷା ନିହାତି ଆବଶ୍ୟକ। ଯିଏ ଲାଇସେନ୍ସ ପାଇବେ ତାଙ୍କର ଟ୍ରାଫିକ୍ ନିୟମ ସଂକ୍ରାନ୍ତରେ ସାଧାରଣ ଜ୍ଞାନ ରହିବା ନିତାନ୍ତ ଆବଶ୍ୟକ। ଯଦି ଏହି ଜ୍ଞାନ ନ ଥିବା ବ୍ୟକ୍ତିଙ୍କୁ ଲାଇସେନ୍ସ ମିଳେ ତେବେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇବାର ଆଶଙ୍କା ରହିଛି। ରାଜ୍ୟରେ ଦୁର୍ଘଟଣାରେ ବାର୍ଷିକ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି ଘଟୁଛି। ଏହାକୁ ରୋକିବା ଲାଗି ଚାଳକ ସଚେତନ ହେବା ଜରୁରି। ରାଜ୍ୟ ସରକାର ଏଥିପାଇଁ ଶିକ୍ଷାଗତ ଯୋଗ୍ୟତାକୁ ଗୁରୁତ୍ୱ ଦେଇନାହାନ୍ତି। ହେଲେ ଯିଏ ଯେଉଁଥିପାଇଁ ଲାଇସେନ୍ସ ହାସଲ କରିବେ ସେ କ୍ଷେତ୍ରରେ ଦକ୍ଷ ହେବା ଉଚିତ ବୋଲି କମିଶନର ପଣ୍ଡା ଯୁକ୍ତି ବାଢ଼ିଛନ୍ତି। ୨୦୧୪ରେ ରାଜ୍ୟ ସରକାର ପ୍ରଥମେ ଡ୍ରାଇଭିଂ ଓ ଲର୍ନିଂ ଲାଇସେନ୍ସ ପାଇଁ ପରୀକ୍ଷା ଆରମ୍ଭ କରିଥିଲେ। ଏହି ସମୟରେ ପାସ୍ ହାର ୯୮ ପ୍ରତିଶତ ରହିଥିଲା। ପରେ ସିସି କ୍ୟାମେରା ସମ୍ମୁଖରେ ପରୀକ୍ଷା ଦେବାକୁ ପଡ଼ିବାରୁ ପାସ୍ ହାର କମିଥିଲା। ଏହାର କାରଣ ଦର୍ଶାଇ କମିଶନର କହିଛନ୍ତି, ପୂର୍ବରୁ ପରୀକ୍ଷାର୍ଥୀଙ୍କ ପାଇଁ କେତେଜଣ ଦଲାଲ ପରୀକ୍ଷା ଦେଉଥିବାରୁ ପାସ୍ ହାର ବଢ଼ିଥିଲା। ତେବେ କ୍ୟାମେରା ସାମ୍ନାରେ ପରୀକ୍ଷା ପରିଚାଳିତ ହେବା ଦ୍ୱାରା ପ୍ରଥମେ ୫୪ ପ୍ରତିଶତ ସଫଳତା ମିଳିଲା। ଏବେ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଟ୍ରାଫିକ ନିୟମ ସମ୍ବନ୍ଧୀୟ ସଚେତନତା ବୃଦ୍ଧି ପାଇବାରୁ ଏହି ପାସ୍ ହାର ବୃଦ୍ଧି ହୋଇ ୭୨ ଶତକଡ଼ାରେ ପହଞ୍ଚିଛି। ଏଥିସହ ଦଲାଲଙ୍କ ରାଜ୍ କମିଛି। ପରିବହନ ପୋର୍ଟାଲ୍ www.parivahan.gov.inରେ ପରୀକ୍ଷାରେ କି ପ୍ରଶ୍ନ ପଡ଼ିବ ଓ ଏହାର ଉତ୍ତର ଜାଣିହେଉଛି। ଏହା ପରୀକ୍ଷାର୍ଥୀଙ୍କ ପାଇଁ ବେଶ୍ ଉପଯୋଗୀ ହେବ।

# କଟକରେ ହେବ ନେତାଜୀ ବସ୍ ଟର୍ମିନାଲ

**ଭୁବନେଶ୍ୱର,୧୩।୧(ବ୍ୟୁରୋ)**

**୬୫ କୋଟିର ଟର୍ମିନାଲ ନେଇ ଘୋଷଣାକଲେ ମୁଖ୍ୟମନ୍ତ୍ରୀ**



କଟକ ଖାନନଗରଠାରେ ଏକ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ହେବ। ଏଥିପାଇଁ ୬୫ କୋଟି ଟଙ୍କା ଖର୍ଚ୍ଚ ହେବ। ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ନାମରେ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲକୁ ନାମିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହା କାର୍ଯ୍ୟକାରୀ କରାଯିବ। ଜାନୁୟାରୀ ୨୩ରେ ନେତାଜୀ ଜୟନ୍ତୀ ପାଳନ ହେବ। ଏହି ବର୍ଷ ସମଗ୍ର ଦେଶରେ ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ ହେବାକୁ ଯାଉଛି। ନେତାଜୀ କଟକ ଓଡ଼ିଆ ବଜାରରେ ଜନ୍ମ ଗ୍ରହଣ କରିବା ସହ ସେଠାରେ ବାଲ୍ୟ ଶିକ୍ଷା ଲାଭ କରିଥିଲେ। ଜନଗହଳି ବୃଦ୍ଧି ସହିତ ସ୍ଥାନାଭାବ ଦୃଷ୍ଟିରୁ ବାଦାମବାଡି ବସ୍‌ଷ୍ଟାଣ୍ଡରେ ଜନସାଧାରଣ ଓ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଖାନନଗରଠାରେ ଏହି ଅତ୍ୟାଧୁନିକ ବସ୍ ଟର୍ମିନାଲ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ବସ୍ ଟର୍ମିନାଲରେ ନେତାଜୀଙ୍କ ଜୀବନୀ ଓ ସଂଗ୍ରାମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଲାଗି ଏକ ସ୍ୱତନ୍ତ୍ର କିଓସ୍କ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ନେତାଜୀଙ୍କ ଆଦର୍ଶ ଓ ଜୀବନୀ ସମ୍ପର୍କରେ ପ୍ରଚାର ପ୍ରସାର ଲାଗି ବିଭିନ୍ନ ପେଣ୍ଟିଂ ରଖାଯିବ।

ଉକ୍ତ ଟର୍ମିନାଲରେ ଯାତ୍ରୀମାନଙ୍କ ସୁବିଧା ପାଇଁ ସବୁ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଏଥିରେ ଏକ ବୃହତ୍ ଟର୍ମିନାଲ ବିଲ୍ଡିଂ, ସାଧାରଣ ଯାତ୍ରୀବାହୀ ବସ୍ ସକାଶେ ସ୍ଥାନ, ସ୍ଥାନୀୟ ଓ ମୋ ବସ୍ ସେବା ଲାଗି ସ୍ଥାନ, ଯାନ ମରାମତି, ରକ୍ଷଣାବେକ୍ଷଣ ବ୍ଲକ, ଚାରିଚକିଆ ଯାନ ଏବଂ ଅଟୋ ଲାଗି ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା କରାଯିବ। ଲକ୍ଷେ ୧୮ ହଜାର ବର୍ଗ ଫୁଟରେ ଏଥିପାଇଁ ୩ ମହଲା ବିଶିଷ୍ଟ ଟର୍ମିନାଲ ବିଲ୍ଡିଂ ନିର୍ମାଣ କରାଯାଇ ଏଥିରେ ଯାତ୍ରୀ ବିଶ୍ରାମସ୍ଥଳ, ଫୁଡ୍ କୋର୍ଟ, ଟିକେଟ ଘର, ଇ-ଯାନ ଚାର୍ଜିଂ ପଏଣ୍ଟ, ଛାତ ଉପରେ ବର୍ଷାଜଳ ସଂରକ୍ଷଣ ଏବଂ ସୌର ପ୍ୟାନେଲ ମଧ୍ୟ ରଖାଯିବ। ଏହି ଟର୍ମିନାଲରେ ଏକ ସମୟରେ ୧୮୦ଟି ବସ୍ ପାର୍କିଂର ବ୍ୟବସ୍ଥା ରହିବ। ଯାତ୍ରୀମାନଙ୍କ ସୁବିଧା ଲାଗି ଇଣ୍ଟିଗ୍ରେଟେଡ୍ ଇନ୍‌ଫରମେଶନ ମ୍ୟାନେଜମେଣ୍ଟ ସିଷ୍ଟମ ମଧ୍ୟ ରହିବ। ଏହି ନିର୍ମାଣ ଲାଗି କଟକର ରିଂରୋଡ୍‌କୁ ଆଉ ଦୁଇ କିଲୋମିଟର ସମ୍ପ୍ରସାରଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ପରିଚାଳନା କରିଛନ୍ତି।

## ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍ ଉଦ୍ୟମ

ରାଇରଙ୍ଗପୁର,(ଡି.ଏନ୍.ଏ.): ରାଇରଙ୍ଗପୁର ଟାଉନ ଥାନା ଅଞ୍ଚଳରେ ଜଣେ ଗହଣା ବ୍ୟବସାୟୀଙ୍କଠାରୁ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା ଓ ସୁନା ଲୁଟ୍ ଉଦ୍ୟମ କରିଥିଲେ। ଖବରପାଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଗହଣା ବ୍ୟବସାୟୀ ଲିଙ୍ଗରାଜ ମହାପାତ୍ର ଟଙ୍କା ଓ ସୁନା ଏକ ବ୍ୟାଗରେ ରଖି ଯାଉଥିବା ବେଳେ ଦୁଇ ଯୁବକ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଲୁଟ୍ ଉଦ୍ୟମ କରିଥିଲେ। ବ୍ୟବସାୟୀ ମହାପାତ୍ର ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଲୋକଙ୍କୁ ଦେଖି ଯୁବକ ଦ୍ୱୟ ସେଠାରୁ ପଳାଇ ଯାଇଥିଲେ।

**ସଂକ୍ଷେପରେ**

## ବିରଳ ଜଙ୍ଗଲୀ କ୍ୟାଟ୍ ଉଦ୍ଧାର



**ସଜନାଗଡ଼,୧୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବନ ବିଭାଗ ଦ୍ୱାରା ବିରଳ ଜଙ୍ଗଲୀ କ୍ୟାଟ୍ ଉଦ୍ଧାର କରାଯାଇଛି। ମିରିଗିଣି ଟାୟାର ଦୋକାନ ନିକଟରେ ଏହା ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଧରିଥିଲେ। ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ମନୱାର ଖାଁ ଘଟଣାସ୍ଥଳରେ ପହଞ୍ଚି ଏହା ଏକ ବିରଳ ଜଙ୍ଗଲୀ କ୍ୟାଟ୍ ବୋଲି ସୂଚନା ଦେଇଥିଲେ। ଏହି ଜନ୍ତୁ ହାତୀର ପରମ ଶତ୍ରୁ ବୋଲି ରେଞ୍ଜ ଅଧିକାରୀ ସୂଚନା ଦେଇଥିଲେ। ପରେ ଉଦ୍ଧାର ଜଙ୍ଗଲୀ କ୍ୟାଟ୍‌କୁ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ

**କପ୍ତିପଦା,୧୩।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳର ଜଣେକା ବିବାହିତ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୧୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ସ୍ୱାମୀ ବାହାରେ ରହି କାମ କରିନ୍ତି। ଯାହା ପାରିଶ୍ରମିକ ପାଆନ୍ତି ତାହାକୁ ସେହି ଅଞ୍ଚଳର ସୁନୀଲ ମହାକୁଡ଼ଙ୍କ ଆକାଉଣ୍ଟକୁ ପଠାଇଥାନ୍ତି। ଗତ ୨୯ ତାରିଖ ସନ୍ଧ୍ୟାରେ ମହିଳା ଜଣକ ସୁନୀଲଙ୍କଠାରୁ ସ୍ୱାମୀ ପଠାଇଥିବା ଟଙ୍କା ପାଇଁ ଯାଇଥିଲେ। ସୁନୀଲ ତାଙ୍କୁ ଘରେ ଛାଡ଼ିଦେବେ କହି ବାଲେଶ୍ୱର ଜିଲା ବରହମପୁର ଥାନା ଅଞ୍ଚଳକୁ ନେଇ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ମହିଳାଜଣକ ଗତ ୧୧ ତାରିଖରେ ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ତଦନ୍ତ ଚାଲିଥିବା ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ କହିଛନ୍ତି।

## ଧାନ ମିଲ୍‌କୁ କାରଣ ଦର୍ଶାଅ ନୋଟିସ

**ବନ୍ତ,୧୩।୧(ସ୍ୱ.ପ୍ର.):** ଭଦ୍ରକ ଜିଲା ବନ୍ତ ବ୍ଲକ ତୋଡ଼ଗାଁ ସ୍ଥିତ ଉମାପତି ରାଇସ୍ ମିଲ୍‌କୁ ଧାର୍ଯ୍ୟଠାରୁ ଅଧିକ ଧାନ ମହଜୁଦ ରଖିବା ଅଭିଯୋଗରେ ଜିଲା ଯୋଗାଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। କୌଣସି ସୂତ୍ରରୁ ଖବର ପାଇ ଶନିବାର ଜିଲା ଯୋଗାଣ ଅଧିକାରୀ ରଞ୍ଜନ ସେଠ୍, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ କେଦାର ନାୟକ ଓ ବ୍ଲକ ଯୋଗାଣ ଅଧିକାରୀ ଅଶୋକ ବେହେରା ଉକ୍ତ ମିଲ୍‌କୁ ତଦନ୍ତରେ ଯାଇଥିଲେ। ଧାର୍ଯ୍ୟଠାରୁ ୩,୮୫୪ କୁଇଣ୍ଟାଲ ଧାନ ମହଜୁଦ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏ ନେଇ ଚୂଡ଼ାନ୍ତ ତଦନ୍ତ ରିପୋର୍ଟ ସୋମବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଉକ୍ତ ମିଲ୍‌କୁ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି। ସନ୍ତୋଷଜନକ ଉତ୍ତର ନ ମିଳିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦିଆଯାଇଛି।

## ବିବେକାନନ୍ଦ ଜୟନ୍ତୀରେ ଯୋଗଶିକ୍ଷା

**ଖଇରା, ୧୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ମା' ଅମ୍ବିକା ମନ୍ଦିର ପରିସରରେ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଯୋଗ ପ୍ରଚାରକ ତଥା କୁପାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଯୋଗ ଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଏଥିରେ ସଭାପତିତ୍ୱ କରିଥିଲେ। ଡିପିଏମ୍ ଅନିଲ କୁମାର ମହାନ୍ତି, ବିପିଏମ ସୂର୍ଯ୍ୟକାନ୍ତ ବାରିକ,ଖଇରା ବିଇଓ ସୁଦର୍ଶନ ରାଉତ, ଡାକ୍ତର ଅନୋଲା ଜଗଦେବ, ବିବେକଭାରତୀ ସେବାଶ୍ରମର ସଞ୍ଚାଳକ ସ୍ୱାମୀ ଗଣେଷାନନ୍ଦ ଜୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଗ ଶିକ୍ଷକ ପାଣିଗ୍ରାହୀ, ଗୋବର୍ଦ୍ଧନ ସାହୁ ଓ ଦିବ୍ୟରଞ୍ଜନ ମହାନ୍ତି ପ୍ରମୁଖ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିଭଳି ଖଇରା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଜୟନ୍ତୀ ପାଳନ କରାଯାଇଥିଲା।

# ବଢୁଛି ବେଆଇନ ଇଟାଭାଟି

- ଚୋରା କୋଇଲା ବେପାରୀ ମାଲାମାଲ
- ଧୂଆଁରେ ଅତିଷ୍ଠ ଲୋକେ

**ପଦ୍ମପୁର,୧୩।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଶତାଧିକ ବେଆଇନ ଇଟାଭାଟି ବଢ଼ି ଚାଲିଛି। ଜଗନ୍ନାଥପ୍ରସାଦ, ବାଲିମେଦ, ରାଜଘରପୋଖରୀ, ଗୋବିନ୍ଦପୁର, ଆନ୍ଦୋଳା, ନାୟକାଣିଡିହୀ, ବିରସ, ବାଲିମୁଣ୍ଡା, କରଞ୍ଜଆଡ଼ିଆ, ବିଦେଇପୁର ଓ ନଇଘେରଦର ୯ ପଞ୍ଚାୟତରେ ଗତ ଦୁଇମାସ ଧରି ଶତାଧିକ ଇଟାଭାଟି ପ୍ରତ୍ୟହ ପୋଡ଼ା ଚାଲିଛି। ବିଭିନ୍ନ ପଞ୍ଚାୟତର ବେସରକାରୀ ଜମିରୁ ମାଟି ପ୍ରଶାସନର ବିନା ଅନୁମତିରେ ଉଠାଯାଇ ଇଟା ତିଆରି ହେଉଥିବା ଅଭିଯୋଗ ହେଉଛି। ଏଥିସହ ଧାମରାରୁ ଚୋରା କୋଇଲା ବେପାରୀମାନେ ଚୋରି କୋଇଲାକୁ କମ୍ ଟଙ୍କାରେ ଜଳପଥରେ ଆଣି ଇଟା ବ୍ୟବସାୟୀଙ୍କୁ ଯୋଗାଇ ଦେଉଛନ୍ତି। ଫଳରେ ଇଟା ବ୍ୟବସାୟୀମାନେ ବାହାରୁ ଅଧିକ ଦାମ୍‌ର କୋଇଲା ନ କିଣି ଚୋରା କୋଇଲା ଉପରେ ନିର୍ଭର କରୁଛନ୍ତି। ଯାହାଦ୍ୱାରା ଚୋରା କୋଇଲା ବେପାରୀମାନେ ମାଲାମାଲ ହେଉଛନ୍ତି। ସରକାରୀ ସ୍ତରରେ ପୋଡ଼ା ଇଟା ବ୍ୟବହାର ନ କରି ଫ୍ଲାଇଆସ୍ ଇଟା ବ୍ୟବହାର ପାଇଁ ନିର୍ଦ୍ଦେଶନାମା ରହିଛି। ଏହାଛଡ଼ା କୌଣସି ଅଞ୍ଚଳରେ ଇଟାଭାଟି ପୋଡ଼ିବା ଲାଗି ପ୍ରଶାସନର ଅନୁମତି ନ ଥିବାବେଳେ ଇଟା ବ୍ୟବସାୟୀମାନେ ପ୍ରଶାସନର ଅଗୋଚରରେ ଇଟା ପୋଡୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳି ଇଟା ପୋଡ଼ା ପରିବେଶ ପ୍ରଦୂଷଣ କରିବା ସହ କୋଇଲା ଧୂଆଁରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ବେଆଇନ ଭାବେ ଇଟା ପୋଡୁଥିବା ବ୍ୟକ୍ତିଙ୍କ ବିରୋଧରେ ସରଜମିନ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ନାୟକାଣିଡିହୀ ଅଞ୍ଚଳରେ ଏକ ବେଆଇନ ଇଟାଭାଟି।

# ଏକାଠି ହେଲେ ଖବରଦାତା, ବିକ୍ରେତା

**ବାଲେଶ୍ୱର ଅଫିସ,୧୩।୧**

ବାଲେଶ୍ୱର ସହର ମଠସାହିର ମେଣ୍ଟାଶୋଳ ସ୍ଥିତ ଏକ ଘରୋଇ ଫାର୍ମ ହାଉସ୍ ପରିସରରେ ବାଲେଶ୍ୱର ଖବରକାଗଜ ମାଲିକ,ଏଜେଣ୍ଟ ସଂଘ ପକ୍ଷରୁ ନବବର୍ଷ ଉପଲକ୍ଷେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଆୟୋଜିତ ହୋଇଥିଲା। ସଂଘର ସଭାପତି ତ୍ରୈଲୋଚନ ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ନଗରପାଳ ଆଲୋକ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସମାଜ ଉତ୍ତରଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ, ସମ୍ବାଦ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ଗୌତମ ଶଙ୍କର ସ୍ୱାଇଁ, ପ୍ରମେୟ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ସତ୍ୟଶିବ ଦାସ, ସମୟ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ରଞ୍ଜନ ବାଗ, ସକାଳ ଉତ୍ତରଓଡ଼ିଶା ସଂସ୍କରଣ ମୁଖ୍ୟ ଅସିମ ମହାପାତ୍ର, ଖବରଦାତା ବିପ୍ଳବ ମହାନ୍ତି, ଶଶିରଞ୍ଜନ ମଲ୍ଲିକ, କୁଳମଣି ବାରିକ, ରତିକାନ୍ତ ପାଢ଼ୀ, ମନୋଜ ରାଉଳ, ଆଲୋକ ବାରିକ, ସତ୍ୟବ୍ରତ ପ୍ରଧାନ, କଳିଙ୍ଗ ସାହୁ, ମୃତ୍ୟୁଞ୍ଜୟ ପଟ୍ଟନାୟକ, କବିତା ପାତ୍ର, ପ୍ରତ୍ୟାସା ପ୍ରିୟମ୍ବଦା ମହାନ୍ତି, ମନୋଜ ବିଶ୍ୱାଳ, ରିଜୁଆନ ମଲ୍ଲିକ, ସୁଧାଂଶୁ ନାୟକ, ବିରଞ୍ଚି ନାରାୟଣ ପାଢ଼ୀ, ହିମାଂଶୁ ସାହୁ, ବିରଞ୍ଚି ଦାସ, ରମଣୀ ରଞ୍ଜନ ଦାସ, କୈଳାସ ମହାପାତ୍ର, କାହ୍ନୁଚରଣ ବେହେରା ଯୋଗଦେଇଥିଲେ। ସଂଘର ଉପସଭାପତି ଗୋବିନ୍ଦ ନାୟକ, ସାଧାରଣ ସମ୍ପାଦକ ଧିରେନ ନାୟକ, ସହ-ସମ୍ପାଦକ ଦାଶରଥି ଜେନା, କୋଷାଧ୍ୟକ୍ଷ ଗଦାଧର ଦାସ, ଉପଦେଷ୍ଟା ଆଲୋକ କାନୁନ୍‌ଗୋ ପ୍ରମୁଖ ପରିଚାଳନା କରିଥିବା ବେଳେ ଯୋଗେନ୍ଦ୍ର ମାଇତି, ରାଜେନ୍ଦ୍ର ଦାସ, ପ୍ରଶାନ୍ତ ମହାନ୍ତି, ଦିଲ୍ଲୀପ ବର୍ଦ୍ଧନ ପ୍ରମୁଖ ସହଯୋଗ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତା ଓ ଅତିଥିମାନେ।

## କାୟାକଳ୍ପ ଟିମ୍‌ର ପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

**ପାଟଣା,୧୩।୧(ସ୍ୱ ପ୍ର.)**

ରାଜ୍ୟ ସରକାରଙ୍କ କାୟାକଳ୍ପ ଟିମ୍‌ର ୩ ଜଣିଆ ଡାକ୍ତରୀ ଦଳ କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି ଏହାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଫେରିଛନ୍ତି। ଏହି ପରିଦର୍ଶନ ଟିମ୍‌ରେ କୁଷ୍ଠ ରୋଗ ବିଭାଗର ଡାଇରେକ୍ଟର ଡ.ଏସ୍.ପି ପାଢ଼ୀ, ସିସିପି ମ୍ୟାନେଜର ହରେକୃଷ୍ଣ ସାହୁ, ରଞ୍ଜନ କୁମାର ପଣ୍ଡା, ଜିଲା କ୍ୱାଲିଟି ସର୍ଭିସ ମ୍ୟାନେଜର ଅଭିଷେକ ଷଡ଼ଙ୍ଗୀ, ଡ଼. ହିମାଂଶୁ ସାହୁ ଓ ଭିଭିଡି କନସଲଟାଣ୍ଟ ବଳଦେବ ନନ୍ଦ ପ୍ରମୁଖ ଏହି ପରିଦର୍ଶନରେ କରିଥିଲେ। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡ଼.ଚିତ୍ତରଞ୍ଜନ ନାଏକ,ଡ଼. ଲକ୍ଷ୍ମଣ ମହାନ୍ତ,ଡ଼. ଶୁଭେନ୍ଦୁ ସାଗର କୁମାର ନାଏକ, ବିପିଏମ ଦୀପକ କୁମାର ନାଏକ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ସେଠୀ, ବିରଞ୍ଚି ନାରାୟଣ ପଣ୍ଡା ଓ ରଞ୍ଜିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାୟାକଳ୍ପ ଟିମ୍‌କୁ ସ୍ୱାଗତ କରିବା ସହ ବୁଲାଇ ଦେଖାଇଥିଲେ।

## ଗଙ୍ଗାସାଗରକୁ ଜାତୀୟ ତୀର୍ଥ ସ୍ଥାନ ଘୋଷଣା କରାଯାଉ: ଶଙ୍କରାଚାର୍ଯ୍ୟ



ଗଙ୍ଗାସାଗରରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଖବରଦାତା ସମ୍ମିଳନୀ।

**ଭୋଗରାଇ,୧୩।୧(ଡି.ଏନ.ଏ.)**

ପଶ୍ଚିମବଙ୍ଗ ସାଗରଦ୍ୱୀପ ଗଙ୍ଗାସାଗରକୁ ଜାତୀୟ ତୀର୍ଥସ୍ଥାନ ଘୋଷଣା କରିବାକୁ ଦାବି କରିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ। ଗଙ୍ଗାସାଗରରେ ବୁଡ଼ ଦେବା ଅବସରରେ ଶଙ୍କରାଚାର୍ଯ୍ୟ ବୁଧବାର ବେଳାଭୂମି ଅସ୍ଥାୟୀ ଆଶ୍ରମରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। 'ବିଶ୍ୱରେ ଆଜି ଅଧର୍ମୀଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଥିବାବେଳେ ଏଥିପ୍ରତି ସ୍ୱଚ୍ଛ ରାଷ୍ଟ୍ରଭକ୍ତମାନେ ଅଣ୍ଟା ଭିଡ଼ିବାକୁ ସେ ଆହ୍ୱାନ ଦେଇଥିଲେ। ଶାସ୍ତ୍ରମତ, ରାଜମତ, ଶାସନମତ ଓ ଭକ୍ତଙ୍କ ଏହି ଚାରି ମତକୁ ସରକାର ଗ୍ରହଣ କଲେ ଶ୍ରୀମନ୍ଦିରରେ ସମସ୍ୟା ସୃଷ୍ଟି ହେବ ନାହିଁ ବୋଲି ଶଙ୍କରାଚାର୍ଯ୍ୟ ମତ ଦେଇଥିଲେ। ନଦୀ ଓ ସମୁଦ୍ର ପ୍ରଦୂଷଣ ମୁକ୍ତ ପାଇଁ ସନ୍ଧ୍ୟାରେ ଗଙ୍ଗାସାଗରରେ ଆଦିତ୍ୟବାହିନୀ ସହିତ ଶଙ୍କରାଚାର୍ଯ୍ୟ ମହାଆଳତି କରିଛନ୍ତି। ଗୁରୁବାର ଓ ଶୁକ୍ରବାର ମକର ସଂକ୍ରାନ୍ତି ଉପଲକ୍ଷେ ପୁଣ୍ୟସ୍ନାନ ଥିବାରୁ ଏଠାରେ ଅସଂଖ୍ୟ ତୀର୍ଥଯାତ୍ରୀ ସମବେତ ହୋଇଛନ୍ତି। ତେବେ ଗଙ୍ଗାସାଗରକୁ ଜାତୀୟ ତୀର୍ଥସ୍ଥାନ ଘୋଷଣା କରିବାକୁ ରାଜ୍ୟ ଓ କେନ୍ଦ୍ରସରକାର ଠାରେ ଦାବି ରଖିଛନ୍ତି ପୁରୀ ଶଙ୍କରାଚାର୍ଯ୍ୟ।

## ଛାମୁଣ୍ଡା ଏକାଦଶ ବିଜୟୀ

**ତେଲକୋଇ, ୧୩।୧(ଡି.ଏନ.ଏ.)** କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ କତରାପାଲି ଖେଳ ପଡିଆରେ କତରାପାଲି ଟି-୨୦ ମ୍ୟାଚର ବୁଧବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି ।ଏହି ଟୁର୍ନାମେଣ୍ଟରେ ୧୬ଟି ଆଞ୍ଚଳିକ ଦଳ ଯୋଗ ଦେଇଥିବା ବେଳେ ଶେଷରେ ଝାରବେଡା ଏକାଦଶ ଓ ଛାମୁଣ୍ଡା ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାମୁଣ୍ଡା ଏକାଦଶ ଚାମ୍ପିୟନ ହୋଇଛି। ରନର୍ସଅପ୍ ଭାବେ ଝାରବେଡା ଏକାଦଶକୁ ସନ୍ତୁଷ୍ଟ ହେବା ପାଇଁ ପଡିଛି। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ କିଷାନ, ଖୁଣ୍ଟାପଡା ସରପଞ୍ଚ ବନବିହାରୀ ନାଏକ, ଉପ ସଭାପତି ସୁବାଷ ଚନ୍ଦ୍ର ବିଶାଳ ଉପସ୍ଥିତ ରହି ଉଭୟ ଟିମ୍‌ର ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କୁ ଉପେକ୍ଷା ଅଭିଯୋଗରେ ବୈଠକ ବର୍ଜନ

**ବସ୍ତା,୧୩।୧ (ଡି.ଏନ.ଏ.)**

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଅସମ୍ମାନ କରାଯାଉଥିବା ବସ୍ତା ବ୍ଲକର ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଛି। ବୁଧବାର ପଞ୍ଚାୟତ ସମିତି ବୈଠକକୁ ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ଆସି ଏଭଳି ଅସମ୍ମାନ ସମ୍ପର୍କରେ ଗୃହରେ ଜନପ୍ରତିନିଧିମାନଙ୍କୁ ଜଣାଇଥିଲେ। ଶାସକ ଦଳ ସମର୍ଥିତ ସରପଞ୍ଚ ଏହାକୁ ବିରୋଧ କରିବାରୁ ସେ ବୈଠକ ବର୍ଜନ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ପୂର୍ବାହ୍ନ ୧୧ଟାରେ ବୈଠକ ଆରମ୍ଭ ହୋଇଥିଲା। ବିଧାୟକ ନିତ୍ୟାନନ୍ଦ ସାହୁ, ଅଶ୍ୱିନୀ ପାତ୍ର, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ଦାସ, ଉପାଧ୍ୟକ୍ଷା ରଞ୍ଜନା ଦାସ, ବିଡିଓ କୁକୁମୀନା ଦାସ, ବିଭିନ୍ନ ବିଭାଗର ଅଧିକାରୀ ଓ ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ମନ୍ତ୍ରୀଙ୍କ ଜିଲା ପ୍ରତିନିଧି ଉମାକାନ୍ତ ମହାପାତ୍ର ସଭାଗୃହରେ ପହଞ୍ଚି କିପରି କେନ୍ଦ୍ରମନ୍ତ୍ରୀଙ୍କୁ ଅସମ୍ମାନ କରାଯାଉଛି ଓ ଜାଣିଶୁଣି ବ୍ଲକ ପ୍ରଶାସନ ଉପେକ୍ଷା କରୁଥିବା କହିଥିଲେ। ଶାସକ ଦଳ ସମର୍ଥିତ ସରପଞ୍ଚ ଏହାକୁ ବିରୋଧ କରିବାରୁ ଉପସ୍ଥିତ ଭାଜପା ନେତା ଓ କର୍ମୀ ପ୍ରଶାସନ ଉପରେ ଗୃହ ଆଗରେ ନାରାବାଜି କରିଥିଲେ। ଫଳରେ ସଭାଗୃହରେ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥିଲା। ଏହା ଦେଖି ମନ୍ତ୍ରୀଙ୍କ ପ୍ରତିନିଧି ବୈଠକକୁ ବର୍ଜନ କରି କହିଥିଲେ ଯେ, ବ୍ଲକ ପକ୍ଷରୁ ତାଙ୍କୁ ମୋବାଇଲ ହ୍ୱାଟସ୍‌ଆପ୍‌ରେ ଚିଠି ପଠାଇବା ସହିତ ମନ୍ତ୍ରୀଙ୍କୁ ଇ-ମେଲ୍ ଜରିଆରେ ବୈଠକ ହେବାର ୨ଦିନ ପୂର୍ବରୁ ପଠାଯାଇଛି। ମନ୍ତ୍ରୀଙ୍କ ବିଭିନ୍ନ ସରକାରୀ ଗସ୍ତ ରହୁଥିବାରୁ କେଉଁଦିନ ଉପସ୍ଥିତ ରହିବେ ସେ ସମ୍ପର୍କରେ ତାଙ୍କ ସହିତ କୌଣସି ଯୋଗାଯୋଗ ବା ପରାମର୍ଶ ନ ନେଇ କେବଳ ଔପଚାରିକତା ଦୃଷ୍ଟିରୁ ଗୋଟିଏ ଚିଠି କରି ବ୍ଲକ ପ୍ରଶାସନ କାମ ସାରିଦେଉଛି। ଶାସକ ଦଳ ଚାପରେ କେନ୍ଦ୍ରମନ୍ତ୍ରୀଙ୍କୁ ଉପେକ୍ଷା ସହିତ ଅସମ୍ମାନ କରାଯାଉଛି। ଏପରିକି ବ୍ଲକର କୌଣସି କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ମନ୍ତ୍ରୀଙ୍କୁ ଅବଗତ କରାଯାଉ ନ ଥିବା ସେ ଅଭିଯୋଗ ଆଣିଛନ୍ତି। କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କର ବୁଧବାର ପଶ୍ଚିମବଙ୍ଗ ଗସ୍ତ ଥିବାବେଳେ ଫେରିବା ପରେ ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଖୁବ୍‌ଶୀଘ୍ର ବ୍ଲକର ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବେ ବୋଲି ସେ ସୂଚନା ଦେଇଛନ୍ତି।


## ପ୍ରଗତି ପଥେ ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର

'ନୂତନ ବର୍ଷ-୨୦୨୧ ଉପଲକ୍ଷେ ବିଞ୍ଝାରପୁର ତଥା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ'

୧. ୨୦୨୦-୨୧ ଆର୍ଥିକବର୍ଷରେ ପଞ୍ଚାୟତ ସମିତି ପକ୍ଷରୁ ୨୩୩୦ ହିତାଧିକାରୀଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଯୋଗାଇ ଦିଆଯାଇଅଛି।
୨. ଉପରୋକ୍ତ ହିତାଧିକାରୀଙ୍କୁ ମନରେଗା ଯୋଜନାରେ ୯୫ ଦିନର କାର୍ଯ୍ୟଦିବସ ଉପଲବ୍ଧ କରାଯାଇଛି।
୩. ଆବାସ ଯୋଜନାରେ ହିତାଧିକାରୀ ଗୃହ ନିର୍ମାଣ କାର୍ଯ୍ୟ ୪ ମାସ ମଧ୍ୟରେ କିମ୍ବା ୦୬ ମାସ ମଧ୍ୟରେ ଶେଷ କଲେ କ୍ରମାନ୍ୱୟରେ ଟ୨୦୦୦୦/- ଓ ଟ୧୦୦୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି।
| ୫୧୮ | ୨୩୧ | ବେସରକାରୀ | ଧାନ / ୧ | ୦.୦୬୬ | ସୁଆନଗଡ଼ା ପାଲିଆ ଓ, ସୁଆନଗଡ଼ା କାଲୁ, ପିତା: ସୁଆନଗଡ଼ା ମଙ୍ଗଳ, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ବେହେରାଗୁଡ଼ା ୨୩୧ |
| ୫୧୯ | ୨୩୪ | ବେସରକାରୀ | ଧାନ / ୧ | ୦.୦୬୬ | ଗାଜିବିଲି ଭାନୁ, ସ୍ୱାମି: ଗାଜିବିଲି କ୍ରୀଷ୍ଣାରାଓ, ଜାତି: ଶୁଣ୍ଢି, ଗ୍ରାମ: ବେହେରା ଗୁଡ଼ା ୨୩୪ |
| ୫୨୦ | ୨୩୫ | ବେସରକାରୀ | ଧାନ / ୧ | ୦.୦୧୭ | ପଟନା ସଙ୍ଗନା, ପିତା: ପଟନାକୁ ସିନୟା, ଜାତି: ଭଣ୍ଡାରି, ଗ୍ରାମ: ଲୁଙ୍ଗୁରି (ବେହେରାଗୁଡ଼ା) ୨୩୫ |
| ୫୨୧ | ୨୬୮ | ବେସରକାରୀ | ଡଙ୍ଗରା / ୧ | ୦.୦୪ | ରାମ ଭାଇ, ସିତାରାମ ଭାଇ, ମଙ୍ଗତ ରାମ ଭାଇ, ସାମି, ପିତା: ରାମ ଭାଇ ସମରା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି (ବେହେରାଗୁଡ଼ା) ୨୬୮ |
| ୫୨୨ | ୨୬୯ | ବେସରକାରୀ | ଡଙ୍ଗରା / ୧ | ୦.୧୪୨୩ | ବେହେରା କ୍ଷୀଷ୍ଟମା, ପିତା: ବେହେରା ଇରାନା, ଜାତି: କ୍ଷତ୍ରୀୟ, ଗ୍ରାମ: ବେହେରାଗୁଡ଼ା ୨୬୯ |
| ୫୨୩ | ୨୭୬ | ସରକାରୀ | ଧୋଡ଼ା | ୦.୦୬୬ | ଅବାଦ ଅଯୋଗ୍ୟ ଅନାବାଦି ୨୭୬ |
| ୫୨୪ | ୨୭୭ | ବେସରକାରୀ | ଡଙ୍ଗରା / ୧ | ୦.୩୮୩ | ଗୋକୁଳ ଖିଲ, ପିତା: ଶ୍ୟାମ ଖିଲ, ଜାତି: ମାଳି, ଗ୍ରାମ: ପୁକାଳି ମାଳିଗୁଡ଼ା ୨୭୭ |
| ୫୨୫ | ୨୭୮ | ସରକାରୀ | ଶ୍ମଶାନ | ୦.୧୨୩୪ | ପରମବୋକା ୨୭୮ |
| ୫୨୬ | ୨୮୧ | ବେସରକାରୀ | ଡଙ୍ଗରା / ୨ | ୦.୧୭୭ | ମୁକ୍ତାମଣି ଖୋସଲା, ସ୍ୱାମୀ: ଜୟାନନ୍ଦ ଖୋସଲା, ଉଦିତ୍ ପ୍ରତାପ ଖୋସଲା, ପିତା: ପୂର୍ଣ୍ଣ ନନ୍ଦ ଖୋସଲା, ସାବିତ୍ରୀ ଖୋସଲା, ସ୍ୱାମୀ: ବିଭୁତି ଭୁଷଣ ଖୋସଲା, ଜାତି: ଖ୍ରୀଷ୍ଟିୟାନ, ଗ୍ରାମ: ମିଶନ କମ୍ପାଉଣ୍ଡ, କୋରାପୁଟ ୨୮୧ |
| ୫୨୭ | ୨୮୨ | ବେସରକାରୀ | ଡଙ୍ଗରା / ୧ | ୦.୧୯୮ | ଜାନି ସୁରି, ଜାନି ଦାସୁ, ପିତା: ଜାନି ଚାନଡୁ, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ବେହେରାଗୁଡ଼ା ୨୮୨ |
| ୫୨୮ | ୨୮୩ | ବେସରକାରୀ | ଡଙ୍ଗରା / ୧ | ୦.୧୭୩୭ | କେ. ଦିନେଶ ନାୟର, ପିତା: କେ କୁଞ୍ଜିରମଣ ନାୟର, ଜାତି:ନାୟର, ଗ୍ରାମ: ମେନରୋଡ଼ ସିମିଳିଗୁଡ଼ା, ଅନ୍ଦ୍ରା ଶ୍ରୀନୁ, ପିତା: ଅନ୍ଦ୍ରା ପଇଦି ତେଲି, ଜାତି: ଦେବଙ୍ଗୁଳା, ଗ୍ରାମ: ଇନ୍ଧିରାନଗର ସିମିଳିଗୁଡ଼ା ୨୮୩ |
| ୫୨୯ | ୨୮୮ | ସରକାରୀ | ରାସ୍ତା | ୦.୦୬ | ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ଼, ଦାମନଯୋଡ଼ି ୨୮୮ |
| ୫୩୦ | ୪୯ | ବେସରକାରୀ | ଡଙ୍ଗରା / ୨ | ୦.୨୬୬ | ସାହୁକାରି ଶ୍ରୀ ଚନ୍ଦ୍ରରାଓ ଚୌଧୁରୀ, ପିତା: ସାହୁକାରି ଚକ୍ରପାଣି, ଗ୍ରାମ: ଲୁଙ୍ଗୁରି, ଗୁଡ଼ା ବେହେରାଗୁଡ଼ା ୪୯ |
| ୫୩୧ | ୫୦ | ସରକାରୀ | ଧୋଡ଼ା | ୦.୦୬୩ | ଅବାଦ ଅଯୋଗ୍ୟ ଅନାବାଦି ୫୦ |
| ୫୩୨ | ୫୧ | ବେସରକାରୀ | ଡଙ୍ଗରା / ୨ | ୦.୪୦୧ | ସାହୁକାରି ଶ୍ରୀ ଚନ୍ଦ୍ରରାଓ ଚୌଧୁରୀ, ପିତା: ସାହୁକାରି ଚକ୍ରପାଣି, ଗ୍ରାମ: ଲୁଙ୍ଗୁରି, ଗୁଡ଼ା ବେହେରାଗୁଡ଼ା ୫୧ |
| ୫୩୩ | ୫୨ | ସରକାରୀ | ଧୋଡ଼ା | ୦.୧୨୩ | ଅବାଦ ଅଯୋଗ୍ୟ ଅନାବାଦି ୫୨ |
| ୫୩୪ | ୫୩ | ବେସରକାରୀ | ଡଙ୍ଗରା /୩, ଘରବାରୀ | ୦.୯୨୬ | ଲିଙ୍ଗରାଜ ପାତ୍ର, ପିତା: ମାଧବ ପାତ୍ର, ଜାତି: ବ୍ରାହ୍ମଣ, ଗ୍ରାମ: ଡି ପି କ୍ୟାମ୍ପ, ସୁନାବେଡ଼ା ୫୩ |
| ୫୩୫ | ୫୪ | ବେସରକାରୀ | ଡଙ୍ଗରା / ୨ | ୦.୨୦୬ | ଗିରିମ ହୁଡ଼ା, ପିତା: ଗିରିମ ଗଡ଼ବା, ଜାତି: ଗଡ଼ବା, ଗ୍ରାମ: କାକି ଗୁଡ଼ା ଅଲାଙ୍ଗଗୁଡ଼ା ୫୪ |
| ୫୩୬ | ୫୯ | ବେସରକାରୀ | ଡଙ୍ଗରା /୩ | ୦.୦୫୨ | ସାହୁକାରି ଶ୍ରୀ ଚନ୍ଦ୍ରରାଓ ଚୌଧୁରୀ, ପିତା: ସାହୁକାରି ଚକ୍ରପାଣି, ଗ୍ରାମ: ଲୁଙ୍ଗୁରି, ଗୁଡ଼ା ବେହେରାଗୁଡ଼ା |
| ୫୩୭ | ୬୦ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୨.୩୧୯ | ରକ୍ଷିତ ଅନାବାଦି ୬୦ |
| ୫୩୮ | ୬୧ | ବେସରକାରୀ | ଡଙ୍ଗରା / ୨ | ୦.୯୬୩ | ବୁଢ଼ା ଚଲାନ, ପିତା: ମିଶିଙ୍ଗ ଘାସି, ଜାତି: ଗଡ଼ବା, ଗ୍ରାମ: ବାଟେରି ଗୁଡ଼ା ମିଶିଙ୍ଗଗୁଡ଼ା ୬୧ |
| ୫୩୯ | ୬୨ | ସରକାରୀ | ଧୋଡ଼ା | ୦.୦୧ | ଅବାଦ ଅଯୋଗ୍ୟ ଅନାବାଦି ୬୨ |
| ୫୪୦ | ୬୩ | ସରକାରୀ | ନଦୀ | ୦.୩୦୯ | ଅବାଦ ଅଯୋଗ୍ୟ ଅନାବାଦି ୬୩ |
| ୫୪୧ | ୬୪ | ବେସରକାରୀ | ଡଙ୍ଗରା / ୧ | ୦.୦୦୪ | ମୁଲିୟା ନାଏକ, ଭକ୍ତ ନାଏକ, ପିତା: ଶାମ ନାଏକ, ଜାତି: ଗଡ଼ବା, ଗ୍ରାମ: ବାଟେରି ଗୁଡ଼ା ଗୁଡ଼ା-ମିଶିଙ୍ଗୁଡ଼ା ୬୪ |
| ୫୪୨ | ୬୯୩ | ବେସରକାରୀ | ଡଙ୍ଗରା /୩ | ୦.୦୯୫୭ | ସଦାରିଆ ଦାମୁ, ପିତା: ସଦାରିଆ ମଣି, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ୬୯୩ |
| ୫୪୩ | ୬୯୪ | ବେସରକାରୀ | ଡଙ୍ଗରା / ୨ | ୦.୮୦୪ | ବାହାଦୁର ମାଝୀ, ପିତା: ଚାଗେ ମାଝି, ଜାତି: ଖଣ୍ଡାୟତ, ଗ୍ରାମ: ସୁନାବେଡ଼ା ୬୯୪ |
| ୫୪୪ | ୭୨୨ | ସରକାରୀ | ବସ୍ତି | ୦.୧୨୩ | ପରମବୋକା ୭୨୨ |
| ୫୪୫ | ୭୨୩ | ବେସରକାରୀ | ଧାନ / ୧ | ୦.୧୯୪ | ସୁଆନଗଡ଼ା ନାଥ, ପିତା: ସୁଆନଗଡ଼ା ସୁକ୍ରା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ୭୨୩ |
| ୫୪୬ | ୭୨୬ | ବେସରକାରୀ | ଧାନ / ୨ | ୦.୦୦୫ | ଜୟପୁରିଆ ବୁଦୁ, ପିତା: ଜାନି ଉମେଲି, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ଗୁଡ଼ା – ବେହେରା ଗୁଡ଼ା ୭୨୬ |
| ୫୪୭ | ୭୩୧ | ବେସରକାରୀ | ଡଙ୍ଗରା / ୨ | ୦.୦୦୭ | ସୋହାଗି ମାଝି, ସ୍ୱାମୀ: ସିଙ୍ଗରାୟ ଟୁଡୁ, ଜାତି: ସାନ୍ତାଳ, ଗ୍ରାମ: ସିମିଳିଗୁଡ଼ା ୭୩୧ |
| ୫୪୮ | ୭୩୨ | ବେସରକାରୀ | ଡଙ୍ଗରା / ୨ | ୦.୦୯ | ଦାମି ମିରକା, ଦାମି ବୁଦୁରା, ଦାମି ଲଛମ, ପିତା: ଦାମି ସମରା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ଗୁଡ଼ା – ବେହେରା ଗୁଡ଼ା ୭୩୨ |
| ୫୪୯ | ୭୩୩ | ବେସରକାରୀ | ଡଙ୍ଗରା / ୨ | ୦.୦୮୧ | ପ୍ରବାଳ ବେକ, ପିତା: ତିମଥୋସ ବେକ, ଗ୍ରାମ: ଦାମନଯୋଡ଼ି୭୩୩ |
| ୫୫୦ | ୭୩୪ | ବେସରକାରୀ | ଡଙ୍ଗରା / ୨ | ୦.୮୯୬ | ନାରାୟଣ ଜାନି, ପିତା: ଧନ ଜାନି, ଜାତି: ପରଜା, ଗ୍ରାମ: ଅଁଳାବାଡ଼ି କଲୋନୀ ଦାମନଯୋଡ଼ି ୭୩୪ |
| ୫୫୧ | ୭୩୫ | ବେସରକାରୀ | ଡଙ୍ଗରା / ୨ | ୦.୬୫୪ | ଦାମି ମିରକା, ଦାମି ବୁଦୁରା, ଦାମି ଲଛମ, ପିତା: ଦାମି ସମରା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ଗୁଡ଼ା – ବେହେରା ଗୁଡ଼ା ୭୩୫ |
| ୫୫୨ | ୭୩୬ | ସରକାରୀ | ଧୋଡ଼ା | ୦.୧୨୬ | ଅବାଦ ଅଯୋଗ୍ୟ ଅନାବାଦି ୭୩୬ |
| ୫୫୩ | ୭୩୭ | ବେସରକାରୀ | ଡଙ୍ଗରା / ୨ | ୦.୦୪୪୨ | ରାମ ଭୋଇଜିନୁ, ପିତା: ରାମ ଭାଇ ଶୁକ୍ରା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ଗୁଡ଼ା – ବେହେରା ଗୁଡ଼ା ୭୩୭ |
| ୫୫୪ | ୭୫୨ | ବେସରକାରୀ | ଡଙ୍ଗରା / ୨ | ୦.୦୧୫୬ | ଜାନି ଲେଡୁ, ଜାନି ମଧୁ, ଜାନି ସାଣ୍ଡେଲ, ପିତା: ଜାନି ସିନାୟା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ୭୫୨ |
| ୫୫୫ | ୭୫୪ | ବେସରକାରୀ | ଡଙ୍ଗରା / ୨ | ୦.୫୩୪ | ଜାନି ସୁକ୍ରୁ, ପିତା: ଜାନି ଅନ୍ଧାରୁ, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ୭୫୪ |
| ୫୫୬ | ୭୫୮ | ବେସରକାରୀ | ଡଙ୍ଗରା / ୨ | ୦.୬୬୦୧ | ସନ୍ୟମାସ ନାୟର, ଆସର ଲେଭି ନାୟର, ପିତା: କେ ଅମର ନାୟର, ଜାତି: ନାୟର, ଗ୍ରାମ: ବ୍ଲକ କଲୋନୀ ସିମିଳିଗୁଡ଼ା ୭୫୮ |
| ୫୫୭ | ୭୭ | ସରକାରୀ | ଗୋଚର | ୦.୪୨୭୪ | ରକ୍ଷିତ ଅନାବାଦି ୭୭ |
| ୫୫୮ | ୭୮ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୩୭୭ | ରକ୍ଷିତ ଅନାବାଦି ୭୮ |
| ୫୫୯ | ୭୯ | ସରକାରୀ | ବସ୍ତି | ୦.୭୦୮ | ରକ୍ଷିତ ଅନାବାଦି ୭୯ |
| ୫୬୦ | ୮୫ | ବେସରକାରୀ | ଡଙ୍ଗରା / ୧ | ୦.୫୧୬୯ | ମନିସା ଚୌଧୁରୀ, ପଲ୍ଲବୀ ଚୌଧୁରୀ, ପିତା: ଦାମୋଦର ଚୌଧୁରୀ, ଜାତି: ଶୁଣ୍ଢି, ଗ୍ରାମ: ସରସ୍ୱତୀ ନଗର ସିମିଳିଗୁଡ଼ା ୮୫ |
| ୫୬୧ | ୮୭ | ବେସରକାରୀ | ଡଙ୍ଗରା / ୨ | ୦.୭୪୨ | ଓଡ଼େ ସାମୁଲ, ପିତା: ଓଡ଼େ ବୋଡ଼ାନା, ଜାତି: ପରଜା, ଗ୍ରାମ: ଲୁଙ୍ଗୁରି ଗୁଡ଼ା ବେହେରାଗୁଡ଼ା ୮୭ |
| ୫୬୨ | ୮୮ | ବେସରକାରୀ | ଡଙ୍ଗରା /୩ | ୦.୩୩୧ | ସାରା ପିଲି ରାଧାମା, ସ୍ୱାମୀ: ସାରା ପିଲି ଆପୁଡୁ, ଜାତି: କାମ୍ପା, ଗ୍ରାମ: ଲୁଙ୍ଗୁରି ଗୁଡ଼ା ବେହେରାଗୁଡ଼ା ୮୮ |
| ୫୬୩ | ୮୯ | ବେସରକାରୀ | ଡଙ୍ଗରା /୩ | ୦.୪୭୨ | ବେହେରା କ୍ଷିଷ୍ଟମା, ପିତା: ବେହେରା ଇରାନା, ଜାତି: କ୍ଷତ୍ରିୟ, ଗ୍ରାମ: ବେହେରାଗୁଡ଼ା ୮୯ |
| ୫୬୪ | ୯୦ | ବେସରକାରୀ | ଡଙ୍ଗରା /୩ | ୦.୯୨୬ | ଜ୍ଞାନଚାନ୍ଦ ପାହୁଜା, ପିତା: ଲେଖାରାଜ ପାହୁଜା, ଜାତି: କ୍ଷତ୍ରିୟ, ଗ୍ରାମ: ସିମିଳିଗୁଡ଼ା ୯୦ |
| ୫୬୫ | ୯୧ | ସରକାରୀ | ଧୋଡ଼ା | ୦.୦୩୬ | ଅବାଦ ଅଯୋଗ୍ୟ ଅନାବାଦି ୯୧ |
| ୫୬୬ | ୯୨ | ବେସରକାରୀ | ଡଙ୍ଗରା /୩ | ୦.୮୮୬ | ବେହେରା କ୍ଷିଷ୍ଟମା, ପିତା: ବେହେରା ଇରାନା, ଜାତି: କ୍ଷତ୍ରିୟ, ଗ୍ରାମ: ବେହେରାଗୁଡ଼ା ୯୨ |
| ୫୬୭ | ୯୩ | ସରକାରୀ | ଧୋଡ଼ା | ୦.୦୫୮ | ଅବାଦ ଅଯୋଗ୍ୟ ଅନାବାଦି ୯୩ |
| ୫୬୮ | ୯୪ | ବେସରକାରୀ | ଡଙ୍ଗରା / ୨ | ୦.୫୨୫ | ସାହୁକାରି ଶ୍ରୀ ଚନ୍ଦ୍ରରାଓ ଚୌଧୁରୀ, ପିତା: ସାହୁକାରି ଚକ୍ରପାଣି, ଗ୍ରାମ: ଲୁଙ୍ଗୁରି ଗୁଡ଼ା-ବେହେରାଗୁଡ଼ା ୯୪ |
| ୫୬୯ | ୯୫ | ସରକାରୀ | ଧୋଡ଼ା | ୦.୦୦୬ | ଅବାଦ ଅଯୋଗ୍ୟ ଅନାବାଦି ୯୫ |
| ଗ୍ରାମ: ପୁଙ୍ଗାର | | | | | |
| ୫୭୦ | ୧ | ସରକାରୀ | ନୟନଜୋରୀ | ୦.୧୭୮ | ଜନସାଧାରଣ କାର୍ଯ୍ୟ ବିଭାଗ ୧ |
| ୫୭୧ | ୧୦୦ | ବେସରକାରୀ | ଡଙ୍ଗରା / ୧ | ୦.୦୦୭୭ | ଗଜିବିଲି ନିଳକଣ୍ଠ, ପିତା: ଗଜିବିଲି ଆପନା, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର, ଗୁଡ଼ା ଶୁଣ୍ଢିଗୁଡ଼ା ୧୦୦ |
| ୫୭୨ | ୧୦୨ | ବେସରକାରୀ | ଅଟାଳୀ ୧ | ୦.୧୨୮୫ | ଗଜିବିଲି ନିଳକଣ୍ଠ, ପିତା: ଗଜିବିଲି ଆପନା, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର, ଗୁଡ଼ା ଶୁଣ୍ଢିଗୁଡ଼ା ୧୦୨ |
| ୫୭୩ | ୧୦୩ | ସରକାରୀ | ଶ୍ମଶାନ | ୦.୦୩୧୯ | ସର୍ବ ସାଧାରଣ ୧୦୩ |
| ୫୭୪ | ୧୦୪ | ବେସରକାରୀ | ଧାନ / ୧ | ୦.୦୬୬୩ | ଗଜିବିଲି କେସବ, ପିତା: ଗଜିବିଲି ନାରାୟଣ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର ୧୦୪ |
| ୫୭୫ | ୧୦୫ | ବେସରକାରୀ | ଡଙ୍ଗରା / ୨ | ୦.୧୭୮୪ | ଗଜିବିଲି ଲଛମନ, ପିତା: ଗଜିବିଲି ନାରାୟଣ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର ୧୦୫ |
| ୫୭୬ | ୧୩ | ସରକାରୀ | ନୟନଜୋରୀ | ୦.୨୫୪୬ | ଜନସାଧାରଣ କାର୍ଯ୍ୟ ବିଭାଗ ୧୩ |
| ୫୭୭ | ୧୪ | ସରକାରୀ | ସଡ଼କ | ୦.୫୩୩୧ | ଜନସାଧାରଣ କାର୍ଯ୍ୟ ବିଭାଗ ୧୪ |
| ୫୭୮ | ୧୫ | ସରକାରୀ | ନୟନଜୋରୀ | ୦.୨୨୫୪ | ଜନସାଧାରଣ କାର୍ଯ୍ୟ ବିଭାଗ ୧୫ |
| ୫୭୯ | ୧୬ | ବେସରକାରୀ | ଡଙ୍ଗରା / ୨ | ୧.୨୪୬ | କିରିସାନି ମଙ୍ଗଳ, ପିତା: ଅଙ୍ଗାରା, ଜାତି: ଗଡ଼ବା, ଗ୍ରାମ: ଜଲେଇ ଗୁଡ଼ା ୧୬ |
| ୫୮୦ | ୧୭ | ସରକାରୀ | ପାହାଡ଼ | ୨.୬୯୪୧ | ରକ୍ଷିତ ଅନାବାଦି ୧୭ |
| ୫୮୧ | ୧୮ | ସରକାରୀ | ପଡ଼ିଆ | ୦.୧୮୨ | ଅବାଦ ଅଯୋଗ୍ୟ ଅନାବାଦି ୧୮ |
| ୫୮୨ | ୧୯ | ବେସରକାରୀ | ଡଙ୍ଗରା / ୨ | ୦.୦୯୬୨ | ପାରିଡାଲା ରଙ୍ଗା ରାଓ, ପାରିଡାଲା ତ୍ରିନାଥ ରାଓ, ପିତା: ପାରିଡାଲା ପଦ୍ମନାଭ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର ୧୯ |
| ୫୮୩ | ୨ | ସରକାରୀ | ସଡ଼କ | ୦.୨୬୦୧ | ଜନସାଧାରଣ କାର୍ଯ୍ୟ ବିଭାଗ ୨ |
| ୫୮୪ | ୩ | ସରକାରୀ | ନୟନଜୋରୀ | ୦.୧୩୦୫ | ଜନସାଧାରଣ କାର୍ଯ୍ୟ ବିଭାଗ ୩ |
| ୫୮୫ | ୪ | ବେସରକାରୀ | ଡଙ୍ଗରା /୩ | ୦.୨୨୯୫ | ପାରିଡାଲା ରଙ୍ଗା ରାଓ, ପାରିଡାଲା ତ୍ରିନାଥ ରାଓ, ପିତା: ପାରିଡାଲା ପଦ୍ମନାଭ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର ୪ |
| ୫୮୬ | ୪୪ | ବେସରକାରୀ | ଧାନ / ୧ | ୦.୧୦୮ | ପାରିଡାଲା ରଙ୍ଗା ରାଓ, ପାରିଡାଲା ତ୍ରିନାଥ ରାଓ, ପିତା: ପାରିଡାଲା ପଦ୍ମନାଭ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର ୪୪ |
| ୫୮୭ | ୪୫ | ସରକାରୀ | ପାଣି ନାଳ | ୦.୦୧୧୭ | ଅବାଦ ଅଯୋଗ୍ୟ ଅନାବାଦି ୪୫ |
| ୫୮୮ | ୪୬ | ସରକାରୀ | ପଡ଼ିଆ | ୦.୦୩୨୬ | ସର୍ବ ସାଧାରଣ ୪୬ |
| ୫୮୯ | ୪୭ | ବେସରକାରୀ | ଧାନ /୩ | ୦.୩୬୫୨ | ଜି ଶାଇଲଜା, ପିତା: ଜି ଶ୍ରୀରାମୁଲୁ, ଜାତି: ଶୁଣ୍ଢି, ଗ୍ରାମ: ଶୁଣ୍ଢି ପୁଙ୍ଗାର ୪୭ |
| ୫୯୦ | ୪୮ | ବେସରକାରୀ | ଡଙ୍ଗରା / ୧ | ୦.୦୧୪୬ | ସାଉକାର ଜଗଦିଶ, ପିତା: ସାଉକାର ରୁଶି, ଜାତି: ଶୁଣ୍ଢି, ଗ୍ରାମ: ଶୁଣ୍ଢି ପୁଙ୍ଗାର ୪୮ |
| ୫୯୧ | ୫୫ | ସରକାରୀ | ନଦୀ | ୦.୨୪୧୭ | ଅବାଦ ଅଯୋଗ୍ୟ ଅନାବାଦି ୫୫ |
| ୫୯୨ | ୫୭ | ବେସରକାରୀ | ଡଙ୍ଗରା / ୨ | ୦.୦୦୪୩ | ଗଜିବିଲି ନାରାୟଣ, ପିତା: ଗଜିବିଲି ଆପନା, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର, ଗୁଡ଼ା ଶୁଣ୍ଢିଗୁଡ଼ା |
| ୫୯୩ | ୬୦ | ବେସରକାରୀ | ଡଙ୍ଗରା / ୨ | ୦.୩୩୦୯ | ଗିରିଲିଆ ମୁଣ୍ଡୁରା, ପିତା: ନାଦୁ, ଜାତି: ପରଜା, ଗ୍ରାମ: ପୁଙ୍ଗାର ୬୦ |
| ୫୯୪ | ୬୩ | ବେସରକାରୀ | ଧାନ / ୨ | ୦.୦୩୦୬ | ବାସନ୍ତି ଖିଲ, ପିତା: କମଳ ଲୋଚନ ଖିଲ, ଜାତି: ମାଳି, ଗ୍ରାମ: ମାଳି କୁଦି ୬୩ |
| ୫୯୫ | ୬୪ | ବେସରକାରୀ | ଡଙ୍ଗରା / ୨ | ୦.୭୩୭୪ | ମୁଞ୍ଜନଗିଆ ଶୁକ୍ରି, ସ୍ୱାମୀ: ମୁଞ୍ଜନଗିଆ ଅଗାଧୁ, ଜାତି: ପରଜା, ଗ୍ରାମ: ଶୁଣ୍ଢି ପୁଙ୍ଗାର ୬୪ |
| ୫୯୬ | ୬୫ | ସରକାରୀ | ପାଣି ନାଳ | ୦.୦୪୭୨ | ଅବାଦ ଅଯୋଗ୍ୟ ଅନାବାଦି ୬୫ |
| ୫୯୭ | ୬୬ | ବେସରକାରୀ | ଡଙ୍ଗରା / ୨ | ୦.୪୩୦୬ | ପାରିଡାଲା ରଙ୍ଗା ରାଓ, ପାରିଡାଲା ତ୍ରିନାଥ ରାଓ, ପିତା: ପାରିଡାଲା ପଦ୍ମନାଭ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର |
| ୫୯୮ | ୬୭ | ବେସରକାରୀ | ଡଙ୍ଗରା / ୧ | ୦.୧୨୭୨ | ଏମ୍/ଏସ୍ ସାହୁ ବଟଲିଂ ପ୍ଲାଣ୍ଟ ପ୍ରାଇଭେଟ ଲିମିଟେଡ଼ଙ୍କ ତରଫେ, ଏମ୍.ଡି. ଅମର କୁମାର ସାହୁ, ପିତା: ଶିବ ପ୍ରସାଦ ସାହୁ, ଜାତି: ଶୁଣ୍ଢି, ସାମ୍ଭୋ ଟାଟା ସାହି, ଜୟପୁର ୬୭ |
| ୫୯୯ | ୭୮ | ସରକାରୀ | ନୟନଜୋରୀ | ୦.୦୪୨୨ | ଜନସାଧାରଣ କାର୍ଯ୍ୟ ବିଭାଗ ୭୮ |
| ୬୦୦ | ୭୯ | ସରକାରୀ | ସଡ଼କ | ୦.୦୯୯୫ | ଜନସାଧାରଣ କାର୍ଯ୍ୟ ବିଭାଗ ୭୯ |
| ୬୦୧ | ୮୦ | ସରକାରୀ | ନୟନଜୋରୀ | ୦.୦୩୯୬ | ଜନସାଧାରଣ କାର୍ଯ୍ୟ ବିଭାଗ ୮୦ |
| ୬୦୨ | ୮୨ | ସରକାରୀ | ପାହାଡ଼ | ୧.୫୪୯୫ | ରକ୍ଷିତ ଅନାବାଦି ୮୨ |
| ୬୦୩ | ୮୩ | ସରକାରୀ | ଗୋଚର | ୧.୩୩୧୫ | ସର୍ବ ସାଧାରଣ ୮୩ |
| ୬୦୪ | ୮୩/୫୧୬ | ବେସରକାରୀ | ଡଙ୍ଗରା /୩ | ୦.୫୩୬୯ | ନିଳଗିରି ସନ୍ୟାସୀ, ପିତା: ନିଳଗିରି ପଦ୍ମନାଭ, ଜାତି: ଶୁଣ୍ଢି, ଗ୍ରାମ: ପୁଙ୍ଗାର, ଗୁଡ଼ା ଶୁଣ୍ଢିଗୁଡ଼ା ୮୩/୫୧୬ |
| ୬୦୫ | ୯୭ | ସରକାରୀ | ରାସ୍ତା | ୦.୦୨୨୨ | ସର୍ବ ସାଧାରଣ ୯୭ |
| ଗ୍ରାମ: ସିରିମୋରା | | | | | |
| ୬୦୬ | ୫୭୩ | ସରକାରୀ | ନଦୀ | ୦.୧୫ | ଅବାଦ ଅଯୋଗ୍ୟ ଅନାବାଦି ୫୭୩ |
| ୬୦୭ | ୫୮୦ | ସରକାରୀ | ପର୍ବତ | ୦.୦୫୬ | ଅବାଦ ଅଯୋଗ୍ୟ ଅନାବାଦି ୫୮୦ |
| ୬୦୮ | ୫୮୨ | ସରକାରୀ | ପାଣି ନାଳ | ୦.୦୦୧ | ଅବାଦ ଅଯୋଗ୍ୟ ଅନାବାଦି ୫୮୨ |
| ୬୦୯ | ୫୮୪ | ବେସରକାରୀ | ଅଟାଳୀ ୧ | ୦.୩୪୫ | ଗୁଟ ଦାମୁ, ପିତା: ଲାଦର ନାଏକ, ଜାତି: କନ୍ଧ, ଗ୍ରାମ: ସିରିମୋରା, ସମିଲି କନ୍ଧଗୁଡ଼ା ୫୮୪ |
| ୬୧୦ | ୫୮୫ | ସରକାରୀ | ନଦୀ | ୧.୦୭୦୮ | ଅବାଦ ଅଯୋଗ୍ୟ ଅନାବାଦି ୫୮୫ |
| ୬୧୧ | ୫୮୭ | ବେସରକାରୀ | ଡଙ୍ଗରା /୩ | ୦.୦୪୫ | ଗୁଟ ଡମଣା, ପିତା: ଗୁଟ ପାଗୁ, ଜାତି: କନ୍ଧ, ଗ୍ରାମ: ସିରିମୋରା, ଗୁଡା କନ୍ଧଗୁଡ଼ା ୫୮୭ |
| ୬୧୨ | ୫୯୦ | ବେସରକାରୀ | ଡଙ୍ଗରା / ୨ | ୦.୩୮୫ | ଚନ୍ଦ୍ରମା ସିରିକା, ସ୍ୱାମୀ: ସନ୍ତୋଷ କୁମାର ସିରିକା, ଜାତି: ଗଡ଼ବା, ଗ୍ରାମ: ମେଲାଗୁଡ଼ା ୫୯୦ |
| ୬୧୩ | ୫୯୧ | ବେସରକାରୀ | ଅଟାଳୀ ୧ | ୦.୫୭୯୫ | ଚନ୍ଦ୍ରମା ସିରିକା, ସ୍ୱାମୀ: ସନ୍ତୋଷ କୁମାର ସିରିକା, ଜାତି: ଗଡ଼ବା, ଗ୍ରାମ: ମେଲାଗୁଡ଼ା ୫୯୧ |
| | | | ମୋଟ | ୧୪୩.୧୨୭୫ | |

[F. No. NHAI/11012/6(LA)/PIU-BAM,Odisha/Raipur-Vizag/Notif.(3a)/3D5]
RAJESH GUPTA, Dy. Secy.

## ସଂକ୍ଷେପରେ

### ଇନ୍‌ଫୋସିସ ନେଟ୍ ଲାଭ ୧୭% ବଢ଼ିଲା

ନୂଆଦିଲ୍ଲୀ,୧୩।୧:ଦେଶର ଦ୍ୱିତୀୟ ବୃହତ୍ ଆଇଟି ସେବା ଯୋଗାଣକାରୀ କମ୍ପାନୀ ଇନ୍‌ଫୋସିସର ନେଟ୍ ଲାଭ ୧୭% ବଢ଼ିଛି। ଡିସେମ୍ବର ୩୧ ସୁଦ୍ଧା ଏହି କମ୍ପାନୀର ନେଟ୍ ଲାଭ ୫,୧୯୭ କୋଟି ଟଙ୍କା ରହିଛି। କମ୍ପାନୀ ଏହି ତ୍ରୈମାସରେ ୨୫,୯୨୭ କୋଟି ଟଙ୍କା ରାଜସ୍ୱ ଲାଭ କରିଛ; ଯାହା ଗତ ବର୍ଷ ସମାନ ସମୟରେ ୨୩,୦୯୨ କୋଟି ଟଙ୍କା ରହିଥିଲା। ଏହି ତ୍ରୈମାସରେ ରାଜସ୍ୱ ୧୨.୩% ଊର୍ଦ୍ଧ୍ୱରେ ରହିଥିବା କମ୍ପାନୀ ପ୍ରକାଶ କରିଛି। ୪.୫ରୁ ୫% ଅଭିବୃଦ୍ଧି ଗାଇଡ୍ ସହ ଏହା ଅଗ୍ରସର ହେଉଛି। ଆଉ ଏକ ତ୍ରୈମାସରେ ଇନ୍‌ଫୋସିସ୍ ଭଲ ଫଳାଫଳ କରିଛି ବୋଲି ଏହାର ଏମ୍‌ଡି ତଥା ସିଇଓ ସଲିଲ ପାରେଖ କହିଛନ୍ତି। କ୍ଲାଏଣ୍ଟଙ୍କୁ ଧରି ରଖିବାର କୌଶଳ, ଡିଜିଟାଲ ଟ୍ରାନ୍ସଫରମେଶନ ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ କମ୍ପାନୀ ବିଭିନ୍ନ ପଦକ୍ଷେପ ହାତକୁ ନେଉଛି। କମ୍ପାନୀ ଭିନ୍‌ଗାର୍ଡ, ଡାଏମର, ରୋଲ୍‌ସ ରଏସ୍ ଭଳି ଗ୍ଲୋବାଲ ପାର୍ଟନରଙ୍କୁ ସେବା ଯୋଗାଣ ଧାରା ଜାରି ରଖିଥିବା ପାରେଖ କହିଛନ୍ତି।

### ବେଦାନ୍ତକୁ 'ମୋଷ୍ଟ ଇନୋଭେଟିଭ ବେଷ୍ଟ ପ୍ରାକ୍ଟିସ' ପୁରସ୍କାର

ଭୁବନେଶ୍ୱର,୧୩।୧: ଭାରତର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମକୁ 'ମୋଷ୍ଟ ଇନୋଭେଟିଭ ବେଷ୍ଟ ପ୍ରାକ୍ଟିସ' ପୁରସ୍କାର ପ୍ରଦାନ କରାଯାଇଛି। ସିଆଇଆଇର ସେଣ୍ଟର ଫର୍ ଡିଜିଟାଲ ଟ୍ରାନ୍ସଫରମେଶନ ସମ୍ମିଟ ଆଣ୍ଡ ଆୱାର୍ଡ-୨୦୨୦ କାର୍ଯ୍ୟକ୍ରମରେ ଡିଜିଟାଲୀକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୃଥିବୀର ତୃତୀୟ ତଥା ଭାରତର ପ୍ରଥମ ଥର ଡିଜିଟାଲ ସ୍ମେଲଟର ଜ୍ଞାନକୌଶଳ ବେଦାନ୍ତର ଝାରସୁଗୁଡ଼ା(ଓଡିଶା) ପ୍ଲାଣ୍ଟରେ ସ୍ଥାପନ କରାଯାଇଛି। ଆତ୍ମନିର୍ଭର ଭାରତ ଗଠନ ଅନ୍ତର୍ଗତ ହୋଇଥିବା ଏହି ଡିଜିଟାଲ ଟ୍ରାନ୍ସଫର୍ମେଶନ ସମ୍ମିଟରେ ୩୦୦ରୁ ଊର୍ଦ୍ଧ୍ୱ କମ୍ପାନୀ ଅଂଶ ଗ୍ରହଣ କରିଥିଲେ। ବେଦାନ୍ତ ଆଲୁମିନିୟମର ଡିଜିଟାଲ ସ୍ମେଲଟର ପ୍ରକଳ୍ପର କାର୍ଯ୍ୟଶୈଳୀ ସମ୍ପର୍କରେ ଏଠାରେ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ ଏବଂ ପାୱାର ବିଜ୍‌ନେସ୍‌ର ସିଇଓ ଅଜୟ କପୁର କହିଥିଲେ, ଆମେ ଶ୍ରେଷ୍ଠ ଡିଜିଟାଲ ସମାଧାନ ସହାୟତାରେ କାର୍ଯ୍ୟକାରୀ ଦକ୍ଷତା ଏବଂ ଅପ୍ଟିମାଇଜିଂ ମୂଲ୍ୟ ଏବଂ କଞ୍ଚାମାଲର ଉପଯୋଗ କମାଇବା ସମ୍ଭବ ହୋଇପାରିଛି।

# ଘରୋଇ ପୁଞ୍ଜିବଜାର ସବୁଠୁ ମହଙ୍ଗା

ମୁମ୍ବାଇ,୧୩।୧



ବିକଶିତ ବଜାର ମଧ୍ୟରେ ଆମେରିକା ଶେୟାର ବଜାର ବର୍ତ୍ତମାନ ସବୁଠାରୁ ଭଲ କାରବାର କରୁଛି। ସେହିଭଳି ଅଭିବୃଦ୍ଧିଶୀଳ ବଜାରଗୁଡିକର କଥା ବିଚାରକୁ ନେଲେ ଭାରତ ସବୁଠାରୁ ଆଗରେ ରହିଛି। ବିକାଶଶୀଳ ବଜାରଗୁଡିକ ମଧ୍ୟରେ ଭାରତୀୟ ଶେୟାର ବଜାର ସବୁଠୁ ମହଙ୍ଗା ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଏହି ବଜାରଗୁଡ଼ିକରେ ଅଧିକ ରିଟର୍ନ ମିଳିବା ଆଶା କମ୍ ରହିଛି। ନିବେଶ ଉପରେ ନିବେଶକ ଘାଟା ସହିବାର ଆଶଙ୍କା ମଧ୍ୟ ରହିଛି। ଭାରତର ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ବର୍ତ୍ତମାନ ୨୮.୯୬ର ଫରୱାର୍ଡ ପିଇ ଉପରେ କାରବାର କରୁଛି। ଫରୱାର୍ଡ ପିଇର ଅର୍ଥ ହେଲା ଏହା ଯେତେ ମହଙ୍ଗା ହେବ ବଜାର ସେତେ ମହଙ୍ଗା ହେବ। ଏହାକୁ ପ୍ରାଇସ ଟୁ ଆର୍ନିଂ ବୋଲି କୁହାଯାଇଥାଏ। ଅର୍ଥାତ୍ ଶେୟାର ମୂଲ୍ୟ ଏବଂ ଶେୟାର ପିଛା ହେଉଥିବା ହାରାହାରି ଆୟକୁ ଏଥିରେ ବିଚାର କରାଯାଇଥାଏ। ନିଫ୍ଟିର ହାରାହାରି ୫ ବର୍ଷର କାରବାରକୁ ବିଚାରକୁ ନେଲେ ଏହା ୪୮.୫୭% ପ୍ରିମିୟମ (ଅଧିକ ମୂଲ୍ୟ ପ୍ରଦାନ କରି) ଉପରେ କାରବାର କରୁଛି।

ଦ୍ୱିତୀୟ ଥର ଲାଗି ନିଫ୍ଟି ଏଭଳି ମହଙ୍ଗା ହୋଇଛି। ଯେତେବେଳେ ବଜାରରେ କୌଣସି ବଡ ଧରଣର ହ୍ରାସ ଦେଖାଦିଏ ସେତେବେଳେ ଏହା ଏକ ନୂଆ ଉଚ୍ଚ ସ୍ତର ହାସଲ କରିନିଏ। ୨୦୦୮ର ବିଶ୍ୱ ମାନ୍ଦାବସ୍ଥା ଯୋଗୁ ବଜାରରେ ବଡ ଧରଣର ହ୍ରାସ ପରିଲକ୍ଷିତ ହୋଇଥିଲା। ୨୦୦୮ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ସୂଚକାଙ୍କ ପ୍ରାୟ ୬୦% ଖସିଥିଲା। ୨୦୦୮ର ଆରମ୍ଭରେ ନିଫ୍ଟି ଏହାର ହାରାହାରି ୫ ବର୍ଷର ପିଇର ୪୦% ସ୍ତରରେ କାରବାର କରୁଥିଲା। ଅଭିବୃଦ୍ଧିଶୀଳ ବଜାର ମଧ୍ୟରେ ଥାଇଲାଣ୍ଡ ବର୍ତ୍ତମାନ ୨୦.୩୧% ଫରୱାର୍ଡ ପିଇରେ କାରବାର କରୁଛି। ୫ ବର୍ଷରେ ଏହାର ହାରାହାରି ପ୍ରିମିୟମ ୨୨.୪୭% ରହିଛି। ବିକଶିତ ବଜାର ମଧ୍ୟରେ ଆମେରିକାର ନାସ୍‌ଦାକ ୩୩.୮୮ ପିଇରେ କାରବାର କରୁଛି। ୫ ବର୍ଷରେ ଏହାର ହାରାହାରି ପ୍ରିମିୟମ ୩୬.୯୮% ରହିଛି। ଜାପାନର ନିକେଇ ୨୪.୯୬ ଫରୱାର୍ଡ ପିଇ ସ୍ତରରେ ରହିଥିବା ବେଳେ ୫ ବର୍ଷର ହାରାହାରି ପ୍ରିମିୟମ ୪୨.୧୯% ରହିଛି।

ବଜାର ମହଙ୍ଗା ହୋଇଥିଲେ ମଧ୍ୟ ଶେୟାର ବିକି ବଜାର ଛାଡିବାର ଏହା ସମୟ ନୁହେଁ ବୋଲି ବିଶେଷଜ୍ଞ କୁହନ୍ତି। ଅଧିକ ଭାଲ୍ୟୁଏଶନ ଏକ ଚିନ୍ତାର ବିଷୟ ହୋଇଥାଏ। ମାତ୍ର ନିବେଶକ କେବଳ ଭାଲ୍ୟୁଶନ ଆଧାର ଉପରେ ମାର୍କେଟ ଟାଇମିଂର ଆକଳନ କରିପାରିବେ ନାହିଁ। ନିଫ୍ଟିର ୧୮ ପ୍ରମୁଖ ଶେୟାର ୫ ବର୍ଷର ହାରାହାରି ଭାଲ୍ୟୁଏଶନ ତୁଳନାରେ ୪୦% ଅଧିକ ପ୍ରିମିୟମରେ କାରବାର କରୁଛନ୍ତି। ଏହା ମଧ୍ୟରେ ରିଲାଏନ୍ସ, ଟିସିଏସ୍, ଏଚ୍‌ସିଏଲ୍ ଟେକ୍ନୋଲୋଜି ଏବଂ ଏଚ୍‌ଡିଏଫ୍‌ସି ଭଳି କମ୍ପାନୀ ରହିଛନ୍ତି।

# ଅନ୍‌ଲାଇନ ନେଣଦେଣ ୮୦% ବଢ଼ିଛି

ନୂଆଦିଲ୍ଲୀ,୧୩।୧

ବର୍ଷ ୨୦୨୦ରେ ଦେଶ ମଧ୍ୟରେ ଅନ୍‌ଲାଇନ ନେଣଦେଣ ପ୍ରାୟ ୮୦% ବୃଦ୍ଧି ପାଇଛି। ଛୋଟ ଏବଂ ମଧ୍ୟମ ବର୍ଗ ସହରଗୁଡିକରେ ଅନ୍‌ଲାଇନ ପ୍ଲାଟ୍‌ଫର୍ମ ଗ୍ରହଣ ହାର ଏବେ ଦ୍ରୁତ ହୋଇଛି। ଫଳରେ ଡିଜିଟାଲ କାରବାରରେ ବୃଦ୍ଧି ପରିଲକ୍ଷିତ ହୋଇଛି। ବିତ୍ତୀୟ କମ୍ପାନୀ ରେଜରପେ ପକ୍ଷରୁ ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ଜରିଆରେ ମୋବାଇଲ ଦ୍ୱାରା ନେଣଦେଣ ସୁବିଧା ୧୨୦% ବଢ଼ିଛି। ଏହା ନେଟ୍ ବ୍ୟାଙ୍କିଂ ଏବଂ ମୋବାଇଲ ୱାଲେଟକୁ ମଧ୍ୟ ପଛରେ ପକାଇ ଦେଇଛି। ଟାୟାର ୨ ଏବଂ ୩ ସହରଗୁଡିକରେ ଡିଜିଟାଲ ନେଣଦେଣକୁ ଲୋକମାନେ ଅଧିକ ପସନ୍ଦ କରୁଛନ୍ତି। ଲକଡାଉନ ସମୟରେ ଡିଜିଟାଲ ନେଣଦେଣ କିଛି ମାତ୍ରାରେ ପ୍ରଭାବିତ ହୋଇଥିଲା।

ବଜାରର ସ୍ଥିତି ସ୍ୱାଭାବିକ ହେବା କାରଣରୁ ପରେ ଏଥିରେ ୨୩% ବୃଦ୍ଧି ପରିଲକ୍ଷିତ ହୋଇଥିଲା। ରିପୋର୍ଟ ମୁତାବକ, ୨୦୧୯ ତୁଳନାରେ ୨୦୨୦ରେ ଅନ୍‌ଲାଇନ ନେଣଦେଣରେ ୮୦% ବୃଦ୍ଧି ରେକର୍ଡ କରାଯାଇଛି। ଗ୍ରାହକ ଏବଂ କମ୍ପାନୀଗୁଡିକ ଡିଜିଟାଲ ନେଣଦେଣକୁ ଅଧିକ ପସନ୍ଦ କରୁଥିବା କୁହାଯାଉଛି। ଗତ ବର୍ଷ ଶେଷ ୬ ମାସରେ ଫିନ୍‌କର୍ପ କମ୍ପାନୀଗୁଡିକର କାରବାରରେ ମଧ୍ୟ ସୁଧାର ପରିଲକ୍ଷିତ ହେଉଛି। ୨୦୨୦ ଜୁଲାଇ-ଡିସେମ୍ବର ସମୟରେ ଡିଜିଟାଲ ନେଣଦେଣ ଏହାର ପୂର୍ବ ବର୍ଷ ସମାନ ଅବଧି ତୁଳନାରେ ୭୩% ବଢିଥିବା ରେକର୍ଡ କରାଯାଇଛି।




# ଭାରତରେ ପ୍ରବେଶ କଲା ଟେସ୍‌ଲା

ନୂଆଦିଲ୍ଲୀ,୧୩।୧



ଆମେରିକାର ଇଲେକ୍ଟ୍ରିକ କାର ନିର୍ମାଣକାରୀ କମ୍ପାନୀ ଟେସ୍‌ଲା ଭାରତ ବଜାରରେ ପ୍ରବେଶ କରିଛି। ଏହା ବିଶ୍ୱର ସବୁଠାରୁ ବଡ ଇ-କାର୍ ନିର୍ମାତା। ଟେସ୍‌ଲା ଇଣ୍ଡିଆ ମୋଟର୍ସ ଏବଂ ଏନର୍ଜି ପ୍ରାଇଭେଟ ଲିମିଟେଡ୍ ବାଙ୍ଗାଲୋରରେ ଏକ ଅଫିସ ସ୍ଥାପନ କରିବା ସହ ପଞ୍ଜୀକରଣ କରାଇଛି। ଏଠାରେ କମ୍ପାନୀ ଏକ ରସର୍ଚ୍ଚ ଏବଂ ଡେଭଲପମେଣ୍ଟ ୟୁନିଟ ସହ ମାନୁଫାକ୍ଟରିଂ ଆରମ୍ଭ କରିବାକୁ ଯୋଜନା ରଖିଛି। କମ୍ପାନୀ ଏଠାରେ ବିଳାସପୂର୍ଣ୍ଣ ଇ-କାର୍ ପ୍ରସ୍ତୁତ କରିବା ସହ କାରବାର ଆରମ୍ଭ କରିବ। ଏହା ଭାରତ ବଜାରରେ ମଡେଲ ୩ ଲଞ୍ଚ କରିପାରେବ। କର୍ନାଟକ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରପା ଟେସ୍‌ଲାକୁ ସ୍ୱାଗତ ଜଣାଇଛନ୍ତି। ବୈଭବ ତନେଜା, ଭେଙ୍କଟ ରଙ୍ଗମ ଶ୍ରୀରାମ, ଭେଡିଡ୍ ଜନ୍ ଫେଷ୍ଟିନ ଏହାର ନିର୍ଦ୍ଦେଶକ ରହିଛନ୍ତି। ତଜେନା ଟେସ୍‌ଲାରେ ସିଏଫ୍‌ଓ ଭାବେ ଅବସ୍ଥାପିତ ରହିଛନ୍ତି। ସେହିଭଳି ଷ୍ଟେଶିନ ଗ୍ଲୋବାଲ ସିନିୟର ଡାଇରେକ୍ଟର ରହିଛନ୍ତି। ୨୦୨୧ରେ ଟେସ୍‌ଲା ଭାରତ ବଜାରରେ ପ୍ରବେଶ କରିବ ବୋଲି ଏହାର ସିଇଓ ଟୁଇଟ ଯୋଗେ ସୂଚନା ଦେଇଥିଲେ। ୨୦୧୯ରେ ଭାରତ ବଜାରରେ ପ୍ରବେଶ ନେଇ ସେ ପ୍ରଥମେ ଆଭାସ ଦେଇଥିଲେ। ୨୦୨୦ରେ କରୋନା ଯୋଗୁ କମ୍ପାନୀ ଭାରତ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା।

# ଏଇଏସ୍‌ଏଲ୍‌କୁ ୧ ବିଲିୟନ ଡଲାରରେ କିଣିବ ବାୟଜୁସ୍

**ନୂଆଦିଲ୍ଲୀ,୧୩।୧:** ଆକାଶ ଏଜୁକେଶନାଲ ସର୍ଭିସେସ୍ ଲିମିଟେଡ(ଏଇଏସ୍‌ଏଲ୍)କୁ ବାୟଜୁସ୍ ୧ ବିଲିୟନ ଡଲାରରେ କିଣିବ। ଏଥିଲାଗି ୨ କମ୍ପାନୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଏଡ୍‌ଟେକ୍ ସେକ୍ଟରରେ ସବୁଠାରୁ ବଡ ଡିଲ୍ ବୋଲି କୁହାଯାଇଛି। ଡିଲ୍ ଆଗାମୀ ୨ରୁ ୩ ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ବ୍ଲୁମ୍‌ବର୍ଗ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଆକାଶ ଏଜୁକେଶନାଲ ସର୍ଭିସେସ୍ ବ୍ଲାକ୍‌ଷ୍ଟୋନ ଗ୍ରୁପ୍ ନିବେଶ କରିଛି। ଆକାଶ ଇଞ୍ଜିନିୟରିଂ ଏବଂ ମେଡିକାଲ ପ୍ରବେଶିକା ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରାଉଛି। ୨୦୨୦ ଅଗଷ୍ଟରେ ବାୟଜୁସ୍ ହ୍ୱାଇଟହାଟ ଜୁନିୟରକୁ କ୍ରୟ କରିଥିଲା। ଡିଲ୍ ପରେ ମଧ୍ୟ ଟିମ୍ ସହ ଆକାଶର ପରିଚାଳନାର ଜାରି ରହିବ ବୋଲି ସଂସ୍ଥା ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

# ୨୫ ପଏଣ୍ଟ ଖସିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ,୧୩।୧

ରେକର୍ଡ ଉଚ୍ଚ ସ୍ତରରେ ରହିବା ପରେ ବୁଧବାର ଭାରତୀୟ ଶେୟାର ବଜାରରେ କିଛିଟା ପ୍ରଭାବ ପଡ଼ିଛି। ଏହି ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ୨୫ ପଏଣ୍ଟ ନିମ୍ନରେ ରହିଛି। ପ୍ରଫିଟ ବୁକିଂ ଏବଂ ବିଶ୍ୱ ବଜାରର ପ୍ରଭାବ ଫଳରେ ଶେୟାର ବଜାରରେ ଏଭଳି ପ୍ରଭାବ ପଡିଛି। କାରବାର ଶେଷ ବେଳକୁ ସେନ୍‌ସେକ୍ସ ୨୪.୭୯ ପଏଣ୍ଟ ( ୦.୦୫%) ନିମ୍ନରେ ରହି ୪୯,୪୯୨.୩୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଏହାଦିନ ମଧ୍ୟରେ ୪୯,୭୯୫.୧୯ ପଏଣ୍ଟ ସ୍ତର ଛୁଇଁଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୧.୪୦ ପଏଣ୍ଟ ଉପରେ ରହିଛି। ଏହା ନୂଆ ରେକର୍ଡ ସ୍ତର ୧୪,୫୬୪.୮୫ ସ୍ତରରେ କାରବାର ବନ୍ଦ ହୋଇଛି। ଦିନ ମଧ୍ୟରେ ନିଫ୍ଟି ସର୍ବକାଳୀନ ରେକର୍ଡ ସ୍ତର ୧୪,୬୫୩.୩୫ ସ୍ତର ଛୁଇଁଥିଲା। ସେନ୍‌ସେକ୍ସରେ ଏସ୍‌ବିଆଇ, ଆଇଟିସି, ଏନ୍‌ଟିପିସି, ଭାରତୀ ଏୟାରଟେଲ ଏବଂ ଓଏନ୍‌ଜିସି କାରବାର ଉନ୍ନତ ରହିଛି। ସବୁଠାରୁ ଭଲ କାରବାର କରିଥିବା କମ୍ପାନୀ ମଧ୍ୟରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ରହିଥିବା ବେଳେ ଏହାର କାରବାର ପ୍ରାୟ ୬% ବଢ଼ିଛି।

# ଟେଲିଗ୍ରାମରେ ଯୋଡ଼ିହେଲେ ଆଉ ୨.୫ କୋଟି ୟୁଜର

ନୂଆଦିଲ୍ଲୀ,୧୩।୧




ହ୍ୱାଟ୍ସ ଆପ୍‌ର ନୂଆ ପ୍ରିଭେସି ପଲିସି ଯୋଗୁ ମେସେଜିଂ ଆପ୍ ଟେଲିଗ୍ରାମ ଆଡକୁ ୟୁଜର ମୁହାଁଉଥିବା ଦେଖା ଯାଇଛି। ଗତ ୭୨ ଘଣ୍ଟା ମଧ୍ୟରେ ଟେଲିଗ୍ରାମରେ ୨.୫ କୋଟି ନୂଆ ୟୁଜର ଯୋଡି ହୋଇଛନ୍ତି। ଫଳରେ ଏହି ମେସେଜିଂ ଆପ୍ ୫୦୦ ନିୟୁତ ମାସିକ ସକ୍ରିୟ ୟୁଜର ସୀମା ଛୁଇଁ ପାରିଛି। ଯୋଡି ହେଉଥିବା ନୂଆ ୟୁଜରଙ୍କ ମଧ୍ୟରୁ ୩୮% ଏସିଆରୁ ହୋଇଥିବା ବେଳେ ୨୭% ୟୁରୋପ, ୨୧% ଲାଟିନ ଆମେରିକା ଏବଂ ୮% ମିଡିଲ ଇଷ୍ଟ ଓ ଉତ୍ତର ଆମେରିକା ଅଞ୍ଚଳରୁ ବୋଲି କମ୍ପାନୀ ପ୍ରକାଶ କରିଛି। ଗତ ବର୍ଷ ତୁଳନାରେ ୟୁଜର ଅଭିବୃଦ୍ଧି ବେଶ ଉନ୍ନତ ବୋଲି ଟେଲିଗ୍ରାମର ପ୍ରତିଷ୍ଠାତା ତଥା ସିଇଓ ପାଭେଲ ଦୁରୁଭ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଦୈନିକ ୧୫ ଲକ୍ଷ ନୂଆ ୟୁଜର ଟେଲିଗ୍ରାମରେ ଯୋଡି ହେଉଛନ୍ତି। ମାଗଣା ସେବା ଲାଗି ୟୁଜର ସେମାନଙ୍କ ପ୍ରିଭେସି ପ୍ରଭାବିତ ହେଉ ବୋଲି ଚାହୁଁ ନାହାନ୍ତି। ଟେକ୍ନୋଲୋଜି କ୍ଷେତ୍ରରେ ରହିଥିବା ଏକଚାଟିଆ ନୀତିକୁ ୟୁଜର ଜାଣିବା ସହ ଏହାର ବିରୋଧ ଆରମ୍ଭ କରିଛନ୍ତି । ପ୍ରିଭେସି ଏବଂ ନିରାପତ୍ତାକୁ ଟେଲିଗ୍ରାମ ସର୍ବଦା ଗୁରୁତ୍ୱ ଦେଇ ଆସିଛି ବୋଲି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏପଟେ ଫେସ୍‌ବୁକ ସହ ଡାଟା ଶେୟାରିଂ ନେଇ ହ୍ୱାଟ୍ସ ଆପ୍ ୟୁଜର ଆଶଙ୍କାରେ ରହିଛନ୍ତି। ଏହାକୁ ନେଇ ହ୍ୱାଟ୍ସ ଆପ୍ ମଙ୍ଗଳବାର ଦ୍ୱିତୀୟ ସ୍ପଷ୍ଟୀକରଣ ପ୍ରଦାନ କରିଛି। କମ୍ପାନୀ କହିଛି ଯେ, ପଲିସି ଅପଡେଟ୍ ହେଲେ ମଧ୍ୟ ୟୁରଙ୍କ ମେସେଜର ପ୍ରିଭେସି ପ୍ରଭାବିତ ହେବ ନାହିଁ।

# ଭାକ୍ସିନ ବିଳମ୍ବ ହେଲେ ଜିଡିପି ଉପରେ ପ୍ରଭାବ

ନୂଆଦିଲ୍ଲୀ,୧୩।୧: ସାରା ଦେଶରେ ଭାକ୍ସିନ ଯୋଗାଣ ଲାଗି ସରକାର ଘୋଷଣା କରିଛନ୍ତି। ଏହା ପର୍ଯ୍ୟାୟ ଭିତ୍ତିରେ ହେବ। ଏଭଳି ସ୍ଥିତିରେ ଯଦି ଭାକ୍ସିନ ଯୋଗାଣରେ ବିଳମ୍ବ ଉପୁଜେ ତେବେ ଏହା ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ଉପରେ ଗଭୀର ପ୍ରଭାବ ପକାଇବ ବୋଲି ଏକ ରିପୋର୍ଟରେ କୁହାଯାଇଛି। ଭାକ୍ସିନରେ ବିଳମ୍ବ ଘଟିଲେ ୨୦୨୧-୨୨ରେ ଜିଡିପି ମାତ୍ର ୬% ବଢ଼ିପାରେ। ସେହିଭଳି ଦରଦାମ ନିୟନ୍ତ୍ରଣକୁ ଆସିଲେ ରିଜର୍ଭ ବ୍ୟାଙ୍କ ୫୦ ବେସିସ୍ ପଏଣ୍ଟ ସୁଧ ହାର ହ୍ରାସ କରିପାରେ ବୋଲି ବିଓଏଫ୍‌ଏ ସିକ୍ୟୁରିଟିଜ ପକ୍ଷରୁ ବୁଧବାର ଏକ ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ୯% ବଢ଼ିବା ନେଇ ଏହି ଏଜେନ୍ସି ଆଶା ରଖିଛି। ହେଲେ ଟିକାକରଣରେ ବିଳମ୍ବ ହେଲେ ବଜାର ପ୍ରଭାବିତ ହେବା ଫଳରେ ଜିଡିପି ୬% ରହିପାରେ ବୋଲି ଏହା ଅନୁମାନ ଲଗାଇଛି।


## ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

### ଋଣ ବଣ୍ଟନ ଶିବିର ସମ୍ବନ୍ଧୀୟ ସୂଚନା

**No. P-03:-** ଇମର୍‌ଜେନ୍ସି କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ସ୍କିମ୍ ଅନ୍ତର୍ଗତ ଯେଉଁ ହିତାଧିକାରୀମାନଙ୍କ ସପକ୍ଷରେ ଋଣ ମଞ୍ଜୁର କରାଯାଇଛି, ସେମାନଙ୍କୁ ଏତଦ୍ୱାରା ଅନୁରୋଧ କରାଯାଉଅଛି ଯେ ଆସନ୍ତା ଜାନୁୟାରୀ **15, 22** ଓ **29** ତାରିଖ ଦିନ ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ତଥା ଆଞ୍ଚଳିକ ଶିଳ୍ପକେନ୍ଦ୍ରଠାରେ ଉପସ୍ଥିତ ରହି କୋଭିଡ୍ ନିୟମାବଳୀକୁ ମାନି ଋଣ ବଣ୍ଟନର ସୁଯୋଗ ନିଅନ୍ତୁ । ଏହି ଋଣ ବଣ୍ଟନ ଶିବିରରେ ହିତାଧିକାରୀ, ବ୍ୟାଙ୍କ ଓ ଜିଲ୍ଲା ଶିଳ୍ପକେନ୍ଦ୍ରର କର୍ମକର୍ତ୍ତାମାନେ ଉପସ୍ଥିତ ରହିବେ । ହିତାଧିକାରୀମାନଙ୍କୁ ଅନୁରୋଧ, ସେମାନେ ବ୍ୟାଙ୍କର ଆବଶ୍ୟକତା ଅନୁଯାୟୀ ନିଜର ବ୍ୟାଙ୍କ ପାସ୍ ବୁକ୍, ଆଧାର କାର୍ଡ ଓ ପାସ୍‌ପୋର୍ଟ ସାଇଜ ଫଟୋ ଇତ୍ୟାଦି ସାଙ୍ଗରେ ଆଣିବେ ।

ଏତଦ୍‌ବ୍ୟତୀତ, ହିତାଧିକାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କ ଦ୍ୱାରା ଘୋଷିତ ହୋଇଥିବା ସ୍ୱତନ୍ତ୍ର ପ୍ୟାକେଜ ଅନୁଯାୟୀ ଏହି ସ୍କିମ୍‌ରେ **2020-21** ଆର୍ଥିକ ବର୍ଷରେ ସହାୟତା ପାଇଥିବା ମହିଳା ହିତାଧିକାରୀଙ୍କ ପାଇଁ **5%** ହିସାବରେ ଓ ପୁରୁଷ ହିତାଧିକାରୀଙ୍କ ପାଇଁ **2%** ହିସାବରେ ସୁଧରେ ଅର୍ଥ ସାହାଯ୍ୟ ବ୍ୟବସ୍ଥା ରହିଛି।

OIPR-14010/11/0005/2021 ସ୍ୱା./- ଶିଳ୍ପ ନିର୍ଦ୍ଦେଶକ, ଓଡ଼ିଶା

## ODISHA ADARSHA VIDYALAYA SANGATHAN

N-1/9, Nayapalli, PO: Sainik School, Bhubaneswar – 751005
Email: oavsbbsr.od@gov.in/ Phone No.: 0674-2302344

### NOTICE FOR COMPUTER BASED TEST

No. n-30: Pursuant to the advertisement No. 01/2020 of OAVS, the Computer Based Test (CBT) for recruitment of Principals and Teachers in OAVS shall be held on 25th & 29th to 30th January, 2021 in different centers in the state. The center list and schedule of examination is available in the website. The SMS has also been sent in the registered mobile No. of the candidates. The candidates are advised to download their e-admit card in the link given in the website.

(1) Facilitation counters will be opened on 24.01.2021 from 10 AM to 2 PM in different cities to attend the query of candidates with regard to e-admit card for CBT. The list of facilitation counters is available in the website. In case of any difficulty, the candidates are advised to visit the respective facilitation counter for assistance.
(2) The link for uploading the objections on the online questions in OAVS website after CBT will be available for a specific period. The candidates are advised to visit website and submit their objection in the link opened during the specific period only. No further objection will be entertained after closing of link.
(3) Similarly, a link will be available for a specific period after CBT to update the status of passing the qualifying Examination/ Test by the candidates who had appeared the Exam./Test and result was not published within the closing date. The candidates who did not update the status of passing the qualifying Examination/ Test within the specified period shall be treated as ineligible and their candidature will be cancelled and the result in CBT shall be finalized excluding those candidates.
(4) The candidates are advised to visit the website regularly for detailed information and to know the up-dates.

Sd./- State Project Director
OIPR-27029/11/0002/2021

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS CIRCLE, BOLANGIR

No. O-887

### e-Procurement Notice

| | | | |
|---|---|---|---|
| 1. | Name of Work | : | Completion of Incomplete Road & Bridges for the year 2020-21 |
| 2. | Total No. of Work | : | 2 (Two) Road Works |
| 3. | Time for Completion | : | 9 (Nine) & 11 (Eleven) Calendar Months |
| 4. | Approximate Estiamted Cost varies from | : | Rs.340.00 lakhs to Rs.798.00 lakhs |
| 5. | Mode of Submission of Tender | : | Tender should be submitted online in **www.tendersodisha.gov.in** |
| 6. | Other details are as follow | : | |

| Procurement Officer | Bid Identification No. | Availability of tender Online for Bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, R.W. Circle, Bolangir | BLGR-Online-10/2020-21 | 18.01.2021 at 11.00 A.M. | 01.02.2021 upto 5.00 P.M. | 30.01.2021 upto 1.00 P.M. | 02.02.2021 at 11.00 A.M. | The date will be intimated to the technically qualified bidders later on |

- Further details can be seen from the website **www.tendersodisha.gov.in**.
- Any Corrigendum/Addendum will be displayed in the above e-tender website only.

Sd./- Superintending Engineer, R.W. Circle, Bolangir
OIPR-25118/11/0010/2021

## ଓଡ଼ିଶା ସରକାର
## ଉଚ୍ଚଶିକ୍ଷା ବିଭାଗ

### ଏକକାଳୀନ ମେଧାବୃତ୍ତି ପ୍ରଦାନ ସମ୍ବନ୍ଧରେ ସୂଚନା

**No. N-61:-** ଏତଦ୍ୱାରା ସମସ୍ତ ମହାବିଦ୍ୟାଳୟ/ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ସୂଚାଇ ଦିଆଯାଉଅଛି ଯେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଜରିଆରେ ପ୍ରଦାନ କରାଯାଉଥିବା ମେଧାବୃତ୍ତି ଯଥା: **UG Merit, PG Merit** ଓ **Technical/Professional Merit** ଏଣିକି ପ୍ରତିବର୍ଷ ନ ଦିଆଯାଇ, ଏକକାଳୀନ ସମସ୍ତ ଶିକ୍ଷାବର୍ଷ ପାଇଁ ଶିକ୍ଷାର ପ୍ରଥମ ବର୍ଷରେ ନିମ୍ନଲିଖିତ ମତେ ପ୍ରଦାନ କରାଯିବ।

| | UG Merit | PG Merit | Technical/Professional Merit |
|---|---|---|---|
| ପୂର୍ବରୁ | ପ୍ରତିବର୍ଷ ୫,୦୦୦/- ଟଙ୍କା | ପ୍ରତିବର୍ଷ ୧୦,୦୦୦/- ଟଙ୍କା | ପ୍ରତିବର୍ଷ ୧୦,୦୦୦/- ଟଙ୍କା |
| ବର୍ତ୍ତମାନ (୨୦୨୦-୨୧ ଶିକ୍ଷାବର୍ଷଠାରୁ) | ଏକକାଳୀନ ୧୫,୦୦୦/- ଟଙ୍କା (UG ପାଠ୍ୟକ୍ରମର ପ୍ରଥମ ବର୍ଷରେ) | ଏକକାଳୀନ ୨୦,୦୦୦/- ଟଙ୍କା (PG ପାଠ୍ୟକ୍ରମର ପ୍ରଥମ ବର୍ଷରେ) | ପ୍ରତିବର୍ଷ ପାଇଁ ୧୦,୦୦୦/- ଟଙ୍କା ହିସାବରେ ଏକକାଳୀନ ପ୍ରଦାନ କରାଯିବ । (ଉଦାହରଣ - ୪ ବର୍ଷ ଇଞ୍ଜିନିୟରିଂ ଶିକ୍ଷା ପାଇଁ ଏକକାଳୀନ ୪୦,୦୦୦/- ଟଙ୍କା ପ୍ରଥମ ବର୍ଷରେ ଦିଆଯିବ। ସେହିପରି ୫ ବର୍ଷ ଡାକ୍ତରୀ ଶିକ୍ଷା ପାଇଁ ଏକକାଳୀନ ୫୦,୦୦୦/- ଟଙ୍କା ପ୍ରଥମ ବର୍ଷରେ ଦିଆଯିବ ।) |

OIPR-11001/11/0032/2021 ସ୍ୱା./- ପ୍ରମୁଖ ଶାସନ ସଚିବ

## idco | ODISHA NEW OPPORTUNITIES — OFFICE OF THE CHIEF GENERAL MANAGER (P&C)
IDCO, IDCO TOWERS, BHUBANESWAR - 751022

Tender Call Notice No. H.O./P&C/EST-E-1654/04/2020-21/669 Dated: 12.01.2021
No. CAD-1074

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of Work | Value of Work (Approx.) | Period of Completion |
|---|---|---|---|
| 1 | Provision of treated effluent distribution system for land scape Irrigation in sea Food Park, Deras | Rs.166.67 lakh | 03 (Three) Calendar Months |

1. Other details :

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar - 751022 | Bid ID No. PC-EST-E-59/2020-21 | 17.00 hours of 21.01.2021 | 17.00 hours of 06.02.2021 |

Further details can be seen from the e-Procurement Portal: **www.tendersodisha.gov.in**. Corrigendum or addendum if any will not be published in Newspapers and can only be seen in the e-Procurement portal **www.tenderodisha.gov.in** as well as IDCO website **www.idco.in**.

Sd./- Chief General Manager (P&C), IDCO, Bhubaneswar
OIPR-14003/11/0105/2021


See Career Appointment on every Wednesday & Saturday

# ଏବେ ବି ଅପେକ୍ଷାରେ...



ଶାହୀଦ

**ଶା**ହୀଦ କପୁର ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ। ଅବଶ୍ୟ ତାଙ୍କ ଅଭିନୀତ କେତୋଟି ସିନେମା ହିଟ୍ ହୋଇଛି। ହେଲେ ଏବେ ସେ ନାୟକ ଦୌଡ଼ରେ ବେଶ୍ ପଛରେ ପଡ଼ିଯାଇଛନ୍ତି। ହେଲେ ଅଭିନୟରେ କିଛି ନୂଆ ଦେଖାଇବାକୁ ତାଙ୍କର ନିଶା ଛାଡ଼ିନି। ସଫଳତା ଅପେକ୍ଷା ଅଧିକ ଅସଫଳ ହୋଇଥିବା ଶାହୀଦ ଏବେ ବି ଅପେକ୍ଷା କରିଛନ୍ତି। ଦିନେ ନା ଦିନେ ତାଙ୍କୁ ଏପରି ଭୂମିକା ମିଳିବ, ଯାହା ତାଙ୍କ କ୍ୟାରିୟରରେ ନୂଆ ମୋଡ଼ ଆଣିବ। ସେଥିପାଇଁ ସେ ଆଉ ପାଦେ ଆଗେଇଛନ୍ତି। ନିଜେ କେତୋଟି କାହାଣୀ ଚୟନ କରିଛନ୍ତି ଏବଂ ଏ ନେଇ ନିର୍ଦ୍ଦେଶକ କବୀର ସିଂଙ୍କ ସହ ଆଲୋଚନା ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ''ଆକ୍ଟିଂ କ୍ୟାରିୟରରେ ଅପ୍-ଡାଉନ୍ ରହିଛି। ତେଣୁ ତାକୁ ନେଇ ଚିନ୍ତା କରି କିଛି ଲାଭ ନାହିଁ। ମୁଁ ସବୁବେଳେ ଅସଫଳତାରୁ କିଛି ଶିଖିବାକୁ ଚାହିଁଥାଏ। ଏବେ ବି ମୋର ନିଜ ଅଭିନୟ ଦକ୍ଷତା ଉପରେ ଭରସା ରହିଛି। ଯେପରି ଭୂମିକା ମିଳୁ ନା କାହିଁକି ତାହାକୁ ମୁଁ ତୁଲାଇ ପାରିବି। ମୋର କେତୋଟି କାହାଣୀକୁ ନିର୍ଦ୍ଦେଶକ କବୀର ସିଂ ତର୍ଜମା କରୁଛନ୍ତି। ଏ ନେଇ ସେ କି ନିଷ୍ପତ୍ତି ନେଉଛନ୍ତି ତାହା ଦୁଇ-ତିନି ସପ୍ତାହ ମଧ୍ୟରେ ଜଣାପଡ଼ିବ ବୋଲି କହନ୍ତି ଶାହୀଦ।''

# ବିନା ନିଆଁରେ ଧୂଆଁ



ଆଲିୟା

**ଆ**ଲିୟା ଭଟ୍ଟ ଏବେ ଟେନ୍‌ସନରେ। କାରଣ ଶୁଣିବାକୁ ମିଳୁଛି ଯେ ସେ କୁଆଡେ ନିଜର ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। ହେଲେ ଏ କଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ଚକିତ ହୋଇଯାଇଥିଲେ। କାରଣ କଥାଟି 'ବିନା ନିଆଁରେ ଧୂଆଁ' ପରି ଥିଲା। ଏହାକୁ ମଧ୍ୟ ସହଜରେ ବିଶ୍ୱାସ କରିପାରୁନାହାନ୍ତି ସେ। ଏ ସମ୍ପର୍କରେ ଆଲିୟା କହନ୍ତି, 'ଏମିତି କଥା କିଏ ଆରମ୍ଭ କରିଛି ତାହା ମୁଁ ଜାଣିପାରୁନାହିଁ। ପାରିଶ୍ରମିକ ବଢ଼ାଇବା କଥା ଏବେ ମୁଁ ଚିନ୍ତା କରିନାହିଁ। କାରଣ କରୋନା ପରେ ଏବେ ଶୁଟିଂ ଆରମ୍ଭ ହୋଇଛି। ସେପଟେ 'ବ୍ରହ୍ମାସ୍ତ୍ର' ରିଲିଜ ଅପେକ୍ଷାରେ ରହିଛି। ମୁଁ ପୁଣି ଶୁଣୁଛି ଯେ କେବଳ ମୁଁ ନୁହେଁ ରଣବୀର (କପୁର) ମଧ୍ୟ ପାରିଶ୍ରମିକ ବଢ଼ାଇଛନ୍ତି। ଏସବୁ ଗୁଜବ। ଏପରି କଥାକୁ କେହି ବିଶ୍ୱାସ ନ କରିବାକୁ ମୁଁ ଅନୁରୋଧ କରୁଛି। ଏବେ ମୁଁ ମୋ ଆକ୍ଟିଂ କ୍ୟାରିୟର ଉପରେ ଧ୍ୟାନ ଦେଉଛି। ତେଣୁ ଏହି ସମୟରେ ଏପରି ଗୁଜବ କଥା ଶୁଣିବାକୁ ମଧ୍ୟ ମୋ ନିକଟରେ ସମୟ ନାହିଁ।'

# ପେସା ଗ୍ୟାଙ୍ଗଷ୍ଟର, ଆଶା ଆକ୍ଟିଂ



ଅକ୍ଷୟ

**ପେ**ସାରେ ସେ ଜଣେ ଗ୍ୟାଙ୍ଗଷ୍ଟର। ହେଲେ ମନରେ ଭରି ରହିଛି ଆଉ ଏକ ଆଶା। ବଡ଼ ରୋମାଣ୍ଟିକ ମିଜାଜର ମଣିଷ ଇଏ। ନିଜର ଆଧିପତ୍ୟ ବଳରେ ସେ ଲୋକଙ୍କ ମନରେ ଛାନିଆ ସୃଷ୍ଟି କରନ୍ତି, ହେଲେ ଭବିଷ୍ୟତରେ ଜଣେ ଅଭିନେତା ହେବାକୁ ତାଙ୍କର ମନ। ହେଲେ ତାହା ସଫଳ ହେଉଛି ତ ? ହଁ, ଏପରି ଏକ ଭୂମିକାରେ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍‌ନାକୁ ଆସିବେ ଖିଲାଡି ମାଷ୍ଟର ଅକ୍ଷୟ କୁମାର। ଶୁଟିଂ ଚାଲିଥିବା ଏକ ନୂଆ ହିନ୍ଦୀ ସିନେମାରେ ତାଙ୍କୁ ଏପରି ଏକ ଭୂମିକା ମିଳିଛି। ଏହାର ଟାଇଟଲ ରହିଛି 'ବଚ୍ଚନ ପାଣ୍ଡେ'। ଏ ନେଇ ଅକ୍ଷୟ କହନ୍ତି, 'ଗ୍ୟାଙ୍ଗଷ୍ଟର ନାଁ ଶୁଣିଲେ ଅନେକେ ଛାନିଆ ହୋଇଯାଆନ୍ତି। କାରଣ ସେ ସବୁବେଳେ ଆଣ୍ଟିସୋସିଆଲ କାମରେ ବୁଡ଼ି ରହିଥାଏ। ତାହାର ଏକ ଆଶା ରହିଛି। ଯଦି ସୁଯୋଗ ମିଳେ ତେବେ ସେ ସିନେମାରେ ଅଭିନୟ କରିବେ। ତେବେ ଏହା କ'ଣ ସଫଳ ହେଉଛି ? ଜଣେ ଗ୍ୟାଙ୍ଗଷ୍ଟର୍‌କୁ କିଏ ବା ଏପରି ଅଫର ଦେବ କହୁନାହାନ୍ତି। ବାସ୍, ଅପେକ୍ଷା କରନ୍ତୁ, ବଚ୍ଚନ ପାଣ୍ଡେର ଏହି ସ୍ୱପ୍ନ ପୂରଣ ହେଉଛି କି ନାହିଁ ତାହା ପରଦା ଉପରେ ଦେଖିବାକୁ ପାଇବେ।' ଏହି ଫିଲ୍ମରେ ଅକ୍ଷୟଙ୍କ ବ୍ୟତୀତ କ୍ରିତି ସାନନ, ଜ୍ୟାକଲିନ୍ ଫର୍ନାଡିସ, ଆର୍ସାଦ ୱାର୍ସି ମଧ୍ୟ ଅଭିନୟ କରୁଛନ୍ତି।

# ୱେବ୍ ମାୟାରେ ଅରବିନ୍ଦ



**ନି**ର୍ଦ୍ଦେଶକ ଅରବିନ୍ଦ ପାଣ୍ଡେ। ସେ ଏବେ ଗୋଟିଏ ମାୟାରେ ବାୟା। କେବଳ ସେତିକି ନୁହେଁ, ସେଥିରେ ଦର୍ଶକଙ୍କ ମନ ଜିଣିବାକୁ ସେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ହଁ, ବର୍ତ୍ତମାନ ଅରବିନ୍ଦ ଏକ ୱେବ୍ ସିରିଜ୍ ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ରହିଛି 'ମିସ୍ ଜୁଲି'। ବର୍ତ୍ତମାନର ହାଇଟେକ୍ ଯୁଗରେ ଜଣେ ଆଧୁନିକା ତରୁଣୀ ମନର ପରିଭାଷାକୁ କାହାଣୀ ଆକାରରେ ଉପସ୍ଥାପନା କରାଯାଇଛି ଏବଂ ତାକୁ ଆଧାର କରି ଏହି ୱେବ ସିରିଜ ପ୍ରସ୍ତୁତ ହେବ ବୋଲି ସେ ସୂଚନା ଦେଇଛନ୍ତି। ଶୁଭଲକ୍ଷ୍ମୀ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଦେବ ରାଉତ ଏବଂ ନିର୍ଦ୍ଦେଶକ ସାଜିବେ ନିଜେ ଅରବିନ୍ଦ। ଏହି ସିରିଜ୍‌ର ଟାଇଟଲ ଭୂମିକାରେ ଅଭିନୟ କରିବେ ମିସ୍ ଇଣ୍ଡିଆ ଚାରମିଙ୍ଗ ଟାଇଟଲ ବିଜୟିନୀ ପ୍ରିୟଙ୍କା ମହାପାତ୍ର। ତାଙ୍କ ବ୍ୟତୀତ ମାନବ, ଅନୟା, ଜୁବିନ୍, ଅରବିନ୍ଦ ପାଣ୍ଡେ, ଧୀରେନ୍ ସାହୁ ଏବଂ ସନ୍ନିଙ୍କୁ ମଧ୍ୟ ଦେଖିବାକୁ ମିଳିବ।

## ଖବର ଟବର

➔ ସ୍ୱପ୍ନାରାଣୀ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ତୁ ମୋ ସ୍ପନ୍ଦନ'। ସଞ୍ଜୀବ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। କାହାଣୀ ସହ ସଂଳାପ ଲେଖିଛନ୍ତି ସୁରେଶ ଚନ୍ଦ୍ର ରାଉତ ଏବଂ ସଙ୍ଗୀତ ଦାୟିତ୍ୱରେ ଅଛନ୍ତି ମିଟୁ ମାନସ। ଏହାର ଲିଡ୍ ରୋଲରେ ଅଛନ୍ତି ମନୋଜ- ପ୍ରିୟଙ୍କା।

➔ ଓଡ଼ିଆ ଚଳଚ୍ଚିତ୍ର 'ଚୁମ୍‌କି ସେ ତ ପାଣିରେ ବୁଡ଼ିବ ନାହିଁକି'ର ପୋଷ୍ଟ ପ୍ରଡକ୍ସନ କାମ ଆଗେଇ ଚାଲିଛି। ଗିରିଶ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶ୍ରେୟାନ, ଉପାସନା, ଜ୍ୟୋତି ମିଶ୍ର, ଚୌଧୁରୀ ବିକାଶ ଦାସ, ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

➔ ଡ. ବିଶ୍ୱନାଥ ପଟ୍ଟନାୟକଙ୍କ ପ୍ରଯୋଜନାରେ ପ୍ରସ୍ତୁତ ବାୟୋପିକ୍ 'ଶହୀଦ ରଘୁ ସର୍ଦ୍ଦାର' ଆସନ୍ତା ମାସରେ ରିଲିଜ ହେବାର ଯୋଜନା ରହିଛି।

➔ ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'ର ଶୁଟିଂ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଏଥିରେ ଦୀପକଙ୍କ ଅପୋଜିଟ୍‌ରେ ଅଛନ୍ତି ଅନୁଭା ସୌର୍ଯ୍ୟା।



ଶ୍ରେୟାନ- ଉପାସନା

## ଅତୀତରୁ

▸ 'ମମତାର ଫୁଲ ମା' ନାହିଁ ତୋର' ହେଉ ଅବା 'ଦିନରେ ବସନ୍ତ ଆମେ, ଆମେ ରାତିରେ ବାସନ୍ତୀ' -ଏହି ଗୀତ ଦୁଇଟି ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଭୁବନ-ହରିଙ୍କ ସ୍ୱର ସଂଯୋଜନାରେ ଏଭଳି ଗୀତ ଦୃଶ୍ୟାୟିତ ହୋଇଥିଲା ସେ ସମୟର ସୁପରହିଟ୍ ଫିଲ୍ମ 'ମା ଓ ମମତା'ରେ। ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ ଏହି ଚିତ୍ରରେ ଦେଖିବାକୁ ମିଳିଥିଲା ଅନ୍ୟତମ ଲୋକପ୍ରିୟ ଯୋଡ଼ି ପ୍ରଶାନ୍ତ ନନ୍ଦ-ମହାଶ୍ୱେତା ରାୟଙ୍କୁ।

▸ ବାବୁଲାଲ ଜୋଷୀଙ୍କ ପ୍ରଯୋଜିତ ଚିତ୍ର 'ଅକ୍ଷି ତୃତୀୟା'ର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ଶରତ ପୂଜାରୀ ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଥିଲେ ଅନୀତା ଦାସ। ଉତ୍ତମ ମହାନ୍ତି ଏବଂ ଦୀପା ସାହୁ ମଧ୍ୟ ଏହି ଫିଲ୍ମରେ ଅଭିନୟ କରିଥିଲେ।

# ଭାବପ୍ରବଣ କରୀନା

**ଯ**ଦି କାହାଣୀ ଶୁଣୁଶୁଣୁ ଆଖିରେ ଲୁହ ଆସିଯାଉଛି ତେବେ ଶଟ୍ ଦେବା ବେଳକୁ ବୋଧହୁଏ ସେ ସତସତିକା କାନ୍ଦି ପକାଇବେ, ନୁହେଁ ? ଦେଖୁନାହାନ୍ତି, ଫିଲ୍ମର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଶୁଣିବା ବେଳେ କରୀନା କେମିତି ଇମୋଶନାଲ ହୋଇଗଲେ। କଥା କ'ଣ କି ସେ ତ ଏବେ 'ଲାଲ୍ ସିଂ ଚଢ଼ା' ପାଇଁ ବ୍ୟସ୍ତ ଅଛନ୍ତି। ତା'ସହ ସେ ପୁଣି ଥରେ ମା' ହେବାକୁ ଯାଉଛନ୍ତି। ତେଣୁ ଏପରି ସମୟରେ ମଧ୍ୟ ତାଙ୍କୁ ଯେଉଁ ଅଫର ମିଳୁଛି ତାହାକୁ ହାତଛଡ଼ା କରୁନାହାନ୍ତି। ନିକଟରେ ଜଣେ ନବାଗତ ପ୍ରଯୋଜକ କରୀନା କପୁରଙ୍କୁ ନିଜ ସିନେମାରେ ଅଭିନୟ କରିବାକୁ ଅଫର ଦେଇଥିଲେ। ଜଣେ ମା' ତାହାର ସନ୍ତାନ ପ୍ରତି କେତେ ଉଦାର ହୋଇପାରେ ତାହା ଏହି ସିନେମାରେ ଦେଖିବାକୁ ମିଳିବ। ତେଣୁ ଫିଲ୍ମର କାହାଣୀ ଏବଂ ନିଜ ରୋଲ୍ ବିଷୟରେ ଜାଣିବା ବେଳେ କରୀନା ଭାବପ୍ରବଣ ହୋଇପଡ଼ିଥିଲେ। ଏପରି କି ତାଙ୍କ ଆଖିରେ ଲୁହ ଆସିଯାଇଥିଲା। ''ମୁଁ ବି ଜଣେ ମା'। ତେଣୁ ଯେଉଁ କାହାଣୀ ଶୁଣିଲି ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ମୁଁ ସେଥିରେ ଏମିତି ହଜି ଯାଇଥିଲି ଯେ ମୋ ଆଖି ଛଳଛଳ ହୋଇଯାଇଥିଲା ବୋଲି କହନ୍ତି କରୀନା।'' ଏହି ଫିଲ୍ମର ଶୁଟିଂ ଚଳିତ ବର୍ଷ ଶେଷ ଭାଗରେ ହେବ ବୋଲି ଜଣାପଡ଼ିଛି।



ନୂଆ ସିନେମା

# ଦିଲ୍‌ରେ ଅଛି ତୋରି ନାଁ



ଅନୁରାଧା

**ପ୍ର**ଯୋଜକ ରମେଶ ବାରିକ ନିକଟରେ ଦୁଇଟି ଓଡ଼ିଆ ସିନେମାର ଶୁଟିଂ ଶେଷ କରିଥିବାବେଳେ ଆଉ ଏକ ନୂଆ ଫିଲ୍ମର ଶୁଟିଂ ଆରମ୍ଭ କରିବାକୁ ଯାଉଛନ୍ତି। ଟାଇଟଲ ରହିଛି 'ଦିଲ୍‌ରେ ଅଛି ତୋରି ନାଁ'। ଖାସ୍ କଥା ହେଲା, ଏଥିରେ ଉଭୟ ନିର୍ଦ୍ଦେଶକ ଏବଂ ନାୟିକାଙ୍କୁ ବ୍ରେକ୍ ଦେଉଛନ୍ତି ସେ। ନାୟିକା ଭାବରେ ଡେବ୍ୟୁ କରୁଥିବା ନବାଗତା ହେଲେ ରାୟଗଡ଼ାର ଅନୁରାଧା ପାଣିଗ୍ରାହୀ। ଡାକ୍ତରୀ ଛାତ୍ରୀ (ପଞ୍ଚମ ବର୍ଷ, ଡେଣ୍ଟାଲ ସର୍ଜରି) ଭାବରେ ନିଜର କ୍ୟାରିୟରକୁ ଆଗେଇ ନେଉଥିବା ଅନୁରାଧାଙ୍କର ପିଲାଟି ଦିନରୁ ଅଭିନୟ ପ୍ରତି ରୁଚି ରହିଥିଲା। 'ବଡ଼ ପରଦାରେ ଅଭିନୟ କରିବାକୁ ମୋର ଅନେକ ଦିନରୁ ଆଶା ଥିଲା, ଯାହାକୁ ପୂରଣ କରିଛନ୍ତି ପ୍ରଯୋଜକ ରମେଶ ବାରିକ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ଠିକ୍ ଭାବରେ ତୁଲାଇ ପାରିବି ବୋଲି ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି। ସେପରି ଭଲ ସୁଯୋଗ ମିଳିଲେ ଓଡ଼ିଆ ସିନେମାରେ ଅଭିନୟ ଜାରି ରଖିବି। କେବଳ ଅଭିନୟ ନୁହେଁ, ସମାଜସେବାରେ ନିଜକୁ ନିୟୋଜିତ ରଖିବି ବୋଲି କହନ୍ତି ଏହି ନବାଗତା।' ଏହି ଫିଲ୍ମରେ ଅନୁରାଧାଙ୍କ ସହ ନାୟକ ଭାବରେ ସ୍କ୍ରିନ୍ ଶେୟାର କରିବାକୁ ଯାଉଛନ୍ତି ସମିତ। ଅନ୍ୟପକ୍ଷରେ ଏହାର ଅନ୍ୟାନ୍ୟ ଭୂମିକାରେ ପ୍ରିୟଙ୍କା ପାଣିଗ୍ରାହୀ, ଗୁଡ୍ଡୁ, ଟୋପିଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଉଛନ୍ତି ଅଭିଜିତ ମଜୁମଦାର। ଏହି ଚିତ୍ରରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି ତ୍ରିପତି ସାହୁ।

# ଭଲ ବେଳା ଆସିଛି

ୟାମି

**ସ**ତରେ ୟାକୁ ହିଁ କହନ୍ତି, ମୁଣ୍ଡରେ ହାତୀ ସୁନା କଳସ ଢାଳିବା। ଦେଖୁନାହାନ୍ତି, ବର୍ଷ ଆରମ୍ଭରୁ ସେ କେମିତି ଗୋଟିଏ ପରେ ଗୋଟିଏ ସିନେମା ସାଇନ୍ କରିଚାଲିଛନ୍ତି। ଆଉ ଏପରି ସୁଯୋଗ ପାଇବା ପରେ ତାଙ୍କର ଖୁସି କହିଲେ ନ ସରେ। ପୁଣି ଯେଉଁ ସିନେମାଗୁଡ଼ିକରେ ସେ ଅଭିନୟ କରିବେ ସେଥିରେ ତାଙ୍କୁ ମନଲାଖି ଭୂମିକା ମିଳିଛି, ଯାହା ତାଙ୍କର ଖୁସିକୁ ଦ୍ୱିଗୁଣିତ କରିଛି। ତାଙ୍କ ହାତରେ ଏବେ ଚାରୋଟି ସିନେମା ରହିଛି। ସେଗୁଡ଼ିକ ହେଲା, 'ଭୂତ ପୋଲିସ୍', 'ଏ ଥର୍ସଡେ', 'ଦଶଭି' ଏବଂ ଆଉ ଏକ ଅନ୍‌ଟାଇଟଲ୍‌ଡ ଫିଲ୍ମ। ପ୍ରଯୋଜକ ଅନିରୁଦ୍ଧ ରୟ ଚୌଧୁରୀଙ୍କ ଏହି ନୂଆ ସିନେମା (ଯାହାର ଟାଇଟଲ ଫାଇନାଲ ହୋଇନାହିଁ)ର କାହାଣୀ ଜର୍ନାଲିଜିମ ଜଗତରେ ଘଟୁଥିବା କ୍ରାଇମ୍ ଉପରେ ଆଧାରିତ ହେବ। ଏଥିରେ ୟାମି ଏକ ଦମଦାର ଭୂମିକାରେ ଅଭିନୟ କରିବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ୟାମି କହନ୍ତି, 'ସତରେ ୨୦୨୧ ମୋ ପାଇଁ ବେଶ୍ ଶୁଭପ୍ରଦ। ୟା ଭିତରେ ମୁଁ ଚାରୋଟି ସିନେମା ସାଇନ୍ କରିଛି।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଭାତ କୁମାର ଦାଶ
ଓଡ଼ିଶା ସାମ୍ବାଦିକ ସଂଘର ପ୍ରାକ୍ତନ ରାଜ୍ୟ ସଭାପତି
ପୌଷ ଅମାବାସ୍ୟା ରହିତ ପ୍ରତିପଦା ତିଥି
୬୦, ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର
ସ୍ୱର୍ଗତ ପ୍ରଭାତ କୁମାର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆମ୍ଭ ପରିବାର ପକ୍ଷରୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ପବିତ୍ର ଆତ୍ମା ପିତୃ ପୁରୁଷରେ ଲୀନ ହେଉ ବୋଲି ପ୍ରାର୍ଥନା।
ଧ-୧୯୫୭୫

CLASSIFIED DISPLAY
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ · ଆଧାରକାର୍ଡ · କୃଷି · ପଶୁପାଳନ · ସମ୍ପତି · ଲଘୁ ଉଦ୍ୟୋଗ · ବ୍ୟକ୍ତିଗତ · BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଉଠିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଗଞ୍ଜେଇ ଜବତ, ଜଣେ ଗିରଫ

ପଦ୍ମପୁର,(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ଥାନା ପୋଲିସ ରାଜଘରପୋଖରୀ ପଞ୍ଚାୟତ ରାଇପୁର ଗ୍ରାମରେ ଚଢ଼ାଉ କରି ୨୦ କିଲୋ ୭୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଗ୍ରାମର କମଳା ବାରିକ ନାମକ ଜଣେ ବ୍ୟକ୍ତି ନିଜ ଘରେ ଗଞ୍ଜେଇ ରଖି ବିକ୍ରି କରୁଥିବାର ସୂଚନା ପାଇ ପୋଲିସ ମଙ୍ଗଳବାର ଚଢ଼ାଉ କରିଥିଲା। ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲା ପୋଲିସ। ଏ ନେଇ ମାମଲା(ନଂ.୧୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉମାଶଙ୍କର ନାୟକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ସାଇବର ଠକେଇ ଅଭିଯୋଗରେ ଗିରଫ

**ଖଇରା,୧୩।୧(ଡି.ଏନ.ଏ.):** ଏକ ସାଇବର ଠକେଇର ଖୋଳତାଡ ପାଇଁ ମଧ୍ୟପ୍ରଦେଶ ପୋଲିସ ଖଇରା ଥାନା ଅଞ୍ଚଳକୁ ମଙ୍ଗଳବାର ଆସି ପହଞ୍ଚିଥିଲେ। ପରେ ଖଇରା ପୋଲିସ ସହାୟତାରେ ସିଙ୍ଗିପୁର ଅଞ୍ଚଳକୁ ଯାଇ ଚିନ୍ମୟ ସାହୁଙ୍କୁ ପଚରାଉଚରା ପରେ ଗିରଫ କରିଥିଲେ। ପରେ ଚିନ୍ମୟଙ୍କୁ ବୁଧବାର ବାଲେଶ୍ୱର କୋର୍ଟରେ ହାଜର କରାଯାଇଛି । ୯ଲକ୍ଷ ଟଙ୍କାର ସାଇବର ଠକେଇରେ ଚିନ୍ମୟର ସଂପୃକ୍ତି ଥିବା ସନ୍ଦେହରେ ପୋଲିସ ତାଙ୍କୁ ଗିରଫ କରିଛି।

### ଭଦ୍ରକ ଖାନ୍‌କାହ ଶରିଫ୍ ଖୋଲିଲା

**ଭଦ୍ରକ ଅଫିସ,୧୩।୧:** ଭଦ୍ରକ ବାଇପାସ୍ ରୋଡ଼ ସ୍ଥିତ ଗୁଲଶନେ ଗୌଷପାକ ଖାନ୍‌କାହ ଶରିଫ ଦୀର୍ଘ ୧୦ ମାସ ପରେ ମଙ୍ଗଳବାରଠାରୁ ଖୋଲାଯାଇଛି। କୋଭିଡ୍ କଟକଣା କାରଣରୁ ମୁଖ୍ୟ ଫାଟକରେ ତାଲା ଝୁଲିଥିଲା। ସରକାରଙ୍କ କଟକଣା ହଟିବା ପରେ ସାନ ସରକାର ଓ ବଡ଼ ସରକାର ବାବାଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଜିଲାପାଳଙ୍କଠାରୁ ଅନୁମତି ମିଳିବା ପରେ ଧର୍ମାନୁଷ୍ଠାନଗୁଡ଼ିକ ଖୋଲିଛି। କୋଭିଡ୍ ନିୟମ ଅନୁଯାୟୀ ଦର୍ଶନ ବେଳେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର କରିବାକୁ ପ୍ରଶାସନର କଡ଼ା ନିର୍ଦ୍ଦେଶ ରହିଛି। ଗୁଲଶନେ ଗୌସପାକ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ସକାଳ ୮ଟାରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଖୋଲା ରଖାଯାଇଥିବା ସୂଚନା ମିଳିଛି।

### ଜଳିଗଲା ୩ ଦୋକାନ

**ରାଇବଣିଆ, ୧୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଜାତୀୟ ରାଜପଥ ୬୦ର ଲକ୍ଷ୍ମଣନାଥ ପୁରୁଣା ଚନଖିଫାଟକ ନିକଟରେ ମଙ୍ଗଳବାର ମଧରାତ୍ରରେ ନିଆଁ ଲାଗି ୩ ଦୋକାନ ଜଳିଯାଇଛି। କଟିସାହି ଗ୍ରାମର ଭାରତୀ ସେଠୀ, ନାଙ୍ଗୁରସାହିର ସରୋଜିନୀ ବେହେରା ଓ ସୁକାନ୍ତି ସିଂ ପ୍ରମୁଖ ରାତି ୮ଟା ବେଳେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମଧରାତ୍ରରେ ଅଗ୍ନିକାଣ୍ଡ ଖବର ପାଇଥିଲେ। ଟୋଲ ପ୍ଲାଜାର ଅନତି ଦୂରରେ ଏପରି ଘଟଣା ହୋଇଥିବାରୁ କର୍ମଚାରୀଙ୍କଠାରୁ ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଚୋରଙ୍କ ମାଡ଼ରେ ମୁଣ୍ଡ ଫାଟିଲା

**ହାଟଡିହୀ,୧୩।୧(ଡି.ଏନ.ଏ.):** କେନ୍ଦୁଝରେ ଜିଲା ହାଟଡିହୀ ବ୍ଲକ ଶାଳନିଆ ବଜାର ନିକଟରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଚୋର ମାନେ ଭ୍ରମରବର ଜେନାଙ୍କ ଘରେ ପଶି ଚୋରି କରିଥିଲେ। ଏଥିସହ ଭ୍ରମରବରଙ୍କ ସ୍ତ୍ରୀ ପିନ୍ଧିଥିବା କାନ ଫୁଲକୁ ଚୋର ମାନେ ଘୋଷାରି ନେଉଥିବା ବେଳେ ଭ୍ରମରବର ବାଧା ଦେଇଥିଲେ। ଫଳରେ ଚୋର ମାନଙ୍କ ମାଡରେ ଭ୍ରମରଙ୍କ ମୁଣ୍ଡ ଫାଟି ଥିଲା। ତାଙ୍କୁ ଶାଳନିଆ ମେଡିକାଲରେ ଚିକିତ୍ସା ପାଇଁ ଅଣା ଯାଇଥିଲା। ନନ୍ଦିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କିନ୍ତୁ ଅନ୍ଧାର ହୋଇଥିବାରୁ ଚୋର ମାନଙ୍କୁ ଚିହ୍ନଟ କରାଯାଇପାରିନି।

# ସୋଲା ଚାଷ କରିଛି ସ୍ୱାବଲମ୍ବୀ


ସୋଲା ବିଡ଼ା ବିକ୍ରି ଲାଗି ଗ୍ରାହକଙ୍କ ଅପେକ୍ଷାରେ ମହିଳା ଚାଷୀ।


ଆମ୍ଭେମାନେ ସୋଲା ଚାଷକୁ ପାରମ୍ପରିକ ଚାଷ ଭାବେ ଗ୍ରହଣ କରି ସାରିଛୁ। ଏହି ଚାଷ ଦ୍ୱାରା ଆମେ ଓ ଆମ ଗ୍ରାମର ମହିଳା ମାନେ ବେଶ ସ୍ୱାବଲମ୍ବି ହେବା ସହିତ ଆର୍ଥିକ ଅନାଟନ ଦୂର କରିପାରୁଛୁ। ହାଇବ୍ରିଡ ଶୋଲା ଅପେକ୍ଷା ଦେଶି ଶୋଲାର ଚାହିଦା ଅଧିକ ରହୁଥିବାରୁ ଆମେ ଦେଶିଶୋଲା ଚାଷକୁ ବେଶୀ ଗୁରୁତ୍ୱ ଦେଉଛୁ।

-ମନ୍ଦୋଦରୀ ନାଏକ


ସୋଲାଗଛରସ୍ଥାନିୟବଜାରରେଚାହିଦାରହୁଥିବାରୁବିକ୍ରିପାଇଁ ବିଶେଷ ଅସୁବିଧା ହୁଏନାହିଁ। ଅନେକ ସମୟରେ ସରକାରୀ ବିହନ ପାଇବାରେ ବିଳମ୍ୱ ହେଉଥିବାରୁ ବଜାର ବିହନ ଉପରେ ନିର୍ଭର କରିବାକୁ ପଡ଼େ। ସୋଲାଚାଷ ପାଇଁ ବେଶୀ ଜଳ ଦରକାର ନାହିଁ। ଏଥିପାଇଁ ବିଶେଷ ପରିଶ୍ରମ ପଡୁନଥିବାରୁ ଘରକାମ କରିବା ସହିତ ଏହି ଚାଷ କରିବା ସହଜ ହେଉଛି। ବୁଣିବା ସମୟରେ ଚଢେଇ ଦାଉରୁରକ୍ଷାପାଇଁକେବଳଜଗିବାକୁପଡିଥାଏ। ନହେଲେଏହାଏକଲାଭଦାୟକଚାଷଅଟେ।

- ଶଶିକଳା ନାଏକ

**ଚମ୍ପୁଆ,୧୩।୧(ଡି.ଏନ.ଏ)**

ମହିଳା ଏବେ ଘରୁ ଗୋଡ଼କାଢି ପୁରୁଷ ପ୍ରାଧାନ୍ୟ ଦେଶରେ ନିଜକୁ ତାଳ ଦେଇ ଚାଲିବା ଆରମ୍ଭ କଲେଣି। ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନେ ଚାଷକୁ ଆଦରି ନେଇ ସ୍ୱାବଲମ୍ବୀ ହୋଇ ଏହାର ପ୍ରମାଣ ଦେଇଥିବା ଦେଖିବାକୁ ମିଳିଛି। ଏହି ଚାଷ ମହିଳାଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ସହିତ ବେଶ ଦୁଇ ପଇସା ରୋଜଗାର ପନ୍ଥା ଦେଇପାରିଛି। ସ୍ଥାନୀୟ ବଜାରର ଚାହିଦାକୁ ଲକ୍ଷ୍ୟକରି ଅନେକ ମହିଳା ସୋଲା ଚାଷକୁ ଆଦରି ନେଇଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଗୋଧୂଳି ଗ୍ରାମର ମହିଳାଙ୍କ କ୍ଷେତ୍ରରେ। ଧାନ ଚାଷ ପରେ ସୋଲା ଚାଷ କରିବା ଏକ ପାରମ୍ପାରିକ ଚାଷ ଭାବେ ପରିଣତ ହୋଇଯାଇଛି। ଏହି ଚାଷ ପାଇଁ ସରକାର ବିହନ ଯୋଗାଇ ଦେଉଥିବା ବେଳେ ଏହାର ସୁଫଳ ଆଜି ମହିଳାଙ୍କ ନିକଟରେ ପହଞ୍ଚିପାରିଛି। ଏକର ଏକର ଜମିରେ ସୋଲା ଚାଷ କରି ମାତ୍ର ୧୦୦ ଦିନ ପରେ ଏହା ଅମଳ କରାଯାଉଥିବା ବେଳେ ବଜାରରେ ଏହା ବିକ୍ରି କରି ମହିଳାମାନେ ବେଶ ଲାଭବାନ ହୋଇପାରିଛନ୍ତି। ଧାନଚାଷ ଅମଳ ପରେ ସେପ୍ଟେମ୍ବର ମାସର ଶେଷ ଭାଗରେ ବିଲକୁ ହଳ କରାଯାଇ ସୋଲା ବିହନ ବୁଣାଯାଇଥାଏ। ଜାନୁୟାରୀ ମାସର ପ୍ରଥମ ସପ୍ତାହରେ ମହିଳାମାନେ ଫଳିଥିବା ସୋଲା ଗଛକୁ ଆଣି ବିଡା ବାନ୍ଧି ବିଡା ୧୦ ରୁ ୨୦ ଟଙ୍କାରେ ବିକ୍ରିକରିଥାନ୍ତି। ଅନେକ ଏହି ସୋଲା ବିଡାକୁ ବେପାରିଙ୍କୁ ମଧ ଦେଇଥାନ୍ତି। ସାଧାରଣ ଯାତ୍ରୀଠାରୁ ଆରମ୍ଭ କରି ସ୍ଥାନୀୟ ଲୋକମାନେ ଏହା କିଣୁଥିବା ବେଳେ ସୁସ୍ୱାଦୁ ଖାଦ୍ୟ ସହିତ ଟାଇମ ପାସର ମଜା ଉଠାଇଥାନ୍ତି। ବିଭିନ୍ନ ଛକ ଓ ବସ୍‌ଷ୍ଟାଣ୍ଡ ଗୁଡିକରେ ବିଶେଷ ଭାବରେ ମହିଳା ଚାଷୀମାନେ ଏହାକୁ ବିକ୍ରି କରିଥାନ୍ତି। କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳରେ ଏହାର ଚାହିଦା ଅଧିକ ଥିବା ଦେଖାଯାଇଥାଏ।

# ପହଞ୍ଚିଲା କୋଭିଡ୍ ଟିକା



ଜିଲା ଟିକା ଭଣ୍ଡାରରେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ।

**ଭଦ୍ରକ ଅଫିସ,୧୩।୧**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଦତ୍ତ କୋଭିଡ୍ ଟିକା ବୁଧବାର ଭଦ୍ରକ ଜିଲା ଟିକା ଭଣ୍ଡାରରେ ପହଞ୍ଚିଛି। ପ୍ରଥମ ପର୍ଯ୍ୟାୟରେ ୫,୫୦୦ ଟିକା ପହଞ୍ଚିଥିବା ଜଣାପଡ଼ିଛି। ଆସନ୍ତା ୧୬ ତାରିଖଠାରୁ ୩ଟି ସ୍ଥାନରେ ଟିକାକରଣ ଆରମ୍ଭ କରାଯିବ ବୋଲି ଜିଲା ଚିକିତ୍ସାଧିକାରୀ ଡ. ସନ୍ତୋଷ ପାତ୍ର ସୂଚନା ଦେଇଛନ୍ତି। ଟିକା ପହଞ୍ଚିବା ସମୟରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ଓ ଅରୁଣ ମହାପାତ୍ର, ଉପଜିଲାପାଳ ପିତାମ୍ବର ସାମଲ, ଜିଲା ଚିକିତ୍ସାଧିକାରୀ ଡ. ପାତ୍ର, ଜିଲା ମେଡିକାଲ ଅଧିକାରୀ ସୁବାଶିଷ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିକା କଡ଼ା ସୁରକ୍ଷା ବଳୟ ମଧ୍ୟରେ କୁଆଁସସ୍ଥିତ ଜିଲା ଟିକା ଭଣ୍ଡାରରେ ରଖାଯାଇଥିବା କୁହାଯାଇଛି।

# ସଂଗ୍ରହାଳୟ, ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ



ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

**ବାଲେଶ୍ୱର ଅଫିସ,୧୩।୧**

**ଫକୀରମୋହନ ଜୟନ୍ତୀ**

ଫକୀରମୋହନ ବିଶ୍ୱବିଦ୍ୟାଳୟ ନୂତନ ପରିସରର ସଭାଗୃହରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୭୯ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଶାନ୍ତିକାନନ ସ୍ଥିତ ଫକୀରମୋହନଙ୍କ ପ୍ରତିମୂର୍ତ୍ତି, ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନରେ ଥିବା ପ୍ରତିମୂର୍ତ୍ତିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଆନୁଷ୍ଠାନିକ ଭାବେ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରି ଫକୀରମୋହନଙ୍କ ଭଳି ବ୍ୟକ୍ତିତ୍ୱ ବିରଳ। ଏହି ବିଶ୍ୱବିଦ୍ୟାଳୟକୁ ସର୍ବଜନଗ୍ରାହୀ ବିଶ୍ୱ ପରିଚିତ ଦେବା ପାଇଁ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ। ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ଫକୀରମୋହନଙ୍କର ଏକ ସଂଗ୍ରହାଳୟ ଓ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରି ସମସ୍ତଙ୍କର ସହଯୋଗ ଓ ମତାମତ ଲୋଡ଼ିଥିଲେ। ମହାବିଦ୍ୟାଳୟ ବିକାଶ ପରିଷଦର ଉପଦେଷ୍ଟା ଡ. ରଣୀନ୍ଦ୍ର କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଫକୀରମୋହନ ଜଣେ ସଫଳ ସାଧକ ଥିଲେ ବୋଲି ମତ ଦେଇଥିଲେ। ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉନ୍ନୟନ ଅଧିକାରୀ ଡ. ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ପତ୍ରଝଡାରେ ଦନ୍ତା ଆତଙ୍କ

**ବସ୍ତା,୧୩।୧ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ବସ୍ତାବ୍ଲକ ପତ୍ରଝଡା ପଞ୍ଚାୟତରେ ଦନ୍ତାହାତୀକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଦନ୍ତା ହାତୀ ସରଡିହା, ବିଦ୍ୟାଧରପୁର ଗ୍ରାମକୁ ପଶିଥିଲା। ରାତି ସାରା ଗାଁ ଭିତରେ ହାତୀଟି ବୁଲିବା ସହିତ କେତେକ ଲୋକଙ୍କର ଧାନ ଖାଇଯିବା ସହିତ ପରିବା ଚାଷ ନଷ୍ଟ କରିଥିବା ଜଣାପଡିଛି। ଗାଁ ଲୋକେ ମିଳିତ ଭାବେ ହାତୀକୁ ବଣ ଭିତରକୁ ଘଉଡାଇ ଦେଇଥିଲେ ହେଁ ପୁନର୍ବାର ଗାଁ ଭିତରକୁ ପଶି ଆସୁଛି। ହାତୀର ଗତିବିଧି ଉପରେ ବନବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିବେକାନନ୍ଦଙ୍କ ଜୟନ୍ତୀରେ ଯୁବ ସମାବେଶ

**ବାଲିଆପାଳ, ୧୩।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହରେ ମଙ୍ଗଳବାର ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଯୁବ ସମାବେଶରେ ବିଭିନ୍ନ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଯୁବତୀଯୁବକ ଯୋଗଦେଇଥିଲେ। ଓଡ଼ିଶା ପ୍ରାଇଡ୍ ସଭାପତି ମାନସ ଦାସ ସଭାପତିତ୍ୱ କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଞ୍ଚାନନ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ବିବେକାନନ୍ଦଙ୍କ ଜୀବନଚର୍ଯ୍ୟା ବିଷୟରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ତଥା ସଙ୍ଗୀତକାର ରମାନାଥ କର, ଚାଇଲ୍ଡଲାଇନ୍ ଜିଲା ମୁଖ୍ୟ ପ୍ରଶାନ୍ତ ରାଉତ, ଭାଜପା ନେତା ନାରାୟଣ ପଣ୍ଡା, ସାହିତ୍ୟିକ ସନ୍ନ୍ୟାସୀ ବେହେରା, ପ୍ରାଧ୍ୟାପକ କୁଞ୍ଜକାନ୍ତ ପାତ୍ର, ବସ୍ତା ଭାଜପା ନେତା ସୂର୍ଯ୍ୟ ନାରାୟଣ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଆୟୋଜିତ ସମାବେଶରେ ଦାସ ଉପସ୍ଥିତ ଯୁବତୀଯୁବକମାନଙ୍କୁ ସୋସିଆଲ ମିଡିଆ ବ୍ୟବହାର ସହିତ ବର୍ତ୍ତମାନ ସମୟରେ ତାର ସଦୁପଯୋଗ କିପରି କରାଯାଇପାରିବ ସେ ବିଷୟରେ କହିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଗୁରୁଜୀ ମନୋଜ କୁମାର ବାରିକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ସହିତ ପରିଚୟ ପ୍ରଦାନ କରିଥିଲେ। ବିଶ୍ୱଜିତ୍ ଜେନା, ଗଣେଶ ଗିରି, ଅରୂପ ରଣଜିତ୍, ଗୌତମ ଗିରି, ଉତ୍ତମ ନାୟକ, ରଶ୍ମିତା ଦେ, ପୂର୍ଣ୍ଣିମା ପାଢ଼ୀ, ମାନସ ସାହୁ, ବଳରାମ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# 'ସମାଜକୁ ବଦଳାଇ ପାରିବେ ଯୁବପିଢ଼ି'

**ଆରଡ଼ି, ୧୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକର ଇନ୍ଦିରା ଗାନ୍ଧୀ ମେମୋରିଆଲ କଲେଜରେ ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ବ୍ରଜ ମୋହନ ନାୟକ ଉଦ୍‌ଘାଟନ କରିଥିଲେ। କଲେଜ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ନରେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ସଭା ହୋଇଥିଲା। ବରିଷ୍ଠ ଅଧ୍ୟାପକ ବିଭୂତି ଭୂଷଣ ବାରିକ, ପିତାମ୍ବର ରାଉତରାୟ, ନାରାୟଣ ମହାନ୍ତି, ଅର୍ଚ୍ଚନା ମହାନ୍ତି, ଦିଲୀପ କୁମାର ମିଶ୍ର, ଚିତ୍ତ ରଞ୍ଜନ ଦାସ, ଭରତ ଚନ୍ଦ୍ର ବେହେରା, ଗୋଲକ ମଲିକ, ଦେବେନ୍ଦ୍ର ରାଉତ ପ୍ରମୁଖ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉପସ୍ଥିତ ଏନ୍‌ଏସ୍‌ଏସ୍ ଓ ଯୁବ ରେଡ୍‌କ୍ରସର ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଜଣାଇଥିଲେ। ଯୁବକମାନେ ହେଉଛନ୍ତି ମାନବ ଜାତିର ଆଦର୍ଶ। ସେମାନେ ଚାହିଁଲେ ସମାଜକୁ ବଦଳାଇ ପାରିବେ ବୋଲି ମତପ୍ରକାଶ ପାଇଥିଲା।

# ମୃତକଙ୍କ ନାଁରେ ଉଠୁଛି କଣ୍ଟ୍ରୋଲ ସାମଗ୍ରୀ

**ବାଲେଶ୍ୱର ଅଫିସ,୧୩।୧**

ବାଲେଶ୍ୱର ଜିଲା ସଦର ବ୍ଲକ ପାତ୍ରପଡ଼ା ଅଞ୍ଚଳର ପୁରୁଣାବାଲେଶ୍ୱର, ଚକଡେନ୍ତୁଳିପୁରା, ଚକସିମୁଳିଆ, ଘିସୁଆଁ ଓ ପାତ୍ରପଡ଼ା ଗ୍ରାମର କେତେଜଣ ମୃତକଙ୍କ ନାଁରେ କଣ୍ଟ୍ରୋଲ ସାମଗ୍ରୀ ଉଠାଇ ଡିଲର ହଡ଼ପ କରୁଥିବା ଅଭିଯୋଗ ହୋଇଛି। ମୃତ ବ୍ୟକ୍ତିଙ୍କ ନାମରେ ଆସୁଥିବା ଚାଉଳ, ଗହମ, କିରୋସିନ ଦୀର୍ଘଦିନ ଧରି ହଡ଼ପ କରୁଥିବା ବେଳେ ସ୍ଥାନୀୟ ହିତାଧିକାରୀଙ୍କଠାରୁ ଦସ୍ତଖତ ଏବଂ ଟିପ ଚିହ୍ନ ନେଇ ସାମଗ୍ରୀ ଦେଉ ନ ଥିବା ମଧ ଅଭିଯୋଗ ହୋଇଛି।

ପାତ୍ରପଡ଼ା ଅଞ୍ଚଳର ସମ୍ପୃକ୍ତ ଡିଲରଙ୍କ ସ୍ତ୍ରୀ କଣ୍ଟ୍ରୋଲ ସାମଗ୍ରୀ ବାବଦରେ ବୁଝାସୁଝା କରନ୍ତି। ହିତାଧିକାରୀଙ୍କ ସାମଗ୍ରୀ ନ ଦେବା ନେଇ ଅଭିଯୋଗ କଲେ ଧମକ ଦେଇଥାନ୍ତି। ସାମଗ୍ରୀ ମଧ ଦିଅନ୍ତି ନାହିଁ। ଉକ୍ତ ଅଞ୍ଚଳର ଅଶୋକ କୁମାର ପ୍ରଧାନ, ପଙ୍କଜ ଜେନା, ଜଗବନ୍ଧୁ ଦାସ, ସନ୍ଧ୍ୟାରାଣୀ ଜେନା, ଜ୍ୟୋତି ପ୍ରକାଶ ହୋତା, ରବୀନ୍ଦ୍ର ସାହୁ, ଜଗନ୍ନାଥ ଦାସ ପ୍ରମୁଖ ଏ ନେଇ ସଦର ବିଡିଓ ନରେନ୍ଦ୍ର ଖମାରୀ ଏବଂ ଜିଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଖମାରୀଙ୍କୁ ପଚାରିବାରୁ କହିଛନ୍ତି, ଅଭିଯୋଗ ପାଇବା ପରେ ଯୋଗାଣ ବିଭାଗ ଅଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୌର ନିର୍ବାଚନରେ ପ୍ରାର୍ଥୀ ଦେବ ଯୋଡ଼ା ବିକାଶ ପରିଷଦ



କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଡା ବିକାଶ ପରିଷଦର କର୍ମକର୍ତ୍ତା ଏବଂ ଅନ୍ୟମାନେ।

**ଯୋଡ଼ା,୧୩।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡାର ଅଗ୍ରଣୀ ସଙ୍ଗଠନ ଯୋଡ଼ା ବିକାଶ ପରିଷଦ ପକ୍ଷରୁ ବୁଧବାର ଲହଣ୍ଡା ଠାରେ ଏକ ବନ୍ଧୁମିଳନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଡା ସହରର ସାମୂହିକ ବିକାଶ ଏବଂ ଆଗାମୀ ପୌର ନିର୍ବାଚନରେ ଉତ୍ତମ ପ୍ରାର୍ଥୀ ଚୟନ ଉପରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ଉପସଭାପତି ମନିନ୍ଦ୍ର ସୁନ୍ଦର ବାରିକ, ସମ୍ପାଦକ ସୁଶାନ୍ତ କୁମାର ବାରିକ, କୋଷାଧ୍ୟକ୍ଷ ପବିତ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଖବରଦାତା ପ୍ରକାଶ କୁମାର ମହାନ୍ତି, ମାନସ ରଞ୍ଜନ ମହାନ୍ତି, ଶିକ୍ଷୟତ୍ରୀ ଡ. ଆଭାରାଣୀ ବଳ ପ୍ରମୁଖ ସହରର ସାମୂହିକ ବିକାଶ ଉପରେ ନିଜର ମତାମତ ରଖିଥିଲେ। ଲକ୍‌ଡାଉନ ସମୟରେ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇଥିବାରୁ ସମାଜସେବିକା ସୁଜାତା ପଟ୍ଟନାୟକ, ସ୍ୱେଚ୍ଛାସେବୀ ସଙ୍ଗଠନ ୱାର୍ଲ୍ଡ ଭିଜନ ସମେତ ବହୁ ଖବରଦାତାଙ୍କୁ କରୋନା ଯୋଦ୍ଧାଭାବେ ମାନପତ୍ର ସହ ସମ୍ମାନିତ କରାଯାଇଥିଲା।

# ପ୍ରଥମ ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ


ଜିଲାପାଳ ଆଶିଷ ଠାକ୍‌ରେ ମାଣ୍ଡିଆ ୟୁନିଟ୍‌କୁ ଉଦ୍‌ଘାଟନ କରୁଛନ୍ତି।

**କେନ୍ଦୁଝର ୧୩।୧ (ସ୍ୱ.ପ୍ର./ ଡି.ଏନ.ଏ.)**

ଓଡିଶା ମିଲେଟ ମିଶନରେ କେନ୍ଦୁଝର ଜିଲାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଜିଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସହାୟତାରେ ମାଣ୍ଡିଆ ଚାଷ କରାଯାଉଛି। ଏହି ଚାଷ ଜିଲାର ବାଂଶପାଳ, ତେଲକୋଇ, ଯୋଡା, ଝୁମ୍ପୁରା, ହରିଚନ୍ଦନପୁର, ହାଟଡିହି ଓ ସଦର ବ୍ଲକରେ ୪ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଏହି ଚାଷ କରି ଉପକୃତ ହେଉଛନ୍ତି । ସେମାନଙ୍କୁ ଉଚିତ ମୂଲ୍ୟ କୁଇଣ୍ଟାଲ ପିଛା ୩୨୯୫ ଟଙ୍କା ଦେଇ କିଣିବା ସହିତ ଏହି ମାଣ୍ଡିଆରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତି କରି ଲୋକଙ୍କୁ ଯୋଗାଇଦିଆଯାଉଛି। ଏହି ମାଣ୍ଡିଆର ପ୍ରକ୍ରିୟାକରଣ ପାଇଁ ପ୍ରଶାସନ ସହାୟତାରେ ସ୍ଥାନୀୟ କେନ୍ଦୁଝର ସହର ଜାମୁହତା ସାହିରେ ପ୍ରଶାସନ ପକ୍ଷରୁ ପ୍ରଥମ ମାଣ୍ଡିଆ ପ୍ରକ୍ରିୟାକରଣ ୟୁନିଟ୍‌ର ଜିଲାପାଳ ଆଶୀଷ ଥାକରେ ଉଦ୍‌ଘାଟନ କରିଛନ୍ତି । ଏହାକୁ କ୍ରିଷ୍ଣା ସ୍ୱୟଂ ସହାୟିକା ଗୋଷ୍ଠୀ ପରିଚାଳନା କରି। ଏହି ଉଦଘାଟନୀ ଉତ୍ସବରେ ବହୁ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସରଗରମ ମୟୂରଭଞ୍ଜ ରାଜନୀତି

**ବିଜୁବାବୁଙ୍କ ପ୍ରତି କଟାକ୍ଷ ନେଇ ଭାଜପା-ବିଜେଡି ମୁହାଁମୁହିଁ ଘଟଣା**


ଏସପି ଅଫିସ ସମ୍ମୁଖରେ ବିଜେଡ଼ି କର୍ମୀ ବିକ୍ଷୋଭ କରୁଛନ୍ତି।

**ବାରିପଦା ଅଫିସ,୧୩।୧**

ମୟୂରଭଞ୍ଜ ଜିଲା ମୁର୍ଗାବାଡ଼ିସ୍ଥିତ ପ୍ରୟାସ ହଲରେ ଚାଲିଥିବା 'ଦିଶା' କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି କଟାକ୍ଷ କରିଥିବା ନେଇ ମଙ୍ଗଳବାର ବିଜେଡ଼ି ଅଭିଯୋଗ କରିଥିଲା। ଏହି ଘଟଣାରେ ଦଳ ପକ୍ଷରୁ ଧାରଣା, ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଭାଜପା ନେତାମାନେ ମଧ ଘଟଣାର ପ୍ରତିବାଦ କରିଥିଲେ। ଏବେ ଏହି ଘଟଣା ଜିଲା ରାଜନୀତିକୁ ସରଗରମ କରିଛି। ଆରୋପ, ପ୍ରତ୍ୟାରୋପରେ ଜିଲା ରାଜନୀତି ତେଜିବାରେ ଲାଗିଛି।

### ପୋଲିସ ନୀରବତାକୁ ନିନ୍ଦା କଲା ଭାଜପା

ମୟୂରଭଞ୍ଜ ଜିଲା(ପୂର୍ବ) ଭାଜପା ସଭାପତି କାନ୍ଦରା ସୋରେନଙ୍କ ଅଧ୍ୟକ୍ଷତାରେ ବୁଧବାର ବାରିପଦା ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୟୂରଭଞ୍ଜ ଏମ୍‌ପି ଇଂ.ବିଶ୍ୱେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢ଼େଇ, ପୂର୍ବତନ ଜିଲା ସଭାପତି ଡ.କୃଷ୍ଣଚନ୍ଦ୍ର ମହାପାତ୍ର ଓ ଜିଲାପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ ଉପସ୍ଥିତ ଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମୁର୍ମୁଙ୍କୁ ବିଜେଡି କର୍ମକର୍ତ୍ତାମାନେ ଦୀର୍ଘ ସମୟ ଧରି ପୋଲିସ ଉପସ୍ଥିତିରେ ଅଟକ ରଖିବା ଓ ବିଭିନ୍ନ କଟୁକଥା କହିବା ଘଟଣାରେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା। ଘଟଣାସ୍ଥଳରେ ଆଡିସନାଲ ଏସ୍‌ପି, ସଦର ଏସ୍‌ଡିପିଓ ଓ ଥାନାଧିକାରୀ ଉପସ୍ଥିତ ଥିବା ବେଳେ ପୋଲିସ ଜାଣିଶୁଣି ଚୁପ ରହିବା ଘଟଣାକୁ ଏମ୍‌ପି ଟୁଡୁ ନିନ୍ଦା କରିଥିଲେ।

### ଜାତିଆଣ ଆକ୍ଷେପକୁ ନେଇ ଥାନାରେ ମାମଲା

ଜିଲାପରିଷଦ ଅଧ୍ୟକ୍ଷା ମୁର୍ମୁଙ୍କୁ ଜାତିଆଣ ଅକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଘଟଣାକୁ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ସରକାରୀ କାର୍ଯ୍ୟକ୍ରମରେ ଗୁଣ୍ଡାଶ୍ରେଣୀର ଲୋକେ ପଶି ଗଣ୍ଡଗୋଳ ଘଟାଇବା ଓ ଶତାଧିକ କର୍ମକର୍ତ୍ତା ଦୀର୍ଘ ସମୟ ଧରି ଜିଲା ପରିଷଦ ଅଧ୍ୟକ୍ଷାଙ୍କୁ ଅଟକ ରଖିବା ଘଟଣାରେ ଏକ ମାମଲା (ନଂ.୪୯/୨୧) ରୁଜୁ ହୋଇଛି। ବିଜୁ ଛାତ୍ର ଜନତା ସଭାପତି ସୁନୀଲ କୁମାର ନାୟକ, ବିଜୁ ଯୁବ ଜନତା ସଭାପତି ଅରୁଣ ବରାଡ଼, ବରିଷ୍ଠ ନେତା ପ୍ରଭାତ କୁମାର ନାୟକ, ଜୋନାଲ ସଭାପତି ଅବଦୁଲ ହବିବ ଓ ମହିଳା ନେତ୍ରୀ ବିଷ୍ଣୁପ୍ରିୟା ବେହେରାଙ୍କ ନାମରେ ଏହି ମାମଲା ରୁଜୁ ହୋଇଛି। ଏସଡିପିଓ କେ.କେ. ହରିପ୍ରସାଦ ଘଟଣାର ତଦନ୍ତ କରୁଛନ୍ତି।

### ବିଜେଡି ପକ୍ଷରୁ ୨ ମାମଲା, ଏସ୍‌ପିଙ୍କୁ ଅଭିଯୋଗ

ବିଜୁବାବୁଙ୍କ ଫଟୋକୁ ନେଇ ଜିଲା ପରିଷଦ ଅଧ୍ୟକ୍ଷା ସୁଜାତା ମୁର୍ମୁ କଟାକ୍ଷ କରିବାରୁ ସେଠାରେ ଉପସ୍ଥିତ ଥିବା ରାଜ୍ୟସଭା ସଦସ୍ୟା ମମତା ମହାନ୍ତଙ୍କ ସମେତ ଖୁଣ୍ଟା ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ମାରାଣ୍ଡି ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଭାଜପା ନେତା ଓ କର୍ମୀ ଖୁଣ୍ଟା ବ୍ଲକ ଅଧ୍ୟକ୍ଷାଙ୍କୁ ଅଭଦ୍ରଚିତ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିବା ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୨/୨୧) ରୁଜୁ ହୋଇଛି। ସେହିପରି ବାରିପଦା ବ୍ଲକ ଅଧ୍ୟକ୍ଷା ପାର୍ବତୀ ହେମ୍ବ୍ରମଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ଅନ୍ୟଏକ ମାମଲା(ନଂ.୫୩/୨୧) ରୁଜୁ କରିଛି। ରସିକାନନ୍ଦ ମିଶ୍ର, ମନୋଜ ମହାନ୍ତି, ଲକ୍ଷ୍ମୀଧର ହାବୋଡା, ପୂର୍ବତନ ଭାଜପା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଜୟ ଦାସ, କୁମାର ମଙ୍ଗଳମ, କବି ବିଷ୍ଣୁ ଶତପଥିଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ଭାଜପା ସମର୍ଥକ ଏହି ଘଟଣାରେ ଜଡିତ ଥିବା ଅଭିଯୋଗରେ ଦର୍ଶାଯାଇଛି। ବିଜେଡ଼ି କର୍ମୀମାନେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଜିଲାପରିଷଦ ଅଧ୍ୟକ୍ଷାଙ୍କ କୁଶ ପୁତ୍ତଳିକା ମଧ ଦାହ କରିଥିବା ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ଆଜି ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ



**ଭୁବନେଶ୍ୱର,୧୩।୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଳାହାଣ୍ଡି ଗସ୍ତ କରିବେ। ସେଠାରେ ସେ ପ୍ରାୟ ୨ ହଜାର କୋଟିର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ। ମୁଖ୍ୟମନ୍ତ୍ରୀ ଉପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପ ଲୋକାର୍ପଣ କରିବେ। ଏହି ପ୍ରକଳ୍ପ ୯୮୬.୭୧ କୋଟିରେ ନିର୍ମିତ ହୋଇଛି। ଏଥିରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଉପକୃତ ହେବେ। ସେହିପରି ଅନ୍ୟାନ୍ୟ ପ୍ରକଳ୍ପର ମଧ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିବେ। ଉକ୍ତ ମେଗା ଜଳ ସେଚନ ପ୍ରକଳ୍ପ ଧର୍ମଗଡ, କୋକସରା ଏବଂ ଜୟପାଟଣା ବ୍ଲକର ୨୬ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରିବ। ୩୩ କିଲୋମିଟର ଦୀର୍ଘ ପ୍ରକଳ୍ପରେ ୯୦ଟି ଗ୍ରାମର ୫୦ ହଜାର ଲୋକ ଉପକୃତ ହୋଇପାରିବେ। ଯଦିଓ ମୁଖ୍ୟମନ୍ତ୍ରୀ ପୁରୀ ଓ ଭୁବନେଶ୍ୱରରେ କେତେକ ପ୍ରକଳ୍ପର ସମୀକ୍ଷା କରିଥିଲେ ତେବେ ଗତ ୯ ମାସ ମଧ୍ୟରେ ନବୀନଙ୍କର ଏହା ହେବ ପ୍ରଥମ ସାଧାରଣ ସଭା।

### ୧୫ରେ 'କିଷାନ ଅଧିକାର ଦିବସ' ପାଳିବ କଂଗ୍ରେସ

**ଭୁବନେଶ୍ୱର,୧୩।୧(ବ୍ୟୁରୋ):** ନୂତନ କୃଷି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର, ତୈଳ ଦର ବୃଦ୍ଧି ପ୍ରତିବାଦରେ ଆସନ୍ତା ୧୫ ତାରିଖରେ କଂଗ୍ରେସ 'କିଷାନ ଅଧିକାର ଦିବସ' ପାଳନ କରିବ। ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିଷ୍ପତ୍ତି ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ରାଜଭବନ ଘେରାଉ କରାଯିବ। ଏହି ଉପଲକ୍ଷେ ପାୱାର ହାଉସ୍ ଛକଠାରୁ ଏକ ବିରାଟ ଶୋଭାଯାତ୍ରା ରାଜଭବନ ଅଭିମୁଖେ ବାହାରିବ। କାର୍ଯ୍ୟକ୍ରମରେ ସମସ୍ତ ବିଧାୟକ, ଏମ୍‌ପିଙ୍କ ସମେତ କଂଗ୍ରେସ ନେତୃବୃନ୍ଦ, କର୍ମୀ ସାମିଲ ହେବାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି। କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ ପଟ୍ଟନାୟକ ଏବଂ ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, କୃଷି ଆଇନ ଉପରେ ସୁପ୍ରିମ୍‌କୋର୍ଟଙ୍କ ସ୍ଥଗିତାଦେଶକୁ ଦଳ ସ୍ୱାଗତ କରୁଛି। କିନ୍ତୁ ସୁପ୍ରିମକୋର୍ଟ ଗଠନ କରିଥିବା ୪ଜଣିଆ କମିଟି ଧର୍ମକୁ ଆଖିଠାର। ନୂତନ କୃଷି ଆଇନ ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ କିଷାନ କଂଗ୍ରେସ ଆନ୍ଦୋଳନ ଜାରି ରଖିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

### ୨ ବଳାତ୍କାରୀଙ୍କୁ ୨୦ ବର୍ଷ ଲେଖାଏ ଜେଲ

**କେନ୍ଦୁଝର,୧୩।୧(ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଅତିରିକ୍ତ ଜିଲାଜଜ୍‌ଙ୍କ ଅଦାଲତରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଲୋକନାଥ ସାହୁ ଏହାର ଶୁଣାଣି କରି ଅଭିଯୁକ୍ତ ସନ୍ତୋଷ ମୁଣ୍ଡା ଏବଂ ଧନୁ କେରେଇଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଥିବା ସରକାରୀ ଓକିଲ ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ମାର୍ଚ୍ଚ ୧୮ ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। ନାବାଳିକା ଜଣକ ଘରେ ଶୋଇଥିବା ବେଳେ ଦୁଇ ଅଭିଯୁକ୍ତ ଝରକା ଭାଙ୍ଗି ଘରେ ପଶି ତାଙ୍କୁ ଉଠାଇ ନେଇଥିଲେ। ଘରଠାରୁ ପ୍ରାୟ ୧ କି.ମି. ଦୂରରେ ବଳାତ୍କାର କରିଥିଲେ। ପଥରରେ ଛେଚି ହତ୍ୟା କରିବାକୁ ଯୋଜନା କରୁଥିବାବେଳେ କୌଶଳକ୍ରମେ ନାବାଳିକା ଜଣକ ସେଠାରୁ ଖସି ଆସିଥିଲେ। ୨୦ ତାରିଖରେ ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ପୋକ୍‌ସୋ ଆକ୍ଟ ଅନୁଯାୟୀ ନଂ.୯୮/୧୭ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା।

# ଟିକା ଭାଏଲ୍ ଖୋଲିବାର ୪ ଘଣ୍ଟାରେ ବ୍ୟବହାର ହେବ

**ଭୁବନେଶ୍ୱର, ୧୩।୧(ବ୍ୟୁରୋ)**

ଆସନ୍ତା ୧୬ ତାରିଖରୁ ହେବାକୁ ଥିବା କରୋନା ଟିକାକରଣ ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ଏନେଇ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ ଏବଂ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟକୁ ୪ ଲକ୍ଷ ୮ ହଜାର ଡୋଜ୍ କୋଭିଶିଲ୍ଡ ଓ ୨୦ ହଜାର ଡୋଜ୍ କୋଭାକ୍ସିନ ଟିକା ଆସିଛି। ପ୍ରତି କୋଭିଶିଲ୍ଡ ଭାଏଲ୍(ଶିଶି)ରେ ୧୦ଟି ଡୋଜ୍ ଓ ପ୍ରତି କୋଭାକ୍ସିନ ଭାଏଲରେ ୨୦ଟି ଡୋଜ୍ ରହିଛି। ଗୋଟିଏ ଭାଏଲ ଖୋଲିବାର ୪ ଘଣ୍ଟା ମଧ୍ୟରେ ସେଥିରେ ଥିବା ସବୁ ଡୋଜ୍‌କୁ ସମ୍ପୂର୍ଣ୍ଣ ବ୍ୟବହାର କରିବାକୁ ପଡ଼ିବ। ରାଜ୍ୟକୁ ସୀମିତ ସଂଖ୍ୟକ ଟିକା ଆସିଥିବାରୁ ଟିକା ଯେପରି ନଷ୍ଟ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଟିକା ବଣ୍ଟନବେଳେ ଜିଲା ଟିକା ଭଣ୍ଡାର ଓ କୋଲ୍ଡ ଚେନ୍ ପଏଣ୍ଟରେ ଫାଷ୍ଟ ଏକ୍ସପାଏରୀ ଏବଂ ଫାଷ୍ଟ ୟୁଜ୍ ନୀତି ଅବଲମ୍ବନ କରିବାକୁ ହେବ। ଭାଏଲରେ ଟିକା ଉତ୍ପାଦନର ଦିନ ଲେଖାଯାଇଛି। କିନ୍ତୁ ଏକ୍ସପାଏରି ଡେଟ୍ ଲେଖା ଯାଇନାହିଁ। ଏହି ଦୁଇ କରୋନା ଟିକାର ଭାଲିଡିଟି ଉତ୍ପାଦନର ୬ ମାସ ଯାଏ ରହିବ।

ରାଜ୍ୟକୁ ଆସିଥିବା ଟିକାର ୫୦% ପ୍ରଥମ ପର୍ଯ୍ୟାୟ ଟିକାଦାନବେଳେ ଜିଲାଗୁଡ଼ିକୁ ଯୋଗାଇ ଦିଆଯିବ। ଅବଶିଷ୍ଟ ୫୦% ଟିକା ୨୮ ଦିନ ପରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣବେଳେ ଯୋଗାଇଦିଆଯିବ। କୋଭିଶିଲ୍ଡ ଟିକାକୁ ୩୦ ଜିଲାକୁ ଯୋଗାଇ ଦିଆଯାଇଥିବାବେଳେ କୋଭାକ୍ସିନ ଟିକା କେବଳ ବିଏମ୍‌ସିକୁ ପ୍ରଦାନ କରାଯିବ। ଟିକା ଦିଆଯିବାକୁ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକା ଉପଲବ୍ଧତା ଅନୁସାରେ ସେସନ ପ୍ଲାନିଂ କରାଯିବ। ଟିକାଦାନ କେନ୍ଦ୍ରରେ ଭିଡ଼ ନ ହେବା ପାଇଁ ଟିକା ନେବାକୁ ଥିବା ବ୍ୟକ୍ତିଙ୍କୁ ଅଲଗା ଅଲଗା ସମୟରେ ଟିକା ଦିଆଯିବ। ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀଙ୍କଠାରୁ ଆରମ୍ଭ କରି ଡାକ୍ତରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଟିକା ଯୋଗାଇ ଦିଆଯିବ। ଟିକା ସଂଖ୍ୟା କର୍ମଚାରୀ ସଂଖ୍ୟାଠାରୁ କମ୍ ରହିଲେ, ବୟସ୍କ କର୍ମଚାରୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଟିକାକରଣ ପାଇଁ ଗାଇଡ୍‌ଲାଇନ**
- ଉତ୍ପାଦନର ୬ ମାସ ଯାଏ ଭାଲିଡିଟି
- ଟିକା ନଷ୍ଟ ନ କରିବାକୁ ନିର୍ଦ୍ଦେଶ



ଗୋଟିଏ ଗାଡ଼ିରେ କରୋନା ଟିକା ଯାଉଥିବାବେଳେ ଅନ୍ୟ ଜିଲାର ଗାଡିଗୁଡିକ ଟିକା ନେବାପାଇଁ ଛିଡ଼ା ହୋଇଛି।

# ଜବତ ଟ୍ରାକ୍ଟର ରିଲିଜ୍ ପାଇଁ ୨ ହଜାର ଟଙ୍କା ଲାଞ୍ଚ

**ନୟାଗଡ଼ ଅଫିସ/ଦଶପଲ୍ଲା, ୧୩।୧(ଡି.ଏନ୍.ଏ.)**

**ବାଣୀଗୋଛା ଏଏସ୍‌ଆଇ ଭିଜିଲାନ୍ସ ଦ୍ୱାରା ଗିରଫ**

ଜବତ ଟ୍ରାକ୍ଟର ରିଲିଜ୍ ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ନୟାଗଡ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇ ଦଶପଲ୍ଲା ବ୍ଲକ ବାଣୀଗୋଛା ଥାନା ଏଏସ୍‌ଆଇ ଲଳିତ କୁମାର ବେହେରା ଗିରଫ କରାଯାଇଛି । ତାଙ୍କଠାରୁ ଲାଞ୍ଚ ଟଙ୍କା ଜବତ ହୋଇଛି। ନୟାଗଡ ଭିଜିଲାନ୍ସ ୟୁନିଟ୍ ଡିଏସ୍‌ପି ଶିଶିର ଭୋଇଙ୍କ ସୂଚନା ଅନୁସାରେ କୁଲୁରୁକୁମ୍ଭାର ସୁଶାନ୍ତ ମୁଦୁଲିଙ୍କ ବାଲି ବୋଝେଇ ଟ୍ରାକ୍ଟରକୁ ୨୦୨୦ ନଭେମ୍ବର ୧୮ରେ ବାଣୀଗୋଛା ପୋଲିସ ଜବତ କରିଥିଲା । ଏନେଇ ୩୪/୨୦ରେ ମାମଲା ରୁଜୁ କରି ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜବତ ଟ୍ରାକ୍ଟରକୁ ରିଲିଜ୍ କରିବାକୁ ଏଏସ୍‌ଆଇ ଲଳିତ କୁମାର ବେହେରା ୨ ହଜାର ଲାଞ୍ଚ ମାଗିଥିଲେ । ସୁଶାନ୍ତ ଲାଞ୍ଚ ଦେବା ପାଇଁ ରାଜି ହୋଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ସୁଶାନ୍ତ ଏ ନେଇ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ । ଏଏସ୍‌ଆଇଙ୍କ କହିବା ମୁତାବକ ବୁଧବାର ଢ଼ାବା ନିକଟରେ ଟଙ୍କା ଧରି ସୁଶାନ୍ତ ଅପେକ୍ଷା କରିଥିଲେ । ଏଏସ୍‌ଆଇ ଲଳିତ ଢ଼ାବାକୁ ଆସି ଭୋଜନ କରିବା ପରେ ୫୭ନଂ. ଜାତୀୟ ରାଜପଥ କଡରେ ସୁଶାନ୍ତଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିଲେ । ଏହି ସମୟରେ ଭିଜିଲାନ୍ସ ପକ୍ଷରୁ ତାଙ୍କୁ କାବୁ କରି ନିଆଯାଇଥିଲା । ଭିଜିଲାନ୍ସ ପକ୍ଷରୁ ୭ ପିସି ଆକ୍ଟ ଦଫାରେ ଏକ ମାମଲା(ନଂ.୨/୨୧) ରୁଜୁ କରାଯାଇଛି । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ । ଅନ୍ୟପକ୍ଷେ ତାଙ୍କ ଫୁଲବାଣୀସ୍ଥିତ ଫୁଲବାଣୀ ସାହି ଘର ଉପରେ ବ୍ରହ୍ମପୁର ଭିଜିଲାନ୍ସ ୟୁନିଟ ପକ୍ଷରୁ ଚଢ଼ାଉ ଜାରି ରହିଥିବା ଜଣାପଡିଛି ।

**୧୫ ଦିନରେ ୨ ଏଏସ୍‌ଆଇ ଧରାପଡ଼ିଲେ**

୨ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବୁଧବାର ନୟାଗଡ ଭିଜିଲାନ୍ସ ୟୁନିଟ୍ ହାତରେ ବାଣୀଗୋଛା ଥାନା ଏଏସ୍‌ଆଇ ଲଳିତ କୁମାର ବେହେରା ଗିରଫ ହୋଇଛନ୍ତି । ସେହିପରି ୨୦୨୦ ଡିସେମ୍ବର ୩୦ରେ ୮ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଶରଣକୁଳ ଥାନା ଏଏସ୍‌ଆଇ ସଂଯୁକ୍ତା ମହାପାତ୍ର ଅନୁରୂପ ଭାବେ ଭିଜିଲାନ୍ସ ହାତରେ ଧରା ପଡି ଗିରଫ ହୋଇଥିଲେ । ଗତ ୧୫ ଦିନ ଭିତରେ ୨ ଏଏସ୍‌ଆଇ ଲାଞ୍ଚ ନେଇ ଗିରଫ ହେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି ।

# ଅଭିନବ ଢଙ୍ଗରେ ଓକିଲଙ୍କ ଦାବି


ସମ୍ବଲପୁର ଆର୍‌ଡିସି ଅଫିସ ସମ୍ମୁଖରେ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ।

**ସମ୍ବଲପୁର, ୧୩।୧ (ବ୍ୟୁରୋ)**

ହୀରାକୁଦ ଡ୍ୟାମ୍ ଉଦ୍‌ଘାଟନ ଦିବସ ବୁଧବାର ୬୫ ବର୍ଷରେ ପହଞ୍ଚିଛି। ହେଲେ ଡ୍ୟାମ୍ ଯୋଗୁ ବିସ୍ଥାପିତଙ୍କ ସମସ୍ୟା ଏ ପର୍ଯ୍ୟନ୍ତ ସମାଧାନ ହୋଇପାରି ନାହିଁ। କେତେଜଣଙ୍କୁ କ୍ଷତିପୂରଣ ମିଳି ନ ଥିବାବେଳେ ଥଇଥାନ ମଧ ହୋଇପାରି ନାହିଁ। ଏହାକୁ ନେଇ ବିସ୍ଥାପିତମାନେ ବିଭିନ୍ନ ସଂଗଠନ କରି ବର୍ଷ ବର୍ଷ ଧରି ଆନ୍ଦୋଳନ ଓ ଦାବି ଜଣାଇ ଆସୁଛନ୍ତି। ବୁଧବାର ସୁପ୍ରିମକୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଅଭିନବ ଢଙ୍ଗରେ ଦାବି ଉପସ୍ଥାପନ କରିଛନ୍ତି। ଖୋଲା ଦେହରେ ହୀରାକୁଦ ଡ୍ୟାମ, କାର୍ଯ୍ୟରତ ଶ୍ରମିକ, କ୍ରନ୍ଦନ କରୁଥିବା ଜଣେ ବୃଦ୍ଧା, ଭାରତ ମାନଚିତ୍ର, ସଂସଦ ଭବନ, ନିକିତି, ପରିବେଶ, ଗାଁ ପ୍ରଭୃତି ଚିତ୍ର ଆଙ୍କି ଦାବି ଜଣାଇଛନ୍ତି। ଏ ନେଇ ସେ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ନିରଞ୍ଜନ ସାହୁ ଓ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ପୃଥକ୍ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

ଆଇନଜୀବୀ ତ୍ରିପାଠୀ ଅଭିଯୋଗ କରିଛନ୍ତି ଯେ, କୃଷି କ୍ଷେତ୍ରର ବିକାଶ ପାଇଁ ହୀରାକୁଦ ବନ୍ଧ ଯୋଜନା କରାଯାଇଥିଲା। ଏହି ବନ୍ଧ ଯୋଗୁ ସେ ସମୟରେ ପ୍ରାୟ ୨୬ ହଜାର ୫୬୧ ପରିବାର ବିସ୍ଥାପିତ ହୋଇଥିଲେ। ନିୟମ ଅନୁସାରେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନାହିଁ। ୨୦୧୭ ଡିସେମ୍ବର ୧୭ ତାରିଖରେ ଏହାକୁ ନେଇ ମାନବ ଅଧିକାର ଆୟୁକ୍ତଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ଆୟୁକ୍ତଙ୍କ ପକ୍ଷରୁ ବାରମ୍ବାର ବିସ୍ଥାପିତଙ୍କ ସଂଖ୍ୟା, ଜମି କ୍ଷତିପୂରଣ ଭଳି ତଥ୍ୟ ଥିବା ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ ଚିଠି କରାଯାଇଥିଲେ ମଧ ରାଜ୍ୟ ସରକାର ପ୍ରଦାନ କରୁନାହାନ୍ତି। ଆଜି ପର୍ଯ୍ୟନ୍ତ ଭିଟାମାଟି ହରାଇଥିବା ଲୋକମାନେ କ୍ଷତିପୂରଣ ପାଇନାହାନ୍ତି। ପିଢ଼ି ପରେ ପିଢ଼ି ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି। ତେଣୁ ରାଜ୍ୟ ସରକାର ଏ ଦିଗରେ ତତ୍ପରତା ଦେଖାଇ ସମାଧାନ କରନ୍ତୁ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ତାଙ୍କ ସହ ହୀରାକୁଦ ବୁଡି ଅଞ୍ଚଳ ସଂଗ୍ରାମ ସମିତିର ସମ୍ପାଦକ ଗୋପୀନାଥ ମାଝି, ଆଇନଜୀବୀ ରମେଶ ଚନ୍ଦ୍ର ସୀତାରି ସାମିଲ ଥିଲେ।

**ହୀରାକୁଦ ଡ୍ୟାମ୍ ବିସ୍ଥାପିତଙ୍କ ସମସ୍ୟା**
- ଆର୍‌ଡିସି, ଜିଲାପାଳଙ୍କୁ ଦାବିପତ୍ର
- ପୂର୍ଣ୍ଣାଙ୍ଗ ରିପୋର୍ଟ ଦେଉନାହାନ୍ତି ସରକାର

# ଷ୍ଟେଟ୍ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

**କୁଆଁରମୁଣ୍ଡା,୧୩।୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଡୁମେରଜୋର ପଞ୍ଚାୟତ ପରିସରରେ ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ବୁଧବାର ଅପରାହ୍ନ ପ୍ରାୟ ୩ଟା୧୦ରେ ସଶସ୍ତ୍ର ଡକାୟତି ହୋଇଛି। ମୁଖାଧାରୀ ୫ରୁ ଊର୍ଦ୍ଧ୍ୱ ଦୁର୍ବୃତ୍ତ ହଠାତ୍ ବ୍ୟାଙ୍କ କାର୍ଯ୍ୟାଳୟରେ ପଶି ସୁରକ୍ଷା କର୍ମୀ ଓ ଦାୟିତ୍ୱରେ ଥିବା ଶାଖା ପରିଚାଳକଙ୍କୁ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ସେମାନେ ବ୍ୟାଙ୍କର ସିସି କ୍ୟାମେରା ଓ କମ୍ପ୍ୟୁଟରକୁ ଭାଙ୍ଗି ନଷ୍ଟ କରିଥିଲେ। ଶାଖା ପରିଚାଳକ ଛୁଟିରେ ଥିବା ଯୋଗୁ ଦାୟିତ୍ୱରେ ଥିବା ଶାଖା ପରିଚାଳକଙ୍କୁ ଦୁର୍ବୃତ୍ତମାନେ ଭୁଜାଲି ପଛପାର୍ଶ୍ୱରେ ଆକ୍ରମଣ କରି ଭୟଭୀତ କରିଥିଲେ। ପରେ ବ୍ୟାଙ୍କରେ ଜମାଥିବା ପ୍ରାୟ ସାଢେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟ୍‌କରି ଫେରାର ହୋଇଯାଇଛନ୍ତି। ସେମାନେ ବାଇକ୍ ଯୋଗେ ପଳାଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏପରିକି ଦୁର୍ବୃତ୍ତମାନେ ଯାଉଥିବା ବାଇକ୍‌ର ଫଟୋକୁ ମଧ୍ୟ ଘଟଣାସ୍ଥଳରୁ ଜଣେ ପ୍ରତ୍ୟକ୍ଷଦର୍ଶୀ ନିଜ ମୋବାଇଲରେ ଉଠାଇଛନ୍ତି। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏହାସହ ଦୁର୍ବୃତ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଫାଣ୍ଡି ଅଧିକାରୀ ଓରାମ କହିଛନ୍ତି।

# ବାଇକ୍‌ରେ ବୁହାହେଲା ମୃତଦେହ

**ପାରଳାଖେମୁଣ୍ଡି/ଆର୍.ଉଦୟଗିରି, ୧୩।୧(ଡି.ଏନ୍.ଏ.)**

ମହାପ୍ରୟାଣ ଗାଡି ନମିଳିବାରୁ ବୃଦ୍ଧଙ୍କ ମୃତଦେହକୁ ବାଇକରେ ଘରକୁ ନେଇଛନ୍ତି ପରିବାର ଲୋକେ। ଏଭଳି ଘଟଣା ଘଟିଛି ଗଜପତି ଜିଲା ନୂଆଗଡ ବ୍ଲକରେ। ନୂଆଗଡ ୱାର୍ଡ ମେମ୍ବର ଆରିମିଲ୍ ହେଡ୍‌ଲାଙ୍କ ସୂଚନା ଅନୁଯାୟୀ, ଗ୍ରାମର ଉପସ୍ଥିତ ବେବର୍ତ୍ତା (୬୫)ଙ୍କ ବୁଧବାର ସକାଳୁ ମୁଣ୍ଡ ବୁଲାଇବା ସହ ରକ୍ତବାନ୍ତି ହୋଇଥିଲା। ସାହିଲୋକଙ୍କ ସହଯୋଗରେ ପରିବାର ଲୋକେ ତାଙ୍କୁ ନୂଆଗଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ପରାମର୍ଶ ଦେଇଥିଲେ। ବାଇକ୍‌ରେ ନେଇ ଖଜୁରିପଦା ମେଡିକାଲରେ ପହଞ୍ଚିବାବେଳକୁ ସେଠାରେ ଡାକ୍ତର ଉପସ୍ଥିତଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ନେବାକୁ ମହାପ୍ରୟାଣ ଗାଡି କିମ୍ବା ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଡାକ୍ତରଙ୍କୁ କହିଥିଲେ। ମାତ୍ର ଆମ୍ବୁଲାନ୍ସ କି ମହାପ୍ରୟାଣ ଗାଡି ସୁବିଧା ନଥିବା ଡାକ୍ତର କହିବାରୁ ମୃତଦେହକୁ ସାହିର ରାହୁଲ ସିଂ ଓ ଯଶୋବନ୍ତ ସିଂ ବାଇକ୍‌ରେ ଗାଁକୁ ଆଣିଥିଲେ ବୋଲି ଆରିମିଲ୍ କହିଛନ୍ତି। ଏନେଇ ଖଜୁରିପଦା ମେଡିକାଲ ଡାକ୍ତରଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇ ନଥିଲା।


ମୃତଦେହକୁ ବାଇକରେ ବୋହି ନେଉଛନ୍ତି।

# ଓଡ଼ିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସମ୍ପୂର୍ଣ୍ଣ ହେଲା

**ଭୁବନେଶ୍ୱର,୧୩।୧(ବ୍ୟୁରୋ)**

**୩ କାର୍ଯ୍ୟକାରୀ ପରିଷଦ, ୩ ଅର୍ଥ କମିଟି ସଦସ୍ୟ ନିର୍ବାଚିତ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୩ଜଣ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଭାବେ ପ୍ରଫେସର ପ୍ରସନ୍ନ ସ୍ୱାଇଁ, ଚନ୍ଦ୍ରଶେଖର ହୋତା, ଡ. ନୃସିଂହ ଚରଣ ଷଡଙ୍ଗୀ ଏବଂ ଅର୍ଥ କମିଟି ସଦସ୍ୟ ଭାବେ ପୁଷ୍ପଲତା ରଥ, ରୀତାରାଣୀ ନାୟକ ଓ ସଞ୍ଜୟ ପଣ୍ଡା ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସାଧାରଣ ପରିଷଦର ସଦସ୍ୟଭାବେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ଥିବା ୮ଜଣ ବ୍ୟକ୍ତିତ୍ୱ ନିର୍ବାଚିତ ହୋଇଥିଲେ। ୨୦୧୯ ଜୁଲାଇ ୭ରେ ଏକାଡେମୀର ସାଧାରଣ ପରିଷଦ ପୁନର୍ଗଠନ କରାଯାଇଥିବାବେଳେ ଡିସେମ୍ବର ୨୪ରୁ ଏହା କାର୍ଯ୍ୟକାରୀ ହୋଇଥିଲା। ତେବେ ଫାଙ୍କା ଥିବା ୩ କାର୍ଯ୍ୟକାରୀ ପରିଷଦ ସଦସ୍ୟ ଓ ୩ ଅର୍ଥ କମିଟି ସଦସ୍ୟ ଭାବେ ନିର୍ବାଚିତ ହେବାପରେ ଏକାଡେମୀର ସାଧାରଣ ପରିଷଦ ସମ୍ପୂର୍ଣ୍ଣ ହୋଇଛି ବୋଲି ସଚିବ ସୁଚିସ୍ମିତା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଖୋର୍ଦ୍ଧାରେ ପହଞ୍ଚିଲା କୋଭିଡ୍ ଟିକା

**ଖୋର୍ଦ୍ଧା ଅଫିସ,୧୩।୧**

ଖୋର୍ଦ୍ଧାରେ ପହଞ୍ଚିଛି କୋଭିଡ୍-୧୯ ଭାକ୍ସିନ। ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ) ଜିଲା ଟିକା ଭଣ୍ଡାର କେନ୍ଦ୍ରରେ ରଖାଯାଇଛି। ୬୧୫ ଫାଇଲରେ ୬୧୫୦ଡୋଜ୍ ପହଞ୍ଚିଛି ବୋଲି ଜିଲା ଭାକ୍ସିନ ଲଜିଷ୍ଟିକ ମ୍ୟାନେଜର ଯଶୋଦା ରାଣୀ ବେହେରା କହିଛନ୍ତି। ଆସନ୍ତା ୧୬ରୁ କୋଭିଡ୍ ଟିକାକରଣର ଶୁଭାରମ୍ଭ ହେବ। ଜିଲାରେ ୭୫୫୬ଜଣ ନାମ ପଞ୍ଜୀକରଣ କରିଛନ୍ତି। ଖୋର୍ଦ୍ଧା ଡିଏଚଏଚ ସମେତ ମେଣ୍ଢାଶାଳ, ଜଟଣୀ, ବୋଲଗଡ଼ ଏବଂ ବାଲୁଗାଁ ଟିକାକରଣ କେନ୍ଦ୍ରରେ ଏହି ଟିକା ଦିଆଯିବ। ସେଠାରେ ଟିକାଦାନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ପ୍ରତି ଟିକାକରଣ କେନ୍ଦ୍ରରେ ପ୍ରତିକ୍ଷାଳୟ, ନିରିକ୍ଷଣ କେନ୍ଦ୍ର ଓ ଟିକାକରଣ କେନ୍ଦ୍ର ରହିବ। ଟିକା ନେବାର ୩୦ମିନିଟ୍ ପର୍ଯ୍ୟନ୍ତ ନିରିକ୍ଷଣରେ ରଖାଯିବ ବୋଲି ସିଡିଏମଓ ବିଶ୍ୱରଞ୍ଜନ ପତି କହିଛନ୍ତି।

# ସ୍ମରଣୀୟ ରହିବେ ରାମଚନ୍ଦ୍ର ମର୍ଦ୍ଦରାଜ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୩।୧(ବ୍ୟୁରୋ)**

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଦୂରଦୃଷ୍ଟି ଏବଂ ଉଚ୍ଚ ଚିନ୍ତାଧାରା ଯୋଗୁ ଓଡ଼ିଶାରେ ରାଜନୀତି, ଅର୍ଥନୀତି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ କ୍ଷେତ୍ରରେ ବିକାଶ ସାଧିତ ହୋଇଥିଲା। ପ୍ରଜାନୁରାଗୀ ଓ ମାନବିକତାର ପ୍ରତୀକ ଭାବେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ତାଙ୍କ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ତାଙ୍କ ଭିଡିଓ ବାର୍ତ୍ତାରେ କହିଲେ, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜା ବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଅବଦାନକୁ ଓଡ଼ିଆ ଜାତି ସବୁବେଳେ ମନେରଖିବ। ସେ ଗଣତନ୍ତ୍ରର ଦୃଢ଼ ବିଶ୍ୱାସୀ ଥିଲେ। ଲୋକଙ୍କ କଲ୍ୟାଣ ତାଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ଥିଲା। ନାରୀଶିକ୍ଷା, ଭିତ୍ତିଭୂମିର ବିକାଶ ଓ ଜନତାଙ୍କ ଉନ୍ନତି ପାଇଁ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଥିଲେ। ଏହି ମହାନ ବରପୁତ୍ରଙ୍କ ଆଦର୍ଶ ଆମ ସମସ୍ତଙ୍କ ପାଇଁ ପ୍ରେରଣା ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।



ଭୁବନେଶ୍ୱରଠାରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ।

ସମ୍ମାନିତ ଅତିଥିଭାବେ ଯୋଗଦେଇ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଲେ, ରାଜା ମର୍ଦ୍ଦରାଜ ଦେଓ ସମଗ୍ର ଓଡ଼ିଶାର ଉନ୍ନତିକଳ୍ପେ କାର୍ଯ୍ୟ କରିଥିଲେ। ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ରାଜ୍ୟର ଶିକ୍ଷା, ଜଳସେଚନ, ଗମନାଗମନ, ଆର୍ଥିକ, ସାମାଜିକ ଉନ୍ନତି ପାଇଁ କାର୍ଯ୍ୟ କରିଥିଲେ ବୋଲି କହିଥିଲେ। ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି ଓଡ଼ିଶାର ରୂପରେଖ ଗଠନରେ ରାଜାଙ୍କ ଭୂମିକା ପ୍ରଶଂସନୀୟ ଥିଲା ବୋଲି କହିଥିଲେ। ଖଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ରାଜା ରାମଚନ୍ଦ୍ର ଦେଓଙ୍କୁ ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ରାଜନୈତିକ ବ୍ୟକ୍ତି ଭାବେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି ବର୍ଣ୍ଣନା କରିଥିଲେ। ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟିକା ଲତିକା ପ୍ରଧାନ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା ଓ ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ ଧନ୍ୟବାଦ ଦେଇଥିଲେ।




ଓସିଏ ଟି୨୦ ଲିଗ୍ ଚାମ୍ପିୟନ ଓଡ଼ିଶା ପାନ୍ଥର୍ସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ

**ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ଓଡ଼ିଶା ପାନ୍ଥର୍ସ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ପାନ୍ଥର୍ସ ୬ ଉଇକେଟରେ ଓଡ଼ିଶା ଲାୟନ୍ସକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଲାୟନ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରିଥିଲା। ଜବାବରେ ଓଡ଼ିଶା ପାନ୍ଥର୍ସ ୧୯.୧ ଓଭରରେ ୪ ଉଇକେଟ ହରାଇ

**ଏମ୍‌ଜିଏମ୍ ଟି୨୦ ଲିଗ୍**

୧୧୫ ରନ ସଂଗ୍ରହ କରି ନେଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲାୟନ୍ସର ଆରମ୍ଭ ଭଲ ହୋଇ ନ ଥିଲା। ସେମିଫାଇନାଲରେ ଶତକ ହାସଲକାରୀ ସ୍ୱସ୍ତିକ ସାମଲ ମାତ୍ର ୪ ରନରେ ଆଉଟ ହେବା ଦଳପାଇଁ ଶକ୍ତ ଧକ୍କା ସଦୃଶ ହୋଇଥିଲା। ଦଳ ୩୬ ରନରେ ୪ ଉଇକେଟ ହରାଇଥିବାବେଳେ ମିଡିଲ ଅର୍ଡରରେ ନଉତ୍ତମ ଭଞ୍ଜଙ୍କ ୩୮(୩୫ ବଲ, ୪ ଚୌକା, ୧ ଛକା) ରନ ବଳରେ ୧୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାକେଶ ପଟ୍ଟନାୟକ ୧୬ ଓ ଚିନ୍ମୟ ସାହୁ ୧୫* ରନ କରିଥିଲେ। ପ୍ରତିପକ୍ଷ ଦଳର ବସନ୍ତ ମହାନ୍ତି, ଆଲୋକ ସାହୁ ଓ ପ୍ରଦୀପ ପ୍ରଧାନ ୨ଟି ଲେଖାଏ ଏବଂ ଶୁଭମ୍ ନାୟକ ଗୋଟିଏ ଉଇକେଟ ନେଇଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ପାନ୍ଥର୍ସ ଆରମ୍ଭରେ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସ୍କୋର ବୋର୍ଡରେ ରନ ହେବା ପୂର୍ବରୁ ୨ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରି ସାରିଥିଲେ। ୧୯ ରନରେ ଦଳ ୩ୟ ଉଇକେଟ ହରାଇଥିବାବେଳେ ୧୦.୪ ଓଭର ବେଳକୁ ସ୍କୋର ୫୨/୪ ହୋଇ ଯାଇଥିଲା। ମିଡିଲ ଅର୍ଡରରେ ନିଶିକାନ୍ତ ରାଉତ (୩୧ରନ, ୨୫ ବଲ, ୪ ଚୌକା) ସତର୍କତାର ସହିତ ବ୍ୟାଟିଂ କରି ଇନିଂସ ସମ୍ଭାଳିଥିଲେ। ସେ ଆଉଟ ହେବାପରେ ଫର୍ମରେ ଥିବା ଅଭିଷେକ ଯାଦବ ଓ ଶୁଭମ୍ ନାୟକ ଅପରାଜିତ ରହି ୫ ବଲ୍ ବାକିଥାଇ ଦଳକୁ ଜିତାଇଥିଲେ। ୪୨ଟି ବଲ୍ ଖେଳିଥିବା ଅଭିଷେକ ୬ ଚୌକା ସହାୟତାରେ ୪୦ ଏବଂ ୩୦ ବଲ୍‌ରୁ ୨୯(୨ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ ଶୁଭମ୍। ଲାୟନ୍ସ ବୋଲରଙ୍କ ମଧ୍ୟରେ ଶିବାଶିଷ ସାହୁ, ଦୀପକ ବେହେରା ଓ ଅଭିଷେକ ଗିରି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଆଲୋକ ମଙ୍ଗରାଜ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୧୪ ରନ ଦେଇଥିଲେ ହେଁ ଉଇକେଟ ପାଇ ନ ଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଶୁଭମ୍ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପ୍ରତିଯୋଗିତାରେ ବ୍ୟାଟ୍ସମ୍ୟାନମାନେ ସମୁଦାୟ ୬୪୩ଟି ଚୌକା ଓ ୧୬୭ଟି ଛକା ମାରିଛନ୍ତି।




କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅନ୍ତର୍ଜାତୀୟ କ୍ରିକେଟର ପ୍ରଜ୍ଞାନ ଓଝାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସମ୍ପାଦକ ତଥା ପୂର୍ବତନ ଓସିଏ ଏବଂ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ (ଓଓଏ) ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଆଇପିଏଲ ଗଭର୍ନିଂ କାଉନ୍‌ସିଲ ସଦସ୍ୟ ପ୍ରଜ୍ଞାନ ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମ୍ପାୟର ଅରୁଣ କୁମାର ବାସା, ଦୁର୍ଗାଦତ୍ତ ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ବିଭୁ ଶତପଥୀ ତୃତୀୟ ଅମ୍ପାୟର ଥିଲେ। ସି.ଡି. ସୁନୀଲ ଓ ବିଶ୍ୱରଞ୍ଜନ ଦାସ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ।

# ଓଡ଼ିଶା ପିଙ୍କ୍ ୧୦ ରନରେ ବ୍ଲୁକୁ ହରାଇଲା

**ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)**

ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ପିଙ୍କ୍ କଟକର ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ପ୍ରଦର୍ଶନୀ ମହିଳା କ୍ରିକେଟ ମ୍ୟାଚରେ ୧୦ ରନରେ ଓଡ଼ିଶା ବ୍ଲୁକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପିଙ୍କ୍ ୨୦ ଓଭରରେ ୭ ଉଇକେଟ ହରାଇ ୧୧୭ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟିକା ମଧୁସ୍ମିତା ବେହେରା ୪୨ ବଲ୍‌ରୁ ସର୍ବାଧିକ ୩୨, ରାଣୀ ଟୁଡୁ୩୨ ବଲ୍‌ରୁ ୨୩ ଏବଂ ସୁଶ୍ରୀ ଦିବ୍ୟଦର୍ଶିନୀ ୧୮ ବଲ୍‌ରୁ ୨୧ ରନ କରିଥିଲେ। ବିପକ୍ଷ ଦଳର ଜାନକୀ ରେଡ୍ଡୀ ୨ଟି ଏବଂ ତରଣା ପ୍ରଧାନ, ବନଲତା ମଲିକ ଓ ଲକ୍ଷ୍ମୀପ୍ରିୟା ନାଏକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୧୮ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ମାଧୁରି ମେହେଟ୍ଟାଙ୍କ ନେତୃତ୍ୱାଧୀନ ବ୍ଲୁ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୦୭ ରନ କରିବାକୁ ସକ୍ଷମ ହୋଇଥିଲା। ଅଧିନାୟିକାଙ୍କୁ ମିଶାଇ ୯ ବ୍ୟାଟ୍ସଓମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ସେଥିପାଇଁ ଉଇକେଟ କିପର ପ୍ରଜ୍ଞା ମହାନ୍ତି ୩୭ ବଲ୍‌ରୁ ଲଢୁଆ ୫୧(୭ ଚୌକା) ରନର ଇନିଂସ ଖେଳିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ବିଜୟୀ ଦଳ ପକ୍ଷରୁ ଦିବ୍ୟଦର୍ଶିନୀ ୪ ଓଭରରେ ମାତ୍ର ୨୨ ରନ ଦେଇ ୩ଟି ଏବଂ ସୁଜାତା ମଲିକ, ମଧୁସ୍ମିତା ଓ ରାଜଶ୍ରୀ ସ୍ୱାଇଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

## ଆନ୍ତଃଜିଲା କ୍ରିକେଟ: ଫାଇନାଲରେ ୟୁ ଆଣ୍ଡ ମି

**ଖଇରା, ୧୩।୧ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଢ଼ ହାଇସ୍କୁଲ ପଡ଼ିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମି ଫାଇନାଲରେ ବାଲେଶ୍ୱରର ୟୁ ଆଣ୍ଡ ମି କଟକର ନିମପୁର ସ୍ପୋର୍ଟିଂକୁ ୫ ଉଇକେଟରେ ହରାଇ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ନିମପୁର ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ ୧୫୬ ରନ କରିଥିଲା। ଜବାବରେ ୟୁ ଆଣ୍ଡ ମି ୧୮.୫ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଗିରିଜା ରାଉତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ଲଲାଟ ନନ୍ଦ ଓ ଯଯାତି ମହାପାତ୍ର ମ୍ୟାଚ୍ ପରିଚାଳନା କରଥିଲେ। ୧୪ ତାରିଖରେ ଫାଇନାଲରେ ୟୁ ଆଣ୍ଡ ମି ବାରିପଦାର ଡିଆରକେକୁ ଭେଟିବ।

## ସାଇନା, ଶ୍ରୀକାନ୍ତ ଜିତିଲେ

**ବ୍ୟାଙ୍କକ୍, ୧୩।୧ (ପି.ଟି.)**

ଏଠାରେ ଆରମ୍ଭ ହୋଇଥିବା ଥାଇଲାଣ୍ଡ ଓପନ୍ ସୁପର ୧୦୦୦ ଟୁର୍ନାମେଣ୍ଟରେ ଭାରତର କିଡାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ଅଭିଜ୍ଞ ସାଇନା ନେହ୍ୱାଲ ମଧ୍ୟ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ତେବେ ପାରୁପାଲ୍ଲୀ କାଶ୍ୟପ ପ୍ରଥମ ରାଉଣ୍ଡ ମ୍ୟାଚ ଅଧାରୁ ଓହରିଯାଇଛନ୍ତି। ଶ୍ରୀକାନ୍ତ ମାତ୍ର ୩୧ ମିନିଟ୍‌ର ନିଜ ଦେଶର ସୌରଭ ବର୍ମାଙ୍କୁ ୨୧-୧୨, ୨୧-୧୧ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ତେବେ କାଶ୍ୟପ କାନାଡ଼ାର ଜାସନ ଆନ୍ଥୋନୀ ହୋ-ଶୁଏଙ୍କ ବିପକ୍ଷ ଓପନିଂ ରାଉଣ୍ଡ ମ୍ୟାଚରୁ ରିଟାୟାର ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ କାଶ୍ୟପ ତୃତୀୟ ଗେମ୍‌ରେ ୮-୧୪ରେ ପଛରେ ପଡିଥିବା ବେଳେ କାଫ୍ ମସଲ ଇଞ୍ଜୁରିରେ ଶିକାର ହୋଇଥିଲେ। ସେ ପ୍ରଥମ ଗେମ୍‌ରେ ୯-୧୨ରେ ପରାସ୍ତ ହୋଇଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ସେ ପ୍ରତ୍ୟାବର୍ତ୍ତନ କରି ୨୧-୧୩ରେ ବାଜି ମାରିଥିଲେ। ଶ୍ରୀକାନ୍ତ ଦ୍ୱିତୀୟ ରାଉଣ୍ଡରେ ମାଲେସିଆର ଜି ଜିଆ ଲିଙ୍କୁ ଭେଟିବେ। ଲି ଅନ୍ୟଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ଭାରତର ଏଚ୍.ଏସ୍. ପ୍ରଣୟଙ୍କୁ ୧୩-୨୧, ୨୧-୧୪, ୨୧-୮ରେ ପରାସ୍ତ କରି ଅଗ୍ରଗତି କରିଥିଲେ।

# ଓଡ଼ିଶା ଡାକ ଚେସ୍: ଉତ୍କଳ ଚାମ୍ପିୟନ



କୃତୀ ପ୍ରତିଯୋଗୀଙ୍କ ସହ ଅତିଥିମାନେ।

**ଭୁବନେଶ୍ୱର, ୧୩।୧ (କ୍ରୀଡ଼ା ପ୍ରତିନିଧି)**

କଟକ ଜିପିଓ ରିକ୍ରିଏଶନ କ୍ଲବ ପରିସରରେ ଓଡ଼ିଶା ଡାକ ମଣ୍ଡଳ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୨ ଦିନଧରି ଅନୁଷ୍ଠିତ ପ୍ରତିଯୋଗିତାକୁ କଟକ ଜିପିଓର ବରିଷ୍ଠ ପୋଷ୍ଟମାଷ୍ଟର ସେକ୍ ମହମ୍ମଦ ନୋମାନ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୫ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଥିଲା। ଉତ୍କଳ ରଞ୍ଜନ ସାହୁ, ସୌମ୍ୟରଞ୍ଜନ ମିଶ୍ର ଓ ମନୋଜ କୁମାର ପାଣିଗ୍ରାହୀ ସମାନ ୪ ପଏଣ୍ଟ ଲେଖାଏ ପାଇଥିଲେ। ତେବେ ଟାଇବ୍ରେକରରେ ଉତ୍କଳ ଚାମ୍ପିୟନ ହୋଇଥିଲେ। ସୌମ୍ୟ ଓ ମନୋଜ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାରଦା ପ୍ରସନ୍ନ ନାୟକ (୩.୫) ୪ର୍ଥ, ଏବଂ ତପନ କୁମାର ତ୍ରିପାଠୀ(୩) ୫ମ ସ୍ଥାନ ପାଇଥିଲେ। ଅଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ତାପସ କୁମାର ମହାନ୍ତି ପରିଚାଳନା କରିଥିଲେ। ଶେଷ ଦିବସରେ ନୋମାନ ଏବଂ ଓଡ଼ିଶା ଡାକମଣ୍ଡଳ କ୍ରୀଡ଼ାର ସହକାରୀ ନିର୍ଦ୍ଦେଶକ ମହମ୍ମଦ ଆସିଫ ଜାକି ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ଫେବୃୟାରୀ ୧୫ରୁ ୨୦ ପର୍ଯ୍ୟନ୍ତ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ହେବାକୁଥିବା ସର୍ବଭାରତୀୟ ଡାକ ଚେସ୍ ପ୍ରତିଯୋଗିତାରେ ଉକ୍ତ ୫ ପ୍ରତିଯୋଗୀ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ।

# ପୁକୋଭସ୍କି ଫିଟ୍ ନ ହେଲେ ହାରିସ୍ ଖେଳିବେ: ଲାଙ୍ଗର

**ବ୍ରିସ୍‌ବେନ, ୧୩।୧ (ପି.ଟି.)**

ଯୁବ ଓପନର ୱିଲ୍ ପୁକୋଭସ୍କି ଫିଟ୍ ନ ହେଲେ ତାଙ୍କ ସ୍ଥାନରେ ମାର୍କସ ହାରିସ୍ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରେ ଇନିଂସ ଓପନ କରିବେ ବୋଲି ଅଷ୍ଟ୍ରେଲିଆ ହେଡ୍ କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ସିଡ୍‌ନୀ ଟେଷ୍ଟ ଖେଳିବା ଅବସରରେ ପୁକୋଭସ୍କି କାନ୍ଧରେ ଆଘାତ ପାଇଥିଲେ। ସେ ଏହି ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। ଫିଲ୍ଡିଂ କରୁଥିବାବେଳେ ଡ୍ରାଇଭ୍ ମାରିବା ଅବସରରେ ୨୨ ବର୍ଷୀୟ ପୁକୋଭସ୍କି ଆହତ ହୋଇଥିଲେ। ସ୍କାନ ପାଇଁ ସେ ଯାଇଛନ୍ତି। ଯଦି ସେ ଫିଟ୍ ଘୋଷିତ ହୁଅନ୍ତି ତେବେ ତାଙ୍କ ଖେଳିବାର କିଛି ଅସୁବିଧା ନାହିଁ। କିନ୍ତୁ ସେ ଫିଟ୍ ନ ଥିଲେ ତାଙ୍କ ସ୍ଥାନରେ ହାରିସ୍ ଖେଳିବେ। ପୁକୋଭସ୍କିଙ୍କ ଉପରେ ଆମେ ନଜର ରଖିଛୁ ବୋଲି ଲାଙ୍ଗର କହିଛନ୍ତି। ପଦାର୍ପଣରେ ସେ ଅର୍ଦ୍ଧଶତକ ହାସଲ କରି ନିଜ ପ୍ରତିଭାର ପ୍ରମାଣ ଦେଇଥିଲେ। ଅନ୍ୟପଟେ ହାରିସ୍ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୯ ଟେଷ୍ଟ ମ୍ୟାଚ ଖେଳି ୩୮୫ ରନ ସଂଗ୍ରହ କରିଛନ୍ତି। ତାଙ୍କ ବ୍ୟକ୍ତିଗତ ସର୍ବାଧିକ ସ୍କୋର ୭୯ ରହିଛି। ଚଳିତ ଭାରତ- ଅଷ୍ଟ୍ରେଲିଆ ଟେଷ୍ଟ ସିରିଜ ୧-୧ ସମାନସ୍ତରରେ ରହିଛି। ଅଷ୍ଟ୍ରେଲିଆ ଆଡିଲେଡ ଟେଷ୍ଟରେ ବିଜୟୀ ହୋଇଥିବା ବେଳେ ଭାରତ ମେଲବୋର୍ନରେ ବାଜି ମାରିଥିଲା। ତେବେ ସିଡ୍‌ନୀରେ ଅନୁଷ୍ଠିତ ତୃତୀୟ ଟେଷ୍ଟ ନାଟକୀୟ ଢଙ୍ଗରେ ଅମୀମାଂସିତ ରହିଥିଲା।




ୱିଲ୍ ପୁକୋଭସ୍କି ଓ ମାର୍କସ ହାରିସ।

# ବ୍ରିସ୍‌ବେନ୍‌ରେ ଭାରତୀୟ ଦଳର ଅଭ୍ୟାସ

**ବ୍ରିସ୍‌ବେନ୍, ୧୩।୧ (ପି.ଟି.)**

ଆଘାତ ସମସ୍ୟା ଜର୍ଜରିତ ଭାରତୀୟ କ୍ରିକେଟ ଦଳ ବୁଧବାର ବ୍ରିସ୍‌ବେନ୍‌ରେ ଅଭ୍ୟାସ କରିଛି। ସ୍ଥାନୀୟ ଗାବା ଗ୍ରାଉଣ୍ଡରେ ଦଳର ପ୍ରଥମ ଟ୍ରେନିଂ ସେସନରେ ଭାରତୀୟ ଖେଳାଳିମାନେ ବେଶ୍ ଝାଳ ବୁହାଇଥିଲେ। ଚଳିତ ଟେଷ୍ଟ ସିରିଜର ଚତୁର୍ଥ ତଥା ଅନ୍ତିମ ମ୍ୟାଚ ଶୁକ୍ରବାରଠାରୁ ଆରମ୍ଭ ହେବ। ଏହି ନିର୍ଣ୍ଣାୟକ ମ୍ୟାଚରେ ଭାରତ ୧୧ଜଣ ଫିଟ୍ ଖେଳାଳିଙ୍କୁ ନେଇ ପଡିଆକୁ ଓହ୍ଲାଇବ ବୋଲି ଆଶା ରଖିଛି।

ଆବଡୋମିନାଲ ଷ୍ଟ୍ରେନ୍ କାରଣରୁ ଏହି ଟେଷ୍ଟରୁ ବାଦ୍ ପଡିସାରିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ଦଳ ସହ ରହି ଟ୍ରେନିଂ ସେସନରେ ଭାଗ ନେଇଥିଲେ। ସେହିପରି ଏଥିରେ ନିଜର ଟ୍ରେନିଂ କିଟ୍ ସହ ରୋହିତ ଶର୍ମା, ଶୁବମନ ଗିଲ୍, ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଅଭ୍ୟାସ କରି ନ ଥିଲେ ମଧ୍ୟ ବୁମ୍‌ରା ବୋଲିଂ କୋଚ୍ ଭରତ ଅରୁଣଙ୍କ ସହ ଆଲୋଚନା କରୁଥିବାର ଦେଖାଯାଇଥିଲା।

ସିଡ୍‌ନୀ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିବା ପରେ ଖେଳାଳିମାନେ ପୁଣି ଥରେ ଏକାଠି ହୋଇଛନ୍ତି। ଗାବାରେ ଖେଳାଯିବାକୁ ଥିବା ଅନ୍ତିମ ମ୍ୟାଚ ପାଇଁ ଆମେ ପ୍ରସ୍ତୁତି ଆରମ୍ଭ କରିଛୁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତା'ର ଟୁଇଟର ହ୍ୟାଣ୍ଡଲ୍‌ରେ ସୂଚନା ଦେଇଛି। ନେଟ୍ସରେ ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ବୋଲିଂ କରୁଥିବାର ଦେଖାଯାଇଥିଲା। ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିଥିବା ବେଳେ ତାଙ୍କ ସ୍ଥାନରେ କୁଲଦୀପ ଖେଳିବାର ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଦ୍ରୁତ ବୋଲଣ ଶାର୍ଦ୍ଦୁଳ ଠାକୁର ଓ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ମଧ୍ୟ ଟ୍ରେନିଂରେ ସାମିଲ ହୋଇଥିଲେ। ବୁମ୍‌ରାଙ୍କ ସ୍ଥାନରେ ଶାର୍ଦ୍ଦୁଳ କିମ୍ବା ଟି. ନଟରାଜନ ଚତୁର୍ଥ ଟେଷ୍ଟ ପାଇଁ ଦଳରେ ସାମିଲ ହେବେ। ଫଳରେ ନବଦୀପ ସଇନି ଓ ମହମ୍ମଦ ସିରାଜଙ୍କ ସମେତ ଭାରତୀୟ ବୋଲିଂ ବିଭାଗକୁ ନୂଆ ରୂପରେ ଦେଖିବାକୁ ମିଳିବ। ସିଡ୍‌ନୀ ଟେଷ୍ଟ ଖେଳିବା ଅବସରରେ ବୁମ୍‌ରା ଆବଡୋମିନାଲ ଷ୍ଟ୍ରେନ୍‌ର ଶିକାର ହୋଇଥିଲେ। ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଟ୍ରେନିଂ ପ୍ରକ୍ରିୟା ଉପରେ ନଜର ରଖିଥିଲେ ଓ ଦଳକୁ ସମ୍ବୋଧିତ କରିଥିଲେ। ବାକି ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ମଧ୍ୟ ଶାସ୍ତ୍ରୀ ଆଲୋଚନା କରିଥିଲେ। ବ୍ୟାଟିଂ କୋଚ୍ ବିକ୍ରମ ରାଠୋର, ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ଓ ଭରତଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ବାର୍ତ୍ତାଳାପ କରିଥିଲେ।

ଚଳିତ ଅଷ୍ଟ୍ରେଲିଆ ସିରିଜରେ ଭାରତ ଇଞ୍ଜୁରି ନେଇ ସାଂଘାତିକ ସମସ୍ୟାରେ ପଡିଛି। ଟେଷ୍ଟ ସିରିଜ ଆରମ୍ଭ ହେବା ପୂର୍ବରୁ ଦ୍ରୁତ ବୋଲିର ଇଶାନ୍ତ ଶର୍ମା ଓ ଭୁବନେଶ୍ୱର କୁମାର ଦଳରୁ ବାଦ୍ ପଡିସାରିଥିଲେ। ପ୍ରଥମ ଟେଷ୍ଟ ପରେ ମହମ୍ମଦ ସାମି ସିରିଜରେ ଖେଳିପାରି ନ ଥିଲେ। ସେହିପରି ସମକାରଣ ଯୋଗୁ ଉମେଶ ଯାଦବ ମଧ୍ୟ ଶେଷ ଦୁଇଟି ଟେଷ୍ଟରୁ ବାଦ୍ ପଡିଥିଲେ। ସିଡ୍‌ନୀ ଟେଷ୍ଟର ହିରୋ ରବିଚନ୍ଦ୍ରନ ଅଶ୍ୱିନ ଓ ହନୁମା ବିହାରୀ ଆହତ ହୋଇଛନ୍ତି। ଏମାନେ ଅନ୍ତିମ ଟେଷ୍ଟ ଖେଳିବା ନେଇ ଆଶଙ୍କା ରହିଛି। ତୃତୀୟ ଟେଷ୍ଟ ୯୭ ରନର ସାହସିକ ତଥା ଦ୍ରୁତ ଇନିଂସ ଖେଳିଥିବା ରିଷଭ ପନ୍ତ ମଧ୍ୟ କହୁଣିରେ ଆଘାତ ପାଇଥିଲେ। ଦ୍ୱିତୀୟ ଇନିଂସରେ ଉଇକେଟ କିପିଂ କରିପାରି ନ ଥିଲେ ମଧ୍ୟ ସେ ବ୍ୟାଟିଂକରି ଏହି ଐତିହାସିକ ଇନିଂସ ଖେଳିଥିଲେ।




ବୁଧବାର ଅଭ୍ୟାସ ଅବସରରେ ଭାରତୀୟ ଦଳର ଖେଳାଳିଙ୍କ ମଧ୍ୟରେ ଆଲୋଚନା।

## ସାବାଲେଙ୍କାଙ୍କୁ କ୍ରମାଗତ ୩ ଟାଇଟଲ

**ଆବୁଧାବି, ୧୩।୧ (ଏପି)**

ଆବୁଧାବି ଓପନ ଫାଇନାଲରେ ଭେରୋନିକା କୁଦର୍ମେଟୋଭାଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଆର୍ୟନା ସାବାଲେଙ୍କା ଟାଇଟଲ ହାସଲ କରିଛନ୍ତି। ଆବୁଧାବି ଟୁର୍‌ରେ କ୍ରମାଗତ ୩ ଟାଇଟଲ ଜିତି ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଏହି ବେଲାରୁଷ ମହିଳା ଖେଳାଳି। ଏଥିସହ ସେ କ୍ରମାଗତ ୧୫ ମ୍ୟାଚ ଜିତିବାର ମଧ୍ୟ ସୌଭାଗ୍ୟ ପାଇଛନ୍ତି। ଗତ ସିଜନ ଶେଷରେ ୪ର୍ଥ ସିଡ୍ ସାବାଲେଙ୍କା ପୂର୍ବରୁ ଓଷ୍ଟ୍ରାଭା ଓ ଲିଞ୍ଜ୍‌ରେ ଇନ୍‌ଡୋର ଟୁର୍ନାମେଣ୍ଟ ଜିତିଥିଲେ। ଶେଷଥରପାଇଁ ସେ ଗତ ଅକ୍ଟୋବରରେ ଫ୍ରେଞ୍ଚ୍ ଓପନ ୪ର୍ଥ ରାଉଣ୍ଡରେ ପରାଜିତ ହୋଇଥିଲେ। ନିକଟରେ ପ୍ରକାଶିତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୭ମ ସ୍ଥାନକୁ ଉନ୍ନୀତ ହୋଇଥିବା ସାବାଲେଙ୍କାଙ୍କ କ୍ୟାରିୟର ଫାଇନାଲ ରେକର୍ଡ ୯-୪ରେ ପହଞ୍ଚିଛି। ଗତ ୧୬ ମାସରେ ତାଙ୍କର ଫାଇନାଲ ରେକର୍ଡ ୬-୦ ରହିଛି। କୁଦର୍ମେଟୋଭା କ୍ୟାରିୟରର ପ୍ରଥମ ଟୁର୍ ଫାଇନାଲ ଖେଳିଥିଲେ। ଆସନ୍ତା ଫେବୃୟାରୀରେ ହେବାକୁଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୂର୍ବରୁ ଅଧିକରୁ ଅଧିକ ମ୍ୟାଚ ପ୍ରାକ୍ଟିସ ପାଇଁ ଡବ୍ଲ୍ୟୁଟିଏ ପକ୍ଷରୁ ଆବୁଧାବିରେ ଟୁର୍ନାମେଣ୍ଟମାନ ଆୟୋଜନ କରାଯାଉଛି। ଉଭୟଲ ସାବାଲେଙ୍କା ଓ କୁଦର୍ମେଟୋଭା ଏବେ ଅଷ୍ଟ୍ରେଲିଆ ଯିବେ। ସେଠାରେ କ୍ୱାରାଣ୍ଟାଇନରେ ରହିବାପରେ ଅଷ୍ଟ୍ରେଲିଆନ ଓପନ ଏବଂ ୱାର୍ମଅପ୍ ଇଭେଣ୍ଟରେ ଅଂଶଗ୍ରହଣ କରିବେ।



ଟ୍ରଫି ସହ ଆର୍ୟନା ସାବାଲେଙ୍କା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DADLS - 71

ଓଡ଼ିଶା ସରକାର



# କଳାହାଣ୍ଡି କହେ କଥା...
# ବିଶ୍ୱକୁ ଦେଖାଏ ବିକାଶର ଗାଥା

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ **ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**ଙ୍କ ଦ୍ୱାରା **୧୦୬୪ କୋଟି**ରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମିତ **୫୪ ଟି ପ୍ରକଳ୍ପର** ଲୋକାର୍ପଣ ଏବଂ **୧୦୨୦ କୋଟି**ରୁ ଉର୍ଦ୍ଧ୍ୱ ଟଙ୍କାର ନିର୍ମାଣ ହେବାକୁ ଥିବା **୫୨ଟି ପ୍ରକଳ୍ପର** ଭିତ୍ତିପ୍ରସ୍ତର ସ୍ଥାପନ

## ଉଦ୍‌ଘାଟନ

**ଜଳ ସେଚନର ବିକାଶ**

୧. ବିଷମଗିରି M.I.P. – ୧.୯୨ କୋଟି

୨ ରୁ ୧୪-୧୩ ଗୋଟି ଚେକ୍ ଡ୍ୟାମ୍ ପ୍ରକଳ୍ପ – ୪.୮୩ କୋଟି

**ଶିଶୁ ସୁରକ୍ଷା**

୧୫. କଳାହାଣ୍ଡିର ଭବାନୀପାଟଣାଠାରେ ଏକ Observation Home and Special Home – ୩.୫ କୋଟି

**ଭିତ୍ତିଭୂମିର ବିକାଶ (ସଂଯୋଗୀକରଣ)**

୧୬. ଲାଞ୍ଜିଗଡ ବ୍ଲକର ଲକ୍ଷଲକ୍ଷ ଲୋକଙ୍କ ଗମନାଗମନ ଓ ପରିବହନ ତଥା ବ୍ୟବସାୟଗତ ସୁବିଧା ପାଇଁ ପୋଖରୀବନ୍ଧ-ଲାଞ୍ଜିଗଡ଼ ରାସ୍ତାର ୧୩.୮୦୦ କି.ମି. ରୁ ୧୮.୦୨୦ କି.ମି ପର୍ଯ୍ୟନ୍ତ ଉନ୍ନତିକରଣ – ୪୯୮.୫ ଲକ୍ଷ

୧୭.ଏମ୍-ରାମପୁର ଓ କର୍ଲାମୁଣ୍ଡା ବ୍ଲକର ଅଧିବାସୀମାନଙ୍କର ଗମନାଗମନ ଓ ପରିବହନ ବ୍ୟବସ୍ଥାକୁ ସୁଦୃଢ କରିବାପାଇଁ ରାମପୁର-ରିଷିଡା-କର୍ଲାମୁଣ୍ଡା ରାସ୍ତାର ୧୦.୯୦୦ କି.ମି. ଦୈର୍ଘ୍ୟର ଉନ୍ନତିକରଣ – ୫୬୦.୭୩ ଲକ୍ଷ

୧୮. ୨୦୧୮-୧୯ ବର୍ଷରେ ଗମନାଗମନ ଓ ପରିବହନ ଭିତ୍ତିଭୂମିକୁ ସୁଦୃଢ –୫୮୩.୯୧ ଲକ୍ଷ

୧୯. ୨୦୧୮-୧୯ ବର୍ଷରେ ଭବାନୀପାଟଣା-ରାୟଗଡା ରାସ୍ତାର ୨.୩ କି.ମି. ଦୈର୍ଘ୍ୟ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ – ୫୫୪.୬ ଲକ୍ଷ

୨୦. ୨୦୧୮-୧୯ ବର୍ଷରେ ରାଜ୍ୟ ଯୋଜନା ଅଧିନରେ ବାଲିପଡା-ରୁପ୍ରା ରାସ୍ତାର ୮ କି.ମି. ଉନ୍ନତିକରଣ – ୪୮୨.୪ ଲକ୍ଷ

୨୧. ନର୍ଲା ବ୍ଲକରେ ଥିବା ବାଲିପଡ଼ା-ରୁପ୍ରା ରାସ୍ତାରେ ମାତୁଲ ନାଳ ଉପରେ ଏକ ହାଇ ଲେଭଲ ସେତୁ ନିର୍ମିତ – ୩୨୭.୩୬ ଲକ୍ଷ

୨୨. ପାଜିବାହାଲ-ମୋହନଗିରି ରାସ୍ତାର ୩.୦୦ କି.ମି. ପରେ ସିଡିଙ୍ଗିପଡା ଯୋର ଉପରେ ହାଇ ଲେଭଲ ସେତୁ ନିର୍ମାଣ – ୩୫୨.୪୪ ଲକ୍ଷ

୨୩. କେସିଙ୍ଗା ବ୍ଲକର ତୁନ୍ଦଲା, ସିରିଜାପାଲ୍ଲି, ବେଲଖଣ୍ଡି ଗ୍ରାମ ପଞ୍ଚାୟତ ଓ କର୍ଲାମୁଣ୍ଡା ବ୍ଲକର ଏସ୍.ମାଲପଡା ତେରେସିଙ୍ଗା ଓ କର୍ଲାମୁଣ୍ଡା ପଞ୍ଚାୟତର ଜନସାଧାରଣଙ୍କୁ ଗମନାଗମନ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ତୁନ୍ଦଲା-କର୍ଲାମୁଣ୍ଡା ରାସ୍ତା-୩୬୭.୬୧ ଲକ୍ଷ

୨୪. କଳାହାଣ୍ଡି ଜିଲ୍ଲାର ତୁନ୍ଦଲା- କର୍ଲାମୁଣ୍ଡା ରାସ୍ତାର ଭଙ୍ଗାମୁଣ୍ଡା ନାଳ ଉପରେ ହାଇ ଲେଭଲ ସେତୁ - ୪୦୮.୨୫ ଲକ୍ଷ

୨୫. ବିଜୁ ସେତୁ ଯୋଜନାରେ ଜାତୀୟ ରାଜପଥ ୨୦୧ ରୁ ଠେମ୍ରା ରାସ୍ତା ରେ ସ୍ଥାନୀୟ ନାଳ ଉପରେ ନିର୍ମିତ ସେତୁ - ୨.୬୨ କୋଟି

**ଭିତ୍ତିଭୂମିର ବିକାଶ (ବିଶ୍ରାମ ଗୃହ ନିର୍ମାଣ)**

୨୬. ଭବାନୀପାଟଣାରେ ଜଙ୍ଗଲ ବିଭାଗର ଏକ ବିଶ୍ରାମ ଗୃହ - ୩୬ ଲକ୍ଷ

**ସହରାଞ୍ଚଳ ଭିତ୍ତିଭୂମିର ବିକାଶ**

୨୭. ବସ୍ତିବାସିନ୍ଦା ସଂଘ ଏବଂ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନଙ୍କର ବିଭିନ୍ନ ସାମାଜିକ, ଆର୍ଥିକ, ଧାର୍ମିକ ଏବଂ ଶିକ୍ଷାଗତ କାର୍ଯ୍ୟକଳାପକୁ ଉତ୍ସାହିତ କରିବା – ୫.୫ ଲକ୍ଷ

୨୮. ହିଞ୍ଜିଳିବାହାଲି ଆର୍.ସି.ଏମ୍.ଏସ୍ ପଡାରେ ନିର୍ମିତ ପରିଚୟଗୃହ - ୫.୨୫ ଲକ୍ଷ

୨୯. ଗୋପବନ୍ଧୁନଗର ଠାରେ ଉପଲବ୍ଧ ଖୋଲାସ୍ଥାନର ଉନ୍ନତିକରଣ କାର୍ଯ୍ୟ - ୩.୩୮ ଲକ୍ଷ

୩୦. ୱାର୍ଡ଼ ନଂ. ୧୦ ରେ ନିର୍ମିତ ହୋଇଥିବା ମିଶନଶକ୍ତି ଗୃହ ଉଦ୍‌ଘାଟିତ - ୬.୨୧ ଲକ୍ଷ

୩୧. ୱାର୍ଡ଼ ନଂ. ୧୨ ର ଜନସାଧାରଣ ତଥା ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର କଲ୍ୟାଣ – ୬.୨୧ ଲକ୍ଷ

୩୨. ଜୁନାଗଡ ଏନ୍.ଏ.ସି. ସ୍ଥିତ ଚକ୍ଷୁ ହସ୍ପିଟାଲର ବିପରୀତ ପାର୍ଶ୍ୱରେ ପରିମଳ ବ୍ୟବସ୍ଥା ପରିଚାଳନା – ୬.୭୦ ଲକ୍ଷ

୩୩. ଜୁନାଗଡ ଏନ୍.ଏ.ସି. ସ୍ଥିତ ଚକ୍ଷୁ ହସ୍ପିଟାଲର ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର – ୫୦ ଲକ୍ଷ

**ପାନୀୟ ଜଳ ଯୋଗାଣ**

୩୪ ରୁ ୪୩ - ୧୦ ଗୋଟି ପାନୀୟ ଜଳ ପ୍ରକଳ୍ପ – ୨୦.୦୨ କୋଟି

**ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ**

୪୪. କେସିଙ୍ଗା ବ୍ଲକ ସିରୋଳ ଗ୍ରାମ ପଞ୍ଚାୟତର ସିରୋଳଠାରେ ନିର୍ମିତ କଲ୍ୟାଣ ମଣ୍ଡପ - ୩୫ ଲକ୍ଷ

୪୫. କେସିଙ୍ଗା ବ୍ଲକ ବାଲସି ଗ୍ରା.ପ.ର ବାଲସିଠାରେ ନିର୍ମିତ ମିଶନ ଶକ୍ତିଗୃହ - ୫ ଲକ୍ଷ

୪୬. ଲାଞ୍ଜିଗଡ ବ୍ଲକରେ ନିର୍ମିତ ବେଦଗାଁ ଗ୍ରାମ ପଞ୍ଚାୟତ ଗୃହ - ୩୫ ଲକ୍ଷ

୪୭. ଲାଞ୍ଜିଗଡ ବ୍ଲକରେ ଲାଞ୍ଜିଗଡ ରୋଡ୍ ଗ୍ରାମ ପଞ୍ଚାୟତଠାରେ ନିର୍ମିତ ମିଶନଶକ୍ତି ଗୃହ - ୫ ଲକ୍ଷ

୪୮. ଏମ୍.ଜି.ଏନ୍. ଆର୍.ଇ.ଜି.ଏସ୍ ଏବଂ ରାଜ୍ୟ ଅର୍ଥ ଆୟୋଗର ମିଳିତ ସହାୟତାରେ ଗୋଲାମୁଣ୍ଡା ବ୍ଲକର ବୋରଡି ଠାରେ ନିର୍ମିତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହ- ୩୫ ଲକ୍ଷ

୪୯. ଗୋଲାମୁଣ୍ଡା ବ୍ଲକ୍ ରେଙ୍ଗସାପାଲ୍ଲିଠାରେ ନିର୍ମିତ ମିଶନଶକ୍ତି ଗୃହ - ୫ ଲକ୍ଷ

୫୦. ଗୋଲାମୁଣ୍ଡାଠାରେ ନିର୍ମିତ ମିଶନଶକ୍ତି ଗୃହ - ୫ ଲକ୍ଷ

୫୧. ଗୋଲାମୁଣ୍ଡା ବ୍ଲକ୍ ବୋରଡି ଗ୍ରାମ ପଂଚାୟତରେ ନିର୍ମିତ ଯୋଗାଣ ବିଭାଗ ଗୋଦାମ - ୬ ଲକ୍ଷ

**କୃଷି ବଜାର ଭିତ୍ତିଭୂମିର ବିକାଶ**

୫୨. ଗମ୍ଭାରୀଗୁଡା ଗ୍ରାମ ପଞ୍ଚାୟତରେ ନିର୍ମିତ ନୂତନ ମାର୍କେଟ ୟାର୍ଡ/ମଣ୍ଡି - ୬୯ ଲକ୍ଷ

୫୩. ଡାଲଗୁମାଠାରେ ନୂତନ ମାର୍କେଟ ୟାର୍ଡ/ମଣ୍ଡି – ୭୧ ଲକ୍ଷ

## ଭିତ୍ତିପ୍ରସ୍ତର ସ୍ଥାପନ

**ଜଳ ସେଚନର ବିକାଶ**

୧. ସଲେଭଟା (Salebhata) ବୃହତ୍ ଉଠା ଜଳସେଚନ ପ୍ରକଳ୍ପ – ୬୦ କୋଟି

୨. ଚମ୍ପାଦେଇପୁର ବୃହତ ଉଠାଜଳସେଚନ ପ୍ରକଳ୍ପ – ୪୧ କୋଟି

୩. ଗୋପୀନାଥପୁର ବୃହତ ଉଠା ଜଳସେଚନ ପ୍ରକଳ୍ପ – ୬୮ କୋଟି

୪. ଟେରାଙ୍ଗସିଲ୍ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ – ୪୨ କୋଟି

୫. ସାନ୍ଦୁଲ୍ ଜଳସେଚନ ପ୍ରକଳ୍ପ – ୨୨୮ କୋଟି

**ଭିତ୍ତିଭୂମିର ବିକାଶ (ବିଦ୍ୟୁତ୍)**

୬. ଥୁଆମୁଳ ରାମପୁର ବ୍ଲକ୍‌ର କାଶୀପୁର ଚନ୍ଦ୍ରଗିରି ଠାରେ ସ୍ଥିତ ୨୨୦/୩୩ କେ.ଭି. ଗ୍ରୀଡ୍‌ରୁ ଏକ ବିକଳ୍ପ ୩୩ କେଭି ଫିଡ଼ର ଲାଇନ ଜରିଆରେ ଥୁଆମୁଳ ରାମପୁରର ୩୩/୧୧ କେ.ଭି. ସବ୍‌ଷ୍ଟେସନକୁ ସଂଯୋଗୀକରଣ – ୪.୪୩ କୋଟି

୭. ଗୋଲମୁଣ୍ଡା ବ୍ଲକ୍‌ର ବୃନ୍ଦାବାହାଲ ଠାରେ ଏକ ୧୩୨/୩୩ କେଭି ଗ୍ରୀଡ୍ ସବଷ୍ଟେସନ - ୫୨ କୋଟି

୮. ଗୋଲମୁଣ୍ଡା ବ୍ଲକରେ ଦାଶପୁରରୁ ମଖ୍ଲା ପର୍ଯ୍ୟନ୍ତ ତେଲ ନଦୀ କୂଳେ କୂଳେ ୧୧ କେ.ଭିର ଏକ କୃଷି ଫିଡ଼ର ଲାଇନ୍ – ୪.୬୯ କୋଟି

**ସ୍ୱାସ୍ଥ୍ୟ ସେବା**

୯. ଭବାନୀପାଟଣା ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟରେ ଏକ ବିଶ୍ରାମ ସ୍ଥଳୀ – ୩.୩୨ କୋଟି

୧୦. ଧର୍ମଗଡ଼ ଉପଖଣ୍ଡ ଡ଼ାକ୍ତରଖାନାରେ ମା' ଓ ଶିଶୁମାନଙ୍କ ଚିକିତ୍ସା ପାଇଁ ୩୦ ଶଯ୍ୟାବିଶିଷ୍ଟ ଏକ ମାତୃ ଓ ଶିଶୁ ଚିକିତ୍ସାଳୟ – ୯.୮ କୋଟି

୧୧. ପାସ୍ତିକୁଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ବହିର୍ବିଭାଗ ଚିକିତ୍ସା କେନ୍ଦ୍ର – ୮୭ ଲକ୍ଷ

୧୨. କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ମଡ୍ୟୁଲାର୍ ରୋଷେଇ ଗୃହ – ୩୯.୪ ଲକ୍ଷ

**ନିଯୁକ୍ତି ନିମନ୍ତେ ଭିତ୍ତିଭୂମିର ବିକାଶ**

୧୩. କେସିଙ୍ଗାର କୁର୍ଲୁପଡା ଠାରେ ଏକ ବହୁକ୍ଷେତ୍ରୀୟ ଏମ୍.ଏସ୍.ଏମ୍.ଇ ପାର୍କ – ୨୬ କୋଟି

୧୪. ଏମ୍.ଏସ୍.ଏମ୍.ଇ ପାର୍କ ସହିତ କେସିଙ୍ଗାରେ ଏକ ଫୁଡ୍ ପାର୍କ – ୨୧ କୋଟି

**ଭିତ୍ତିଭୂମିର ବିକାଶ (ସଂଯୋଗୀକରଣ)**

୧୫. ଇନ୍ଦ୍ରାବତୀ ଜଳଭଣ୍ଡାର : ମହୁଲପାଟଣା-କେନ୍ଦୁଗୁଡା-ଗୋପୀନାଥପୁର ରାସ୍ତା ଉପରେ ଏକ ହାଇଲେଭଲ ସେତୁ – ୩୮୪୨.୦୧ ଲକ୍ଷ

୧୬. ମାଳଗାଁରୁ ରାଜ୍ୟ ରାଜପଥ ନଂ-୧୬ (ପୋଡମୁଣ୍ଡି) ପର୍ଯ୍ୟନ୍ତ ଯାଇଥିବା କେନାଲ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢୀକରଣ କାର୍ଯ୍ୟ – ୭୯୯.୯୬ଲକ୍ଷ

୧୭. ୨୬ ନଂ. ଜାତୀୟ ରାଜପଥ ଉପରେ ଥିବା ସିଙ୍ଗିଝରଣଠାରୁ ରାଜ୍ୟ ରାଜପଥ(କାମଠଣା) ପର୍ଯ୍ୟନ୍ତ ରହିଥିବା କେନାଲ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢୀକରଣ ପ୍ରକଳ୍ପ – ୬୯୯.୯୭ ଲକ୍ଷ

୧୮. ତେଲ ନଦୀ ଉପରେ ଜାରିଙ୍ଗ୍-ନାନ୍ଦୋଲ-ବୃନ୍ଦାବାହାଲ ରାସ୍ତା ନିକଟରେ ହାଇ ଲେଭଲ ସେତୁର ସମ୍ପ୍ରସାରଣ କାର୍ଯ୍ୟ – ୧୬୯୩.୫ଲକ୍ଷ

୧୯. ଧର୍ମଗଡ-ଗୋଲାମୁଣ୍ଡା ସିନାପାଲି ରାସ୍ତାରେ ତେଲ ନଦୀ ଉପରେ ଏକ ହାଇଲେଭଲ ସେତୁ - ୯୯୪.୩୭ ଲକ୍ଷ

୨୦. ଥୁଆମୂଳ ରାମପୁର-କାଶୀପୁର ରାସ୍ତା ଉପରେ କୁମାରକେନି ନାଳ ଓ ଡୁମେରପଦର ନାଳ ଉପରେ ହାଇ ଲେଭଲ ସେତୁ - ୯୮୫.୮୭ ଲକ୍ଷ

୨୧. ଜୟପାଟଣା ଧନସୁଲି ନବରଙ୍ଗପୁର ସୀମାବର୍ତ୍ତୀ ରାସ୍ତା ଭାୟା ଦୁଲୁଘାଟିର ୫.କି.ମି. ଦୈର୍ଘ୍ୟ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ - ୪୯୯.୫୬ ଲକ୍ଷ

୨୨. ଜୟପାଟଣା- ମୁଖୀଗୁଡା ପର୍ଯ୍ୟନ୍ତ ୮.୧୨୦ କି.ମି. ରାସ୍ତାର ରାଜ୍ୟ ଯୋଜନା ଅଧିନରେ ପ୍ରଶସ୍ତିକରଣ ଓ ସୁଦୃଢୀକରଣ କାର୍ଯ୍ୟ - ୯୯୫.୮୮ ଲକ୍ଷ

୨୩. ଦହଗାଁ ଦେଇ ଯାଇଥିବା କୋକସରା ବେହେରା ରାସ୍ତାର ୯ କି.ମି. ଦୈର୍ଘ୍ୟ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତିକରଣ କାର୍ଯ୍ୟ – ୮ କୋଟି

୨୪. ପଲମ ବେଲଖଣ୍ଡି ରାସ୍ତାର ୯.୭ କି.ମି. ଦୈର୍ଘ୍ୟ ର ପ୍ରଶସ୍ତିକରଣ ଓ ସୁଦୃଢୀକରଣ କାର୍ଯ୍ୟ – ୯ କୋଟି

୨୫. କେସିଙ୍ଗା ବ୍ଲକ୍‌ର ବୋରିଆ- ମାଲପଡା ରାସ୍ତାରେ ନୂତନ ସେତୁ ନିର୍ମାଣ - ୨.୫୧ କୋଟି

**ଶିକ୍ଷାର ବିକାଶ**

୨୬. ଭବାନୀପାଟଣା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ – ୩୧୧.୭୯ ଲକ୍ଷ

୨୭. ଭବାନୀପାଟଣା ସ୍ୱୟଂ ଶାସିତ ମହାବିଦ୍ୟାଳୟର ନୂତନ ଏକାଡ଼େମୀ କ୍ଲବ୍ – ୨୧୪ଲକ୍ଷ

୨୮. ଧର୍ମଗଡସ୍ଥିତ ପଞ୍ଚାୟତ କଲେଜର ନୂତନ ଏକାଡେମିକ୍ ବ୍ଲକ ନିର୍ମାଣ - ୧୮୯.୩୦ ଲକ୍ଷ

**ସହରାଞ୍ଚଳ ଭିତ୍ତିଭୂମିର ବିକାଶ**

୨୯. ଭବାନୀପାଟଣା ସହରରେ ଟାଉନ୍ ହଲର ୨ୟ ପର୍ଯ୍ୟାୟ ନିର୍ମାଣ ସ୍ଥାପନ - ୨୩ କୋଟି

୩୦. କେସିଙ୍ଗାରେ ଏକ ନୂତନ ବାସୋପଯୋଗୀ ବସତି ନିର୍ମାଣ – ୯୫ ଲକ୍ଷରୁ ଉର୍ଦ୍ଧ୍ୱ

୩୧. ଭବାନୀପାଟଣା ପୌରାଞ୍ଚଳରେ ସ୍ମାର୍ଟ ପାର୍କ ନିର୍ମାଣ – ୨ କୋଟି

୩୨. କେସିଙ୍ଗା ଏନ୍.ଏ.ସି.ରେ ସ୍ମାର୍ଟ ପାର୍କ - ୭୫ ଲକ୍ଷ

୩୩. ଧର୍ମଗଡ ଏନ୍.ଏ.ସି.ରେ ସ୍ମାର୍ଟ ପାର୍କ - ୭୫ ଲକ୍ଷ

୩୪. ଜୁନାଗଡ ଏନ୍.ଏ.ସି.ରେ ସ୍ମାର୍ଟ ପାର୍କ - ୭୫ ଲକ୍ଷ

୩୫. ଭବାନୀପାଟଣା ପୌରାଞ୍ଚଳ ତଥା ଆଖପାଖ ଇଲାକାର ଅଧିବାସୀଙ୍କ ସୁବିଧା ପାଇଁ ଏକ ଶ୍ମଶାନ ନିର୍ମାଣ – ୧ କୋଟି

୩୬. କେସିଙ୍ଗା ଏନ୍.ଏ.ସି.ରେ ଏକ ଶ୍ମଶାନ ନିର୍ମାଣ କାର୍ଯ୍ୟ - ୭୫ ଲକ୍ଷ

୩୭. ଧର୍ମଗଡ ଏନ୍.ଏ.ସି.ରେ ଏକ ଶ୍ମଶାନ ନିର୍ମାଣ କାର୍ଯ୍ୟ- ୭୫ ଲକ୍ଷ

୩୮. ଜୁନାଗଡ ଏନ୍.ଏ.ସି.ରେ ଏକ ଶ୍ମଶାନ ନିର୍ମାଣ କାର୍ଯ୍ୟ- ୭୫ ଲକ୍ଷ

**ପାନୀୟ ଜଳ ଯୋଗାଣ**

୩୯. ଗୋଲାମୁଣ୍ଡା ବ୍ଲକର ୨୮ଟି ଗ୍ରାମ ପଞ୍ଚାୟତର ୧୨୧ଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପ - ୧୭୭.୮୩୫ କୋଟି

୪୦. ୪୦ ଟି ଗ୍ରାମର ବାସିନ୍ଦାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉଦ୍ଦେଶ୍ୟରେ ୪୦ ଟି ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ - ୧୧,୬୭୩ ଲକ୍ଷ

**କୃଷି ବଜାର ଭିତ୍ତିଭୂମିର ବିକାଶ**

୪୧. ବନ୍ଦିଗାଁ ରେ ଏକ ଆଦର୍ଶ ମାର୍କେଟ ୟାର୍ଡ ନିର୍ମାଣ - ୨.୫ କୋଟି

୪୨. ଭବାନୀପାଟଣାଠାରେ ଥିବା ମାର୍କେଟ ୟାର୍ଡ ଉନ୍ନତିକରଣ - ୫ ଲକ୍ଷ ୩୨ ହଜାର

୪୩. କେସିଙ୍ଗାରେ ଥିବା ମାର୍କେଟ୍ ୟାର୍ଡର ଉନ୍ନତିକରଣ କାର୍ଯ୍ୟ – ୩.୫ କୋଟି

୪୪. ଭବାନୀପାଟଣା ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ ବିଶ୍ୱନାଥପୁର ଲାମ୍ପସ୍ ନିମନ୍ତେ ବହୁମୁଖୀ ଗୋଦାମଗୃହ – ୨୬ ଲକ୍ଷ

୪୫. ଭବାନୀପାଟଣା ନିୟନ୍ତ୍ରିତ ବଜାର କମିଟି ଅଧିନସ୍ଥ କାମଥାନା ପ୍ରାଥମିକ କୃଷି ସେବା ସମବାୟ ସମିତି ନିମନ୍ତେ ବହୁମୁଖୀ ଗୋଦାମଗୃହ – ୨୬ ଲକ୍ଷ

୪୬. ସିକେରକୁପା ଲାମ୍ପସ୍‌ର ବହୁମୁଖୀ ଗୋଦାମଗୃହ ନିର୍ମାଣ – ୨୬ ଲକ୍ଷ

୪୭. ତୁନ୍ଦଲା ପ୍ରାଥମିକ କୃଷିସେବା ସମବାୟ ସମିତିର ବହୁମୁଖୀ ଗୋଦାମ ଗୃହ ନିର୍ମାଣ – ୨୬ ଲକ୍ଷ

୪୮. ମୋହନଗିରି ପ୍ରାଥମିକ କୃଷିସେବା ସମବାୟ ସମିତି ନିମନ୍ତେ ବହୁମୁଖୀ ଗୋଦାମ ଗୃହ ନିର୍ମାଣ – ୨୬ ଲକ୍ଷ

**କ୍ରୀଡା ଭିତ୍ତିଭୂମିର ବିକାଶ**

୪୯. ଭବାନୀପାଟଣାରେ ଥିବା ଜିମ୍ନାସିୟମ୍ ଓ ଇଣ୍ଡୋର ହଲ୍‌ର ସଂପ୍ରସାରଣ – ୧ କୋଟି

୫୦. କେସିଙ୍ଗା ଏନ୍.ଏ.ସି.ରେ ଇଣ୍ଡୋର ହଲ୍ ନିର୍ମାଣ କାର୍ଯ୍ୟ – ୩.୫ କୋଟି

୫୧. ଧର୍ମଗଡ ଏନ୍.ଏ.ସି.ରେ ସ୍ପୋର୍ଟସ୍ ଇଣ୍ଡୋର ହଲ ନିର୍ମାଣ କାର୍ଯ୍ୟ – ୩.୫ କୋଟି

୫୨. ଭବାନୀପାଟଣାସ୍ଥିତ କ୍ରୀଡା ଛାତ୍ରାବାସ ନିମନ୍ତେ ଖେଳ ପଡିଆର ଉନ୍ନତିକରଣ – ୩.୭୨ କୋଟି

**୧୦୬୪ କୋଟି ଟଙ୍କାର ୫୪ ଟି ପ୍ରକଳ୍ପର ଲୋକାର୍ପଣ**
**ଏବଂ**
**୧୦୨୦ କୋଟି ଟଙ୍କାର ୫୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

OIPR-15001/13/0115/2021

ଓଡ଼ିଶା ସରକାର